# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୩/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, January 23/2020 | ★★★★★★

୪୬ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





KP GROUP
Quality Since 1965

# Safal

PAN MASALA

## ସେହି ମଜାର ପ୍ରତିଶ୍ରୁତି
## ଏବେ ଦୁଇଗୁଣରୁ ବି ବେଶି !




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୩/୨୦୨୦ | Bhubaneswar, Thursday, January 23/2020 | ପୃଷ୍ଠା-୧




**ଅଷ୍ଟ୍ରେଲିଆନ୍ ଓପନ୍ ଦ୍ୱିତୀୟ ରାଉଣ୍ଡରେ ଶରନ**

ଭାରତୀୟ ଟେନିସ ତାରକା ଦିଭିଜ ଶରନ ଓ ତାଙ୍କ ନ୍ୟୁଜିଲାଣ୍ଡ ପାର୍ଟନର ଆର୍ଟିମ ସିଟାକ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଡବଲ୍ସ ଇଭେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୬

୧୪

**ସଞ୍ଜୟଙ୍କୁ ଆଲିୟାଙ୍କ ପ୍ରଶଂସା**

ସଞ୍ଜୟ ଲୀଲା ଭଁସାଲୀଙ୍କ ଭଳି ନିର୍ଦ୍ଦେଶକଙ୍କ କ୍ୟାମ୍ପରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ ବୋଲି କହିଛନ୍ତି ଅଭିନେତ୍ରୀ ଆଲିୟା ଭଟ୍ଟ ।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୬ ଓ ୭

**ଆଜିର ସମ୍ପାଦକୀୟ**

ଆମ ପିଲା ଓ ପ୍ରାଣୀ ନିର୍ଯାତନା

**ଆଜିର ମନ୍ତବ୍ୟ**

"ସିଏଏକୁ ନେଇ ମୁସଲମାନମାନେ ଭୟ କରିବାର କିଛିନାହିଁ। ଏଥିରେ କୌଣସି ବିପଦ ସେମାନଙ୍କ ପ୍ରତି ନାହିଁ।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ


ଓଡ଼ିଆ ପୁଅ ଯଶ୍‌ଙ୍କୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ........ ୪ ........

ବ୍ୟୋମମିତ୍ର ଲେଡି ରୋବୋ ପଠାଇବ ଇସ୍ରୋ ........ ୯ ........

୬ରୁ ଭଙ୍ଗାହେବ ବେଆଇନ ଘର, ନିର୍ମାଣ ........ ୧୮ ........



Taste the difference! Vencobb FRESH CHICKEN

22.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 74 | 124 | 134 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 74 | 124 | 134 |
| BHM | 73 | 123 | 133 |

*Conditions Apply

Issued in the Interest of Consumers


# ସାମ୍ବିଧାନିକ ପୀଠରେ ହେବ ସିଏଏ ଶୁଣାଣି

ନୂଆଦିଲ୍ଲୀ,୨୨।୧(ପି.ଟି.)

କେନ୍ଦ୍ର ସରକାରଙ୍କ ଯୁକ୍ତି ନ ଶୁଣି ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ସିଏଏର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ୧୪୩ ପିଟିଶନ ଦାଏର ହୋଇଥିବାବେଳେ ଏହା ଉପରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଇଛି। ୫ ଜଣିଆ ସାମ୍ବିଧାନିକ ପୀଠରେ ଏହି ମାମଲାର ଶୁଣାଣି ହେବ। ପିଟିଶନଗୁଡ଼ିକର ଶୁଣାଣି କରି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରିବା ସହ ବିଚାର ନ ସରିବା ପର୍ଯ୍ୟନ୍ତ ଏଭଳି ମାମଲାର ଶୁଣାଣିରୁ ହାଇକୋର୍ଟଗୁଡ଼ିକ ବିରତ ରହିବାକୁ କହିଛନ୍ତି। ସେହିପରି ଦେଶର ଅନ୍ୟଭାଗ ତୁଳନାରେ ଆସାମ ଓ ତ୍ରିପୁରାରେ



- ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା
- ୪ ସପ୍ତାହରେ ଜବାବ ଦେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

ସିଏଏକୁ ନେଇ ଭିନ୍ନ ସମସ୍ୟା ରହିଥିବାରୁ ଉକ୍ତ ଦୁଇ ରାଜ୍ୟର ପିଟିଶନ ଅଲଗା ଶୁଣାଣି କରିବାକୁ ଖଣ୍ଡପୀଠ କହିଥିଲେ।

ମାମଲାକୁ ସାମ୍ବିଧାନିକ ପୀଠକୁ ପଠାଇବା ସହ ଏନ୍‌ପିଆର୍ କାର୍ଯ୍ୟକ୍ରମକୁ ଦୁଇମାସ ପାଇଁ ବନ୍ଦ ରଖିବାକୁ କେତେଜଣ ପିଟିଶନରଙ୍କ ତରଫରୁ ଅଦାଲତରେ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଥିଲେ। ସେହିପରି ସିଏଏର କାର୍ଯ୍ୟକାରିତାକୁ ମଧ୍ୟ ସ୍ଥଗିତ ରଖିବା ପାଇଁ ସେ ଅଦାଲତଙ୍କୁ ଅନୁରୋଧ କରିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଜବାବ ନ ଶୁଣି ସିଏଏ ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଉପରେ ସ୍ଥଗିତାଦେଶ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ୪ ସପ୍ତାହ ପରେ ଆବେଦନକାରୀମାନଙ୍କ ପାଇଁ କୌଣସି ଅନ୍ତରୀଣ ବ୍ୟବସ୍ଥା କରିବାକୁ କହିଥିଲେ। ୪ ସପ୍ତାହ ପରେ ମାମଲାର ଦୈନନ୍ଦିନ ଶୁଣାଣି ସମ୍ପର୍କରେ ଖଣ୍ଡପୀଠ ନିଷ୍ପତ୍ତି ନେବେ। ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କୋର୍ଟଙ୍କୁ କହିଥିଲେ, ମୋଟ ୧୪୩ ପିଟିଶନ ମଧ୍ୟରୁ କେନ୍ଦ୍ରକୁ ୬୦ଟି ଆବେଦନର ନକଲ ମିଳିଛି। ସବୁ ଆବେଦନ ଉପରେ ଜବାବ ଦେବା ଲାଗି ସମୟ ଦରକାର ବୋଲି ସେ କହିଥିଲେ।

୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତକୁ ଚାଲିଆସିଥିବା ପଡୋଶୀ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନର ଅଣମୁସଲମାନ ଶରଣାର୍ଥୀମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ସିଏଏ ଆଣିଛନ୍ତି। ୨୦୧୯ ଡିସେମ୍ବର ୧୨ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଇଣ୍ଡିଆନ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍), କଂଗ୍ରେସ ନେତା ଜୟରାମ ରମେଶ, ଆର୍‌ଜେଡି ନେତା ମନୋଜ ଝା, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ଏବଂ ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି ପ୍ରମୁଖ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

# ୱାରେଣ୍ଟ ଜାରିର ୭ ଦିନ ପରେ ଦିଆଯାଉ ଫାଶୀ

**ସୁପ୍ରିମକୋର୍ଟ ଗଲେ କେନ୍ଦ୍ର ସରକାର**

ନୂଆଦିଲ୍ଲୀ,୨୨।୧

ରିଭ୍ୟୁ ପିଟିଶନ, କ୍ୟୁରେଟିଭ୍ ପିଟିଶନ ଏବଂ ରାଜକ୍ଷମା ଆବେଦନ ଆଳରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଦୋଷୀଙ୍କ ଫାଶୀ ସମୟ ଗଡ଼ିଚାଲିଥିବାବେଳେ ଏନେଇ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତ୍ୟୁଦଣ୍ଡାଦେଶ ପାଇଥିବା ଅପରାଧୀ କ୍ଷମା ଆବେଦନ କରିବାକୁ ୭ ଦିନ ସମୟସୀମା ଧାର୍ଯ୍ୟ କରାଯାଉ। ରାଷ୍ଟ୍ରପତି କ୍ଷମା ଆବେଦନ ଖାରଜ କରିବାର ୭ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିବା ଏବଂ ଏହାର ୭ ଦିନ ମଧ୍ୟରେ ଫାଶୀ ଦେବା ଲାଗି ସର୍ବୋଚ୍ଚ ଅଦାଲତ ସମସ୍ତ କୋର୍ଟ ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ମୃତ୍ୟୁଦଣ୍ଡାଦେଶ ମାମଲାରେ ରିଭ୍ୟୁ ପିଟିଶନ ଓ କ୍ୟୁରେଟିଭ୍ ପିଟିଶନ ଦାଏର ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହେବା ଆବଶ୍ୟକ ବୋଲି କେନ୍ଦ୍ର କହିଛି। ୨୦୧୪ରେ ଶତ୍ରୁଘ୍ନ ଚୌହାନ ମାମଲାର ରାୟକୁ ସଂଶୋଧନ କରିବାକୁ କେନ୍ଦ୍ର ଅନୁରୋଧ କରିଛି। ଉକ୍ତ ମାମଲାରେ କ୍ଷମା ଆବେଦନ ବର୍ଷ ବର୍ଷ ଧରି ସ୍ଥଗିତ ରହିଥିଲା। ଏଭଳି ଅପେକ୍ଷା ଅପରାଧୀମାନଙ୍କ ପ୍ରତି ନିର୍ଯାତନା ବୋଲି ସରକାର କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅପରାଧୀମାନଙ୍କ ଅଧିକାରର ସୁରକ୍ଷା କରିବା ସହିତ ପୀଡ଼ିତା ଓ ସେମାନଙ୍କ ପରିବାର ତଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ମଧ୍ୟ ନିୟମ ପ୍ରଣୟନ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ସମୟର ଆବଶ୍ୟକତା। ନଚେତ୍ ଜଘନ୍ୟ ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ବ୍ୟକ୍ତିଙ୍କୁ ଆଇନ ସହ ଖେଳିବା ଓ ଦଣ୍ଡ ସମୟ ଗଡ଼ାଇବା ଲାଗି ସୁଯୋଗ ମିଳିଯିବ ବୋଲି ସରକାର କହିଛନ୍ତି।

# ଆନ୍ଦୋଳନରତ ବାର୍‌ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

କଟକ ଅଫିସ, ୨୨।୧

**ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆକୁ ଚିଠି**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ବାର୍ କାଉନସିଲ ଅଫ୍ ଇଣ୍ଡିଆ ଓ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦଙ୍କ ଅନୁରୋଧ ସତ୍ତ୍ୱେ ପଶ୍ଚିମ ଓଡ଼ିଶାର କେତେକ ବାର୍ ଆସୋସିଏଶନ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ବାର୍ ଆସୋସିଏଶନଗୁଡ଼ିକର କର୍ମକର୍ତ୍ତାଙ୍କ ବିରୋଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାର୍ କାଉନସିଲ ଅଫ୍ ଇଣ୍ଡିଆକୁ ବୁଧବାର ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବରେ ପଶ୍ଚିମ ଓଡ଼ିଶାର ସେଣ୍ଟ୍ରାଲ ଆକ୍ସନ କମିଟିର କର୍ମକର୍ତ୍ତାଙ୍କ ନାମ ଉଲ୍ଲେଖ କରାଯାଇଛି। ଏହି ବାର୍‌ଗୁଡ଼ିକ ହେଉଛି ଡିଷ୍ଟ୍ରିକ୍ଟ ବାର୍ ଆସୋସିଏଶନ ବଲାଙ୍ଗୀର, ସମ୍ବଲପୁର ବାର୍ ଆସୋସିଏଶନ, ବାର୍ ଆସୋସିଏଶନ ବଣାଇ, ରାଜଗାଙ୍ଗପୁର ବାର୍ ଆସୋସିଏଶନ, ବାର୍ ଆସୋସିଏଶନ ପଦମ୍‌ପୁର, କୁଚିଣ୍ଡା ବାର୍ ଆସୋସିଏଶନ, ଅତାବିରା ବାର୍ ଆସୋସିଏଶନ, ଡିଷ୍ଟ୍ରିକ୍ଟ ବାର୍ ଆସୋସିଏଶନ ଦେବଗଡ଼, ବାର୍ ଆସୋସିଏଶନ ରେଢ଼ାଖୋଲ, ସୋହେଲା ବାର୍ ଆସୋସିଏଶନ, ବରପାଲି ବାର୍ ଆସୋସିଏଶନ, ସୋନପୁର ବାର୍ ଆସୋସିଏଶନ, ବୀରମହାରାଜପୁର ବାର୍ ଆସୋସିଏଶନ, ବିନିକା ବାର୍ ଆସୋସିଏଶନ, ତରଭା ବାର୍ ଆସୋସିଏଶନ, ଲୋଇସିଂହା ବାର୍ ଆସୋସିଏଶନ, ଡିଷ୍ଟ୍ରିକ୍ଟ ବାର୍ ଆସୋସିଏଶନ ଝାରସୁଗୁଡ଼ା ଏବଂ କେନ୍ଦ୍ରୀୟ ଆକ୍ସନ କମିଟିର ସଦସ୍ୟବୃନ୍ଦ।

ସୂଚନାଥାଉକି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲ ଆନ୍ଦୋଳନ ଚାଲିଛି। ମାତ୍ର ନିକଟରେ ଓକିଲ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ବାର୍‌ର ଓକିଲମାନେ ଆନ୍ଦୋଳନ ☞ପୃଷ୍ଠା-୨

# ମାଡ଼ିଗଲା କାର୍: ୫ ମହିଳା ଶ୍ରମିକ ମୃତ

**ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା**

**୭ ଗୁରୁତର**

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨୨।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ପରମାଣପୁର ଗ୍ରାମ ନିକଟ ରାସ୍ତାକଡ ଫୁଟ୍‌ପାଥ୍‌ରେ ଥିବା ଦୋକାନ ଉପରକୁ ଏକ କୋଇଲା ବୋଝେଇ ଟ୍ରକ୍ ଚଢ଼ିଯିବାରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ୨୪ ଘଣ୍ଟା ନ ପୁରୁଣୁ ସୁନ୍ଦରଗଡ଼ ଜିଲା ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସୱେରେ ରାଜଗାଙ୍ଗପୁର ଥାନା ଅଧୀନ ରମାବାହାଲ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଚାପାରେ ରାସ୍ତାରେ କାମ କରୁଥିବା ୫ଜଣ ମହଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ସୁନ୍ଦରଗଡ଼ରୁ ରାଉରକେଲା ଦ୍ରୁତଗତିରେ ଯାଉଥିବା ଏକ କାର୍(ନଂ.ଓଡି୧୬ଏଫ୍-୪୩୪୪) ଭାରସାମ୍ୟ ହରାଇ ରମାବାହାଲ ବସ୍‌ଷ୍ଟାଣ୍ଡ ନିକଟରେ ଡିଭାଇଡରରେ ପିଟିହୋଇ ରାସ୍ତାର ଅପରପାର୍ଶ୍ୱରେ ସଫେଇ କାମ କରୁଥିବା ଏଲ୍‌ଆଣ୍ଡଟି କମ୍ପାନୀର ମହିଳା ଶ୍ରମିକଙ୍କ ଉପରକୁ ମାଡି ଯାଇଥିଲା। ଏପରି କି କାରଟି ଉକ୍ତ ରାସ୍ତାରେ ଆସୁଥିବା ଅନ୍ୟ ଏକ ସ୍କୋର୍ପିଓ(ନଂ.ଓଡି ୧୪ସି-୨୬୭୬)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ଜଣ ମହିଳା ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏଥସହିତ କାର ଏବଂ ସ୍କର୍ପିଓରେ ବସିଥିବା ଅନ୍ୟ ୬ଜଣ ମଧ ଆହତ ହୋଇଥିଲେ। ଖବର ପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ବିଜୟ କୁମାର ନନ୍ଦ, ଆଇଆଇସି ଗୋକୁଳାନନ୍ଦ ସାହୁ ପ୍ରମୁଖ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ରାଜଗାଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ରାଉରକେଲା ଆର୍‌ଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଅନ୍ୟ ୩ଜଣ ମହିଳା ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ରଜାବସା ଗ୍ରାମର ସରସ୍ୱତୀ ଲାକ୍ରା(୩୫), ଉମା ଲାକ୍ରା(୩୮), ନାଉରୀ ମାଝି(୫୨), କଳ୍ପନା ଲାକ୍ରା(୨୫), ପାନ ଲାକ୍ରା (୪୨)। ଆହତମାନେ ହେଲେ ସ୍କର୍ପିଓରେ ଥିବା ରାଉରକେଲାର ରାଜକିଶୋର ଦାଶ, କୃତ୍ତିବାସ ସାହୁ, ଡ୍ରାଇଭର ଭୋଲେଶ୍ୱର ମାଝି ଏବଂ କାର୍‌ରେ ଥିବା ସୁନ୍ଦରଗଡ ମିଶନ ଛକର ବରେନଜିତ୍ ଲାକ୍ରା, ତାଙ୍କ ପୁଅ ଓ ଅନ୍ୟ ଜଣଙ୍କ ନାମ ଜଣାପଡି ନାହିଁ।

ସୂଚନାଯୋଗ୍ୟ, ବରେନଜିତ ସୁନ୍ଦରଗଡରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ଯାଉଥିଲେ। ତାଙ୍କ ପୁଅ କାର ଚଳାଉ ଥିଲେ। ସେହିପରି ଭୁବନେଶ୍ୱରରୁ ଆସୁଥିବା ଝିଅଙ୍କୁ ଆଣିବା ପାଇଁ ରାଉରକେଲାର ରାଜକିଶୋର ଦାଶ ସ୍କର୍ପିଓ ଯୋଗେ ଝାରସୁଗୁଡ଼ା ବିମାନ ବନ୍ଦରକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ରାଜଗାଙ୍ଗପୁର ପୋଲିସ ଉଭୟ କାର ଓ ସ୍କର୍ପିଓକୁ ଜବତ ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକମାନେ ସମସ୍ତେ ସେହି ରଜାବସା ଗ୍ରାମର ହୋଇଥିବାରୁ ସେଠାରେ ଶୋକର ଛାୟା ଖେଳିଯାଇଛି।




ଦୁର୍ଘଟଣାଗ୍ରସ୍ତ କାର ଏବଂ ସ୍କର୍ପିଓ।

# ଏସ୍‌ସିବି ମେଡିକାଲ ହେବ ବିଶ୍ୱସ୍ତରୀୟ

**ଆରମ୍ଭ ହେଲା ପ୍ରକ୍ରିୟା**

- ଭିତ୍ତିଭୂମି ଅନୁଧ୍ୟାନ କଲେ ୫-ଟି ସଚିବ
- ଆଜି ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ, ସମୀକ୍ଷା
- ଫେବୃୟାରୀ ୨୮ ସୁଦ୍ଧା ଜମି ଅଧିଗ୍ରହଣ
- ମାର୍ଚ୍ଚ ପହିଲାରୁ ନିର୍ମାଣ ଆରମ୍ଭ

କଟକ/ ଭୁବନେଶ୍ୱର, ୨୨।୧(ବ୍ୟୁରୋ)

କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ସିବି)କୁ ବିଶ୍ୱସ୍ତରୀୟ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଓଡ଼ିଶା ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବୁଧବାର ଭୋରରୁ ଏସ୍‌ସିବି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ପରେ ସେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ରାଜସ୍ୱ କମିଶନର ଅନିଲ କୁମାର ସାମଲଙ୍କ ସହ ଭିତ୍ତିଭୂମି ବିକାଶ ପାଇଁ ଆଲୋଚନା କରିଥିଲେ। ଏଥିଲାଗି ତୁରନ୍ତ ଜମି ଅଧିଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିବେ। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ କଟକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଭିତ୍ତିଭୂମି ଉନ୍ନୟନ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କାର୍ଯ୍ୟ ଆସନ୍ତା ଫେବୃୟାରୀ ୨୮ ସୁଦ୍ଧା ସାରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେହିପରି ମାର୍ଚ୍ଚ ପହିଲାରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି।

ଭୋର ୫ଟାରେ ୫-ଟି ସଚିବ ପାଣ୍ଡିଆନ୍‌ଙ୍କ ସମେତ ପୂର୍ତ୍ତ ସଚିବ କ୍ରିଷନ୍ କୁମାର, ଜଳସମ୍ପଦ ସଚିବ ସୁରେନ୍ଦ୍ର କୁମାର ଏବଂ ଗୃହ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍ କଟକ ଗସ୍ତ କରିଥିଲେ। ପ୍ରଥମେ ସେମାନେ ମହାନଦୀ ଅବବାହିକାରେ ଚିହ୍ନଟ ହୋଇଥିବା ୪୨୧ ଏକର ଜାଗା ବୁଲି ଦେଖିଥିଲେ। ପରେ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ପରିସରସ୍ଥ କନ୍‌ଫରେନ୍ସ ହଲ୍‌ରେ ୫-ଟି ସଚିବ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଚିହ୍ନଟ ୪୨୧ ଏକର ଜାଗାକୁ ୨୫ ଏକର ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ନିମନ୍ତେ ବ୍ୟବହାର କରାଯିବ। ତାଳଦଣ୍ଡା କେନାଲ ବନ୍ଧର ଉଭୟ ପାର୍ଶ୍ୱକୁ ୩ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ଯେଉଁମାନେ ବିସ୍ଥାପିତ ହେବେ, ସେମାନଙ୍କୁ ଥଇଥାନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରାଯିବ। ଫେବୃୟାରୀ ପହିଲାରୁ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ତାଳଦଣ୍ଡା କେନାଲ ବନ୍ଧରୁ ଏସ୍‌ସିବି ରାସ୍ତାରେ ଦୁଇଟି ଓଭରବ୍ରିଜ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏସ୍‌ସିବି ମେଡିକାଲ ପରିସରସ୍ଥ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ୱାର୍ଟର୍ସ ସମେତ ☞ପୃଷ୍ଠା-୨



୫-ଟି ସଚିବ ଭି.କେ. ପାଣ୍ଡିଆନ ଏସ୍‌ସିବି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି।

# ଖୁବ୍‌ଶୀଘ୍ର ୧୨ ନୂଆ ବିମାନ ସେବା

- ରାଜ୍ୟ ସରକାର, ଏୟାର୍‌ଲାଇନ୍ସ ସିଇଓ ବୈଠକ
- ଅଧିକ ଘରୋଇ, ଅନ୍ତର୍ଜାତୀୟ ବିମାନସେବା ଆରମ୍ଭ କରିବାକୁ ନବୀନଙ୍କ ଆହ୍ୱାନ
- ଜୁଲାଇରୁ ଭୁବନେଶ୍ୱର-ପ୍ରୟାଗରାଜକୁ ଉଡ଼ିବ ବିମାନ
- ଜାନୁୟାରୀ ୨୪ରୁ ଝାରସୁଗୁଡ଼ାରୁ କୋଲକାତା, ୩୧ରୁ ଝାରସୁଗୁଡ଼ାରୁ ବାରାଣସୀ ବିମାନ ଚାଲିବ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଓଡ଼ିଶାବାସୀ ଗତ ୨୦ ତାରିଖରେ ୨ ନୂଆ ବିମାନ ସେବା ପାଇଛନ୍ତି। ଖୁବ୍‌ଶୀଘ୍ର ଆଉ ୧୨ ନୂଆ ବିମାନ ସେବା ପାଇବେ। ଏନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ନୂଆ ରୁଟ୍‌ଗୁଡ଼ିକ ହେଲା କୋଲକାତା-ଝାରସୁଗୁଡ଼ା, ଭୁବନେଶ୍ୱର-ବାରାଣସୀ, ବାରାଣସୀ-ଭୁବନେଶ୍ୱର, ଝାରସୁଗୁଡ଼ା-ମୁମ୍ବାଇ, ପ୍ରୟାଗରାଜ-ଭୁବନେଶ୍ୱର, ଦିଲ୍ଲୀ-ଭୁବନେଶ୍ୱର, ଭୁବନେଶ୍ୱର-ରାଉରକେଲା, ଭୁବନେଶ୍ୱର-କଳାଇକୁଣ୍ଡା, ଭୁବନେଶ୍ୱର-ବ୍ୟାଙ୍କକ୍, ବ୍ୟାଙ୍କକ୍-ଭୁବନେଶ୍ୱର, ସିଙ୍ଗାପୁର-ଭୁବନେଶ୍ୱର, ଭୁବନେଶ୍ୱର-ଆବୁଧାବୀ। ୨୦୨୦ ଜାନୁୟାରୀରୁ ପ୍ରାୟ ଜୁଲାଇ ମଧ୍ୟରେ ଅଧିକାଂଶ ରୁଟ୍‌ରେ ବିମାନସେବା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଗତ ୨୦ ତାରିଖରେ ଭୁବନେଶ୍ୱରରୁ ସୁରଟ୍ ଏବଂ ବାଙ୍ଗାଲୁରୁକୁ ନୂଆ ବିମାନସେବା ଆରମ୍ଭ ହୋଇଛି। ଏହାକୁ ମିଶାଇଲେ ମୋଟ ୧୪ଟି ନୂଆ ରୁଟ୍‌ରେ ବିମାନ ଚଳାଚଳ କରିବ।

ଭୁବନେଶ୍ୱରରୁ ଗୁଜରାଟର ସୁରଟ ସହରକୁ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଇଥିବା ବେଳେ ଏଠାରୁ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଆସନ୍ତା ଜୁଲାଇ ପହିଲାରୁ ଆରମ୍ଭ ହେବ। ବୁଧବାର ସ୍ଥାନୀୟ ହୋଟେଲରେ ଆୟୋଜିତ ରାଜ୍ୟ ସରକାର ଏବଂ ୨୫ରୁ ଊର୍ଦ୍ଧ୍ୱ ଏୟାରଲାଇନ୍ସ ସିଇଓଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରୁ ଅଧିକରୁ ଅଧିକ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନ ଚଳାଚଳ ସଂସ୍ଥାଗୁଡିକୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯଦିଓ ଘରୋଇ ବିମାନ ଉଡାଣ କ୍ଷେତ୍ରରେ କିଛିଟା ଅଗ୍ରଗତି ହୋଇଛି ତେବେ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ମଧ୍ୟବିତ୍ତ ଶ୍ରେଣୀମାନଙ୍କର ବିଶ୍ୱସ୍ତରୀକରଣ ଅଭ୍ୟୁଦୟ ବଢି ଚାଲିଥିବାରୁ ଅନ୍ତର୍ଜାତୀୟ ଉଡ଼ାଣ ବୃଦ୍ଧି ପାଇଛି। ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଘବ
ପରିବାରବର୍ଗ


ଅନ୍ୱେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେଡିଲା ନାରୀ,**
**ଘର କରି ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସେ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ଓ ପରିବାର ଚଳାଇବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲୁଣିରେ ନ ଗଳେ ଚଷୁ**
**ସରୁ ସୁନ୍ଧାଟିରେ ମାଛି ନ ବସୁ**
**ଭେଣ୍ଡିଆ ଦେଖିଲେ ରସୁ ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍‌ହେବ ନାହିଁ। ସ୍ୱାମୀକୁ ପଛକରି ପରପୁରୁଷ ସହ ସମ୍ପର୍କ ଯୋଡ଼ି ବସୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଟପ୍ କ୍ୟାଡର ମାଓବାଦୀ ନେତା ପାପା ରାଓଙ୍କ ମୃତ୍ୟୁ ନେଇ ଚର୍ଚ୍ଚା

**ମାଲକାନଗିରି, ୨୨।୧(ସ୍ୱ.ପ୍ର.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକମା ଅଞ୍ଚଳରେ ସର୍ବଦା ନିଜ ଆଧିପତ୍ୟ ଜାହିର ରଖିଥିବା ମୋଷ୍ଟ ୱାଣ୍ଟେଡ ତଥା ଟପ କ୍ୟାଡର ମାଓବାଦୀ ନେତା ପାପା ରାଓଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ଧରି ପାପା ଅସୁସ୍ଥ ଥିଲେ। ଏଥିପାଇଁ ସେ ସଙ୍ଗଠନ ପାଇଁ କିଛି କାମ କରିପାରୁ ନ ଥିଲେ। ଦେହ ଖରାପ ହେବାରୁ ସେ ତାଙ୍କ ଶ୍ୱଶୁର ଘର ସରପଞ୍ଚପାରାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ପାପା ମାଓବାଦୀ କ୍ୟାଡର ନେତା ରମାନ୍ନାଙ୍କ ଡାହାଣ ହାତ ଥିଲେ। ରମାନ୍ନାଙ୍କ ମୃତ୍ୟୁ ପରେ ପାପାଙ୍କୁ ସଙ୍ଗଠନର ସବୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଅନେକ ବଡ ବଡ ହିଂସାକାଣ୍ଡର ମାଷ୍ଟର ମାଇଣ୍ଡ ଥିଲେ ପାପା।

# ୧ଲକ୍ଷ ୬ହଜାର ଟଙ୍କାର ଜାଲ୍‌ନୋଟ୍ ଜବତ: ଜଣେ ଗିରଫ

**କଟକ ଅଫିସ, ୨୨।୧**



ଗିରଫ ଅଭିଯୁକ୍ତ ସତ୍ୟଜିତ୍ ପଣ୍ଡା। ଜବତ ହୋଇଥିବା ଜାଲ୍ ନୋଟ୍ ।

ସିଡିଏ ସେକ୍ଟର-୬ସ୍ଥିତ ଏସ୍‌ବିଆଇ ବିଡାନାସୀ ଶାଖା ଏଟିଏମ୍ ଜମା ମେଶିନ୍‌ରେ ଜଣେ ଯୁବକ ୧ଲକ୍ଷ ୬ହଜାର ଟଙ୍କାର ଜାଲନୋଟ୍ ଭର୍ତ୍ତି କରିଥିଲେ। ଏ ନେଇ ଶାଖା ପରିଚାଳକ ଦେବକାନ୍ତ ନାୟକ ମର୍କତନଗର ଥାନାରେ ଅଭିଯୋଗ କରିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ଟାଙ୍ଗୀ ଅଞ୍ଚଳର ସତ୍ୟଜିତ୍ ପଣ୍ଡା(୨୯)। ସତ୍ୟଜିତ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ରେ ରହୁଥିଲେ। ପୋଲିସ ତାଙ୍କ ବିରୋଧରେ ୨୫/୨୦ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିବା ସହିତ ୧ଲକ୍ଷ ୬ହଜାର ଟଙ୍କାର ଜାଲନୋଟ୍ ଜବତ କରିଛି। ସୂଚନା ଅନୁଯାୟୀ, ବ୍ୟାଙ୍କ କର୍ମଚାରୀ ଟଙ୍କା ନେବା ପାଇଁ ମଙ୍ଗଳବାର ଉକ୍ତ ଡିପୋଜିଟ୍ ମେଶିନ୍‌କୁ ଖୋଲିଥିଲେ। ତେବେ ସେଥିରୁ ୫୩ଟି ୨ହଜାର ଟଙ୍କିଆ ଜାଲନୋଟ୍ ବାହାରିଥିଲା। ସେମାନେ ତୁରନ୍ତ ଏ ବିଷୟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ମର୍କତନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏଟିଏମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଓ ଜାଲନୋଟ୍ ଡିପୋଜିଟ୍ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଧାରରେ ପୋଲିସ ଅଭିଯୁକ୍ତ ସତ୍ୟଜିତ୍‌ଙ୍କୁ ଚିହ୍ନଟ କରିଥିଲା। ଏହାପରେ ପୋଲିସ ତାଙ୍କୁ ସିଡିଏ ସେକ୍ଟର-୬ ଅଞ୍ଚଳସ୍ଥିତ ତାଙ୍କ ଘରୁ ଗିରଫ କରିଥିଲା। ଏହି ଘଟଣା ପଛରେ ଏକ ର୍ୟାକେଟ୍ ଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସକୁ ସତ୍ୟଜିତ୍ କହିଛନ୍ତି, ଜଣେ ବ୍ୟକ୍ତି ତାଙ୍କୁ ୧ ଲକ୍ଷ ୬ହଜାର ଟଙ୍କାର ଜାଲ୍‌ନୋଟ୍ ଦେଇଥିଲେ। ଏ ସମସ୍ତ ଟଙ୍କା ଏଟିଏମ୍ ଜମା ମେଶିନରେ ଡିପୋଜିଟ୍ କଲେ ବ୍ୟାଙ୍କ ଖାତାକୁ ଆସିଯିବ ବୋଲି ତାଙ୍କୁ କହିଥିଲେ। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ପ୍ରକାଶ କରିନାହିଁ।

## ପ୍ରଥମ ପୃଷ୍ଠାରୁ...



ଓଡ଼ିଶାରେ ବିମାନ ସେବା ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଓ ଏୟାରଲାଇନ୍ସ ସିଇଓମାନଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟମାନେ।

### ଖୁବ୍‌ଶୀଘ୍ର ୧୨ ନୂଆ ...

ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ଦୁବାଇ, ଆବୁଧାବି, ସିଙ୍ଗାପୁର, ଶ୍ରୀଲଙ୍କା, ହଂକଂ ଏବଂ ବ୍ୟାଙ୍କକ୍ ଭଳି ସ୍ଥାନକୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରିବାକୁ ବିଭିନ୍ନ ଏୟାରଲାଇନ୍ସର ସିଇଓମାନଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ପୁଣେ, ଜୟପୁର, ଲକ୍ଷ୍ନୌ, ଚେନ୍ନାଇ, ଭାଇଜାଗ, କୋଚି ଏବଂ ରାଞ୍ଚିକୁ ଘରୋଇ ଉଡାଣ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ବେସାମରିକ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ ରାଜ୍ୟରୁ ୧୦ରୁ ଅଧିକ ନୂଆ ରୁଟ୍‌ରେ ବିମାନ ଚଳାଚଳ ନେଇ ଆଲୋଚନା ହୋଇଛି। ଭୁବନେଶ୍ୱରରୁ ସୁରଟକୁ ବିମାନ ସେବା ଆରମ୍ଭ ହୋଇସାରିଥିବା ବେଳେ ଆସନ୍ତା ୨୪ ତାରିଖରୁ ଝାରସୁଗୁଡ଼ାରୁ କୋଲକାତା ଏବଂ ଜାନୁୟାରୀ ୩୧ରୁ ଝାରସୁଗୁଡ଼ାରୁ ବାରାଣସୀ ମଧ୍ୟରେ ବିମାନ ଚଳାଚଳ ନେଇ ନିଷ୍ପତ୍ତି ହୋଇଛି। ସେହିପରି ଫେବୃୟାରୀ ୨୯ରୁ ଭୁବନେଶ୍ୱରରୁ ବାରାଣସୀ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି। ଘରୋଇ ଉଡ଼ାଣ ପାଇଁ ୧ ପ୍ରତିଶତ ଭାଟ୍‌ରେ ବିମାନ ଇନ୍ଧନ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକରେ ଯୋଗଦେଇ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା କହିଛନ୍ତି ଯେ, ଓଡ଼ିଶାରୁ ବିମାନ ଚଳାଚଳ ନେଇ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଅର୍ଥନୀତି ଅଭିବୃଦ୍ଧିରେ ବିମାନ ସେବାର ବଡ଼ ଭୂମିକା ରହିଛି। ଗତ ୫ ବର୍ଷରେ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟାରେ ହାରାହାରି ୧୭ ପ୍ରତିଶତ ବୃଦ୍ଧି ହୋଇଛି। ଏହି ସମୟରେ ଓଡ଼ିଶାରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୯ ପ୍ରତିଶତ ବୃଦ୍ଧି ଘଟିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇ ବିମାନ ଚଳାଚଳ ପାଇଁ ରାଜ୍ୟରେ ଥିବା ସୁଯୋଗ ବିଷୟ ଉଲ୍ଲେଖ କରିଥିଲେ। ମୁଖ୍ୟ ଶାସନ ସଚିବ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଯୁଗ୍ମ ସଚିବ ଉଷା ପାଢ଼ୀ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନା ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ଆହୁରି ଅଧିକ ଏୟାରଷ୍ଟ୍ରିପ୍‌ର ବିକାଶ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବାଣିଜ୍ୟ ଓ ପରିବହନ ସଚିବ ପ୍ରମୋଦ ମେହେର୍ଦ୍ଦା, ଶିଳ୍ପ ସଚିବ ହେମନ୍ତ ଶର୍ମା, ପର୍ଯ୍ୟଟନ ସଚିବ ବିଶାଳ ଦେବ ରାଜ୍ୟରେ ଥିବା ବିଭିନ୍ନ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ବିଭିନ୍ନ ଏୟାରଲାଇନ୍ସର ୨୫ଜଣ ସିଇଓ ଯୋଗ ଦେଇଥିଲେ।

### ଆନ୍ଦୋଳନରତ ବାର୍‌ଗୁଡ଼ିକ...

ଜାରି ରଖିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ସଦୃଶ ସମ୍ପୃକ୍ତ ଓକିଲମାନଙ୍କର ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ଆଧାରକରି ଆନ୍ଦୋଳନରତ ଓକିଲମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଥିଲା। ନଚେତ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପଶ୍ଚିମ ଓଡିଶାର କେତେକ ବାର୍ ଆସୋସିଏଶନ ଆନ୍ଦୋଳନରୁ ଓହରିଯାଇଥିବା ବେଳେ ଆଉ କେତେକ ଆନ୍ଦୋଳନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଯଦି କୌଣସି ବାର୍ ଆନ୍ଦୋଳନରେ ଥାଏ ଏବଂ ଏହାଦ୍ୱାରା ଅଦାଲତ ବନ୍ଦ ରହୁଥାଏ ତେବେ ସମ୍ପୃକ୍ତ ଅଦାଲତର ମାମଲାକୁ ନିକଟସ୍ଥ ଅଦାଲତକୁ ସ୍ଥାନାନ୍ତର କରିବାକୁ ମଧ୍ୟ ସୁପ୍ରିମକୋର୍ଟ କହିଥିଲେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି।

### ଏସ୍‌ସିବି ହେବ...

୧୩ଜଣ ଡାକ୍ତରଙ୍କ କ୍ୱାର୍ଟର୍ସକୁ ଉଚ୍ଛେଦ କରାଯିବ। ଏହାବାଦ ଏସ୍‌ସିବି ସଂଲଗ୍ନ ମତ୍ସ୍ୟ ନିର୍ଦ୍ଦେଶାଳୟ, ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ କେତେକ ସରକାରୀ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସକୁ ମଧ୍ୟ ଉଚ୍ଛେଦ କରାଯିବ। ମୁଖ୍ୟମନ୍ତ୍ରୀ ଗୁରୁବାର ନେତାଜୀ ଜୟନ୍ତୀରେ ଯୋଗଦେବା ପାଇଁ କଟକ ଆସୁଛନ୍ତି। ଏହି ଅବସରରେ ସେ ହାଡ଼ିଆପଠାରେ ଚିହ୍ନଟ ହୋଇଥିବା ୪୨୧ ଏକର ଜାଗା ବୁଲି ଦେଖିବେ ବୋଲି ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ କହିବା ଅନୁଯାୟୀ, ମାର୍ଚ୍ଚ ମାସରୁ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ସମେତ ହାଡ଼ିଆପଠାରେ ଚିହ୍ନଟ ୪୨୧ ଏକର ଜାଗାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ସୂଚନାଥାଉ କି, ହାଡ଼ିଆପଠାରେ ଚିହ୍ନଟ ହୋଇଥିବା ୪୨୧ ଏକର ଜାଗାରେ ଗୁଜରାଟର ସାବରମତୀ ଢାଞ୍ଚାରେ ବର୍‌ଫ (ବାଲିଯାତ୍ରା ରିଭର ଫ୍ରଣ୍ଟ) ପ୍ରକଳ୍ପ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବୁଧ ନକ୍ଷତ୍ରସ୍ଥ ମଙ୍ଗଳ ରୋଗପୀଡ଼ା, ଶତ୍ରୁତା, ଭ୍ରାତୃ ସମ୍ପର୍କହାନି ଘଟାଇବାର ପୂର୍ଣ୍ଣ ସୂଚନା ରହିଛି। ଅବଶ୍ୟ କର୍ମସ୍ଥ ରବି ଓ ବୁଧ ପ୍ରଭାବରେ ସମସ୍ୟାର ସମାଧାନ କରିବା ସକାଶେ ଚେଷ୍ଟା କଲେ ଉଦ୍ଦେଶ୍ୟ ପୂରଣ ହୋଇଯିବ। କଳ କାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବା ଆଶା ରହିଛି।

**ବୃଷ** ଶନି କ୍ଷେତ୍ରସ୍ଥ ଶୁକ୍ର ଯୋଗକାରକ ଶନିଙ୍କ ଦୃଷ୍ଟିରେ ଉଚ୍ଚପଦବୀ, ବିବାଦରେ ବିଜୟ, ପ୍ରତିଯୋଗିତାରେ ସଫଳତା ପ୍ରଦାନ କରିବ। କର୍ମକ୍ଷେତ୍ରରେ ପଛକଥାକୁ ଛାଡ଼ି ବର୍ତ୍ତମାନର ଫାଇଦା ଉଠାଇବା ସକାଶେ ଚେଷ୍ଟା କଲେ ସଫଳତା ପାଇପାରିବେ। ନିଜର ସମ୍ପର୍କୀୟମାନଙ୍କ ନିକଟରୁ ପାଉଣା ପାଇବାରେ ସମର୍ଥ ହୋଇପାରନ୍ତି।

**ମିଥୁନ** ରାହୁ ଓ ଶୁକ୍ରଙ୍କ କୁପ୍ରଭାବରୁ ସାଧାରଣ କଥାରୁ ପାରିବାରିକ ଅଶାନ୍ତି ଓ କର୍ମକ୍ଷେତ୍ରରେ କଳହ ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି ସତର୍କରେ ଚଳନ୍ତୁ ନଚେତ୍ ଝାମେଲା ଅଧିକ ବଢ଼ି ଯାଇପାରେ। ହଠାତ୍ ଅଫିସରେ ସମ୍ପର୍କୀୟ ଜଣେ ବନ୍ଧୁ ସରକାରୀ କାମରେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** ଚନ୍ଦ୍ର କର୍ମାଧିପ ନକ୍ଷତ୍ରସ୍ଥ ହୋଇ ଅଷ୍ଟମରେ ଥିବାରୁ ଅଭିଳଷିତ ଜିନିଷ ପାଇବା କଷ୍ଟକର ହେବ। ପୁନର୍ବସୁ ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନିତ ହେବାର ଯୋଗ ରହିଛି। ଅଫିସ୍‌ରେ ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ସ୍ୱନକ୍ଷତ୍ରସ୍ଥ ରବି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ସମସ୍ୟା ସମାଧାନର ପନ୍ଥା ଗ୍ରହଣ କରିପାରନ୍ତି। ବିଶେଷଭାବରେ ଅଭାବ ଓ ଧାର କରଜ ହେତୁ ମନ ବେଶି ବିବ୍ରତ ରହିପାରେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କନ୍ୟା** ଭାଗ୍ୟାଧିପ ଶନିଙ୍କ ନକ୍ଷତ୍ରସ୍ଥ ହୋଇ ଷଷ୍ଠଭାବସ୍ଥ ଯୋଗୁ ନୈରାଶ୍ୟଜନକ ସ୍ଥିତି ଉପୁଜିପାରେ। କର୍ମକ୍ଷେତ୍ରରେ ବୁଝିବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ଦୀର୍ଘଦିନରୁ ପାଇ ପାରି ନ ଥିବା ଜିନିଷଟି ଆକସ୍ମିକ ଭାବରେ ପାଇ ଖୁସି ହୋଇଯିବେ।

**ତୁଳା** ଲାଭାଧିପ ଓ ଭାଗ୍ୟାଧିପ ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ସ୍ଥଗିତ କାର୍ଯ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନାରେ ସଫଳ ହେବେ। ମାନସିକ ସ୍ଥିତି ବହୁତ ଭଲ ରହିବ। ପରିବାରରେ ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହି ନ ପାରେ। ପ୍ରଶାସନିକ କ୍ଷେତ୍ରରେ ଅଧିକ କାର୍ଯ୍ୟାନୁଷ୍ଠାନ ସମସ୍ୟାର କାରଣ ହୋଇପାରେ।

**ବିଛା** ମଙ୍ଗଳ ଓ ଶୁକ୍ର ସାଙ୍ଗକୁ ବୁଧାଦିତ୍ୟ ଭାଗ୍ୟକୁ ଦେଖୁଥିବାରୁ ନିଶ୍ଚିତ ଆଶା ପୂରଣ ହୋଇପାରିବ। କଳା, ସାହିତ୍ୟ, ସଙ୍ଗୀତ, ପ୍ରଶାସନ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ସଭାସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଯାତ୍ରା ସମୟରେ ସତର୍କତା ଅଭାବରୁ ଗୋଡ଼ରେ ଆଘାତ ଲାଗିପାରେ।

**ଧନୁ** ଷଷ୍ଠାଧିପ ଧନସ୍ଥ ହେତୁ ଋଣଦାତାଙ୍କ ଚାପ ଏବଂ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିବ୍ରତ କରାଇପାରେ। ମନକଥା ମନରେ ରଖି ଉପର ମୁହଁରେ ଖୁସିରେ ଥିବା ଭଳି ବ୍ୟବହାର ଦେଖାଇପାରନ୍ତି। କୌଣସି ଗୁପ୍ତକଥା, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ଫଳପ୍ରଦ ହେବ। ଦୀର୍ଘଦିନରୁ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାରେ ସଫଳ ହେବେ।

**ମକର** ମୁହଁରେ ମିଠା କଥା କହୁଥିଲେ ମଧ୍ୟ ବିଭିନ୍ନ ସମସ୍ୟା ବିଷୟରେ ଆନମନା ହୋଇପାରନ୍ତି। ଶୁକ୍ରଙ୍କ ଧନଭାବ ସଂଯୋଗରୁ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କୌଣସି କାମ ଅଟକିବ ନାହିଁ। ପ୍ରଶାସନିକ କ୍ଷେତ୍ର, ରାଜନୈତିକ ସଂଗଠନ ଏବଂ ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**କୁମ୍ଭ** ଷଷ୍ଠାଧିପ ଏକାଦଶସ୍ଥ ଯୋଗୁ ଆରୋଗ୍ୟଲାଭ, ଋଣପ୍ରାପ୍ତି, କଠିନଶ୍ରମ ମାଧ୍ୟମରେ କାର୍ଯ୍ୟସାଧନ କରିବେ। ପଡ଼ୋଶୀ, ସହକର୍ମୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି। ପାରିବାରିକ ଜୀବନରେ ଉଚିତ ବୁଝାମଣା ଯୋଗୁ ଧନିଷ୍ଠା ନକ୍ଷତ୍ର କେତେକାଂଶରେ ଖୁସି ରହିବେ। ଯାତ୍ରା, ବ୍ୟବସାୟରୁ ଲାଭବାନ୍ ହେବେ।

**ମୀନ** ବଳବାନ୍ ରାହୁଙ୍କ ପ୍ରଭାବରେ ପାରିବାରିକ ପ୍ରତିରୋଧ ହେତୁ କେତେକ କାମ ଅଟକି ଯାଇପାରେ। ଅଫିସ୍‌ରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମ ସକାଶେ ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ।

ଆଜି ଜାନୁୟାରୀ ୨୩ ତାରିଖ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ, ଦେଶପ୍ରେମ ଦିବସ, ମାଘମାସ କୃଷ୍ଣପକ୍ଷର ରଟନ୍ତୀ ଚତୁର୍ଦ୍ଦଶୀ ଗୁରୁବାର, ଯମ ତର୍ପଣ, ରଟନ୍ତୀ କାଳିକା ପୂଜା, ରାଶି ନକ୍ଷତ୍ର- ଦିବା, ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୪୦ମି. ଗତେ ଘ୧୨।୦୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୪ମି. ମଧ୍ୟେ ଘ୧୨।୦୩ମି. ଗତେ, ଘ୧।୨୬ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।

## ୧୪ ପୋଲିସ ଅଧିକାରୀ ପାଇବେ ରାଜ୍ୟପାଳ ପଦକ

**କଟକ ଅଫିସ, ୨୨।୧**

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଓଡ଼ିଶା ପୋଲିସ ପକ୍ଷରୁ ୧୪ଜଣ ଅଧିକାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏ ନେଇ ବୁଧବାର କଟକସ୍ଥିତ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଜ କାର୍ଯ୍ୟକ୍ଷେତ୍ରରେ ପ୍ରଶଂସନୀୟ ସେବା ଲାଗି ସେମାନଙ୍କୁ ୨୦୧୯ ବର୍ଷର ରାଜ୍ୟପାଳ ପଦକ ପାଇଁ ମନୋନୀତ କରାଯାଇଛି। ଆସନ୍ତା ସାଧାରଣତନ୍ତ୍ର ଦିବସରେ ଏମାନଙ୍କୁ ସମ୍ମାନିତ କରାଯିବ। ଏ ନେଇ ଡିଜିପି ଅଭୟ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟପାଳ ପଦକ ପାଇଁ ମନୋନୀତ ହୋଇଥିବା ଅଧିକାରୀମାନେ ହେଲେ ଅତିରିକ୍ତ ଡିଜି ବିନୟତୋଷ ମିଶ୍ର, ପୋଲିସ ଆଇଜି (ଆଧୁନିକୀକରଣ) ରେଖା ଲୋହାନି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, କଟକ ଡିସିପି ଅଖିଳେଶ୍ୱର ସିଂ, ଭିଜିଲାନ୍ସ ଡିଏସ୍‌ପି ସରୋଜ କୁମାର ସାମଲ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ହରିବନ୍ଧୁ ଭାତ୍ରା, ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଣିତା କୁମାରୀ ରାୟ, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ଆଇ ସୁବାସ ଚନ୍ଦ୍ର ନାଏକ, ଭୁବନେଶ୍ୱର ବିପିଏସ୍‌ପିଏର ଡେପୁଟି ସୁବେଦାର ବୁଦ୍ଧି ବାହାଦୁର ଥାପା, ବାରିପଦା ଓଏସ୍‌ଏପି ପଞ୍ଚମ ବାଟାଲିୟନର ହାବିଲଦାର ମେଜର ବୁଦ୍ଧ ସିଂ ଗୁରୁଙ୍ଗ, ରାଉରକେଲା କ୍ରାଇମ ହାବିଲଦାର ସରୋଜ କୁମାର ଭୋଇ, ରାଉରକେଲା ଓଏସ୍‌ଏପି ଚତୁର୍ଥ ବାଟାଲିୟନର ସିପୋଏ ରଥା ଲାକ୍ରା, ନୟାଗଡ଼ର କନଷ୍ଟେବଳ ପ୍ରତିମା ରାଉତ ଏବଂ ଭୁବନେଶ୍ୱର ସିକ୍ୟୁରିଟି ଉଇଙ୍ଗର ସିପୋଏ ସୁଶାନ୍ତ କୁମାର ମାଝି।

## classifieds Everyday 0674-2580101, 2549302

**real estate**

**SALE**

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

2BHK flat for sale at Hitechplaza Sundarpada, Bhubaneswar. Cost- 20 Lakh, 9937780587, 9937443289. D-63223

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68548

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**to-let**

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Ayurvedic full body massage ladies & gents smart therapist, 9668814589. D-68763

Ayurvedic full body massage, smart trained lady therapist- 9437453813. D-68052

**business**

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

"By an affidavit before the Executive Magistrate, Bhubaneswar, I Basanta Kumar Sahu, about 60yrs., S/o. Dasarathi Sahu, of Atopur, P.S.-Town, Keonjhar, Odisha – 758002, state that, in my Passport vide No. L7145362, my name has been wrongly mentioned as Basanta Kumar Sahoo. Hence Basanta Kumar Sahu and Basanta Kumar Sahoo is one and same person". D-16333

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଗାମୀ ୨୭ ତାରିଖ ପରଠାରୁ ମୁମ୍ବାଇ ୨୪ ଘଣ୍ଟିଆ ଖୋଲାରହିବ। ସ୍ୱତନ୍ତ୍ର ଭାବେ କେତେକ ସ୍ଥାନରେ ହୋଟେଲ, ରେଷ୍ଟୁରାଣ୍ଟ, ମଲ୍, ପବ୍, ମଦଦୋକାନ,ବାର୍ ଆଦି ରାତିରେ ବି ଖୋଲାରହିବ। ବୁଧବାର ରାଜ୍ୟ କ୍ୟାବିନେଟର ଏହା ସ୍ୱୀକୃତି ଲାଭ କରିଛି। ରାଜ୍ୟ ପର୍ଯ୍ୟଟକ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ପ୍ରୟାସ ଯୋଗୁ ଏହାକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହାଦ୍ୱାରା ପର୍ଯ୍ୟଟନର ବିକାଶ ସହ ଯୁବକମାନଙ୍କୁ ନିଯୁକ୍ତି ମିଳିପାରିବ ବୋଲି ସରକାର କହିଛନ୍ତି।




# ପୁଞ୍ଜିଲାଲଙ୍କୁ ଅନ୍ତରୀଣ ସର୍ତ୍ତମୂଳକ ଜାମିନ

**କଟକ ଅଫିସ, ୨୨।୧**

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସର୍ତ୍ତମୂଳକ ଜାମିନ ମିଳିଛି। ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ କୋର୍ଟ ତାଙ୍କୁ ୫ଦିନ ଜାମିନ ମଞ୍ଜୁର କରିଛନ୍ତି। ଆସନ୍ତା ୨୪ ତାରିଖରେ ପୁଞ୍ଜିଲାଲ ଜାମିନରେ ଯିବେ। ୨୮ତାରିଖ ପୂର୍ବାହ୍ନ ୧୧ଟାରେ ଟ୍ରାଏଲ କୋର୍ଟରେ ଆତ୍ମସମର୍ପଣ କରିବେ। ତେବେ ଏଥିପାଇଁ ଦୁଇଜଣ ଜାମିନଦାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ କୋର୍ଟ ବଣ୍ଡ୍ ବଦଳରେ ତାଙ୍କୁ ଏହି ସର୍ତ୍ତମୂଳକ ଜାମିନ ମିଳିଛି। ସର୍ତ୍ତାବଳୀ ଅନୁଯାୟୀ, ଜାମିନରେ ଥିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେବେ ନାହିଁ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଥାନା ଇଲାକା ଭିତରେ ରହିବେ। ଥାନା ଇଲାକାରୁ ବାହାରକୁ ଯିବାକୁ ହେଲେ ଆଇଆଇସିଙ୍କ ଅନୁମତି ନେବେ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଥାଉ କି, ପୁଞ୍ଜିଲାଲ ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ସହିତ ନିୟମିତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ତାଙ୍କ ଜାମିନ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। କାରଣ ଏଥିପୂର୍ବରୁ ପୁଞ୍ଜିଲାଲ ନିୟମିତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଜାମିନ ଆବେଦନର ଶୁଣାଣି ପ୍ରଥମେ ଯେଉଁ କୋର୍ଟରେ ହୋଇଥିଲା ସେହି କୋର୍ଟରେ ଏହାର ପୁନର୍ବାର ଶୁଣାଣି ପାଇଁ ଜଷ୍ଟିସ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ ତାରିଖରେ ଏହି ସମ୍ବେଦନଶୀଳ ଘଟଣା ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ନବବିବାହିତା ସ୍ତ୍ରୀ ରିମା ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଇ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।



- ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା
- ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବେ

# ଇଞ୍ଜିନ୍ ବଦଳାଇବା ବେଳେ ଦୁର୍ଘଟଣା

## ଟ୍ରେନ ଚଳାଚଳ ବାଧାପ୍ରାପ୍ତ

**ଗୁଣପୁର,୨୨।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ରେଳ ଷ୍ଟେଶନ୍‌ରେ ବୁଧବାର ରାତିରେ ଏକ ଇଞ୍ଜିନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଇଞ୍ଜିନ୍ ସାମାନ୍ୟ ଲାଇନ୍‌ଚ୍ୟୁତ ହୋଇଥିବାବେଳେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଘଟଣାରୁ ପ୍ରକାଶ ଯେ, ପୁରୀ-ଗୁଣପୁର ପାସେଞ୍ଜର ଟ୍ରେନ୍ ରାତି ୯ଟା ୧୫ରେ ଗୁଣପୁର ଷ୍ଟେଶନ୍‌ରେ ପହଞ୍ଚିଥିଲା। ଟ୍ରେନ୍‌ଟି ଏଠାରୁ ପଲାସା ଯିବାକୁ ଥିବାବେଳେ ଗୁଣପୁର ଶେଷ ଷ୍ଟେଶନ୍ ହୋଇଥିବାରୁ ଏଠାରେ ଇଞ୍ଜିନ୍‌ଟି ବଦଳା ଯାଇଥିଲା। ଏହି ସମୟରେ ରାତି ପ୍ରାୟ ସାଢ଼େ ୯ଟାରେ ଇଞ୍ଜିନ୍‌ଟି ଯାଇ କଂକ୍ରିଟ୍ ଡେଡ୍ ଏଣ୍ଡକୁ ଧକ୍କା ଦେଇଥିଲା। ଫଳରେ କଂକ୍ରିଟ୍ ଡେଡ୍ ଏଣ୍ଡ୍ ସମ୍ପୂର୍ଣ୍ଣ ଭାଙ୍ଗି



ଯାଇଛି। ଲାଇନ୍‌ଚ୍ୟୁତ ଇଞ୍ଜିନ୍‌ଟିକୁ ଟ୍ରାକ୍‌କୁ ଅଣାଯାଇଥିବା ଜଣାପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡିରୁ ଏକ ଇଞ୍ଜିନ୍ ଗୁଣପୁର ଅଭିମୁଖେ ବାହାରିଥିବାବେଳେ ଏହା ପହଞ୍ଚିବାପରେ ଟ୍ରେନ୍ ପଲାସା ଯାତ୍ରା କରିବ ବୋଲି ସୂଚନା ମିଳିଛି। ତେବେ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଇଣ୍ଡିଆନ୍ ଅଏଲ, ଘାନାର ଏନ୍‌ପିଏ ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ଭାରତ ଏବଂ ଘାନା ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ପାଇଁ କେନ୍ଦ୍ର ସରକାର ଗୋଟିଏ ପାଦ ଆଗକୁ ବଢାଇଛନ୍ତି। ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବୁଧବାର ଇଣ୍ଡିଆନ୍ ଅଏଲ ଏବଂ ଘାନାର ଜାତୀୟ ପେଟ୍ରୋଲିୟମ ପ୍ରାଧିକରଣ(ଏନ୍‌ପିଏ) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଇଣ୍ଡିଆନ୍ ଅଏଲର ଏଲପିଜି ପରିଚାଳନା ମୁଖ୍ୟ ଅଧିକାରୀ ଏଲ୍‌କେଏସ ଚୌହ୍ୱାନ ଏବଂ ଘାନା ଏନପିଏର କାର୍ଯ୍ୟକାରୀ ମୁଖ୍ୟ ସୁଲେମାନା ତାମପୁଲିଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ପେଟ୍ରୋଲିୟମ ବିଶେଷ ଭାବେ ଏଲପିଜି କ୍ଷେତ୍ରକୁ ମଜଭୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କେନ୍ଦ୍ର ସରକାର ଦେଶରେ ଏଲପିଜି ନେଟ୍‌ୱର୍କର ସମ୍ପ୍ରସାରଣ କରି ଦେଶର ନାଗରିକଙ୍କୁ ସ୍ୱଚ୍ଛ ଉର୍ଜା ପ୍ରଦାନ କରୁଛନ୍ତି। ଏହି କ୍ଷେତ୍ରରେ ଘାନା ନିଜ ଉପାୟରେ ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପରେ ସୁରକ୍ଷିତ, ସ୍ୱଚ୍ଛ ଏବଂ ପରିବେଶ ସହଯୋଗୀ ଏଲପିଜିର ବ୍ୟବହାର କରି ଏହାର ଚାହିଦାକୁ ବଢାଇବା ପାଇଁ ଭାରତକୁ ସହାୟତା କରିବା ନିମନ୍ତେ ଇଚ୍ଛାପ୍ରକାଶ କରିଥିଲା। ଏହି ବୁଝାମଣା ପତ୍ର ଦ୍ୱାରା ଭାରତ ଏବଂ ଘାନାର ରାଷ୍ଟ୍ରୀୟ ଏଲପିଜି ପ୍ରମୋଶନ ପଲିସିର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସାହାଯ୍ୟ କରିବ। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ଇଣ୍ଡିଆନ୍ ଅଏଲ ବିଭିନ୍ନ ଉପାୟରେ ଯଥା ଏଲପିଜି ବଟଲିଂ ପ୍ଲାଣ୍ଟ, ମୂଲ୍ୟ ନିର୍ଦ୍ଧାରଣ, ଲାଇସେନ୍ସ ଘାନାରେ ସ୍ୱାସ୍ଥ୍ୟର ବିକାଶ ଏବଂ ପରିବେଶକୁ ସୁରକ୍ଷା ରଖିବାରେ ସହଯୋଗ କରିବ। ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଏମ୍‌ଓୟୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସ୍ୱଚ୍ଛ ଉର୍ଜା ପ୍ରଦାନ କରିବା ଦିଗରେ ଏକ ସଙ୍କେତକୁ ସୂଚାଉଛି।

# ସବିତା, ପୂର୍ଣ୍ଣିମାଙ୍କ ସ୍କୁଲରେ ନିର୍ମାଣ ହେବ ବାତ୍ୟା ଆଶ୍ରୟସ୍ଥଳ

- ୧.୨୦ କୋଟି ଟଙ୍କା ଅନୁଦାନ ଘୋଷଣା
- ଉଭୟଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ):** କେନ୍ଦ୍ରାପଡା ଜିଲାର ସବିତା ଗିରି ଓ ପୂର୍ଣ୍ଣିମା ଗିରି ୨୦୨୦ ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ସାହସିକତା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ରାପଡାର ନିପାଣିଆ ଘାଟରେ ଏକ ଡଙ୍ଗା ବୁଡି ଘଟଣାରେ ଏହି ଦୁଇଜଣ ଛାତ୍ରୀ ଅନେକ ଲୋକଙ୍କ ଜୀବନ ବଞ୍ଚାଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଏହି ଦୁଇ ଭଉଣୀଙ୍କୁ ଲୋକସେବା ଭବନରେ ସମ୍ମାନିତ ମଧ୍ୟ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସେମାନେ ପଢୁଥିବା ହାଇସ୍କୁଲରେ ଏକ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ୧କୋଟି ୨୦ ଲକ୍ଷ ଟଙ୍କାର ଅନୁଦାନକୁ ମଧ୍ୟ ଅନୁମୋଦନ କରାଯାଇଛି। ସାଧାରଣ ସମୟରେ ଏହା ଏକ ସ୍କୁଲ ଭାବରେ କାର୍ଯ୍ୟ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏକ ଆଶ୍ରୟସ୍ଥଳ ଭାବରେ କାର୍ଯ୍ୟ କରିବ। ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ଣ୍ଣିମା ଓ ସବିତା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜଣାପଡିଛି।

DADLS-91



ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ
ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୩ ଜାନୁଆରୀ, ୨୦୨୦



**ସମୟ – ସକାଳ ଘ.୭.୩୦.ମି.**
ରସୁଲଗଡ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

**ସମୟ – ସକାଳ ଘ.୮.୧୦ ମି.**
ଭି.ଏସ୍.ଏସ୍. ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

**ସାଧାରଣ ସଭା**

ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ — ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ଚୌହାନ**, ଅଧକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର**, ମାନ୍ୟବର ବିଧାୟକ
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**,
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
**ଡ. ପ୍ରଭାସ କୁମାର ସିଂହ**, ପୂର୍ବତନ ସାଂସଦ
**ଡଃ. ଲେନିନ୍ ମହାନ୍ତି**, ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟ ବକ୍ତା – **ପ୍ରଫେସର କୈଳାସ ଚନ୍ଦ୍ର ଦାଶ**, ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ **'ନାଟ୍ୟରଶ୍ମୀ'**, ତୁଲଣ୍ଡି (ବରପାଲି, ବରଗଡ଼) ପକ୍ଷରୁ ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଧାରିତ **'ଗୁଟେ ବୀରର କଥା'** ମଞ୍ଚାୟନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



ଯଦି ମା' ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ । –ଶ୍ରୀଅରବିନ୍ଦ

# ଆମ ପିଲା ଓ ପ୍ରାଣୀ ନିର୍ଯାତନା

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପିଲାମାନେ ନିଜକୁ ବୁଝିବା ପାଇଁ ଓ ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ରୋଲ୍‌ପ୍ଲେ (ଚରିତ୍ରରେ ଅଭିନୟ)ର ଉପଯୋଗ କରିଥାନ୍ତି । ସେମାନେ ବାସ୍ତବ ବା କାଳ୍ପନିକ ପରିସ୍ଥିତିରେ କେବଳ ନିଜ ପରି ନୁହନ୍ତି ବରଂ ଅନ୍ୟ ଲୋକ କିମ୍ବା ଚରିତ୍ର ଯଥା ବନ୍ଧୁ, ପରିବାର ସଦସ୍ୟ, ଗଳ୍ପ ବହିର ଚରିତ୍ର ବା ସୁପର ହିରୋମାନଙ୍କ ଭଳି ଅଭିନୟ କରନ୍ତି । ଏହାଦ୍ୱାରା ସେମାନେ ବିକଳ୍ପ ଦୃଷ୍ଟିକୋଣର ପରୀକ୍ଷାନିରୀକ୍ଷା କରନ୍ତି, ଯାହା ସେମାନଙ୍କ ଆବେଗିକ ଓ ସାମାଜିକ କୌଶଳ ବିକାଶରେ ସାହାଯ୍ୟ କରେ । କିନ୍ତୁ ଆମେ କାହାକୁ ହିରୋ ଭାବେ ଉପସ୍ଥାପନ କରୁ ? ବୁଲ୍ ଫାଇଟର ବା ଷଣ୍ଢ ସହ ଲଢ଼େଇ କରୁଥିବା ବ୍ୟକ୍ତି, ଶିକାରୀ, ପହିଲମାନ ଓ ଯୋଦ୍ଧାମାନଙ୍କୁ । ଯେତେବେଳେ ବୁଲ୍ ରିଙ୍ଗ୍ ମଧ୍ୟରେ ଷଣ୍ଢ ସହ ଲଢେଇ କରୁଥିବା ବ୍ୟକ୍ତି (ମାଟାଡୋର)ଙ୍କୁ ହିରୋ ଭାବେ ମହିମାନ୍ୱିତ କରାଯାଏ, ସେତେବେଳେ ଜଣେ ପିଲା ନିଜକୁ ମାଟାଡୋର ଭଳି ମନେକରେ । ପିଲାଟା ବୁଝିପାରେନା ଯେ ଏହାଦ୍ୱାରା ଷଣ୍ଢଟି ଭୀଷଣ ଯନ୍ତ୍ରଣା ପାଇଥାଏ କିନ୍ତୁ ସେ ନିଜକୁ ହିରୋ ଭାବେ ଦେଖିଥାଏ । 'ଜଷ୍ଟିନ ବିବର ଅଫ୍ ବୁଲ ଫାଇଟିଂ' ଭାବେ ଆଖ୍ୟାୟିତ ଜଣେ ଜଣାଶୁଣା ମାଟାଡୋର ମାଇକେଲିଟୋ ଲାଗ୍ରାଭିୟର ୨୦୦୭ରେ ମାତ୍ର ୧୧ ବର୍ଷ ବୟସରେ ୬ଟି ଷଣ୍ଢକୁ ମାରିଦେଇଥିଲେ । ଏହାକୁ ଲକ୍ଷ୍ୟ କରି ଅଭିଭାବକମାନେ ମେକ୍ସିକୋର ବିଭିନ୍ନ ବୁଲ୍ ଫାଇଟିଂ ସ୍କୁଲରେ ସେମାନଙ୍କ ୬ ବର୍ଷର ପିଲାମାନଙ୍କୁ ଭର୍ତ୍ତି କରିଥିଲେ ।

ଫ୍ରାନ୍ସରେ ମାଡାଟୋରମାନଙ୍କଠାରୁ ପ୍ରେରଣା ପାଇଥିବା ପିଲାମାନଙ୍କର ଦୁର୍ଭାଗ୍ୟଜନକ ପରିଣତିର ଦୁଇଟି ଉଦାହରଣ ଏଠାରେ ଉଲ୍ଲେଖଯୋଗ୍ୟ । ଦକ୍ଷିଣ ଫ୍ରାନ୍ସରେ ପ୍ରକାଶିତ ଦୈନିକ ଖବରକାଗଜ 'ମିଡି–ଲିବର୍'ରେ ପ୍ରକାଶ ପାଇଥିଲା ଯେ, ତୀର ଲକ୍ଷ୍ୟ ସାଧନ ଲାଗି ଗୋଟିଏ କୁକୁରକୁ ବ୍ୟବହାର କରାଯାଇଥିଲା । ତା'ପରେ ତାକୁ ନଦୀଶଯ୍ୟାରେ ଫିଙ୍ଗି ଦିଆଯାଇଥିଲା, ଯେଉଁଠି ତା'ର ମୃତ୍ୟୁ ହୋଇଥିଲା । ପ୍ରାଣିହିଂସା ବିରୋଧରେ କାର୍ଯ୍ୟ କରୁଥିବା ସଂସ୍ଥା (ଏସ୍‌ପିସିଏ) ଜାଣିପାରିଥିଲା ଯେ, ବୁଲ୍ ଫାଇଟର ହେବାକୁ ପ୍ରୟାସ କରୁଥିବା ଦଳେ ପିଲା ଏହି ଘୃଣ୍ୟ କାର୍ଯ୍ୟ କରିଥିଲେ । ପୁନଶ୍ଚ ଫ୍ରାନ୍ସର ଗଣମାଧ୍ୟମ ଏବେ ଜିୟୁ ଦ ଟୋରେରୋ (ବୁଲ୍ ଫାଇଟିଂ ଖେଳ)କୁ ଚିହ୍ନଟ କରିଛି ଯେଉଁଠି କିଶୋରମାନେ ବୁଲ୍‌ଫାଇଟ୍‌ରେ ଷଣ୍ଢକୁ ଚକ୍‌ମା ଦେବା ଭଳି ଚଳନ୍ତା ଟ୍ରେନ୍‌କୁ ଚକ୍‌ମା ଦେବାକୁ ଚେଷ୍ଟା କରନ୍ତି । ଗତବର୍ଷ ଜାନୁୟାରୀରେ ଏକ ହାଇସ୍ପିଡ୍ ଟ୍ରେନ୍ ଟିଜିଭିରେ ଚଢ଼ିବା ଲାଗି ଚେଷ୍ଟା କରୁଥିବା ୫ ଜଣ ହାଇସ୍କୁଲ ଛାତ୍ରଙ୍କୁ ସେତେବେଳେ ଚେତାବନୀ ଦିଆଯାଇଥିଲା ।

ଏପରି ନକଲ କରିବା ଯେତିକି ଖରାପ ତା'ଠୁ ଅଧିକ ଖରାପ ହେଉଛି ପିଲାମାନେ ମାତାପିତାଙ୍କ ଘରୋଇ ହିଂସା ଦେଖିବା । ଲଣ୍ଡନସ୍ଥିତ କିଙ୍ଗସ୍ କଲେଜର ଆନ୍ନା ବାଲଡ୍ରି ଜାଣିବାକୁ ପାଇଛନ୍ତି ଯେ, ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ କିଶୋର ଯେଉଁମାନେ ଘରୋଇ ହିଂସା ଓ ପ୍ରାଣିହିଂସା ଦେଖିଥାନ୍ତି ସେମାନେ ପ୍ରାଣିହିଂସାରେ ଲିପ୍ତ ହୋଇପଡ଼ନ୍ତି । ପ୍ରାଣିହିଂସାକୁ ପ୍ରତ୍ୟକ୍ଷ କରୁଥିବା ମା'ମାନଙ୍କ ପିଲାଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ପିଲା ପ୍ରତ୍ୟକ୍ଷଭାବେ ପ୍ରାଣୀମାନଙ୍କୁ ନିର୍ଯାତନା ଦେଇଥାନ୍ତି । ଯେଉଁମାନେ ନିୟତ ପ୍ରାଣିହିଂସା ସଂସ୍ପର୍ଶରେ ଆସନ୍ତି ବା ଦେଖନ୍ତି, ସେମାନେ ଏହାକୁ ଖରାପ ବୋଲି ଭାବନ୍ତି ନାହିଁ ।

ଲଣ୍ଡନସ୍ଥିତ କିଙ୍ଗସ୍ କଲେଜ ଓ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଗବେଷକ ଫିଓନା ମ୍ୟାକ୍‌ଇୱିନ ଓ ଅନ୍ୟମାନେ କରିଥିବା ଅନୁଧ୍ୟାନରୁ ଜଣାପଡିଛି ଯେ, ଘରୋଇ ହିଂସା ସଂସ୍ପର୍ଶରେ ଆସୁଥିବା ପିଲାମାନେ ପ୍ରାଣିହିଂସାରେ ବେଶି ଲିପ୍ତ ହୋଇଥାନ୍ତି । ଘରୋଇ ହିଂସା ସଂସ୍ପର୍ଶରେ ଆସୁଥିବା ପ୍ରାୟ ୨୯ରୁ ୩୨ ପ୍ରତିଶତ ପିଲା ପ୍ରାଣିହିଂସାରେ ଲିପ୍ତ ରହିଥିଲେ । ବଳାତ୍କାରୀମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଏବଂ ଶିଶୁ ଯୌନ ନିର୍ଯାତନାକାରୀଙ୍କ ମଧ୍ୟରୁ ୨୫ ପ୍ରତିଶତ ପିଲାଦିନେ ପ୍ରାଣୀମାନଙ୍କୁ ନିର୍ଯାତନା ଦେଉଥିଲେ । ଏହାବ୍ୟତୀତ ଅନ୍ୟସବୁ ଅସାମାଜିକ କାର୍ଯ୍ୟ ଓ ଅପରାଧିକ ହିଂସା ସହ ପ୍ରାଣୀ ନିର୍ଯାତନାର ସମ୍ପର୍କ ରହିଥିବା ବହୁଦିନରୁ ଜଣାପଡ଼ିଛି । ପିଲାମାନଙ୍କ ଶାରୀରିକ, ଆବେଗିକ ଓ ମନସ୍ତାତ୍ତ୍ୱିକ ସ୍ତରରେ ଏହାର ଏକ ଦୀର୍ଘମିଆଦୀ ପ୍ରଭାବ ରହିଛି ।

ପିଲାମାନେ ଯେତେ ପ୍ରକାର ହିଂସା ସଂସ୍ପର୍ଶରେ ଆସନ୍ତୁ ନା କାହିଁକି ତା'ର ପ୍ରଭାବ ରହିଛି ବୋଲି ବିଶ୍ୱାସ କରିବାକୁ ହେବ । ମଣିଷ ରିଙ୍ଗ୍ ମଧ୍ୟରେ ପ୍ରବେଶ କରି ପ୍ରାଣୀମାନଙ୍କୁ ଚାବୁକ ମାଡ଼ ଦେବା, ଗଞ୍ଜା ଓ କୁକୁର ଲଢ଼େଇ କରାଇବା, ଘରେ ବୟସ୍କମାନେ ପୋଷା ପ୍ରାଣୀଙ୍କୁ ଆନୁଗତ୍ୟ ଶିଖାଇବା ନାଁରେ ନିର୍ଯାତନା ଦେବା, ଏପରିକି ଘରେ ପ୍ରାଣୀମାନଙ୍କୁ ମାରି ମାଂସ ଖାଇବା ଆଦିର ପ୍ରଭାବ ପିଲାମାନଙ୍କ ଉପରେ ପଡ଼େ ।

କର୍ଣ୍ଣାଟକ ଉପକୂଳ ଅଞ୍ଚଳରେ ବେଆଇନ ଭାବେ କାମ୍ବଲା ନାମକ ଏକ ମଇଁଷି ଦୌଡ ପ୍ରତିବର୍ଷ ଅନୁଷ୍ଠିତ ହେଉଛି । ହଳ ହଳ ମଇଁଷିଙ୍କୁ ଜୁଆଳିରେ ବାନ୍ଧି ଗଭୀର ପାଣିରେ ଚାବୁକ ମାରି ପହଁରି ପାରିହେବାକୁ ବାଧ୍ୟ କରାଯାଇଥାଏ । ଏହି ଖେଳରେ ଅନେକ ମଇଁଷି ମରିଯାଆନ୍ତି । ମହାରାଷ୍ଟ୍ରରେ ଘୋଡ଼ା ଓ ଗାଇମାନଙ୍କୁ ଏକାଠି ବାନ୍ଧି ସେମାନଙ୍କ ମଳଦ୍ୱାରରେ ଲୁହାଛଡ଼ ପୂରାଇ ଦୌଡାଯାଏ । ଉଭୟେ ଏଥିରେ ମରିଯାଆନ୍ତି । ଏହି କୃଷିଭିତ୍ତିକ ଖେଳକୁ ପିଲାମାନେ ଦେଖନ୍ତି । ଜାଲିକାଟୁରେ ଗୋଟିଏ ଦୃଷ୍ଟିହୀନ, ଭୋକିଲା ଏବଂ ଯନ୍ତ୍ରଣାରେ ପାଗଳ ପ୍ରାୟ ଷଣ୍ଢକୁ ଲୋକ ଗହଳିକୁ ଛାଡିଦିଆଯାଏ । ଯୁବକମାନେ ତାକୁ କାବୁ କରି ଅଟକାଇବାକୁ ଚେଷ୍ଟା କରିଥାଆନ୍ତି । ଏହି ଖେଳରେ ବହୁ ସମୟରେ ଉଭୟ ଷଣ୍ଢ ଓ ମଣିଷଙ୍କ ମୃତ୍ୟୁ ଘଟିଥାଏ । ବିଭିନ୍ନ ପ୍ରକାର ଜାଲିକାଟୁ ମଧ୍ୟରୁ ପାଲାକିୱାଡୁ ଜାଲିକାଟୁରେ କିଶୋରମାନଙ୍କ ବଦଳରେ ପିଲାମାନେ ଭାଗ ନେଇଥାନ୍ତି ।

ସ୍ପେନ୍‌ରେ ଶିକାର ଋତୁରେ ଶିକାରୀମାନେ ୧୦ରୁ ୭୦ଟି ଗାଲ୍‌ଗୋ (ଶିକାରୀ କୁକୁର)ଙ୍କୁ କାର୍ଯ୍ୟରେ ଲଗାନ୍ତି । ଗାଲ୍‌ଗୋମାନଙ୍କୁ ଠେକୁଆ ଶିକାର କରିବାକୁ ବାଧ୍ୟ କରାଯାଏ ଏବଂ ଶିକାର ଋତୁ ଶେଷରେ ଯେଉଁ କୁକୁରମାନେ ଏଥିରେ ଭଲ ପ୍ରଦର୍ଶନ କରିପାରନ୍ତିନି ସେମାନଙ୍କୁ ମାରିଦିଆଯାଏ । ମାଲିକମାନେ ପ୍ରାୟ ୧ ଲକ୍ଷ ଗାଲ୍‌ଗୋଙ୍କୁ ଗଛ ଡାଳରେ ଫାଶୀ ଦେଇ ମାରିଦେଇଥାନ୍ତି । ପିଲାମାନେ ଆଗ୍ରହର ସହ ଏହାକୁ ଦେଖନ୍ତି ଓ ହସନ୍ତି । ପଞ୍ଜାବରେ କୁକୁର ଲଢେଇ ଅନୁଷ୍ଠିତ ହୋଇଥାଏ ଏବଂ ଏଥିରେ ଭାଗ ନେଇଥିବା ପରାଜିତ କୁକୁରଙ୍କୁ ମାଲିକମାନେ ମାରଦିଅନ୍ତି ଓ ଏହି ଖେଳରେ ଭାଗ ନେଇଥିବା ଯୁବକମାନେ ବେଆଇନ ବନ୍ଧୁକ, ନିଶାଦ୍ରବ୍ୟ ଓ ମୃତ କୁକୁରଙ୍କ ସହ ଫଟୋ ଉଠାଇଥାନ୍ତି । ଭାବୁଛନ୍ତି କି ଏହି ପିଲାମାନେ ଶାନ୍ତିପ୍ରିୟ ପୃଥିବୀ ଗଢିପାରିବେ କିମ୍ବା ଏଠାରେ କାହା ପ୍ରତି ସେମାନଙ୍କର ସମ୍ମାନ ରହିବ ? ଯେଉଁପିଲା ପ୍ରାଣୀ ନିର୍ଯାତନାରେ ଜଡ଼ିତ ଥାନ୍ତି ସେମାନେ ସମାଜ, ସ୍କୁଲ୍ ଏବଂ ପରିବାରରେ ନିର୍ଯାତନା ଦେଇଥାନ୍ତି ଓ ଘରୋଇ ହିଂସାରେ ଜଡିତ ରୁହନ୍ତି ।

ମାର୍ଚ୍ଚରେ ଭିଏତ୍‌ନାମରେ ଅନୁଷ୍ଠିତ ହାତୀ ଦୌଡ଼ରେ ହାତୀମାନଙ୍କ ଉପରେ ପିଲାମାନେ ବସି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ସେମାନଙ୍କୁ ନିଷ୍ଠୁର ଭାବେ ଚାବୁକ ମାରିଥାନ୍ତି । ସ୍ଥାନୀୟ ବାସିନ୍ଦା ଏହାକୁ ଏକ ଉତ୍ସବ ବୋଲି କୁହନ୍ତି । ପ୍ରାଣୀ ନିର୍ଯାତନା କେବଳ ରକ୍ତାକ୍ତ ଖେଳ ମଧ୍ୟରେ ସୀମିତ ନୁହେଁ, ଏହା ମଧ୍ୟ ପ୍ରାଣୀ ହତ୍ୟାରେ ରହିଛି । ଭାରତରେ ଅନେକ କଂସେଇଖାନାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୪ ଓ ୫ ବର୍ଷ ବୟସର ପିଲାମାନେ ବହୁ ସଂଖ୍ୟାରେ ମଇଁଷି ଓ ଛେଳିଙ୍କୁ ଛୁରି ଭୁସି ମାରିବା ମୁଁ ଦେଖିଛି । ଲୋକମାନେ କଂସେଇଖାନା ଚାରିପାଖରେ ଠିଆହୋଇ ସେମାନଙ୍କ ପିଲାମାନେ ପ୍ରାଣୀମାନଙ୍କୁ ମାରିବା ଯାଏ ଛୁରି ଭୁସିବା ଦୃଶ୍ୟକୁ ଦେଖି ହସିଥାନ୍ତି । ସେମାନଙ୍କ ଅଭିଭାବକ ଭୟାତୁର ପ୍ରାଣୀକୁ ଧରିଥିବାବେଳେ ପିଲାମାନଙ୍କୁ ତା' ଗଳାରେ ବ୍ଲେଡ୍ ଚଳାଇବା ଶିକ୍ଷା ଦିଆଯାଏ । ଏହି ଗୋଷ୍ଠୀ ଦ୍ୱାରା ଏଭଳି ଅସମ୍ବେଦନଶୀଳ କାର୍ଯ୍ୟର ହିଂସକ ବିଶ୍ୱାସକୁ ବିଶ୍ୱ ସହ ଯୋଡିବା ସମ୍ଭବ କି ? ମୁଁ ଯେତେବେଳେ କଂସେଇଖାନାର ବୟସ୍କମାନଙ୍କୁ ପଚାରିଲି କାହିଁକି ପିଲାମାନଙ୍କୁ ପ୍ରାଣୀ ହତ୍ୟା କାର୍ଯ୍ୟରେ ଲଗାଉଛ, ସେତେବେଳେ ସେମାନେ କହିଥିଲେ, ଯଦି ଏହି ବୟସରେ ପିଲାମାନଙ୍କୁ ଏ କାମ ନ ଶିଖାଇବୁ ତେବେ ସେମାନେ ବଡ଼ ହେଲେ ଏହା କରିବା ପାଇଁ ମନା କରିଦେଇପାରନ୍ତି ।

ଆମେରିକାରେ କେଉଁ ଅଞ୍ଚଳ ସବୁଠୁ ବେଶି ହିଂସକ ଓ ଅସୁରକ୍ଷିତ ତାହା ଜାଣିବା ଲାଗି କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଥିଲା ଯେ, ଏହି ଅଞ୍ଚଳଗୁଡିକ କଂସେଇଖାନା ଚାରିପାଖର କିଛି କିଲୋମିଟର ମଧ୍ୟରେ ରହିଥିଲା । ଭାରତରେ ଏକ ସର୍ଭେରୁ ଜଣାପଡିଥିଲା ଯେ, କଂସେଇଖାନାର ସହର ରାମପୁରରେ ସବୁଠୁ କମ୍ ଲୋକ ରହୁଛନ୍ତି, ଯେଉଁମାନେ ସବୁଠୁ ବେଶି ଅପରାଧୀ । ଜଣାପଡିଛି, କିଶୋରାବସ୍ଥାରେ ଯେଉଁମାନେ ପ୍ରାଣୀ ହତ୍ୟା କରି ଆସିଛନ୍ତି ସେମାନେ ଯୁବାବସ୍ଥାରେ ଅପରାଧୀ ସାଜୁଛନ୍ତି ।

Email: gandhim@nic.in

## ଓଡ଼ିଶାର ଦୁଇ ବୀରସନ୍ତାନ

ବିମଳ ପ୍ରସନ୍ନ ଦାସ

ଆଜି ଜାନୁୟାରୀ ୨୩ ତାରିଖ, ଜାତୀୟ ମୁକ୍ତି ସଂଗ୍ରାମର ଦୁଇ ମହାନ୍ ଯୋଦ୍ଧା ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନ । ଓଡ଼ିଶା ମାଟିର ଏହି ଦୁଇ ବୀର ସନ୍ତାନଙ୍କ କର୍ମମୟ ଜୀବନ ଭିତରେ ପାଖାପାଖି ଶହେ ବର୍ଷର ବ୍ୟବଧାନ ଥିଲେ ମଧ୍ୟ ଦୁହିଁଙ୍କ ଜୀବନର ଗୋଟିଏ ମାତ୍ର ଲକ୍ଷ୍ୟ ଓ ବିଶ୍ୱାସ ଥିଲା ସଶସ୍ତ୍ର ସଂଗ୍ରାମ ଜରିଆରେ ଦେଶକୁ ସ୍ୱାଧୀନ କରିବା । ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ୧୮୦୯ ଜାନୁୟାରୀ ୨୩ ତାରିଖ ସମ୍ବଲପୁର ଖିଣ୍ଡା ଗ୍ରାମରେ । ମାତ୍ର ୧୮ ବର୍ଷ ବୟସରେ ସଶସ୍ତ୍ର ସଂଗ୍ରାମ କରିଥିଲେ । ହଜାରିବାଗ ଓ ଅସୁରଗଡ଼ ଜେଲରେ ୩୭ ବର୍ଷ କାରାଜୀବନ କଟାଇ ୧୮୮୪ ଫେବୃୟାରୀ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଥିଲା । ସେହିପରି ସୁଭାଷଙ୍କର ଜନ୍ମ ୧୮୯୭ ଜାନୁୟାରୀ ୨୩ କଟକ ଓଡ଼ିଆ ବଜାରରେ । ବଙ୍ଗ–ବିହାର–ଓଡ଼ିଶା ମିଳିତ ମାଟ୍ରିକ ପରୀକ୍ଷାରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୧୯୨୦ରେ ଆଇସିଏସ୍ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କଲେ । ଏଥିପାଇଁ ଲଣ୍ଡନ ଯାଇଥିଲେ । ମାତ୍ର ଶ୍ରୀଅରବିନ୍ଦଙ୍କ ସଦୃଶ ସ୍ୱଦେଶବତ୍ସଳ ଓ ଜାତିପ୍ରାଣ ସୁଭାଷଙ୍କୁ ଉଚ୍ଚ ପଦବୀ ଓ ସରକାରୀ ଚାକିରିର ମୋହ ବାନ୍ଧିରଖି ପାରିଲା ନାହିଁ । ୧୯୨୦ରେ ଜାତୀୟ କଂଗ୍ରେସରେ ଯୋଗ ଦେଲେ । ୧୯୩୮ ଓ ୧୯୩୯ରେ ଜାତୀୟ କଂଗ୍ରେସର ସଭାପତି ପଦ ମଣ୍ଡନ କଲେ । ୧୯୪୧ରେ ମାତୃଭୂମି ପରିତ୍ୟାଗ କରି ବିଦେଶରେ ଆଜାଦ ହିନ୍ଦ୍ ଫୌଜ ଗଠନ କଲେ । ତାଙ୍କର ଆହ୍ୱାନ ଥିଲା 'ଦିଲ୍ଲୀ ଚଲୋ' । ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଜାତୀୟତାବାଦୀ ବୀର । ଇଂରେଜମାନଙ୍କୁ ଦେଶରୁ ତଡିବାକୁ ହେଲେ ରକ୍ତାକ୍ତ ସଂଗ୍ରାମ ଅପରିହାର୍ଯ୍ୟ– ଏହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ସେଥିପାଇଁ ଦୃପ୍ତକଣ୍ଠରେ ଆହ୍ୱାନ କରିଥିଲେ, "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" କାର୍ଯ୍ୟଦକ୍ଷତା, ତ୍ୟାଗ ଓ ନିଷ୍ଠା ଯୋଗୁ ଜଣେ ଆଗଧାଡିର ଜାତୀୟ ନେତା ଭାବେ ତାଙ୍କର ସୁଖ୍ୟାତି ଥିଲା । ପିତା ଜାନକୀ ନାଥ ବୋଷ ଥିଲେ କଟକର ଜଣେ ବିଶିଷ୍ଟ ଓକିଲ ।

ବିଦେଶୀ ସରକାର ବିରୋଧରେ ସଂଗ୍ରାମ ନିମନ୍ତେ ସେ ଫରୱାର୍ଡ ବ୍ଲକ ଗଠନ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଥିବା ବେଳେ ୧୯୪୧ ଜାନୁୟାରୀ ୧୬ ତାରିଖ ନିଶାର୍ଦ୍ଧରେ ଛଦ୍ମବେଶରେ ଭାରତରୁ ଆଫଗାନିସ୍ତାନ ଚାଲିଯାଇଥିଲେ । ସେଠାରୁ ସେ ଆଜାଦ ହିନ୍ଦ୍ ଫୌଜ ଗଠନ କରିଥିଲେ । ତା' ପରେ ସେ ଫୌଜୀମାନଙ୍କୁ ଦିଲ୍ଲୀ ଚଲୋ ଡାକରା ଦେଇ ଭାରତ ଅଭିମୁଖେ ବ୍ରିଟିଶ ସରକାର ବିରୋଧରେ ଯୁଦ୍ଧଯାତ୍ରା କରିଥିଲେ । ଏହି ସେନା ସାହାଯ୍ୟରେ ନେତାଜୀ ଇମ୍ଫାଲ ଓ କୋହିମା ଦଖଲ କରି ତ୍ରିରଙ୍ଗା ପତାକା ଉଡ଼ାଇ ଭାରତର ସ୍ୱାଧୀନତା ଘୋଷଣା କରିଥିଲେ ।

ଦୁର୍ଭାଗ୍ୟକୁ ସେହି ସମୟରେ ଇଂରେଜମାନଙ୍କ ଦ୍ୱାରା ପରାଜିତ ହେବାରୁ ଦୁଇପକ୍ଷ ମଧ୍ୟରେ ସନ୍ଧି ସ୍ଥାପନ ହେଲା । ଫଳରେ ନେତାଜୀଙ୍କୁ ଜାପାନୀମାନଙ୍କଠାରୁ କୌଣସି ସାହାଯ୍ୟ ମିଳିଲା ନାହିଁ । ୧୯୪୫ ଅଗଷ୍ଟ ୧୮ ତାରିଖରେ ଟୋକିଓ ଅଭିମୁଖେ ଯାତ୍ରା କରୁଥିବା ବେଳେ ଯାହା ଘଟିଥିଲା ତାହା ଏବେ ବି ରହସ୍ୟାବୃତ୍ତ । ବାସ୍ତବରେ ଜାତୀୟ ସଂଗ୍ରାମ ଦିଗ୍‌ବଳୟରେ ନେତାଜୀ ଏକ ଉଲ୍‌କା ପିଣ୍ଡ ସଦୃଶ, ଯାହାର ଜ୍ୟୋତିର୍ମୟ ଅନିର୍ବାଣ ଶିଖା ଆଜିର ଯୁବମାନସକୁ ଉଦ୍‌ବେଳିତ କରୁ ।

ଅନୁରୂପ ଭାବେ ଉତ୍କଳମାତାର ଅନ୍ୟତମ ବୀରପୁତ୍ର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ । ସମ୍ବଲପୁର ମାଟିର ଯୋଗ୍ୟତମ ସନ୍ତାନ, ମୁକ୍ତି ସଂଗ୍ରାମର ମନ୍ତ୍ରଦାତା ଭାବେ ସେ ଚିରସ୍ମରଣୀୟ । ବିଦେଶୀ କବଳରୁ ମା' ମାଟିକୁ ଛଡ଼ାଇ ଆଣିବା ପାଇଁ ସୁରେନ୍ଦ୍ରଙ୍କ ଗଣବିପ୍ଳବ ଓ ଦୁର୍ଦ୍ଧର୍ଷ ସଂଗ୍ରାମୀ ଜୀବନ ଅଭୂତପୂର୍ବ ଥିଲା । ମା' ସମଲେଶ୍ୱରୀଙ୍କ ଚରଣାଶ୍ରିତ ହୋଇ ବିଶାଳ ଇଂରେଜ ସାମ୍ରାଜ୍ୟ ବିରୋଧରେ ଖଡ୍‌ଗ ଉତ୍ତୋଳନ କରି ସେ ରଣାଙ୍ଗନକୁ ଓହ୍ଲାଇଥିଲେ । ତାଙ୍କ ଅସ୍ତ୍ରଗୁରୁ ଥିଲେ ବଳରାମ ସିଂହ । ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ନିଜକୁ ଅସ୍ତ୍ର ଚାଳନାରେ ଦକ୍ଷ କରିଥିଲେ । ସେତେବେଳେ ସମ୍ବଲପୁରର ମହାରାଣୀ ଥିଲେ ମୋହନ କୁମାରୀ । ରାଜଗାଦି ଉପରେ ଇଂରେଜମାନଙ୍କର ଲୋଲୁପ ଦୃଷ୍ଟି ପଡିଥିଲା । କିନ୍ତୁ ଇଂରେଜମାନଙ୍କ କପଟ ପ୍ରରୋଚନାରେ ରାଣୀ ମୋହନ କୁମାରୀ ପ୍ରଜାଶୋଷଣ ଚଳାଇବାରୁ ପ୍ରଜାଙ୍କ ମଧ୍ୟରେ ବିପ୍ଳବର ସୂତ୍ରପାତ ହେଲା । ସ୍ଥାନୀୟ ଅଧିବାସୀଙ୍କ ସମର୍ଥନରେ ଇଂରେଜ ଶାସନ ବିରୋଧରେ ପ୍ରକାଶ୍ୟ ବିପ୍ଳବ ପାଇଁ ବୀର ସୁରେନ୍ଦ୍ର ସାଏ ଅସ୍ତ୍ର ଉତ୍ତୋଳନ କରିଥିଲେ । ଏଥିରେ ସହଯୋଗ କରିଥିଲେ ସୁରେନ୍ଦ୍ରଙ୍କ ଅନ୍ୟ ପାଞ୍ଚଭାଇ ଉଦନ୍ତ, ଧ୍ରୁବ, ଯୁଗଳ, ଉଜ୍ଜ୍ୱଳ ଓ ମେଦିନୀ ସାଏ । ଲଖନପୁର, ଘେଁଷ, ଭେଡେନ, ଖରସଲ, କୋଲାବିରା, ପାହାଡଶ୍ରୀରିଡା, ଲୋଇସିଂହା ଆଦି ଅଞ୍ଚଳର ଜମିଦାରମାନଙ୍କ ସମର୍ଥନ ସୁରେନ୍ଦ୍ରଙ୍କୁ ମିଳିଥିଲା । ତାଙ୍କ ନେତୃତ୍ୱରେ ବିପ୍ଳବୀମାନେ ଝଡଘାଟି, ଗଡଘାଟି, କୁଦୋପଲି, ଡେବ୍ରିଗଡ, ସଂଘୋଡାଘାଟି ଆଦି ପାହାଡିଆ ଇଲାକାରେ ରହି ଇଂରେଜମାନଙ୍କ ରଣକୌଶଳକୁ ଭଣ୍ଡୁର କରିଦେଇଥିଲେ । ସୁରେନ୍ଦ୍ରଙ୍କ ସହିତ ସମ୍ମୁଖ ସଂଗ୍ରାମକୁ ଭୟ କରି ଇଂରେଜମାନେ ଶେଷରେ ଷଡ଼ଯନ୍ତ୍ର କରି ତାଙ୍କୁ କୌଶଳକ୍ରମେ ଧରିଥିଲେ । ସଂଗ୍ରାମୀ ଜୀବନର ଦୀର୍ଘ ୩୭ ବର୍ଷ ସେ କାରାଜୀବନ ଯାପନ କରିଥିଲେ । ଓଡ଼ିଶା ମାଟିର ଦୁଇ ବୀର ସନ୍ତାନଙ୍କ ସାହସ, ବୀରତ୍ୱ ଓ ଆତ୍ମବଳିର ଗାଥା ଅତୁଳନୀୟ ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ମାନବ ସେବା ହିଁ ଈଶ୍ୱର ସେବା । ଏହା ଉପଲବ୍ଧି କରିଛନ୍ତି ଲଦାଖର ଜଣେ ବୌଦ୍ଧ ସନ୍ନ୍ୟାସୀ ଲୋବଜାଙ୍ଗ ଜୋଟ୍‌ପା । ସେ ସେନାର ଅଦରକାରୀ ପାରାଶୁଟ୍ ବ୍ୟବହାର କରି ଆରମ୍ଭ କରିଥିବା ଇଂଲିଶ ମାଧ୍ୟମ ସ୍କୁଲରେ ଏଯାବତ୍ ହଜାର ହଜାର ପିଲାଙ୍କ ଜୀବନ ଗଢିଛନ୍ତି । ଜୋଟ୍‌ପା ପ୍ରଥମେ ଲେହର ଲାମଡନ୍ ମଡେଲ ସିନିୟର ସେକେଣ୍ଡାରୀ ସ୍କୁଲ୍‌ରେ ଶିକ୍ଷକ ଥିଲେ । ସେଠାରୁ ଲଦାଖର ନୁବ୍ରା ଉପତ୍ୟକାକୁ ଫେରିବା ପରେ ୧୯୮୩ରେ ଦୀକ୍ଷିତ ଗାଁରେ ପ୍ରଥମ ଇଂଲିଶ ମାଧ୍ୟମ ସ୍କୁଲ୍ ଆରମ୍ଭ କରିଥିଲେ । ଏହାର ନାମ ରଖିଥିଲେ ଲାମଡନ ମଡେଲ ସ୍କୁଲ । ସେ ଲାମଡନ୍ ୱେଲ୍‌ଫେୟାର ସୋସାଇଟି ପକ୍ଷରୁ ଏହାକୁ ଆରମ୍ଭ କରିଥିଲେ । ସ୍କୁଲ ଆରମ୍ଭ ହେବାବେଳେ ୯ ଜଣ ପିଲା ଥିଲେ । ଏହାକୁ ଚଳାଇବା ଲାଗି କୌଣସି ଫଣ୍ଡ୍ ମଧ୍ୟ ନ ଥିଲା । ଦୀକ୍ଷିତର ବାସିନ୍ଦାମାନେ ସ୍କୁଲକୁ ୧ ଏକର ଜମି ଦେଇଥିଲେ । ଏହାସହ ୧୦ରୁ ୫୦ ଟଙ୍କା ଯାଏ ଦାନ କରିଥିଲେ । ଘର ତିଆରି କରିବା ପାଇଁ କାଠ, ପଥର ଏବଂ ବାଲି ବି ଯୋଗାଇଦେଇଥିଲେ । ପରେ ସ୍ଥାନୀୟ ପବ୍ଲିକ ୱାର୍କ ଡିପାର୍ଟମେଣ୍ଟ ଓ ସେଠାକାର ସେନା ପକ୍ଷରୁ ସାହାଯ୍ୟ ମିଳିଥିଲା । ସ୍କୁଲ ଘର ନିର୍ମାଣ ହେବା ପୂର୍ବରୁ ଦୀକ୍ଷିତ ରାଜପରିବାର ଅଧୀନରେ କବାଟ କି ଝରକା ନ ଥିବା ଦୁଇଟି ପୁରୁଣା ଭଡ଼ାଘରେ ସ୍କୁଲ ଚାଲିଥିଲା । ଥଣ୍ଡାରୁ ରକ୍ଷାପାଇବା ଲାଗି ସେନାର ଅଦରକାରୀ ପାରାଶୁଟ୍‌ରେ ଏହି ଘରକୁ ଘୋଡାଇ ରଖାଯାଉଥିଲା । ଏବେ ଲାମଡନ ମଡେଲ ସ୍କୁଲରେ ୩୦୦ ପିଲା ପଢୁଛନ୍ତି । ଗୋଟିଏ ହଲ୍ ଓ ହଷ୍ଟେଲ ବି ରହିଛି । ହଷ୍ଟେଲରେ ରହୁଛନ୍ତି ୭୦ ପିଲା । ଲଦାଖରେ ପ୍ରଥମେ ପହଞ୍ଚିଥିବା ଫ୍ରାନ୍ସ, ଜର୍ମାନୀ ଓ ବେଲଜିୟମ୍‌ର ଟୁରିଷ୍ଟମାନେ ଏବେ ଏହି ସ୍କୁଲକୁ ଅନୁଦାନ ଦେଉଛନ୍ତି । ୪୦ ବର୍ଷ ମଧ୍ୟରେ ତାଙ୍କ ସ୍କୁଲରୁ ୫ ହଜାରରୁ ଊର୍ଦ୍ଧ୍ୱ ପିଲା ପାସ୍ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି ।

## ଚିରନ୍ତନୀ

କି ଗୀତ ତୋ ଆଗେ ଗାଇବି କହରେ
ଶିମୁଳିପାଳ !
ରକତ ମୋହର ବରଫ, ହାଡ଼ ଯେ
ହୋଇଛି ପାଣି ।
କଣ୍ଠେ ଶୁଖିଛି ରସନା ବାସନା
ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ
ପତାଇ ଥାଳ ।
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | | 9 | 1 | | | | | | | | |
| | | 0 | | | | | 8 | | | | E | 5 | 6 | |
| 2 | | 3 | | 5 | | | | 7 | | | C | 0 | | |
| 1 | | | | | | 3 | 6 | | 2 | | | | E | |
| E | | | | | | | | 9 | | B | 6 | 1 | | C |
| | | | | D | 3 | 8 | | 1 | | | 2 | C | 4 | |
| | | | | | 8 | D | 5 | E | 7 | 1 | | | | |
| | | | | 2 | B | | | 3 | | | 8 | | 9 | 1 |
| 4 | | | | 9 | | | C | | 6 | 0 | | 2 | | |
| D | | | | | | | 4 | | | 5 | | 6 | | 7 |
| | | 9 | 3 | | | | 1 | | B | 6 | | 8 | 2 | |
| | | B | | | 7 | E | | 2 | | | | | 3 | |
| | | A | 6 | | | | | | 0 | E | | | | D |
| | | | | C | | 5 | | | | | | B | | E |
| | | 7 | | 1 | | | A | C | | | 3 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | 4 | 6 | C | D | B | A | E | 5 | 9 | 1 | 3 | 8 | 7 |
| B | 9 | D | 8 | 4 | A | 5 | 3 | 0 | 2 | 7 | C | 6 | 1 | E |
| E | 5 | 8 | 0 | 1 | 7 | C | 4 | 9 | B | 3 | 6 | D | A | 2 |
| A | 1 | 3 | E | 5 | B | 7 | 6 | 2 | D | 0 | 8 | 9 | 4 | C |
| 7 | 6 | C | 9 | 2 | 3 | D | 1 | 8 | E | A | 4 | 5 | 0 | B |
| 4 | A | 7 | 1 | 3 | E | 0 | D | 5 | 9 | 8 | B | C | 2 | 6 |
| 9 | 3 | B | 2 | A | 8 | 4 | E | C | 7 | 6 | 0 | 1 | D | 5 |
| 0 | C | 2 | 4 | 9 | 6 | 8 | B | 1 | 3 | D | 5 | 7 | E | A |
| 6 | D | 1 | 5 | 7 | C | A | 9 | 3 | 4 | E | 2 | 0 | B | 8 |
| 5 | 8 | E | D | B | 0 | 2 | 7 | 6 | 1 | C | A | 4 | 3 | 9 |
| 1 | 7 | A | 3 | E | 9 | 6 | 8 | 4 | C | B | D | 2 | 5 | 0 |
| 8 | 2 | 9 | C | D | 4 | 1 | 0 | A | 6 | 5 | E | B | 7 | 3 |
| D | E | 0 | B | 6 | 5 | 9 | 2 | 7 | A | 4 | 3 | 8 | C | 1 |
| 3 | B | 5 | 7 | 8 | 1 | E | C | D | 0 | 2 | 9 | A | 6 | 4 |
| C | 4 | 6 | A | 0 | 2 | 3 | 5 | B | 8 | 1 | 7 | E | 9 | D |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଲୋକଙ୍କ ଦାୟିତ୍ୱ

ବିଚିତ୍ର ବିଶ୍ୱାଳ

ଏକ ଗଣତାନ୍ତ୍ରିକ ରାଷ୍ଟ୍ର ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ ହେଉଛି, ତାହାର ଗଣତନ୍ତ୍ରକୁ ବଞ୍ଚେଇ ରଖିବା । ନେତାଜୀ ସୁଭାଷ ବୋଷ କହୁଥିଲେ, ସ୍ୱାଧୀନତା ପାଇବା ସହଜ, କିନ୍ତୁ ଏହାକୁ ଧରି ରଖିବା କଷ୍ଟକର । ଠିକ୍ ସେହିପରି ଗଣତାନ୍ତ୍ରିକ ରାଷ୍ଟ୍ର ଘୋଷଣା କରିବା ଓ ଏଥିପାଇଁ ବିଶ୍ୱ ଦରବାରରେ ବାହାବା ନେବା ସହଜ, କିନ୍ତୁ ଏହାକୁ ବଞ୍ଚେଇ ରଖିବା ଓ ଧୀରେ ଧୀରେ ପରିପକ୍ୱତାର ସହିତ ଆଗକୁ ବଢ଼ିବା ବାସ୍ତବିକ କଷ୍ଟସାଧ୍ୟ । ଏକସ୍ତରିତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ଆହ୍ୱାନ ଆମ ସମ୍ମୁଖରେ ଉଭା ହୋଇଛି ।

ସାଧାରଣତନ୍ତ୍ରରେ ସବୁଠୁ ଅଧିକ ଦାୟିତ୍ୱ ଓ କର୍ତ୍ତବ୍ୟ ଥାଏ ସେ ଦେଶର ଜନସାଧାରଣଙ୍କର । ଜନସାଧାରଣ ହିଁ ସାଧାରଣତନ୍ତ୍ରକୁ ବଞ୍ଚେଇ ରଖି ଠିକ୍ ଦିଗରେ ନେଇପାରିବେ । କାରଣ ନେତାମାନେ ତ ସବୁବେଳେ ଲୋକଙ୍କଠାରୁ କ୍ଷମତା ଓ ନିଷ୍ପତ୍ତି ନେବାର ଅଧିକାର ଛଡ଼େଇ ନେବା ପାଇଁ ଚାହାନ୍ତି । କିନ୍ତୁ ଜନତା ଯଦି ସାଧାରଣତନ୍ତ୍ରର ମହତ୍ତ୍ୱକୁ ବୁଝି ତା' ସପକ୍ଷରେ ସ୍ୱର ଉତ୍ତୋଳନ କରି ନିଜ ଅଧିକାରକୁ ନିଜେ ଜାହିର କରିବା ପାଇଁ ନ ଚାହିଁବେ, ତା'ହେଲେ ସାଧାରଣତନ୍ତ୍ର କେବଳ ନାଁକୁ ମାତ୍ର ରହିବ । ତା' ଆଢ଼ୁଆଳରେ ଏକ ଛଦ୍ମ ଏକଚ୍ଛତ୍ରବାଦ ମୁଣ୍ଡ ଟେକିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ।

ଆମ ନିଜର ବ୍ୟକ୍ତିତ୍ୱ ଓ ସମାଜର ବିକାଶ ଦିଗରେ ଆମ ସାଧାରଣତନ୍ତ୍ରର ଅନେକ ଅବଦାନ ଅଛି । ଯଦି ଆମେ ଏକଚ୍ଛତ୍ରବାଦୀ ବା ସାମନ୍ତବାଦୀ ଶାସନରେ ଥାଆନ୍ତେ, ତେବେ ଦେଶ ଭାବେ ଆଜି ଆମେ ଯେତିକି ଆଗକୁ ବଢ଼ିଛେ ବା ନିଜ ବ୍ୟକ୍ତିଗତ ସ୍ତରରେ ଆମେ ଯେତିକି ଉନ୍ନତି କରିଛେ, କଦାପି ବି ସେତିକି କରିପାରି ନ ଥାନ୍ତେ । ଆଜି ଆମ ସାମାଜିକ ଜୀବନ ଯେତିକି ବି ଜୀବନ୍ତ ତଥା ଚଳମାନ ଅଛି, ତାହାର କେତେକ କାରଣ ମଧ୍ୟରୁ ଆମ ସାଧାରଣତନ୍ତ୍ର ଗୋଟିଏ । ଆମେ ଆଜି ସ୍ୱାଧୀନ ଭାବେ ମତବ୍ୟକ୍ତ କରିପାରୁଛେ, ନିଜେ ନିଜର ସରକାର ତିଆରି କରୁଛେ, ଆଇନ ନିର୍ମାଣରେ ବି ମତବ୍ୟକ୍ତ କରିପାରୁଛେ, ସେଥିପାଇଁ ଆମ ସାଧାରଣତନ୍ତ୍ର ବ୍ୟବସ୍ଥା ହିଁ ଦାୟୀ । ସୂଚନା ଅଧିକାର ଆଇନ, ଶିକ୍ଷା ଅଧିକାର ଆଇନ ଓ ଏମ୍‌ଜିଏନ୍‌ଆର୍‌ଇଜିଏ ଆଦି ଅନେକ ଲୋକାଭିମୁଖୀ ଆଇନ ପାର୍ଲାମେଣ୍ଟରେ ପାସ୍ ହେବା ପୂର୍ବରୁ ପ୍ରଥମେ ଲୋକମାନଙ୍କ ଦ୍ୱାରା ଦାବି ଉଠିଥିଲା । ଏଥିପାଇଁ ଅନେକ ଲୋକ ଦୀର୍ଘଦିନ ହେବ ସଂଗ୍ରାମ କରିଥିଲେ । ଫଳ ସ୍ୱରୂପ ଏହିସବୁ ଆଇନ ଆଜି ବଳବତ୍ତର ଅଛି ଓ ଏହାର ସୁବିଧା ଲୋକମାନେ ପାଉଛନ୍ତି । ଏହା ସମ୍ଭବ ହୋଇଛି କେବଳ ଆମ ସାଧାରଣତନ୍ତ୍ର ପାଇଁ । ଆଜି ସାରା ଦେଶରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଜୋରଦାର ଜନଆନ୍ଦୋଳନ ଜାରି ରହିଛି । ଅନେକ କ୍ଷେତ୍ରରେ ସରକାର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମନୋଭାବ ନେଇ ଆନ୍ଦୋଳନକୁ ଅସତ୍ ଉପାୟରେ ଦମନ ବି କରିବାକୁ ଚେଷ୍ଟା କରୁଛନ୍ତି । ପୋଲିସ୍‌ବାହିନୀ ଓ ଗୁଣ୍ଡାଙ୍କ ସହଯୋଗ ବି ନିଆଯାଉଛି । ତଥାପି ସାରା ଦେଶରେ ଆନ୍ଦୋଳନର ଯେଉଁ ସ୍ୱର ଉଠିଛି, ତାହା କ'ଣ ବିନା ସାଧାରଣତନ୍ତ୍ରରେ ସମ୍ଭବ ହୋଇପାରିଥାନ୍ତା ? ଆମେ ବିଶ୍ୱର ଏକାଧିକ ଏକଚ୍ଛତ୍ରବାଦ ତଥା ଫାସିବାଦୀ ରାଷ୍ଟ୍ର ଦେଖିଛେ, ଯେଉଁଠି ଶାସନତନ୍ତ୍ର ବିରୋଧରେ ପ୍ରତିବାଦ ଅର୍ଥ ମୃତ୍ୟୁ । ଯଦିଓ ଆମ ସାଧାରଣତନ୍ତ୍ରର ମର୍ଯ୍ୟାଦା ଧୀରେ ଧୀରେ ହାନି ହେଉଛି, କିନ୍ତୁ ଏହା ଭୁଶୁଡ଼ି ପଡ଼ିବା ଭଳି ପରିସ୍ଥିତି ପହଞ୍ଚିନି କି ନିକଟ ଭବିଷ୍ୟତରେ ପହଞ୍ଚିବ ନାହିଁ । କାରଣ ଆମ ସାଧାରଣତନ୍ତ୍ର ଆମକୁ ସେତିକି ଶକ୍ତିଶାଳୀ କରିଛି, ଯେମିତି କି ତା' ଉପରକୁ ବିପଦ ଆସିଲେ ଆମେ ମେଳିବାନ୍ଧି ତାକୁ ଉଦ୍ଧାର କରିପାରିବା ।

ଆଜି ଆମ ସାଧାରଣତନ୍ତ୍ରକୁ ରକ୍ଷାକରିବାର ଆହ୍ୱାନ ଆମ ଦରଜା ପାଖରେ । ଏଥିପାଇଁ ସାଧାରଣ ଲୋକମାନଙ୍କୁ ଆଗକୁ ଆସିବାକୁ ହେବ । ଆମ ସାଧାରଣତନ୍ତ୍ର ଧୀରେ ଧୀରେ ଯେତେ ପରିପକ୍ୱ ହେଉଛି, ସେହି ହିସାବରେ ଏହାକୁ ହରଣ କରିବା ପାଇଁ ବି କିଛି ଗୋଷ୍ଠୀ ଚତୁରତାର ସହିତ ଲାଗିପଡ଼ିଛନ୍ତି । ଏ ସମୟରେ କେବଳ ସାଧାରଣତନ୍ତ୍ର ଦିବସ ପାଳନ କରି କାମ ସାରିଦେଲେ ଚଳିବ ନାହିଁ । ଆମକୁ ଅତ୍ୟନ୍ତ ସତର୍କତାର ସହିତ ଶାନ୍ତିପୂର୍ଣ୍ଣ ସଂଘର୍ଷ ପୂର୍ବକ ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରିବାକୁ ହେବ । ସଂପ୍ରତି ଆମ ଦେଶରେ ନିର୍ବାଚନ ଧୀରେ ଧୀରେ ପଇସାବାଲାଙ୍କ ଖେଳରେ ପରିଣତ ହେଲାଣି । ଲୋକଙ୍କୁ ବିଭିନ୍ନ ଉପାୟରେ ବଶ କରି ଟଙ୍କା ଲୋଭରେ ହେଉ ବା ପ୍ରଚାରରେ ଅଥୟ କରି ବା ମିଛ ଖବର ପ୍ରସାରିତ କରି ଲୋକଙ୍କ ଭୋଟ୍‌କୁ କରାୟତ୍ତ କରାଯାଉଛି । ଧୀରେ ଧୀରେ ଲୋକମାନେ ନିର୍ବାଚନର ମହତ୍ତ୍ୱକୁ ଅତି ସାଧାରଣ ଭାବେ ଗ୍ରହଣ କଲେଣି । ସେହିପରି ରାଜନୈତିକ ଦଳ ଓ ନେତାମାନେ ବି ଭାବିଲେଣି ଯେ, ଲୋକଙ୍କୁ ଯେନତେନ ପ୍ରକାରେ ପରିଚାଳନା କରି ତାଙ୍କ ଭୋଟ୍ ହାତେଇ ହେବ । ଏହା ଗଣତନ୍ତ୍ର ପ୍ରତି ବିପଦ । ଏତଦ୍‌ବ୍ୟତୀତ ଆମେ ଦେଖୁଛେ ଯେ, ନିର୍ବାଚିତ ପ୍ରତିନିଧିମାନେ କିପରି ଦିନ ଦିପହରେ କିଣାବିକା ହେଉଛନ୍ତି ! କର୍ଣ୍ଣାଟକ, ହରିୟାଣା, ମହାରାଷ୍ଟ୍ର ପରି ରାଜ୍ୟରେ ଏହି କିଣାବିକା ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲିଲା । ଟଙ୍କା ଓ କ୍ଷମତା ଲୋଭ ଦେଖାଇ କେଉଁଠି ସରକାର ଭଙ୍ଗାଯାଉଛି ତ କେଉଁଠି ସରକାର ଗଢ଼ାଯାଉଛି । ତା'ହେଲେ ସାଧାରଣ ଲୋକମାନଙ୍କର ଭୋଟ୍‌ର ମୂଲ୍ୟ ରହିଲା କେଉଁଠି ? ଏସବୁ ପ୍ରକ୍ରିୟାରେ ସବୁଠୁ ଅଧିକ ଲାଞ୍ଛିତ ହେଉଛି ଆମ ସାଧାରଣତନ୍ତ୍ର । ଗୋଟିଏ ଗଣତାନ୍ତ୍ରିକ ଦେଶରେ ଲୋକମାନଙ୍କର ମତ ହିଁ ସବୁଠାରୁ ଅଧିକ ଗୁରୁତ୍ୱ ପାଇବା କଥା । କିନ୍ତୁ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଆମେ ଦେଖୁଛେ । ହଜାର ହଜାର ଲୋକ ନିଜ ଭିଟାମାଟି ଓ ଜୀବନ ଜୀବିକା ଛାଡ଼ିବାକୁ ରାଜି ନ ହୋଇ ଆନ୍ଦୋଳନକୁ ଓହ୍ଲାଉଥିଲେ ବି ସରକାର ଜବରଦସ୍ତ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଓ ମିଛ ବିକାଶର ନାଁରେ ଲୋକମାନଙ୍କୁ ବିସ୍ଥାପିତ କରି ତାଙ୍କ ମାଟି ଉପରେ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି । ପ୍ରକାରାନ୍ତରେ ଲୋକମାନେ ତଳିତଳାନ୍ତ ହେଉଥିବା ବେଳେ କମ୍ପାନୀ ହିଁ ଲାଭବାନ ହେଉଛି । ଆହୁରି ଅନେକ ପ୍ରସଙ୍ଗ ଅଛି ଯେଉଁଠି ବାସ୍ତବିକ ଭାବେ ଗଣତନ୍ତ୍ରକୁ ରୂପ ଦେବାର ଅଛି, ଯାହା କେବଳ କାଗଜପତ୍ରରେ ରହିଯାଉଛି । ଧୀରେ ଧୀରେ ଆମ ଦେଶରେ ପ୍ରତିବାଦ କରିବାକୁ ଦେଶଦ୍ରୋହର ରୂପ ଦିଆଯାଉଛି । ଏହା ଅତ୍ୟନ୍ତ ଖରାପ ପରମ୍ପରା । ଏହା ପ୍ରତିବାଦର ସଂସ୍କୃତିକୁ ସର୍ବନାଶ କରିଦେବ । ଗୋଟିଏ ଗଣତନ୍ତ୍ରରେ ପ୍ରତିବାଦର ସଂସ୍କୃତି ମରିଗଲେ ତାହା ଏକଚ୍ଛତ୍ରବାଦ ହେବାକୁ ବେଶି ଡେରି ଲାଗିବ ନାହିଁ ।

ଏହିଭଳି ସନ୍ଧିକ୍ଷଣରେ ଆମେ ଉପସ୍ଥିତ ହୋଇଛେ । ଏ ସମୟରେ ସବୁଠାରୁ ଅଧିକ ଦାୟିତ୍ୱ ଜନଗଣଙ୍କର । ସାଧାରଣତନ୍ତ୍ରର ସୁରକ୍ଷା ପାଇଁ ସାଧାରଣ ଲୋକମାନେ ସଂକଳ୍ପବଦ୍ଧ ଭାବେ ଆଗକୁ ବାହାରିବା ଅତ୍ୟନ୍ତ ଜରୁରୀ । ତା' ନ ହେଲେ ଆମ କଷ୍ଟଲବ୍ଧ ସ୍ୱାଧୀନତା ଓ ସାଧାରଣତନ୍ତ୍ର ବେଶିଦିନ ତିଷ୍ଠିପାରିବ ନାହିଁ ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଭଣ୍ଡାର : ରହସ୍ୟର ଗନ୍ତାଘର

ମହାଶୟ,

ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆଭୂଷଣ ରୂପେ ବ୍ୟବହୃତ ବାହାରେ ଥିବା ସ୍ୱର୍ଣ୍ଣାଭରଣ ବ୍ୟତୀତ ଭିତର ମୁଦ ଭଣ୍ଡାରରେ ଅନେକ ରାଜମୁକୁଟ, ହୀରା, ନୀଳା, ମୋତି, ମାଣିକ ଥିବା ଶୁଣାଯାଏ । ଭାରତରେ ଥିବା ଅନେକ ବିତ୍ତଶାଳୀ ଠାକୁରଙ୍କ ନିକଟରେ ଥିବା ସୁନାର ଆକଳନ ତଥା ମୂଲ୍ୟାୟନ ହୋଇ ସାରିଥିବା ବେଳେ ଶ୍ରୀଜଗନ୍ନାଥ ଉଦାର ପ୍ରକୃତିରେ ସୁନା, ରତ୍ନ ଆଦି ନ ଦେଖେଇ ହୋଇ କେବଳ ଭଣ୍ଡାରରେ ରଖିଛନ୍ତି । ସେଇ ଅଳଙ୍କାର ଆଦିକୁ ଶ୍ରୀଶ୍ରୀଲୋକନାଥ ଦେବ ପ୍ରହରୀ ଭାବେ ଜଗିଛନ୍ତି । ଥରେ ସୌଭାଗ୍ୟକ୍ରମେ ପତ୍ରପ୍ରେରକଙ୍କୁ ଚାଙ୍ଗଡା ମେକାପ ନେଇ ରତ୍ନଭଣ୍ଡାରକୁ ଯିବାର ପ୍ରଥମ କ୍ରମ ଦେଖାଇଥିଲେ । ମୁଁ ଡରିଗଲି । ସୁନ୍ଦର ଦେବୀ ମୂର୍ତ୍ତିମାନ କଣକୁ କଣ ବସିଥିଲେ । ସେ କହୁଥିଲେ, ଏମାନେ ସନ୍ଧ୍ୟାଦେବୀ, ମୋହଦେବୀ ଇତ୍ୟାଦି । ଆଗକୁ ଆହୁରି କେତେ ବଖରା ଥିବ, କେତେ ଦେବୀ ମୂର୍ତ୍ତି ବସିଥିବେ । ସନ୍ଧ୍ୟାଦେବୀ, ମୋହଦେବୀଙ୍କ ପରେ ନିଦ୍ରାଦେବୀ ଅଛନ୍ତି । ଠାକୁରଙ୍କ ସମ୍ପତ୍ତି ଅନ୍ୟମାନେ ଜାଣିବା ପ୍ରୟୋଜନ ମନେହୁଏ ନାହିଁ ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ଭିଜିଲାନ୍ସ ଓ ପୋଲିସ ବିଭାଗକୁ ସୁଦୃଢ଼ କରାଯାଉ

ଆଜିକାଲି ସମାଜରେ ସବୁ ପ୍ରକାରର ଅସାମାଜିକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି । ସମାଜର ବିକାଶରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଚାଲିଛି । ଏହାକୁ ରୋକିବାକୁ ହେଲେ ଆମର ଭିଜିଲାନ୍ସ ଓ ପୋଲିସ ବିଭାଗକୁ ଅଧିକ ସୁଦୃଢ଼ କରିବାକୁ ପଡିବ । ଏହି ଦୁଇ ବିଭାଗରେ ସବୁ ଦୃଷ୍ଟିରୁ ଦକ୍ଷ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଗଲେ ଆମ ସମାଜରୁ ଦୁର୍ନୀତି ହ୍ରାସ ପାଇବ ।

ଡା. ଅଜିତ କୁମାର ବେଉରା, ରାହାମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜାନୁୟାରୀ ୧୯୯୫

- ଜାପାନ ଭୂମିକମ୍ପ ମୃତ୍ୟୁସଂଖ୍ୟା ୬୦୦୦କୁ ବୃଦ୍ଧି ।
- ଭାରତ–ଆମେରିକା ଆସୋସିଏଶନର ଜାତୀୟ ଫେଡେରେଶନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କୁ ୧୯୯୪ ବର୍ଷର ମହାତ୍ମା ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ ।



ଜେଏନ୍‌ୟୁରେ ୮୨ ବିଦେଶୀ ଛାତ୍ରୀଛାତ୍ରଙ୍କ ଜାତୀୟତା ସମ୍ପର୍କରେ ତଥ୍ୟ ନାହିଁ। କୋଟାର ସୂଚନା ଅଧିକାର କର୍ମୀ ସୁଜିତ୍ ସ୍ୱାମୀ ଆର୍‌ଟିଆଇ ଜରିଆରେ ତଥ୍ୟ ମାଗିଥିବାବେଳେ ୮୨ ବିଦେଶୀ ଛାତ୍ରୀଛାତ୍ରଙ୍କ ଜାତୀୟତା ସମ୍ପର୍କରେ ତଥ୍ୟ ନ ଥିବା ଜଣାପଡ଼ିଛି। ଏମାନେ ୪୫ ବିଷୟରେ ସ୍ନାତକ, ସ୍ନାତକୋତ୍ତର, ଏମ୍.ଫିଲ୍, ପିଏଚ୍‌ଡି କରୁଛନ୍ତି। ପ୍ରକାଶଥାଉ କି, ଜେଏନ୍‌ୟୁରେ କୋରିଆରୁ ୩୫, ନେପାଳରୁ ୨୫, ଚାଇନାରୁ ୨୪, ଆଫଗାନିସ୍ତାନରୁ ୨୧, ଜାପାନରୁ ୧୬, ଜର୍ମାନରୁ ୧୩, ଆମେରିକାରୁ ୧୦, ବାଂଲାଦେଶ ଓ ସିରିୟାରୁ ୭ ଜଣ ଲେଖାଏ ଛାତ୍ରୀଛାତ୍ର ପଢ଼ୁଛନ୍ତି।

# କପିଳାସକୁ ଆସିଲା ନରହନ୍ତା ଦନ୍ତା

ଢେଙ୍କାନାଳ ଅଫିସ/ତାଳଚେର/ ବନ୍ତଳା, (ଡି.ଏନ.ଏ.), ୨୨।୧

ଅନୁଗୋଳ ଜିଲା ତାଳଚେର ରେଞ୍ଜରେ ଆତଙ୍କ ସୃଷ୍ଟି କରୁଥିବା ନରହନ୍ତା ଦନ୍ତାକୁ ସଫଳତାର ସହ ବୁଧବାର ଢେଙ୍କାନାଳ ଜିଲା କପିଳାସସ୍ଥିତ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରକୁ ଅଣାଯାଇଛି। ଦୀର୍ଘ ୬ ଦିନର କସରତ ପରେ ବନ ବିଭାଗ ଏହି ସଫଳତା ପାଇଛି। ତେବେ ଉକ୍ତ ନରହନ୍ତା ଦନ୍ତା ପହଞ୍ଚିବା ପରେ କପିଳାସ ରେଞ୍ଜରଙ୍କ ଚିନ୍ତା ବଢ଼ିଛିଯାଇଛି। ତାଳଚେରରେ ୬ଜଣଙ୍କ ଜୀବନ ନେଇଥିବା ଏପରି ହିଂସ୍ର ହାତୀକୁ ଚିଡ଼ିଆଖାନାରେ ରଖିବା ବିପଜ୍ଜନକ ବୋଲି ସ୍ଥାନୀୟ ରେଞ୍ଜର ଢେଙ୍କାନାଳ ଡିଏଫ୍‌ଓଙ୍କୁ ପତ୍ର ଲେଖିଛନ୍ତି।

ତାଳଚେରସ୍ଥିତ ୩ନଂ. ଓ ୪ନଂ. ରେଲୱେ ସାଇଡିଂ ଜଙ୍ଗଲରେ ଥିବା ଉକ୍ତ ଦନ୍ତାକୁ ହାଇୱାରେ ଲୋଡ୍ କରିବା ପାଇଁ ମଙ୍ଗଳବାର ରାତି ୧୦ଟାରୁ ଆରମ୍ଭ ହୋଇଥିବା ଅଭିଯାନ ବୁଧବାର ସକାଳ ୭ଟାରେ ଶେଷ ହୋଇଥିଲା। ହାତୀ ସୁରକ୍ଷିତ ଭାବେ ହାଇୱା ଉପରକୁ ଚଢ଼ିବା ପାଇଁ ଏକ ମାଟି ଗଦା କରାଯାଇଥିଲା। ଗୋଡ଼ ଏବଂ ବେକକୁ ଚେନ୍‌ରେ ବନ୍ଧାଯାଇ ବନ କର୍ମଚାରୀମାନେ ଧରି ରଖିଥିଲେ। ଏହାପରେ ଜେସିବି ସାହାଯ୍ୟରେ ହାତୀକୁ ପଛରୁ ଠେଲାଯାଇ ହାଇୱା ଭିତରକୁ ଅଣାଯାଇଥିଲା। ପୂର୍ବାହ୍ନ ୯ଟାରେ ହାତୀକୁ ନେଇ ହାଇୱା ତାଳଚେରରୁ କପିଳାସ ଅଭିମୁଖେ ବାହାରିଥିଲା। ସ୍ୱତନ୍ତ୍ର ଭାବେ ଆଗ ପଛ ହୋଇ ବନ ବିଭାଗ, ହାତୀ ବିଶେଷଜ୍ଞ, ଡାକ୍ତର ପ୍ରମୁଖ ୫ ଗାଡ଼ିରେ ଯାଇଥିଲେ। ପ୍ରୋବେଶନର ଆଇଏଫଏସ୍ ସାଇ କିରଣ, ଅନୁଗୋଳ ଏସିଏଫ୍ ବାସୁଦେବ ନାଏକ, ସାତକୋଶିଆ ଏସିଏଫ୍ ସରୋଜ କୁମାର ପଣ୍ଡା, ସାତକୋଶିଆ ପ୍ରାଣୀ ଚିକିତ୍ସକ କିଶୋର ସାହୁ, ତାଳଚେର ରେଞ୍ଜର ହିମାନୀ ନାୟକ, ନନ୍ଦନକାନନର ଏକ୍ସପର୍ଟ ତଥା ଅବସରପ୍ରାପ୍ତ ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ କମଳ ଲୋଚନ ପୁରୋହିତ, ଆସାମର ୩ଜଣ ମାହୁନ୍ତଙ୍କ ସହିତ ୩୦ ବନ କର୍ମଚାରୀ ହାତୀ ସହିତ ଥିଲେ। ତାଳଚେର, ପରଜଙ୍ଗ, କାମାକ୍ଷାନଗର, ଗଁଦିଆ, ଭୁବନ ଦେଇ ହାତୀକୁ କପିଳାସ ଅଣାଯାଇଥିଲା। ହାତୀକୁ ଦେଖିବାକୁ ରାସ୍ତାରେ ପ୍ରବଳ ଗହଳି ହୋଇଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅପରାହ୍ନ ୨ଟାରେ ଦନ୍ତା କପିଳାସରେ ପହଞ୍ଚିବା ପରେ ପାଣି ସିଞ୍ଚନ କରାଯାଇଥିଲା। ଏହାପରେ ଚିଡ଼ିଆଖାନା ପରିସରରେ ଖୋଲାଯାଇଥିବା ଟ୍ରେଞ୍ଚ୍ ଭିତରେ ହାଇୱାକୁ ଭର୍ତ୍ତି କରାଯାଇଥିଲା। ପୁଣିଥରେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ତଳକୁ ଅଣାଯାଇଥିଲା। ଦନ୍ତାକୁ ସ୍ୱତନ୍ତ୍ର ସ୍ଥାନରେ ଲୁହା ଜଞ୍ଜିରରେ ବାନ୍ଧି ରଖାଯାଇଛି।



କପିଳାସ ଚିଡ଼ିଆଖାନାରେ ନରହନ୍ତା ହାତୀ।

# ଓଡ଼ିଆ ପୁଅ ଯଶ୍‌ଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ପୁଅ ଯଶ୍ ମିଶ୍ର। ଭୁବନେଶ୍ୱର ବାସିନ୍ଦା ଯଶ୍‌ଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ଗ୍ରହଣ ଅବସରରେ ରାଷ୍ଟ୍ରପତିଙ୍କ ସହ ଯଶ୍। ପ୍ରଦାନ କରିଛନ୍ତି। ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯଶ୍‌ଙ୍କ ସମେତ ଅନ୍ୟ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଅଧ୍ୟୟନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଯଶ୍ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ। ତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ମେଡାଲ, ଟାବଲେଟ୍, ପ୍ରମାଣପତ୍ର ଏବଂ ଏକ ପ୍ରଶଂସାପତ୍ର ମିଳିଛି। ଡିଏଭି ଚନ୍ଦ୍ରଶେଖରପୁରରେ ପଢ଼ା ସାରି ଯଶ୍ ଏବେ ରାଜସ୍ଥାନ କୋଟାର ସାର୍ ପଦମ୍‌ପାଟ୍ ସିଙ୍ଘାଣିଆ ସ୍କୁଲରେ ପଢ଼ୁଛନ୍ତି। ସେ ପୂର୍ବରୁ ସିଙ୍ଗାପୁର ଏସିଆନ୍ ମ୍ୟାଥେମେଟିକ୍ସ ଅଲିମ୍ପିଆଡ୍‌ରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ବିଭିନ୍ନ ପ୍ରତିଯୋଗିତାରେ ୪୦୦ ପୁରସ୍କାର ପ୍ରାପ୍ତ କରିଥିବାବେଳେ ୨୦୦ ପଦକ ହାସଲକରି ସାରିଛନ୍ତି।



'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ଗ୍ରହଣ ଅବସରରେ ରାଷ୍ଟ୍ରପତିଙ୍କ ସହ ଯଶ୍।

ଉଲ୍ଲେଖଯୋଗ୍ୟ, ବୁଧବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୪୯ଜଣଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ଗ୍ରହଣ ଅବସରରେ ରାଷ୍ଟ୍ରପତିଙ୍କ ସହ ଯଶ୍। ପ୍ରଦାନ କରାଯାଇଛି। ସମାଜସେବା, କଳା, ସଂସ୍କୃତି ଓ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ଓ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଛାତ୍ରୀଛାତ୍ରଙ୍କୁ ଏହି ସମ୍ମାନ ଦିଆଯାଇଥାଏ। ଯଶ୍‌ଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମିଶନ ଇନ୍ଦ୍ରଧନୁଷ୍-୨.୦ ପାଇଁ ୫ ଜିଲାରେ ହେବ ସଚେତନତା କାର୍ଯ୍ୟକ୍ରମ




ମିଶନ ଇନ୍ଦ୍ରଧନୁଷ୍-୨.୦ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ରାଜ୍ୟରେ ମିଶନ ଇନ୍ଦ୍ରଧନୁଷ୍-୨.୦ର ସମ୍ପୂର୍ଣ୍ଣ ଟୀକାକରଣ ଅଭିଯାନକୁ ସଫଳ କରିବା ଦିଗରେ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସୁଦୂର ଇଲାକାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥାନ୍ତି। କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଓ ଗଜପତି ଆଦି ୫ ଜିଲାରେ ଲୋକକଳା ମାଧ୍ୟମରେ ସୂଚନାଧର୍ମୀ କାର୍ଯ୍ୟକ୍ରମ ହେବ। ପାଲା, ଦାସକାଠିଆ ଓ ଘୋଡ଼ାନାଚ ଭଳି ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଉକ୍ତ ୫ ଜିଲାର ୫୦ଟି ସ୍ଥାନରେ ଆୟୋଜନ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଲେଶ କୁମାର ମାଲବ୍ୟ କହିଛନ୍ତି। ଉକ୍ତ ଜିଲାଗୁଡ଼ିକରେ ସମ୍ପୂର୍ଣ୍ଣ ଟୀକାକରଣ ଅଭିଯାନକୁ ସଫଳ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ତରଫରୁ ବୁଧବାର ଭୁବନେଶ୍ୱରଠାରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଲବ୍ୟ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ମାନସ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଜନସଚେତନା ସୃଷ୍ଟି ପାଇଁ ଲୋକକଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କଳାକାରମାନେ ଜନସଚେତନତାର ବାର୍ତ୍ତାବହ ରୂପେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଡା. ଶଶୀଭୂଷଣ ପଣ୍ଡା, ଟୀକାକରଣ ପରାମର୍ଶଦାତା ଡା. ଅନିଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଟୀକାକରଣର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ନୂଆଦିଲ୍ଲୀସ୍ଥିତ ଲୋକସମ୍ପର୍କ ଏବଂ ସଞ୍ଚାର ବ୍ୟୁରୋ ସହକାରୀ ନିର୍ଦ୍ଦେଶିକା ଗୋପା ବିଶ୍ୱାସ ଏବଂ ଭୁବନେଶ୍ୱରର ନାଟକ ବିଶାରଦ ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ କଳାକାରମାନଙ୍କୁ ନାଚ ଗୀତ ମାଧ୍ୟମରେ ଲୋକଙ୍କ ନିକଟରେ ଠିକ ସୂଚନା କିଭଳି ପହଞ୍ଚାଯାଇପାରିବ, ସେ ଦିଗରେ ଅବଗତ କରାଇବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଜନପ୍ରତିନିଧି, ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁ

ସମ୍ବଲପୁର, ୨୨।୧(ବ୍ୟୁରୋ)

- ସଦାଚାର କମିଟିର ସମୀକ୍ଷା ବୈଠକ
- ଅଭିଯୋଗଗୁଡ଼ିକ ସମାଧାନ କରାଯାଉ

ସମ୍ବଲପୁର ଆରଡିସି ସମ୍ମିଳନୀ କକ୍ଷରେ ବିଧାନସଭା ସଦାଚାର କମିଟିର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଅଧ୍ୟକ୍ଷ ଅମର ଶତପଥି ସଭାପତିତ୍ୱ କରିଥିଲେ। ଆରଡିସି ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେବା ପରେ ବୈଠକ ଆରମ୍ଭ ହୋଇଥିଲା। ଜିଲାସ୍ତରରେ ହେଉ କି ବ୍ଲକ ସ୍ତରରେ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ହେବ। କିଭଳି ଲୋକଙ୍କ ସମସ୍ୟା ଦୂର ହୋଇପାରିବ। ବିକାଶମୂଳକ କାମ ଆଗେଇ ପାରିବ। ସରକାରଙ୍କ ଯୋଜନା ଗୁଡିକ ଲୋକମାନଙ୍କ ପାଖରେ କିଭଳି ପହଞ୍ଚିବ ସେ ନେଇ ପଦକ୍ଷେପ ନେବାକୁ କମିଟି କହିଥିଲେ। ଉପସ୍ଥିତ ପୋଲିସ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ମୋ ସରକାରକୁ ଠିକ୍ ଭାବେ ପାଳନ କରିବାକୁ କମିଟି ପରାମର୍ଶ ଦେଇଥିଲେ। ଏହି ବୈଠକରେ ବୁକ ସର୍କୁଲାର ୪୭ର ସମୀକ୍ଷା କରାଯାଇଥିଲା। କମିଟି ଅଧ୍ୟକ୍ଷ ବିଧାୟକ ଶତପଥୀଙ୍କ ନେତୃତ୍ୱରେ ବିଧାୟକ ପ୍ରଦୀପ ଅମାତ, ଭୂପିନ୍ଦର ସିଂ, ଦାଶରଥି ଗମାଙ୍ଗ, ଅରବିନ୍ଦ ଢାଲି, ସୁବାସ ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ସମ୍ବଲପୁର, ଦେବଗଡ, ଝାରସୁଗୁଡା, ଅନୁଗୋଳ, ସୋନପୁର, ସୁନ୍ଦରଗଡ, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଆଦି ଜିଲାର ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ, ଜିଲାପାଳ ଶୁଭମ ସକସେନାଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ। ଜନପ୍ରତିନିଧି ମାନଙ୍କ ମଧ୍ୟରେ ସରକାରୀ ଦଳର ଉପ ମୁଖ୍ୟସଚେତକ ରୋହିତ ପୁଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବିଧାୟକ ଶଙ୍କର ଓରାମ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସଦାଚାର କମିଟିର ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟିକା ଓ ବିଧାୟକମାନେ।

# ଆଉ ୨ ଦିନ ଘନ କୁହୁଡ଼ି

## ୟେଲୋୱାର୍ନିଂ ଜାରି କଲା ପାଣିପାଗ ବିଭାଗ

**ଭୁବନେଶ୍ୱର,୨୨।୧(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ଅଧିକାଂଶ ସ୍ଥାନରେ ପାରଦ ୧୨ ଡିଗ୍ରୀ ସେଲସିୟସ ଉପରେ ରହିଛି। କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ଛୁଇଁଲାଣି। ଜାନୁୟାରୀ ମାସରୁ ଗରମର ଆଭାସ ମିଳିଲାଣି। ଫେବୃୟାରୀରୁ ପ୍ରବଳ ଖରା ହନ୍ତସନ୍ତ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କଲାଣି। ଆଣ୍ଟି ସାଇକ୍ଲୋନିକ ପରିବେଶ ଯୋଗୁ ବଙ୍ଗୋପ ସାଗର ପଟୁ ଉପକୂଳକୁ ଅଧିକ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ କୁହୁଡ଼ି ପରିମାଣ ବୃଦ୍ଧି ପାଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବା ସହ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡା, ସୋନପୁର, ଦେବଗଡ଼, ସମ୍ବଲପୁର, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, କନ୍ଧମାଳ, ଝାରସୁଗୁଡାଏବଂ ସୁନ୍ଦରଗଡ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡି ହେବ। ସେହିପରି ୨୪ ତାରିଖରେ ମୟୂରଭଞ୍ଜ, ଅନୁଗୋଳ, ଦେବଗଡ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ବୌଦ୍ଧ, ସୋନପୁର, ନୟାଗଡ, ପୁରୀ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର ଆଦି ଜିଲାର ଅଧିକାଂଶ ଭାଗ ଘନ କୁହୁଡିରେ ଆଚ୍ଛାଦିତ ହେବ। ୨୦୦ ମିଟର ପର୍ଯ୍ୟନ୍ତ ଖାଲି ଆଖିରେ ଦେଖା ଯିବ ନାହିଁ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡିକୁ ଦୃଷ୍ଟିରେ ରଖି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି।

# ବସ୍-ଟ୍ରକ୍ ଧକ୍କା: ୧୫ ଆହତ

ରାଉରକେଲା ଅଫିସ,୨୨।୧

ସୁନ୍ଦରଗଡ଼ ଜିଲା ଜଲଦା ଫାଣ୍ଡି ନିକଟରେ ବୁଧବାର ସନ୍ଧ୍ୟାରେ ବସ୍-ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଏପରି କି ବସ୍‌ଟି ସାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନାଳକୁ ଖସି ପଡିଥିଲା। ଫଳରେ ବସ୍‌ରେ ଥିବା ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ(ଆରଜିଏଚ) ପଠାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି। ପୋଲିସ ସୂଚନା ମୁତାବକ ଏକ ଘରୋଇ ବସ୍(ନଂ ଓଡି-୧୪-୦୫୫୦) ସନ୍ଧ୍ୟା ୫ଟାରେ ରାଉରକେଲାରୁ ବଣାଇଁ ଯାଉଥିଲା। ହେଲେ ଜଲଦା ଫାଣ୍ଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍(ନଂ ଓଡି-୧୫ପି-୬୩୨୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏପରି କି ବସଟି ନାଳକୁ ଖସି ପଡିଥିଲା।

# ସୁବର୍ଣ୍ଣପୁର ଏସ୍‌ପିଙ୍କ ଗାଡ଼ି ରାସ୍ତାପାର୍ଶ୍ୱକୁ ଓଲଟିଲା

ସୋନପୁର, ୨୨।୧(ନି.ପ୍ର.)

**ସିଟ୍ ବେଲ୍ଟ ପିନ୍ଧି ଥିବାରୁ ବର୍ତ୍ତିଲେ**

ସୁବର୍ଣ୍ଣପୁର ଏସ୍‌ପିଙ୍କ ଗାଡି ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡି ଦ୍ରୁତ ଗତିରେ ଥିବାରୁ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ତେବେ ସୌଭାଗ୍ୟବଶତଃ ଏସ୍‌ପି ଦେବୀପ୍ରସାଦ ଦାଶ, ଏସ୍‌ପିଙ୍କ ପିଏସଓ(ପର୍ସନାଲ ସିକ୍ୟୁରିଟି ଅଫିସର) ଲିଙ୍ଗରାଜ ସାହୁ ଓ ଡ୍ରାଇଭର ଶତୃଘ୍ନ ମହାଲିକଙ୍କର ବିଶେଷ କିଛି କ୍ଷତି ହୋଇନି। ଏସ୍‌ପି ଦାଶଙ୍କ ନାକ ଓ କାନ୍ଧରେ ଏବଂ ପିଏସଓ ସାହୁଙ୍କ ଶରୀରରେ ସାମାନ୍ୟ ଆଘାତ ଲାଗିଛି। ସିଟ୍ ବେଲ୍ଟ ପିନ୍ଧି ଥିବାରୁ ଏଭଳି ଏକ ବଡ ଦୁର୍ଘଟଣାରୁ ସମସ୍ତ ୩ ଜଣ ବର୍ତ୍ତି ଯାଇଥିବା ଆଲୋଚନା ହେଉଛି। ବୁଧବାର ବିଧାନସଭା ସଦାଚାର କମିଟିର ସମ୍ବଲପୁର ଗସ୍ତ ଥିଲା। ଏହି ପରିପ୍ରେକ୍ଷୀରେ ଆରଡିସି ନିରଞ୍ଜନ ସାହୁ ୧୦ଟି ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ଡକାଇ ଥିଲେ। ସୁବର୍ଣ୍ଣପୁର ଏସ୍‌ପି ଦାଶ ଏହି ବୈଠକରେ ଯୋଗଦେବା ପାଇଁ ସମ୍ବଲପୁର ଅଭିମୁଖେ ଯାଉଥିଲେ। ସୋନପୁର-ସମ୍ବଲପୁର ରାସ୍ତାର ସିଣ୍ଡୋଲ ଢାବା ନିକଟରେ ଏସ୍‌ପିଙ୍କ ବୋଲେରୋ ଓଆର୦୫ଏଆର-୦୧୫୬ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**Central University of Himachal Pradesh**
(Established under Central Universities Act, 2009)
**Employment Notice No. 002/2020 Dated 09.01.2020**
**for 'Group-B' & 'Group-C'**
**NON-TEACHING POSITIONS**
Central University of Himachal Pradesh invites online applications from eligible Indian citizens for 'Group B' & 'Group C' non-teaching positions to be filled on direct recruitment basis. The Candidates may apply online from 15.01.2020. **Last date 05.02.2020.** Fur further details please visit University Website i.e. **www.cuhimachal.ac.in**
davp 21339/11/0011/1920 REGISTRAR



ନେତାଜୀ ଜୟନ୍ତୀ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ନେତାଜୀଙ୍କ ଅମରବାଣୀ-
ମୋତେ ରକ୍ତ ଦିଅ,
ମୁଁ ତୁମକୁ ସ୍ୱାଧୀନତା ଦେବି।
ତୁଷାର କୁମାର ମୁଖାର୍ଜୀ
ଆଜାଦ ହିନ୍ଦ୍ ସେବା ସଂଘ ପରିବାର
ଶିଖରପୁର, କଟକ
ଫୋନ-7504377162

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ତଥା ଆବାସିକ ପରିସର ରେ **2020-23** ସମୟ ଅବଧି ମଧ୍ୟରେ ରକ୍ଷଣ-ବେକ୍ଷଣ/ ନବୀକରଣ କାର୍ଯ୍ୟଗୁଡ଼ିକ ପାଇଁ ସିଭିଲ ଏବଂ ବୈଦ୍ୟୁତୀୟ (ଇଲେକ୍ଟ୍ରିକାଲ) ଠିକାଦାର ମାନଙ୍କ **empanelment** କରିବା ପାଇଁ ଆବେଦନ ଆମନ୍ତ୍ରଣ କରୁଛି।
ସମ୍ପଦା ବିଭାଗ (ଦ୍ୱିତୀୟ ମହଲା) ରେ 24 ଜାନୁୟାରୀ 2020 ଠାରୁ 13 ଫେବୃୟାରୀ 2020 ପର୍ଯ୍ୟନ୍ତ (କାର୍ଯ୍ୟାଳୟ ସମୟ ମଧ୍ୟରେ) ବିଭିନ୍ନ ଟେଣ୍ଡର, ଶ୍ରେଣୀ, ପୂର୍ବ ଯୋଗ୍ୟତା ମାନ୍ୟତା ମାନଦଣ୍ଡ, ଆବେଦନ ପତ୍ର ଆଦି ବିବରଣୀ ପ୍ରାପ୍ତ କରାଯାଇପାରିବ। ଅଧିକ ସୂଚନା ପାଇଁ ତଥା ଆବେଦନ ପତ୍ର ଡାଉନଲୋଡ କରିବାପାଇଁ ଦୟାକରି ବ୍ୟାଙ୍କ ୱେବ୍‌ସାଇଟ୍ **www.rbi.org.in** କୁ ଯାଆନ୍ତୁ।
ଆବେଦନ ପତ୍ର ଜମା କରିବା ପାଇଁ ଅନ୍ତିମ ତାରିଖ 24 ଫେବୃୟାରୀ 2020 ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175
ସାର୍ବଜନିକ ସୂଚନା
ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି। ଏହି ନିଲାମ ଦିନାଙ୍କ 27.01.2020 କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) Plot no-44, Ashok Nagar, Unit-II, Bhubaneswar, Khordha ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।
**Loan Nos: BHUBANESWAR (BUU) - 1453715, 1583659, 1632311, 1379388, 1542725, 1385478, 1651195, 1480306, 1431581, 1602674. CUTTACK (CTK) - 1472251, 1530992, 1506157, 1373758, 1466801**
For more details, please contact : Mr. Tirumalo Rao - 7994432993
(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

**ସମ୍ବଲପୁରୀ ବସ୍ତ୍ରାଳୟ**
**ସରସ୍ୱତୀ ପୂଜା ଉପଲକ୍ଷେ ବିଶେଷ ରିହାତି**
**୧୦%+୨୦%**
**ତା.୨୧।୦୧।୨୦୨୦ ରୁ ତା.୩୦।୦୧।୨୦୨୦ ପର୍ଯ୍ୟନ୍ତ**
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।
**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।**

| ସ୍ଥାନ | | ଅବଧି |
|---|---|---|
| ୧. ରେଢାଖୋଲ ପ୍ରଦର୍ଶନୀ, ଖଣ୍ଡାଢିପ ଛକ, ରେଢାଖୋଲ | - | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୨. ରାମପୁର ପ୍ରଦର୍ଶନୀ, ବସଷ୍ଟାଣ୍ଡ ପାଖ, ରାମପୁର | - | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୩. ଭୁକ୍ତା ପ୍ରଦର୍ଶନୀ, ସାପ୍ତାହିକ ବଜାର ପାଖ, ଭୁକ୍ତା | - | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୪. ସମ୍ବଲପୁର ପ୍ରଦର୍ଶନୀ, ନାରୀ ସେବାସଦନ, ସମ୍ବଲପୁର | - | ତା.୨୫।୦୧।୨୦୨୦ ରୁ ତା.୩୦।୦୧।୨୦୨୦ |


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଅନ୍ନପୂର୍ଣ୍ଣା ଜୁଏଲର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା, ପିତା: ଅନନ୍ତ ଚରଣ ମହାରଣା, ସା: କାଞ୍ଚନ ବଜାର, ମସଜିଦ୍ ଗଳି, ପୋ/ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଓଡ଼ିଶା। ଆକାଉଣ୍ଟ ନଂ.: ୩୦୨୭୨୪୦୮୯୫୮ | ସମ୍ପତ୍ତି ମାଲିକ: ଶ୍ରୀ ଅନନ୍ତ ଚରଣ ମହାରଣା, ପିତା: ହରି ମହାରଣା। | ଶ୍ରୀ ଅନନ୍ତ ଚରଣ ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଢେଙ୍କାନାଳ ଟାଉନ, ଖାତା ନଂ.: ୧୧୨୦, ପ୍ଲଟ ନଂ.: ୫୨୩୩, ଅନୁରୂପ ସାବିକ୍ ଖାତା ନଂ.: ୨୧୮୧, କ୍ଷେତ୍ର: ଏକର ୦.୦୨୮ ଡିସିମିଲ, କିସମ: ଘରବାଡ଼ି, ପ୍ଲଟ ନଂ.: ୫୨୩୪, ଅନୁରୂପ ସାବିକ୍ ଖାତା ନଂ.: ୨୪୭୯, କ୍ଷେତ୍ର: ଏକର ୦.୦୦୫ ଡିସିମିଲ, କିସମ: ଘରବାଡ଼ି। | ୦୩.୦୭.୨୦୧୮ | ୨୦.୦୧.୨୦୨୦ | ୨୭.୦୬.୨୦୧୮ ସୁଦ୍ଧା ଟ.୨୦,୦୨,୭୪୪/- ଏବଂ ତା.୨୮.୦୬.୨୦୧୮ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଏ/୩୨, ଖାରବେଳନଗର, ୟୁନିଟ୍- ୩ (ଶ୍ରୀୟା ଫିଲ୍ମ ହଲ୍ ନିକଟ), ଭୁବନେଶ୍ୱର - ୭୫୧୦୦୧
**କୋଟେସନ୍ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି**
କମ୍ପ୍ରେହେନସିଭ୍ ପ୍ଲାନିଂ, ଡିଜାଇନିଂ ଏବଂ ଫାୟାର ପ୍ରୋଟେକ୍ସନ୍ ବ୍ୟବସ୍ଥାର କାର୍ଯ୍ୟକାରୀ ନିମନ୍ତେ କନ୍‌ସଲଟାନ୍ସି ସେବା ପାଇଁ ଆବଶ୍ୟକୀୟ ଫର୍ମାଟରେ ଜଉ ମୁଦଦିଆ ଲଫାପାରେ କୋଟେସନ୍ ଆହ୍ୱାନ କରାଯାଉଛି।
ଟେଣ୍ଡର କାଗଜାତ୍ ଏବଂ ସର୍ବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ **www.unitedbankofindia.com** ଦେଖନ୍ତୁ। ଟେଣ୍ଡରଗୁଡିକ **ତା୧୫.୦୨.୨୦୨୦ରିଖ** ଅପରାହ୍ନ **୩.୦୦ଘଟିକା** ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ଏହା ପରେ ସେହି ଦିନ **ଅପରାହ୍ନ ୪.୦୦ ଘଟିକା** ସମୟରେ ବିଡର/ପ୍ରତିନିଧିମାନଙ୍କ ଉପସ୍ଥିତିରେ ସେଗୁଡ଼ିକ ଖୋଲାଯିବ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଟେଣ୍ଡର ପ୍ରକ୍ରିୟାରେ କୌଣସି ସମୟରେ ଯେକୌଣସି ଟେଣ୍ଡରକୁ କିମ୍ବା ସର୍ବନିମ୍ନ ଟେଣ୍ଡରକୁ ଗ୍ରହଣ କିମ୍ବା ଖାରଜ କିମ୍ବା ବିଡିଙ୍ଗ୍ ପ୍ରକ୍ରିୟାକୁ ବାତିଲ୍ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି।
ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ

CASH n GOLD
ISO 9001:2015 Certified Company
**HIGHEST PAYOUT FOR YOUR GOLD**
**SELL YOUR GOLD & SETTLE YOUR GOLD LOAN at 100% market value.**
CASH against GOLD
- ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ।
- ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ।

Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଜାନୁୟାରୀ, ୨୦୨୦





# ଗଣିତ (MATHEMATICS)

ସମୟ : 2.30 Hrs ପୂର୍ଣ୍ଣସଂଖ୍ୟା : 100

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

## PART - I (OBJECTIVE)

### ବୀଜଗଣିତ

**1. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) $a_1x + b_1y = 0$ ଏବଂ $a_2x + b_2y = 0$ ସହସମୀକରଣ ଦ୍ୱୟର ଅନନ୍ୟ ସମାଧାନଟି — ।

(b) $x + \frac{1}{x} = 2\ (x \neq 0)$ ର ସମାଧାନ — ।

(c) ଏକ ବ୍ୟାଗରେ ଥିବା କଳା, ନାଲି ଓ ଧଳା ବଲ୍ ସଂଖ୍ୟା ଯଥାକ୍ରମେ 5, 7 ଓ 3 । ସେଥିରୁ ଗୋଟିଏ ବଲ୍‌କୁ ଯଦୃଚ୍ଛା ବାଛିଲେ ବଲ୍‌ଟି କଳା ନ ହେବାର ସମ୍ଭାବ୍ୟତା — ।

(d) ପ୍ରଥମ 28ଟି ଗଣନ ସଂଖ୍ୟାର ମାଧ୍ୟମାନ — ।

(e) O(0, 0) ଏବଂ P(–7, 24) ବିନ୍ଦୁ ଦ୍ୱୟ ମଧ୍ୟରେ ଦୂରତା — ।

**2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) $2x - y + 3 = 0$ ଓ $-6x + 3y + 5 = 0$ ସହ-ସମୀକରଣ ଦ୍ୱୟର ସମାଧାନ ସଂଖ୍ୟା କେତେ ?

(b) $2x^2 - 5x + k = 0$ ସମୀକରଣର ଗୋଟିଏ ମୂଳ 3 ହେଲେ k ର ମାନ କେତେ ?

(c) ଗୋଟିଏ A.P.ର $t_n = -10 + 2n$ ହେଲେ ଏହାର ସାଧାରଣ ଅନ୍ତର କେତେ ?

(d) ଗୋଟିଏ ମୁଦ୍ରାକୁ 30 ଥର ଟସ୍ କରିବାରୁ 'H' 12 ଥର ଦୃଶ୍ୟମାନ ହେଲେ, P(T) କେତେ ?

(e) '18'ର ସମସ୍ତ ଗୁଣନୀୟକମାନଙ୍କର ମାଧ୍ୟମାନ କେତେ ?

**3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମାଧାନ କର ।** [1×5=5

(a) $7x + 9y = 90$ ଏବଂ $3x + 5y = 30$ ହେଲେ $x + y$ ର ମାନ କେତେ ହେବ ?

(b) $x^2 - x = m(2x + 1)$ ସମୀକରଣର ଗୋଟିଏ ମୂଳ ଅନ୍ୟଟିର ବ୍ୟୁତ୍କ୍ରମ ହେଲେ 'm'ର ମାନ କେତେ ହେବ ?

(c) 4, 8, 5, x, 7, 6 ଲବ୍ଧାଙ୍କଗୁଡ଼ିକର ମାଧ୍ୟମାନ 6.5 ହେଲେ x ର ମାନ କେତେ ହେବ ?

(d) ଗୋଟିଏ ମୁଦ୍ରାକୁ ଦୁଇଥର ଟସ୍ କଲେ ଅତିବେଶିରେ ଗୋଟିଏ 'H' ଆସିବାର ସମ୍ଭାବ୍ୟତା କେତେ ?

(e) A(0, 0), B(3, 0) ଓ C(0, 4) ବିନ୍ଦୁତ୍ରୟ ଦ୍ୱାରା ଆବଦ୍ଧ ତ୍ରିଭୁଜର କ୍ଷେତ୍ରଫଳ କେତେ ?

**4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) $x + y = 3$ ଏବଂ $y = 2x$ ହେଲେ y ର ମାନ = | (a) 9 |
| (b) $x^2 - 4 = 0$ ବୀଜଦ୍ୱୟର ଯୋଗଫଳ= | (b) –1 |
| (c) ଗୋଟିଏ A.P.ର ପ୍ରଥମପଦ 3 ଓ ସାଧାରଣ ଅନ୍ତର (–1) ହେଲେ ପଞ୍ଚମ ପଦ = | (c) 5.5 |
| (d) $x^2 - x - 2 = 0$ ର ପ୍ରଭେଦକ | (d) 0 |
| (e) ପ୍ରଥମ ଦଶଗୋଟି ଗଣନ ସଂଖ୍ୟାର ମଧ୍ୟମା = | (e) 4.5 |
| | (f) 2 |

**5. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (×) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ ।** [1×5=5

(a) ଦୁଇଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟା, ତାହାର ଅଙ୍କ ଦ୍ୱୟର ଯୋଗଫଳର ଦୁଇଗୁଣ ହେଲେ ସଂଖ୍ୟାଟି 18 ହେବ ।

(b) $2x^2 - x - 1 = 0$ ର ବୀଜଦ୍ୱୟ ଗୁଣଫଳ $-\frac{1}{2}$ ହେବ ।

(c) ଗୋଟିଏ A.P. ପ୍ରଥମ ପଦ = 1 ଏବଂ ସାଧାରଣ ଅନ୍ତର 2 ହେଲେ ଦଶଗୋଟି ପଦର ଯୋଗଫଳ 100 ହେବ ।

(d) ଗୋଟିଏ ଘଟଣା E ଏବଂ ଏହାର ପରିପୂରକ ଘଟଣା $\overline{E}$ ହେଲେ $P(\overline{E}) = 1 + P(E)$ ହେବ ।

(e) R(0, 1) ଓ S(1, 0) ବିନ୍ଦୁଦ୍ୱୟ ମଧ୍ୟରେ ଦୂରତା 2 ଏକକ ।

### ଜ୍ୟାମିତି

**6. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) Δ ABC ରେ A–X–B ଏବଂ A–Y–C । $\overline{XY} \| \overline{BC}$ ଏବଂ AX : XB = 2 : 3 ହେଲେ Δ AXY ର ଓ XYCB ଟ୍ରାପିଜିୟମ୍‌ର କ୍ଷେତ୍ରଫଳର ଅନୁପାତ — ।




(b) ପାର୍ଶ୍ୱସ୍ଥ ଚିତ୍ରରେ 'O' ବୃତ୍ତର କେନ୍ଦ୍ର । $\overline{OC} \| \overline{AB}$ ହେଲେ m∠C = — ।




(c) 'O' କେନ୍ଦ୍ର ବିଶିଷ୍ଟ ବୃତ୍ତର 'P' ଏକ ବହିଃସ୍ଥ ବିନ୍ଦୁ । ବୃତ୍ତର ବ୍ୟାସାର୍ଦ୍ଧ = 8 ସେ.ମି. । OP = 17 ସେ.ମି. ହେଲେ P ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଖଣ୍ଡର ଦୈର୍ଘ୍ୟ — ସେ.ମି. ।

(d) 14 ସେ.ମି. ଦୀର୍ଘ ବାହୁବିଶିଷ୍ଟ ଗୋଟିଏ ବୃତ୍ତ ଅନ୍ତର୍ଲିଖିତ । ବୃତ୍ତର କ୍ଷେତ୍ରଫଳ — ବର୍ଗ ସେ.ମି. ।

(e) $\tan(45° + \theta) \times \tan(45° - \theta) =$ — ?

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ ABC ରେ m∠B = 90° । $\overline{BD} \perp \overline{AC}$ । CD = 9 ସେ.ମି., AD = 7 ସେ.ମି. ହେଲେ BC କେତେ ସେ.ମି. ?

(b) ଗୋଟିଏ ବୃତ୍ତର $m\widehat{ACB} = 120°$ ହେଲେ $\widehat{ACB}$ର ଏକ ଅନ୍ତର୍ଲିଖିତ କୋଣର ପରିମାଣ କେତେ ?

(c) ଏକ ବୃତ୍ତର କେନ୍ଦ୍ର O । P ବୃତ୍ତର ଏକ ବହିଃସ୍ଥ ବିନ୍ଦୁ । $\overline{PT}$ ଉକ୍ତ ବୃତ୍ତର ଏକ ସ୍ପର୍ଶକ ଖଣ୍ଡ ହେଲେ ∠OTP ର ପରିମାଣ କେତେ ?

(d) $\sin(30° + A) + \sin(30° - A)$ ର ମାନ କେତେ ?

(e) ଏକ ସରଳ ପ୍ରିଜିମ୍‌ର ଆଧାରର ପରିସୀମା P ସେ.ମି. ଓ ଉଚ୍ଚତା h ସେ.ମି. ହେଲେ ଏହାର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେମି. ?

**8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ ABC ଓ Δ DEF ମଧ୍ୟରେ m∠A = m∠D, m∠B = m∠E । AB = 3 ସେ.ମି., BC = 5 ସେ.ମି. ଓ DE = 7.5 ସେ.ମି. ହେଲେ EF କେତେ ?

(b) ଗୋଟିଏ ବୃତ୍ତର ଏକ ଜ୍ୟା କେନ୍ଦ୍ରଠାରେ ଏକ ସମକୋଣ ଉତ୍ପନ୍ନ କରେ । ଜ୍ୟାର ଦୈର୍ଘ୍ୟ 7 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(c) ଦୁଇଟି ବହିଃସ୍ପର୍ଶୀ ହୋଇନଥିବା ବୃତ୍ତ ପ୍ରତି କେତେଗୋଟି ସାଧାରଣ ତାର୍ଯ୍ୟକ୍ ସ୍ପର୍ଶକ ଅଙ୍କିତ ହୋଇପାରିବ ?

(d) $\sin 15° + \cos 105°$ ର ସରଳୀକୃତ ମାନ କେତେ ?

(e) ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ 1848 ବ.ସେ.ମି. । ଏହାର ସଂପୃକ୍ତ ଚାପର ଡିଗ୍ରୀ ପରିମାପ 120° ହେଲେ ବ୍ୟାସାର୍ଦ୍ଧ କେତେ ସେ.ମି. ?

**9. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) Δ ABC ରେ ∠A ର ସମଦ୍ୱିଖଣ୍ଡକ $\overline{BC}$ କୁ M ବିନ୍ଦୁରେ ଛେଦକରେ । ଯଦି AB : AC = 2 : 3 ଏବଂ BC = 15 ସେ.ମି. ହୁଏ ତେବେ BM ର ଦୈର୍ଘ୍ୟ ସେ.ମି.ରେ କେତେ ? | (a) 2 |
| (b) ଗୋଟିଏ ରେଖାଖଣ୍ଡ ସର୍ବାଧିକ କେତୋଟି ବୃତ୍ତର ବ୍ୟାସାର୍ଦ୍ଧ ହୋଇପାରିବ ? | (b) ଅସଂଖ୍ୟ |
| (c) P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । ଉକ୍ତ ବିନ୍ଦୁରୁ ସମଦୂରବର୍ତ୍ତୀ କେତେଗୋଟି ବିନ୍ଦୁ ବୃତ୍ତ ଉପରେ ରହିଛି ? | (c) 1 |
| (d) $\csc^2(140° + \alpha) - \cot^2(40° - \alpha) =$ | (d) 6 |
| (e) ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ ଆଧାର ବିଶିଷ୍ଟ ଏକ ପ୍ରିଜିମ୍‌ର ଉଚ୍ଚତା = 1 ସେ.ମି. ଏବଂ ତ୍ରିଭୁଜର କର୍ଣ୍ଣର ଦୈର୍ଘ୍ୟ $\sqrt{2}$ ସେ.ମି. ହେଲେ ପ୍ରିଜିମ୍‌ର ଆୟତନ କେତେ ଘନ ସେ.ମି. ? | (e) 5 |
| | (f) 0.5 |

**10. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '×' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର ।** [1×5=5

(a) $\tan A = \frac{1}{2}$ ଓ $\cot B = 3$ ହେଲେ $\tan(A + B)$ ର ମାନ 3.5 ହେବ ।

(b) Δ LKM ରେ m∠LKM = 80° । ଯଦି KL : KM = LP : PM ହୁଏ, ତେବେ m∠LKP = 50° ହେବ ।




(c) ଦୁଇଟି ପରସ୍ପର ଛେଦୀ ବୃତ୍ତ ପ୍ରତି ସର୍ବାଧିକ ତିନୋଟି ସ୍ପର୍ଶକ ଅଙ୍କନ ସମ୍ଭବ ।

(d) ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. । ଏହାର ଏକ ଜ୍ୟା କେନ୍ଦ୍ରରୁ 6 ସେ.ମି. ଦୂରରେ ଅବସ୍ଥିତ ହେଲେ ବୃତ୍ତର ଜ୍ୟାର ଦୈର୍ଘ୍ୟ 16 ସେ.ମି. ହେବ ।

(e) 21 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପର ଡିଗ୍ରୀ ପରିମାପ 36° ହେଲେ, ଚାପଟିର ଦୈର୍ଘ୍ୟ 13.5 ସେ.ମି. ହେବ ।

## PART - II (SUBJECTIVE)

**11.(i)** $4x + 6y = 3xy$ ଓ $8x + 9y = 5xy\ (x \neq 0, y \neq 0)$ [5

**କିମ୍ବା,** ଦୁଇଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟା ତାହାର ଅଙ୍କଦ୍ୱୟର ଯୋଗଫଳର 4 ଗୁଣ । କିନ୍ତୁ ସଂଖ୍ୟାଟିରେ 36 ଯୋଗକଲେ ଅଙ୍କଦ୍ୱୟର ସ୍ଥାନ ବଦଳିଯାଏ । ତେବେ ସଂଖ୍ୟାଟି କେତେ ?

**(ii)** ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର : [5

| ସଂଭାଗ (x) | 7 | 8 | 9 | 10 | 11 | 12 |
|---|---|---|---|---|---|---|
| ବାରମ୍ବାରତା (f) | 12 | 20 | 36 | 43 | 35 | 28 |

**କିମ୍ବା,** ଉପରେ ଦିଆଯାଇଥିବା ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ ନିର୍ଣ୍ଣୟ କର ।

**12.(i)** କୌଣସି A.P. ର $t_p = q$, $t_q = p$ ହେଲେ, ପ୍ରମାଣ କର ଯେ $t_m = p + q - m$ । [4

**କିମ୍ବା,** 20 ଓ 80 ମଧ୍ୟରେ n ସଂଖ୍ୟକ A.M. ଅଛି । ଯଦି ପ୍ରଥମ ମଧ୍ୟକ : ଶେଷ ମଧ୍ୟକ = 1:3 ହୁଏ ତେବେ, n ର ମାନ ସ୍ଥିର କର ।

**(ii)** $2x^2 - 6x + 3 = 0$ ସମୀକରଣର ମୂଳଦ୍ୱୟ α ଓ β ହେଲେ $\frac{\alpha}{\beta} + \frac{\beta}{\alpha} + 3\left(\frac{1}{\alpha} + \frac{1}{\beta}\right) + 2\alpha\beta$ ର ମାନ ନିର୍ଣ୍ଣୟ କର । [4

**କିମ୍ବା,** ସମାଧାନ କର :

$$\frac{1}{x-2} + \frac{2}{x-1} = \frac{6}{x}\quad (x \neq 2, x \neq 1, x \neq 0)$$

**(iii)** ଏକ ପରୀକ୍ଷଣରେ ପରସ୍ପର ବହିର୍ଭୁକ୍ତ ଦୁଇଟି ଘଟଣା $E_1$ ଓ $E_2$ ଏପରିକି $P(E_1) = 2P(E_2)$ ଓ $P(E_1) + P(E_2) = 0.9$ । ତେବେ $E_1 \cup E_2$ ଘଟଣା ତଥା $E_1$ ଘଟଣାର ସମ୍ଭାବ୍ୟତା ନିରୂପଣ କର । [4

**କିମ୍ବା,** (x, y) ବିନ୍ଦୁଟି (a, 0) ଓ (0, b) ବିନ୍ଦୁ ଦୁଇଗୋଟିର ସଂଯୋଗକାରୀ ସରଳରେଖା ଉପରେ ଅବସ୍ଥିତ ହେଲେ ପ୍ରମାଣ କର ଯେ, $\frac{x}{a} + \frac{y}{b} = 1$ ।

**13. (i)** ଏକ ତ୍ରିଭୁଜର ଗୋଟିଏ ବାହୁ ସହ ସମାନ୍ତର ଏକ ସରଳରେଖା ଯଦି ତ୍ରିଭୁଜର ଅନ୍ୟ ଦୁଇବାହୁକୁ ଦୁଇଟି ଭିନ୍ନ ବିନ୍ଦୁରେ ଛେଦ କରେ, ତେବେ ଉକ୍ତ ସରଳରେଖା ଦ୍ୱାରା ସେହି ବାହୁ ଦୁଇଟି ସମାନୁପାତରେ ବିଭାଜିତ ହୁଅନ୍ତି । ପ୍ରମାଣ କର । [5

**କିମ୍ବା,** ପ୍ରମାଣ କର ଯେ, ଦୁଇଟି ସ୍ପର୍ଶକ ବୃତ୍ତର କେନ୍ଦ୍ରଦ୍ୱୟ ଓ ସ୍ପର୍ଶବିନ୍ଦୁ ଏକ ସରଳରେଖାରେ ଅବସ୍ଥିତ ।

**(ii)** 8 ସେ.ମି. ବିଶିଷ୍ଟ ଏକ ରେଖାଖଣ୍ଡ $\overline{AB}$ ଅଙ୍କନ କର । A କୁ କେନ୍ଦ୍ରକରି 3 ସେ.ମି. ବ୍ୟାସାର୍ଦ୍ଧବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । B ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ଦୁଇଟି ସ୍ପର୍ଶକଖଣ୍ଡ ଅଙ୍କନ କର । [5

**କିମ୍ବା,** Δ ABC ଅଙ୍କନ କର ଯାହାର BC = 8 ସେ.ମି., m∠A = 60° ଓ ମଧ୍ୟମା $\overline{AX}$ ର ଦୈର୍ଘ୍ୟ 7 ସେ.ମି ।

**14.(i)** Δ ABC ର ପରିବୃତ୍ତର କେନ୍ଦ୍ର O । 'O' ବୃତ୍ତର ଅନ୍ତଃସ୍ଥ ହେଲେ m∠BAC + m∠OBC = 90° । [5

**କିମ୍ବା,** ଏକ ସାମାନ୍ତରିକ ଚିତ୍ରର ସମସ୍ତ ବାହୁକୁ ଗୋଟିଏ ବୃତ୍ତ ସ୍ପର୍ଶ କଲେ, ପ୍ରମାଣ କର ଯେ ସାମାନ୍ତରିକ ଚିତ୍ରଟି ଏକ ରମ୍ବସ୍ ।

**(ii)** ପ୍ରମାଣ କର ଯେ : [5
$(1 + \tan 17°)(1 + \tan 28°) = 2$

**କିମ୍ବା,** ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ 60°ରୁ 45°କୁ ହ୍ରାସ ପାଇବାରୁ ଏକ ସ୍ତମ୍ଭର ଛାଇର ଦୈର୍ଘ୍ୟ 24 ମିଟର ବୃଦ୍ଧି ପାଇଲା । ସ୍ତମ୍ଭର ଉଚ୍ଚତା ନିର୍ଣ୍ଣୟ କର ।

**15.(i)** ଗୋଟିଏ ଅର୍ଦ୍ଧବୃତ୍ତାକାର ଜମି ଚାରିପାଖରେ ବାଡ଼ ଦେବାକୁ ମିଟର ପ୍ରତି 75 ପଇସା ହିସାବରେ 216 ଟଙ୍କା ଖର୍ଚ୍ଚ ହୁଏ । ଜମିର କ୍ଷେତ୍ରଫଳ ନିର୍ଣ୍ଣୟ କର । [4

**କିମ୍ବା,** ଗୋଟିଏ ବୃତ୍ତ ଓ ଏହାର ଏକ ବୃତ୍ତକଳାର କ୍ଷେତ୍ରଫଳ ଯଥାକ୍ରମେ 9856 ବ.ସେ.ମି. ଓ 1400 ବ.ସେ.ମି. ହେଲେ, ବୃତ୍ତକଳାର ଚାପର ଦୈର୍ଘ୍ୟ ନିରୂପଣ କର ।

**(ii)** ଗୋଟିଏ ଲୁହା ନଳର ଦୈର୍ଘ୍ୟ 84 ସେ.ମି. । ଏହାର ବେଧ 2 ସେ.ମି. । ଭୂମିର ବହିଃ ବ୍ୟାସାର୍ଦ୍ଧ 8 ସେ.ମି. ହେଲେ, ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର । $(\pi \simeq \frac{22}{7})$ [4

**କିମ୍ବା,** ଏକ ଫମ୍ପା ଧାତବ ଗୋଲକର ଅନ୍ତଃବ୍ୟାସାର୍ଦ୍ଧ ଓ ବହିଃବ୍ୟାସାର୍ଦ୍ଧ ଯଥାକ୍ରମେ 3 ସେ.ମି. ଓ 6 ସେ.ମି. । ପ୍ରତି ଘନସେ.ମି. ଧାତୁର ବସ୍ତୁତ୍ୱ 8 ଗ୍ରାମ୍ ହେଲେ ଧାତବ ଗୋଲକଟିର ବସ୍ତୁତ୍ୱ କେତେ କି.ଗ୍ରା. ? $(\pi \simeq \frac{22}{7})$

## ANSWERS Part - I (Objective)

1. (a) (0, 0) (b) 1 (c) $\frac{2}{3}$ (d) 14.5 (e) 25 ଏକକ
2. (a) 1 (b) –3 (c) 2 (d) $\frac{3}{5}$ (e) 6.5
3. (a) 15 (b) –1 (c) 9 (d) $\frac{3}{4}$ (e) 6 ବ.ଏକକ
4. (a) - (f), (b) - (d), (c) - (b), (d) - (a), (e) - (c)
5. (a) ✓ (b) ✓ (c) ✓ (d) × (e) ×
6. (a) 4 : 21 (b) 60° (c) 15 (d) 154 (e) 1
7. (a) 12 (b) 60° (c) 90° (d) cos A (e) Ph
8. (a) 12.5 (b) $3.5\sqrt{2}$ (c) 2 (d) 0 (e) 42
9. (a) - (d), (b) - (a), (c) - (b), (d) - (c), (e) - (f)
10. (a) × (b) × (c) ✓ (d) ✓ (e) ×

## ANSWERS Part - II (Subjective)

**11.(i)** $4x + 6y = 3xy$

$\Rightarrow \frac{4x}{xy} + \frac{6y}{xy} = 3\quad (\because x \neq 0$ ଏବଂ $y \neq 0)$

$\Rightarrow \frac{4}{y} + \frac{6}{x} = 3$ ......(1)

ପୁନଶ୍ଚ $8x + 9y = 5xy \Rightarrow \frac{8x}{xy} + \frac{9y}{xy} = 5$

$(\because x \neq 0$ ଏବଂ $y \neq 0)$

$\Rightarrow \frac{8}{y} + \frac{9}{x} = 5$ ...... (2)

ସମୀକରଣ (1) x 2 $\Rightarrow \frac{8}{y} + \frac{12}{x} = 6$

ସମୀକରଣ (2) $\Rightarrow \frac{8}{y} + \frac{9}{x} = 5$

– – –

ବିୟୋଗ କଲେ $\frac{3}{x} = 1 \Rightarrow x = 3$

x ର ମାନ ସମୀକରଣ (1) ରେ ସ୍ଥାପନ କଲେ

$\frac{4}{y} + \frac{6}{3} = 3 \Rightarrow \frac{4}{y} + 2 = 3$

$\Rightarrow \frac{4}{y} = 3 - 2 \Rightarrow \frac{4}{y} = 1 \Rightarrow y = 4$

∴ ସମାଧାନ ସେଟ୍ (3,4) ।

**କିମ୍ବା,** ମନେକର ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାଟିର ଦଶକ ଏବଂ ଏକକ ସ୍ଥାନୀୟ ଅଙ୍କଦ୍ୱୟ ଯଥାକ୍ରମେ x ଏବଂ y ।

∴ ସଂଖ୍ୟାଟି = 10x + y

ପ୍ରଶ୍ନାନୁସାରେ, 10x + y = 4(x+y)

⇒ 10x+y = 4x+ 4y

⇒ 10x – 4x+y – 4y= 0 ⇒ 6x – 3y= 0

⇒ 3(2x – y) = 0 ⇒ 2x – y = 0 ...(1)

ପୁନଶ୍ଚ ସଂଖ୍ୟାଟିର ସ୍ଥାନ ବଦଳାଇଲେ ସଂଖ୍ୟାଟି 10y+x ହେବ ।

ପ୍ରଶ୍ନାନୁସାରେ, 10x+y+36=10y+x

⇒ 10x – x+y – 10y = – 36

⇒ 9x – 9y= – 36

⇒ 9(x – y) = – 36 ⇒ x – y= – 4 ...(2)

ସମୀକରଣ (2) ⇒ x – y = – 4

ସମୀକରଣ (1) ⇒ 2x – y = 0

– + –

ବିୟୋଗକଲେ –x = –4 ⇒ x = 4

x ର ମାନ (2) ରେ ପ୍ରୟୋଗକଲେ, 4 – y = – 4

⇒ y = 8

∴ ସଂଖ୍ୟାଟି = 10x+y = 10 x 4+ 8 = 48

**(ii)**

| ଲବ୍ଧାଙ୍କ (x) | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା (c.f.) |
|---|---|---|
| 7 | 12 | 12 |
| 8 | 20 | 32 |
| 9 | 36 | 68 |
| 10 | 43 | 111 |
| 11 | 35 | 146 |
| 12 | 28 | 174 |
| | Σf = 174 | |

ଏଠାରେ ମୋଟ ଲବ୍ଧାଙ୍କ ସଂଖ୍ୟା 174 ଅର୍ଥାତ୍ n = 174

∴ ମଧ୍ୟମସ୍ଥାନ = $\frac{n+1}{2} = \frac{174+1}{2} = 87.5$

87.5 ରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା 111

∴ ମଧ୍ୟମା = 10

**କିମ୍ବା,**

| ଲବ୍ଧାଙ୍କ(x) | ବାରମ୍ବାରତା(f) | ବିଚ୍ୟୁତି(y) ଆରମ୍ଭ ବିନ୍ଦୁ : 10 | ବାରମ୍ବାରତା(c.f.) × ବିଚ୍ୟୁତି (f×y) |
|---|---|---|---|
| 7 | 12 | –3 | –36 |
| 8 | 20 | –2 | –40 |
| 9 | 36 | –1 | –36 |
| 10 | 43 | 0 | 0 |
| 11 | 35 | 1 | 35 |
| 12 | 28 | 2 | 56 |
| | Σf = 174 | | Σfy = –21 |

ମାଧ୍ୟମାନ = ଆରମ୍ଭ ବିନ୍ଦୁ + $\frac{\Sigma fy}{\Sigma f}$

$= 10 + \left(\frac{-21}{174}\right) = 10 - \frac{7}{58}$

$= 10 - 0.12 = 9.88$ **(ପ୍ରାୟ)**

**12.(i)** ମନେକର A.P. ର ପ୍ରଥମ ପଦ ଏବଂ ସାଧାରଣ ଅନ୍ତର ଯଥାକ୍ରମେ 'a' ଓ 'd'

ପ୍ରଶ୍ନାନୁସାରେ, $t_p = q \Rightarrow a + (p-1)d = q$ .......(i)

ପୁନଶ୍ଚ, $t_q = p \Rightarrow a + (q-1)d = p$ ........(ii)

ବିୟୋଗ କଲେ, $d(p - 1 - q + 1) = q - p$

$\Rightarrow d(p - q) = -(p - q) \Rightarrow d = -1$

'd' ର ମାନ ସମୀକରଣ (i) ରେ ପ୍ରୟୋଗ କଲେ,

$a + (p-1)(-1) = q \Rightarrow a = q + p - 1$

ବର୍ତ୍ତମାନ $t_m = a + (m-1)d$

$= (q + p - 1) + (m - 1)(-1)$

$= q + p - 1 - m + 1 = q + p - m$

∴ $t_m = q + p - m$ **(ପ୍ରମାଣିତ)**

**କିମ୍ବା,** 20 ଓ 80 ମଧ୍ୟରେ n ସଂଖ୍ୟକ ସମାନ୍ତର ମଧ୍ୟକ $x_1, x_2, x_3 .......... x_n$ ରହିଛି ।

∴ ସାଧାରଣ ଅନ୍ତର $= \frac{80-20}{n+1} = \frac{60}{n+1}$

ପ୍ରଥମ ମଧ୍ୟକ$(x_1) = 20 + \frac{60}{n+1}$,

ଶେଷ ମଧ୍ୟକ$(x_n) = 20 + \frac{n \times 60}{n+1}$

ପ୍ରଶ୍ନାନୁସାରେ, $\frac{x_1}{x_n} = \frac{1}{3} \Rightarrow \frac{20 + \frac{60}{n+1}}{20 + \frac{n \times 60}{n+1}} = \frac{1}{3}$

$\Rightarrow \frac{20(n+1) + 60}{20(n+1) + 60n} = \frac{1}{3}$

$\Rightarrow 60(n + 1) + 180 = 20(n + 1) + 60n$

$\Rightarrow 60n + 60 + 180 = 20n + 20 + 60n$

$\Rightarrow 60n + 240 = 80n + 20$

$\Rightarrow 20n = 220 \Rightarrow n = 11$

**(ii)** ମନେକର $2x^2 - 6x + 3 = 0$ ସମୀକରଣର ମୂଳଦ୍ୱୟ α ଓ β ।

$\therefore \alpha + \beta = \frac{-(-6)}{2} = 3$ ଏବଂ $\alpha + \beta = \frac{3}{2}$

ବାମପାର୍ଶ୍ୱ $= \frac{\alpha}{\beta} + \frac{\beta}{\alpha} + 3\left(\frac{1}{\alpha} + \frac{1}{\beta}\right) + 2\alpha\beta$

$= \frac{\alpha^2 + \beta^2}{\alpha\beta} + 3\left(\frac{\alpha+\beta}{\alpha\beta}\right) + 2\alpha\beta$

$= \frac{(\alpha+\beta)^2 - 2\alpha\beta}{\alpha\beta} + 3\left(\frac{\alpha+\beta}{\alpha\beta}\right) + 2\alpha\beta$

$= \frac{(3)^2 - 2 \times \frac{3}{2}}{\frac{3}{2}} + 3\left(\frac{3}{\frac{3}{2}}\right) + 2 \times \frac{3}{2}$

$= \frac{6 \times 2}{3} + 3\left(3 \times \frac{2}{3}\right) + 3$

= 4 + 6 + 3 = 13 = ଦକ୍ଷିଣ ପାର୍ଶ୍ୱ **(ପ୍ରମାଣିତ)**

**କିମ୍ବା,** $\frac{1}{x-2} + \frac{2}{x-1} = \frac{6}{x}$

$\Rightarrow \frac{x - 1 + 2(x-2)}{(x-2)(x-1)} = \frac{6}{x}$

$\Rightarrow \frac{x - 1 + 2x - 4}{x^2 - 3x + 2} = \frac{6}{x}$

$\Rightarrow \frac{3x - 5}{x^2 - 3x + 2} = \frac{6}{x}$

$\Rightarrow 3x^2 - 5x = 6x^2 - 18x + 12$

$\Rightarrow 6x^2 - 3x^2 - 18x + 5x + 12 = 0$

$\Rightarrow 3x^2 - 13x + 12 = 0$

$\Rightarrow 3x^2 - 9x - 4x + 12 = 0$

$\Rightarrow 3x(x - 3) - 4(x - 3) = 0$

$\Rightarrow (x - 3)(3x - 4) = 0$

⇒ x – 3 = 0 ବା 3x – 4 = 0

⇒ x = 3 ବା, 3x = 4 ⇒ x = 3 ବା, $\frac{4}{3}$

∴ ବୀଜଦ୍ୱୟ 3 ଓ $\frac{4}{3}$ ।

**(iii)** $E_1$ ଓ $E_2$ ଘଟଣାଦ୍ୱୟ ବହିର୍ଭୁକ୍ତ ଘଟଣା ।

$P(E_1) = 2P(E_2)$ ଏବଂ $P(E_1) + P(E_2) = 0.9$

ବର୍ତ୍ତମାନ $P(E_1 \cup E_2) = P(E_1) + P(E_2) = 0.9$

$\Rightarrow P(E_1) + P(E_2) = 0.9$

$\Rightarrow 2P(E_2) + P(E_2) = 0.9$

$\Rightarrow 3P(E_2) = 0.9 \Rightarrow P(E_2) = 0.3$

$\therefore P(E_1) = 0.9 - 0.3 = 0.6$

**କିମ୍ବା,** A(a, 0), B(0, b) ଓ C(x, y) ବିନ୍ଦୁତ୍ରୟ ଏକରେଖୀୟ ହେଲେ, ଯଦି ଏବଂ କେବଳ ଯଦି A, B ଓ C ଶୀର୍ଷବିନ୍ଦୁବିଶିଷ୍ଟ ତ୍ରିଭୁଜର କ୍ଷେତ୍ରଫଳ 0 ହେବ ।

ମନେକର $(x_1, y_1) = (a, 0)$, $(x_2, y_2) = (0, b)$ ଏବଂ $(x_3, y_3) = (x, y)$

∴ Δ ABC ର କ୍ଷେତ୍ରଫଳ = 0

$\Rightarrow \frac{1}{2}\,|\,a(b - y) + 0(y - 0) + x(0 - b)\,| = 0$

$\Rightarrow ab - ay - xb = 0 \Rightarrow ay + bx = ab$

$\Rightarrow \frac{ay + bx}{ab} = 1 \Rightarrow \frac{ay}{ab} + \frac{bx}{ab} = 1$

$\Rightarrow \frac{y}{b} + \frac{x}{a} = 1$ (ପ୍ରମାଣିତ)

**13. (i) ଦତ୍ତ :** ΔABC ର $\overline{BC}$ ବାହୁ ସହ ସମାନ୍ତର ଏକ ସରଳରେଖା L, ଅନ୍ୟ ଦୁଇ ବାହୁ $\overline{AB}$ ଓ $\overline{AC}$ କୁ ଯଥାକ୍ରମେ ଦୁଇଟି ଭିନ୍ନ ବିନ୍ଦୁ X ଓ Y ରେ ଛେଦ କରେ ।

**ପ୍ରାମାଣ୍ୟ :** L ରେଖା $\overline{AB}$ ଓ $\overline{AC}$ ବାହୁଦ୍ୱୟକୁ ସମାନୁପାତରେ ଛେଦ କରେ;

ଅର୍ଥାତ୍ $\frac{AX}{XB} = \frac{AY}{YC}$

**ଅଙ୍କନ :** $\overline{BY}$ ଓ $\overline{CX}$ ଅଙ୍କନ କର ।




**ପ୍ରମାଣ :** ΔAXY ଓ ΔBXY ର ଭୂମି ଯଥାକ୍ରମେ $\overline{AX}$ ଓ $\overline{BX}$ ଏବଂ ଉଭୟ ଏକ ସରଳରେଖା $\overleftrightarrow{AB}$ ରେ ଅବସ୍ଥିତ । ପୁନଶ୍ଚ ଉଭୟ ତ୍ରିଭୁଜର ଶୀର୍ଷବିନ୍ଦୁ (Y) ଏକ ଓ ଅଭିନ୍ନ ବିନ୍ଦୁ । ଏଣୁ ଉକ୍ତ ତ୍ରିଭୁଜଦ୍ୱୟ ସମଉଚ୍ଚତା ବିଶିଷ୍ଟ ହେବେ ।

$\therefore \frac{\Delta\ AXY\text{ର କ୍ଷେତ୍ରଫଳ}}{\Delta\ BXY\text{ର କ୍ଷେତ୍ରଫଳ}} = \frac{AX}{BX}$ ......(1)

ପୁନଶ୍ଚ ΔAYX ଓ ΔCYX ର ଭୂମି ଯଥାକ୍ରମେ $\overline{AY}$ ଓ $\overline{CY}$ ଏବଂ ଉଭୟ ଏକ ସରଳରେଖା $\overleftrightarrow{AC}$ ରେ ଅବସ୍ଥିତ । ଉଭୟ ତ୍ରିଭୁଜର ଶୀର୍ଷବିନ୍ଦୁ (X) ଏକ ଓ ଅଭିନ୍ନ । ଏଣୁ ଉକ୍ତ ତ୍ରିଭୁଜଦ୍ୱୟ ସମଉଚ୍ଚତା ବିଶିଷ୍ଟ ହେବେ ।

$\therefore \frac{\Delta\ AYX\text{ର କ୍ଷେତ୍ରଫଳ}}{\Delta\ CYX\text{ର କ୍ଷେତ୍ରଫଳ}} = \frac{AY}{CY}$ ...........(2)

ମାତ୍ର ΔBXY ଓ ΔCYX ଉଭୟ ଏକା ଭୂମି $\overline{XY}$ ଉପରେ ଏବଂ $\overline{XY}$ ସହ ଏକ ସମାନ୍ତର ସରଳରେଖା $\overleftrightarrow{BC}$ ଓ $\overline{XY}$ ମଧ୍ୟରେ ଅବସ୍ଥିତ ହେତୁ, ΔBXY ର କ୍ଷେତ୍ରଫଳ = Δ CYX ର କ୍ଷେତ୍ରଫଳ ....... (3)

(2) ଓ (3) $\Rightarrow \frac{\Delta\ AYX\text{ର କ୍ଷେତ୍ରଫଳ}}{\Delta\ BXY\text{ର କ୍ଷେତ୍ରଫଳ}} = \frac{AY}{CY}$ .......(4)

(1) ଓ (4) $\Rightarrow \frac{AX}{BX} = \frac{AY}{CY}$ **(ପ୍ରମାଣିତ)**

**କିମ୍ବା, ଦତ୍ତ :** $S_1$ ଓ $S_2$ ସ୍ପର୍ଶକ ବୃତ୍ତ ଦ୍ୱୟର ସ୍ପର୍ଶବିନ୍ଦୁ P ଏବଂ ସେମାନଙ୍କର କେନ୍ଦ୍ର ଯଥାକ୍ରମେ $O_1$ ଏବଂ $O_2$ । ଚିତ୍ର 1ରେ ବୃତ୍ତ ଦ୍ୱୟ ବହିଃସ୍ପର୍ଶୀ ଏବଂ ଚିତ୍ର 2ରେ ବୃତ୍ତ ଦ୍ୱୟ ଅନ୍ତଃସ୍ପର୍ଶୀ ।




**ପ୍ରାମାଣ୍ୟ :** $O_1$, $O_2$ ଏବଂ P ଏକ ସରଳରେଖାରେ ଅବସ୍ଥିତ ।

**ଅଙ୍କନ :** ବୃତ୍ତ ଦ୍ୱୟର ସ୍ପର୍ଶ ବିନ୍ଦୁରେ ସାଧାରଣ ସ୍ପର୍ଶକ $\overleftrightarrow{PT}$ ଅଙ୍କନ କରାଯାଉ ଏବଂ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ $\overline{PO_1}$ ଓ $\overline{PO_2}$ ଅଙ୍କନ କରାଯାଉ । (ଚିତ୍ରରେ ଯଥାକ୍ରମେ ତାର୍ଯ୍ୟକ ସାଧାରଣ ସ୍ପର୍ଶକ ଏବଂ ସରଳ ସାଧାରଣ ସ୍ପର୍ଶକ ଅଙ୍କିତ ହୋଇଛି ।)

**ପ୍ରମାଣ :** $S_1$ ବୃତ୍ତର ସ୍ପର୍ଶକ $\overleftrightarrow{PT}$ ଏବଂ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ $PO_1$ ।

$\therefore \overline{O_1P} \perp \overleftrightarrow{PT} \Rightarrow \overleftrightarrow{O_1P} \perp \overleftrightarrow{PT}$

ସେହିପରି $S_2$ ବୃତ୍ତର ସ୍ପର୍ଶକ $\overleftrightarrow{PT}$ ଏବଂ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ $\overline{O_2P}$ ।

$\therefore \overline{O_2P} \perp \overleftrightarrow{PT} \Rightarrow \overleftrightarrow{O_2P} \perp \overleftrightarrow{PT}$

ମାତ୍ର $\overleftrightarrow{PT}$ ର P ବିନ୍ଦୁରେ ଗୋଟିଏ ଓ କେବଳ ଗୋଟିଏ ଲମ୍ବ ସମ୍ଭବ ।

∴ $\overleftrightarrow{O_1P}$ ଏବଂ $\overleftrightarrow{O_2P}$ ରେଖାଦ୍ୱୟ ଅଭିନ୍ନ ।

ଏଣୁ $O_1$, $O_2$ ଓ P ବିନ୍ଦୁତ୍ରୟ ଏକ ରେଖାରେ ଅବସ୍ଥିତ । (ପ୍ରମାଣିତ)

**(ii) ଅଙ୍କନ ପ୍ରଣାଳୀ :**




(i) $\overline{AB}$ ଅଙ୍କନ କର ଯାହାର ଦୈର୍ଘ୍ୟ 8 ସେ.ମି. ହେବ ।

(ii) A କୁ କେନ୍ଦ୍ରକରି 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ।

(iii) $\overline{AB}$ ର ମଧ୍ୟବିନ୍ଦୁ 'P' ଅଙ୍କନ କର ।

(iv) P କୁ କେନ୍ଦ୍ର କରି PA ବ୍ୟାସାର୍ଦ୍ଧ ବିଶିଷ୍ଟ ଦୁଇଟି ଚାପ ବୃତ୍ତକୁ ଯଥାକ୍ରମେ M ଓ N ବିନ୍ଦୁରେ ଛେଦ କରୁ ।

(v) $\overrightarrow{BM}$ ଓ $\overrightarrow{BN}$ ଅଙ୍କନ କର ।

(vi) ବୃତ୍ତ ପ୍ରତି $\overrightarrow{BM}$ ଓ $\overrightarrow{BN}$ ଦୁଇଟି ସ୍ପର୍ଶକ ।

**କିମ୍ବା,** 8 ସେ.ମି. ଦୀର୍ଘ ରେଖାଖଣ୍ଡ $\overline{BC}$ ।

m∠PBC = 30° ।




$\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କରି 'O' ବିନ୍ଦୁ ଏବଂ 'X' ବିନ୍ଦୁ ଚିହ୍ନଟ କର ।

'O' କୁ କେନ୍ଦ୍ର ଏବଂ OB କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କରାଯାଉ ।

XA = 7 ସେ.ମି. ନେଇ ବୃତ୍ତ ଉପରେ A ବିନ୍ଦୁ ଚିହ୍ନଟ କରାଯାଉ ।

ΔABC ଆବଶ୍ୟକୀୟ ତ୍ରିଭୁଜ ।

**14.(i) ଦତ୍ତ:** O, ΔABC ର ପରିବୃତ୍ତର କେନ୍ଦ୍ର ।

**ପ୍ରାମାଣ୍ୟ:** m∠BAC + m∠OBC = 90°

**ଅଙ୍କନ:** $\overline{OD} \perp \overline{BC}$ ଅଙ୍କନ କର ।

$\overline{OB}$ ଓ $\overline{OC}$ ଅଙ୍କନ କର ।




ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଯେଉଁମାନଙ୍କର ସଂକୀର୍ଣ୍ଣଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି।

- ରାମକୃଷ୍ଣ ପରମହଂସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଲୋକସେବକ ମଣ୍ଡଳ ଓ ସମାଜ ପରିବାର ପକ୍ଷରୁ ଶତବାର୍ଷିକ ସାଂସ୍କୃତିକ ସମାରୋହ, ସଂସ୍କୃତି ଭବନ ସଭାଗୃହ, ଭଞ୍ଜକଳା ମଣ୍ଡପ ନିକଟ, ପୂର୍ବାହ୍ନ ୧୦ଟା ୩୦। ସମ୍ମିଳନୀ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରସୁଲଗଡ଼ ଛକ, ସକାଳ ୮ଟା ୩୦। ଭିଏସ୍ଏସ୍ ନଗର, ସକାଳ ୯ଟା।
- ଫଟୋଗ୍ରାଫି ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୨ଟା।
- ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ନେତାଜୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଓ ନେତାଜୀ ଜୟନ୍ତୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଶିଶୁ ବାଟିକା ଓ ବିଜ୍ଞାନମେଳା, ସ୍କୁଲ୍ ପରିସର, ହାତୀପୋଖରୀ ଛକ, ଦରଘାବଜାର, ପୂର୍ବାହ୍ନ ୯ଟା।
- ଦି ଲ' କଲେଜ ପୁରାତ ଛାତ୍ର ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ, କଲେଜ ପରିସର, ପୂର୍ବାହ୍ନ ୧୦ଟା ୩୦।
- ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ ପକ୍ଷରୁ ନେତାଜୀ ଜୟନ୍ତୀ ଏବଂ କଲେଜର ବାର୍ଷିକୋତ୍ସବ, କଲେଜ ପରିସର, ରାଜାବଗିଚା, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀ ଜୟନ୍ତୀ ସମାରୋହ, ଜାନକୀନାଥ ଭବନ, ଓଡ଼ିଆ ବଜାର, ପୂର୍ବାହ୍ନ ୧୧ଟା ୩୦।
- ନେତାଜୀ ସଂଘରେ ନେତାଜୀ ଜୟନ୍ତୀ, ନେତାଜୀନଗର, ଅପରାହ୍ନ ୪ଟା।

**ପୁରୀ**

- ନେତାଜୀ ଜୟନ୍ତୀ, ନେତାଜୀ ମ୍ୟୁଜିୟମ୍ ପରିସର (ଗୋପାଳ ବଲ୍ଲଭ ରୋଡ), ସକାଳ ୭ଟା।
- ଓଡ଼ିଶାର ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ଶ୍ରୀଗୋପୀନାଥ ଦେବଙ୍କ ପ୍ରାଙ୍ଗଣ (ବୀରନରସିଂହପୁର), ଅପରାହ୍ନ ୨ଟା।
- ନେତାଜୀଙ୍କ ସମାଜବାଦ ବିପ୍ଳବ ଆଲୋଚନାଚକ୍ର, ନାୟକ ପ୍ଲାଜା, ସନ୍ଧ୍ୟା ୬ଟା।

# ପୂରା ହେଲା ଆକାଶରେ ଉଡ଼ିବାର ସ୍ୱପ୍ନ

## ବିମାନଯାତ୍ରାର ମଜା ନେଲେ ୪୮ ଦିବ୍ୟାଙ୍ଗ ଶିଶୁ, କିଶୋର

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ସ୍ୱପ୍ନ ବାସ୍ତବ ରୂପ ନେଲା। ଆକାଶରେ ଉଡ଼ିବାର ଇଚ୍ଛା ପୂରଣ ହେଲା। ସମସ୍ତଙ୍କ ଆଖିରେ ଥିଲା ଚମକ, ମୁହଁରେ ଖୁସି, ଓଠରେ ହସ ଓ ମନରେ ପରିତୃପ୍ତି। ପ୍ରଥମଥର ପାଇଁ ୪୮ ଦିବ୍ୟାଙ୍ଗ ଶିଶୁ ଓ କିଶୋର ବିମାନଯାତ୍ରାର ଆନନ୍ଦ ଲାଭ କରିବାର ସୁଯୋଗ ପାଇଥିଲେ। ଦିବ୍ୟାଙ୍ଗମାନଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ଏକ ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରିଥିଲା ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ। ବୁଧବାର ସକାଳେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ନିଆରା ପରିବେଶରେ ଦିବ୍ୟାଙ୍ଗମାନେ ପ୍ରଥମଥର ପାଇଁ ବିମାନ ଯାତ୍ରାର ମଜା ନେଇଥିଲେ।

ଏହି 'ଡ୍ରିମ୍ ଫ୍ଲାଇଟ୍' ବା ସ୍ୱପ୍ନର ଉଡ଼ାଣ କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗମାନେ ଆମ ସାମାଜିକ ମୂଳସ୍ରୋତର ଅଂଶ ଓ ସେମାନଙ୍କ ପାଇଁ ସମସ୍ତଙ୍କର ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି କହିଥିଲେ। ଦିବ୍ୟାଙ୍ଗମାନଙ୍କ ଲାଗି କାର୍ଯ୍ୟ କରୁଥିବା 'ସ୍ୱାଭିମାନ'ର ମୁଖ୍ୟ ଡ. ଶ୍ରୁତି ମହାପାତ୍ରଙ୍କ ନେତୃତ୍ୱରେ ଏବଂ ଇଣ୍ଡିଆନ୍ ଏୟାରଲାଇନ୍ସ, ଏୟାର ଆଲିଆନ୍ସ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସହଯୋଗକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳେ 'ମୋ ବସ୍' ଯୋଗେ ପିଲାମାନେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିମାନବନ୍ଦର ଲାଉଞ୍ଜରେ ଏକ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ସାର୍ଥକ ପାଣିଗ୍ରାହୀ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିବାବେଳେ ଉଡ଼ାଣ ପୂର୍ବରୁ କେକ୍ କଟାଯାଇଥିଲା। ମନ୍ତ୍ରୀ ପଣ୍ଡାଙ୍କ ସମେତ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ଶାସନ ସଚିବ ଉଷା ପାଢ଼ୀ, ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ, ଏୟାର ଆଲିଆନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ସି.ଏସ୍. ହୋତା, ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ ଏବଂ ଶିଳ୍ପପତି ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ ଫିଲ୍ମ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ 'ମୋ କଲେଜ' କାର୍ଯ୍ୟକ୍ରମ ଅଧ୍ୟକ୍ଷ ଆକାଶ ଦାସ ନାୟକ ଉପସ୍ଥିତ ରହି ପିଲାମାନଙ୍କୁ ସ୍ୱାଗତ କରିଥିଲେ। ଏହି ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ଅଧିକାଂଶ ବସ୍ତିବାସିନ୍ଦା ଥିଲେ।



ବିମାନ ଯାତ୍ରା ପୂର୍ବରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ଅତିଥିଙ୍କ ଗହଣରେ ଉତ୍ସାହିତ ଦିବ୍ୟାଙ୍ଗ ଶିଶୁ ଓ କିଶୋର।

# ରାସ୍ତାରୁ ପାଇଥିବା ପର୍ସ ଫେରାଇଲେ ଜୋତା ଦୋକାନୀ

## ମାନବିକତା ଆଗରେ ହାର୍ ମାନିଲା ଅଭାବ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ବୃତ୍ତିରେ ଜୋତା ଦୋକାନୀ। ଅଭାବ କେବେ ପିଛା ଛାଡ଼େନା। ସୀମିତ ରୋଜଗାରରେ ଘର ଚଳେ। ଅଭାବ ସତ୍ତ୍ୱେ ଟଙ୍କା ଲୋଭ ତାଙ୍କୁ କବଳିତ କରିପାରି ନାହିଁ। ଟଙ୍କା ଭର୍ତ୍ତି ପର୍ସ ରାସ୍ତାକଡ଼ରୁ ମିଳିଥିଲା। ନିଜ ଖର୍ଚ୍ଚରେ ପର୍ସ ମାଲିକଙ୍କ ଠିକଣା ଖୋଜିଖୋଜି ତାଙ୍କୁ ହସ୍ତାନ୍ତର କରିଛନ୍ତି। ଏଭଳି ମାନବିକତାର ପରିଚୟ ଦେଇଛନ୍ତି ଜୋତା ଦୋକାନୀ ସୋନପୁର ତରଭାର ବର୍ଦ୍ଧମାନ ମେହେର।

ତରଭାଠାରେ ଏକ ଛୋଟିଆ ଜୋତା ଦୋକାନ କରିଛନ୍ତି ୨୮ ବର୍ଷୀୟ ବର୍ଦ୍ଧମାନ। ଗତ ଡିସେମ୍ବର ୨୭ରେ ସେ କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ରସୁଲଗଡ଼ ଛକ ପାଖ ପୋଲ ତଳୁ ତାଙ୍କୁ ଏକ ମନିପର୍ସ ମିଳିଥିଲା। ପର୍ସ ଭିତରେ ପ୍ରାୟ ୧୦ ହଜାର ଟଙ୍କା ସହ ଆଧାର କାର୍ଡ, ପ୍ୟାନ୍ କାର୍ଡ, ୨ଟି ଏଟିଏମ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଥିଲା। ଆଧାର କାର୍ଡରେ ଦିଲ୍ଲୀ ଠିକଣା ଲେଖାଯାଇଥିଲା। କିନ୍ତୁ ଯୋଗାଯୋଗ ପାଇଁ କୌଣସି ଫୋନ୍ ନମ୍ବର ନ ଥିଲା। ଭୁବନେଶ୍ୱରରୁ କାମ ସରିବା ପରେ ସେ ତରଭା ଫେରିଯାଇଥିଲେ। କିନ୍ତୁ ପର୍ସ ଫେରାଇବା ପାଇଁ ସର୍ବଦା ଚିନ୍ତିତ ଥିଲେ। ପର୍ସରେ ଥିବା କେତେକ ସରକାରୀ କାଗଜପତ୍ରରୁ ପର୍ସଟି ଦେବଦତ୍ତ ସାମନ୍ତରାୟଙ୍କର ବୋଲି ଜାଣିପାରିଥିଲେ। ହେଲେ ଯୋଗାଯୋଗର କୌଣସି ମାଧ୍ୟମ ନ ଥିଲା। ପର୍ସ ଭିତରେ ଥିବା ଏଟିଏମ୍ କାର୍ଡକୁ ଧରି ବ୍ୟାଙ୍କରେ ପହଞ୍ଚିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଦେବଦତ୍ତଙ୍କ ଫୋନ୍ ନମ୍ବର ସଂଗ୍ରହ କରିଥିଲେ। ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ଦେବଦତ୍ତ ଭୁବନେଶ୍ୱର ଆସି ବୁଧବାର ବର୍ଦ୍ଧମାନଙ୍କ ଠାରୁ ପର୍ସ ସଂଗ୍ରହ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦେବଦତ୍ତ ହେଉଛନ୍ତି ବିଶିଷ୍ଟ ଫୁଟବଲ୍‌ର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସାନ ଭାଇ। ସେ ଡିସେମ୍ବର ଶେଷ ସପ୍ତାହରେ ଭୁବନେଶ୍ୱରକୁ ଆସିଥିଲେ। ଏହି ସମୟରେ ପର୍ସ ହଜିଯାଇଥିଲା।



ବର୍ଦ୍ଧମାନ ମେହେର

# ବାଲିଯାତ୍ରା ପଡ଼ିଆରେ ସମାଜର ସାଂସ୍କୃତିକ ସମାରୋହ

**କଟକ ଅଫିସ, ୨୨।୧**

'ସମାଜ'ର ସାଂସ୍କୃତିକ ସମାରୋହ ଦ୍ୱିତୀୟ ସନ୍ଧ୍ୟା ବୁଧବାର ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ସମାଜ ବିଗତ ଶହେ ବର୍ଷ ମଧ୍ୟରେ ଅନେକ ଉଠାଣି ଗଡ଼ାଣି ସାମ୍ନା କରିଛି। ତଥାପି 'ସମାଜ' ତା'ର ସାମାଜିକ ଦାୟିତ୍ୱବୋଧରୁ ନଜର ହଟାଇ ନାହିଁ। ସ୍ୱାଧୀନତା ଆନ୍ଦୋଳନ ସମୟରେ 'ସମାଜ' ଯେପରି ଓଡ଼ିଶାବାସୀଙ୍କ ସୁଖଦୁଃଖରେ ସାମିଲ ହୋଇ ସମାଜ ସଂସ୍କାରର ବାର୍ତ୍ତା ଦେଇଚାଲିଥିଲା ଏବେ ବି ଦେଶର ସାହିତ୍ୟ, ସଂସ୍କୃତି, ପରମ୍ପରା ରକ୍ଷା ଦିଗରେ ସମାଜ ନିଜ ଦାୟିତ୍ୱବୋଧରୁ ଓହରି ନାହିଁ। ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ତଥା 'ସମାଜ' ପରିଚାଳନା ମଣ୍ଡଳୀ ଅଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଇଂ. ମହମ୍ମଦ ମୋକିମ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଲୋକସେବକ ମଣ୍ଡଳର ଆଜୀବନ କର୍ମୀ ଡ. ପ୍ରଭାସ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋକସେବକ ମଣ୍ଡଳର କୋଷାଧ୍ୟକ୍ଷ ଭୀମସେନ ଯାଦବ, ଆଜୀବନ ସଦସ୍ୟ ଅଜୟ ସିଂହ, 'ସମାଜ' କାର୍ଯ୍ୟକାରୀ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ 'ସମାଜ'ର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତକୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ।

# ବିଦ୍ୟାଳୟ ପରିସରରୁ ସାପ ଉଦ୍ଧାର

**ବାରଙ୍ଗ,୨୨।୧(ଡି.ଏନ୍.ଏ.):** ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ବୁଧବାର ଏକ ନାଗସାପ ଉଦ୍ଧାର କରାଯାଇଛି। ୫ଫୁଟ ଲମ୍ବର ଏହି ନାଗସାପଟି ବିଦ୍ୟାଳୟ ପରିସରରେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବା ଆଜବେଷ୍ଟସ ତଳୁ ମିଳିଥିଲା। ପିଲାମାନେ ମଧ୍ୟାହ୍ନଭୋଜନ ଛୁଟି ସମୟରେ ବାହାରେ ବୁଲୁଥିବାବେଳେ ସାପଟିକୁ ଦେଖିଥିଲେ। ଏ ବିଷୟରେ ଶିକ୍ଷକଙ୍କୁ କହିବା ପରେ ସାପଧରାଳି ବୁଲୁ ପାତ୍ରଙ୍କୁ ଡାକି ଆଜବେଷ୍ଟସରୁ ବାହାର କରାଯାଇଥିଲା। ସାପଟି ଅକ୍ଷତ ଥିବାବେଳେ ବୁଲୁ ତାକୁ ଚନ୍ଦକା ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ସୁନୀଲ



ପ୍ରଦ୍ୟୁମ୍ନ



ପ୍ରଭୁଦତ୍ତ



ବିଶ୍ୱରଞ୍ଜନ



ପ୍ରତାପ



ଅମିୟ



ଶୁଭାଶିଷ



ଶୁଭଦ୍ରା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

# ଗଣିତ (MATHEMATICS)

**ପ୍ରମାଣ:** $\overline{OD}$, $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ।

$\Delta OBD$ ଓ $\Delta ODC$ ଦ୍ୱୟରେ,

$\overline{OD}$ ସାଧାରଣ, $OB = OC$ (ପରିବୃତ୍ତର ବ୍ୟାସାର୍ଦ୍ଧ)

$m\angle ODB = m\angle ODC = 90^0$

$\Rightarrow \Delta OBD \cong \Delta ODC \Rightarrow m\angle OBC = m\angle OCB$

ବର୍ତ୍ତମାନ $\Delta OBC$ ରେ,

$m\angle BOC + m\angle OBC + m\angle OCB = 180^0$

$\Rightarrow 2m\angle BAC + 2m\angle OBC = 180^0$

$(\because 2m\angle BAC = m\angle BOC)$

$\Rightarrow m\angle BAC + m\angle OBC = 90^0$ **(ପ୍ରମାଣିତ)**

**କିମ୍ବା, ଦତ୍ତ :** ABCD ଏକ ବୃତ୍ତର ପରିଲିଖିତ ସାମାନ୍ତରିକ ଚିତ୍ର। ସ୍ପର୍ଶବିନ୍ଦୁମାନ M,N,P ଓ Q।





**ପ୍ରାମାଣ୍ୟ :** ABCD ଏକ ରମ୍ବସ।

**ପ୍ରମାଣ :** $AM = AN$ (ବହିଃସ୍ଥ ବିନ୍ଦୁରୁ ବୃତ୍ତପ୍ରତି ସ୍ପର୍ଶକଖଣ୍ଡଦ୍ୱୟ ସମାନ)

ସେହିପରି $BM = BQ$, $CP = CQ$, $DP = DN$

$\therefore AM = AN$
$BM = BQ$
$CP = CQ$
$DP = DN$

ଯୋଗକଲେ

$AM+BM+CP+DP = AN + DN + BQ + CQ$

$\Rightarrow AB + CD = AD + BC$

$\Rightarrow 2AB = 2AD$ $(\because AB = CD$ ଓ $AD = BC)$

$\Rightarrow AB = AD$

$\therefore$ ABCD ଏକ ରମ୍ବସ।

($\because$ ଯେଉଁ ସାମାନ୍ତରିକ ଚିତ୍ରର ସନ୍ନିହିତ ବାହୁମାନଙ୍କର ଦୈର୍ଘ୍ୟ ସମାନ, ତାହା ଏକ ରମ୍ବସ୍।)

**(ii)** $17° + 28° = 45°$

$\Rightarrow \tan(17° + 28°) = \tan 45°$

$\Rightarrow \dfrac{\tan 17° + \tan 28°}{1 - \tan 17°.\tan 28°} = 1$

$\Rightarrow \tan 17° + \tan 28° + \tan 17° . \tan 28° = 1$

$\Rightarrow 1 + \tan 17° + \tan 28° + \tan 17.\tan 28° = 2$

$\Rightarrow (1 + \tan 17°)(1 + \tan 28°) = 2$

**କିମ୍ବା,** AB = ସ୍ତମ୍ଭର ଉଚ୍ଚତା ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ $60^0$ ବେଳେ $\overline{AB}$ ସ୍ତମ୍ଭର ଛାଇର ଦୈର୍ଘ୍ୟ CB ଏବଂ କୌଣିକ ଉନ୍ନତିର ପରିମାଣ $45^0$ ବେଳେ $\overline{AB}$ ସ୍ତମ୍ଭର ଛାଇର ଦୈର୍ଘ୍ୟ BD





ପ୍ରଶ୍ନାନୁସାରେ $BD - BC = 24$ ମିଟର

$m\angle ACB = 60^0$ ଏବଂ $m\angle ADB = 45^0$

ମନେକର $AB = x$ ମିଟର

$\therefore \Delta ACB$ ରେ $\tan 60^0 = \dfrac{AB}{CB} \Rightarrow \sqrt{3} = \dfrac{x}{BC}$

$\Rightarrow x = BC\sqrt{3}$

$\Delta ADB$ ରେ $\tan 45^0 = \dfrac{AB}{DB} \Rightarrow 1 = \dfrac{x}{BD}$

$\Rightarrow BD = BC\sqrt{3} \Rightarrow DC + BC = BC.\sqrt{3}$

$\Rightarrow 24 = BC.\sqrt{3} - BC$

$\Rightarrow BC(\sqrt{3} - 1) = 24$

$\Rightarrow BC = \dfrac{24}{\sqrt{3}-1}$

$\Rightarrow BC = \dfrac{24(\sqrt{3}+1)}{(\sqrt{3}-1)(\sqrt{3}+1)} = \dfrac{24(\sqrt{3}+1)}{(\sqrt{3})^2-(1)^2} = \dfrac{24(\sqrt{3}+1)}{3-1}$

$= \dfrac{24(\sqrt{3}+1)}{2} = 12(\sqrt{3}+1)$

$\therefore x = BC\sqrt{3} = 12(\sqrt{3}+1) \times \sqrt{3}$

$= 12(3+\sqrt{3})$

$= 12(3+1.732) = 12 \times 4.732$

$= 56.784 = 56.78$ ମି.

$\therefore$ ସ୍ତମ୍ଭର ଉଚ୍ଚତା 56.78 ମି.

**15.(i)** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ r ମିଟର ନେଇ ପରିସୀମା = $(\pi r + 2r)$ ମିଟର।

ଅର୍ଦ୍ଧବୃତ୍ତାକାର ଜମିର ପରିସୀମା = $\dfrac{216.00}{0.75}$ = 288 ମିଟର

$\pi r + 2r = 288$

$\Rightarrow r\left(\dfrac{22}{7}+2\right) = 288 \Rightarrow r \times \dfrac{36}{7} = 288$

$\Rightarrow r = 56$ ମିଟର।

ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ

$= \frac{1}{2}\pi r^2 = 4928$ ବ.ମି.।

**କିମ୍ବା,** ମନେକର ବୃତ୍ତର ବ୍ୟାସାର୍ଦ୍ଧ r ସେ.ମି. ଓ ବୃତ୍ତକଳାର ଚାପର ଦୈର୍ଘ୍ୟ L ସେ.ମି.।

$\therefore \pi r^2 = 9856 \Rightarrow r^2 = 9856 \times \dfrac{7}{22}$

$\Rightarrow r = \sqrt{448 \times 7} = 56$ ସେ.ମି.

ବୃତ୍ତକଳାର କ୍ଷେତ୍ରଫଳ =1400 ବ.ସେ.ମି.

$\Rightarrow \dfrac{1}{2}Lr = 1400 \Rightarrow L = \dfrac{2 \times 1400}{56} = 50$ ସେ.ମି.

$\therefore$ ବୃତ୍ତକଳାର ଚାପର ଦୈର୍ଘ୍ୟ 50 ସେ.ମି.।

**(ii)** ଲୁହାନଳର ଦୈର୍ଘ୍ୟ ଅର୍ଥାତ୍ ଫମ୍ପା ସିଲିଣ୍ଡରର ଉଚ୍ଚତା (h) = 84 ସେ.ମି., ଲୁହାନଳର ଅନ୍ତଃବ୍ୟାସାର୍ଦ୍ଧ ଓ ବହିଃବ୍ୟାସାର୍ଦ୍ଧ ଯଥାକ୍ରମେ r ସେ.ମି. ଓ R ସେ.ମି. ହେଲେ,

ଲୁହାନଳର ବେଧ (t) = $R - r = 2$ ସେ.ମି. $\Rightarrow 8 - r = 2 \Rightarrow r = 6$ ସେ.ମି. [$\because R = 8$ ସେ.ମି.(ଦତ୍ତ)]

ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi(R + r)(h + t)$

$= 2 \times \dfrac{22}{7} \times (8+6)(84+2)$ ବ.ମି.

$= 2 \times \dfrac{22}{7} \times 14 \times 86 = 7568$ ବ.ସେ.ମି.

$\therefore$ ଲୁହାନଳର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 7568 ବ.ସେ.ମି.

**କିମ୍ବା,** ମନେକର ଫମ୍ପା ଗୋଲକର ବହିଃବ୍ୟାସାର୍ଦ୍ଧ ଏବଂ ଅନ୍ତଃବ୍ୟାସାର୍ଦ୍ଧ ଯଥାକ୍ରମେ R ସେ.ମି. ଓ r ସେ.ମି.

ପ୍ରଶ୍ନାନୁସାରେ, R = 6 ସେ.ମି. ଏବଂ r = 3 ସେ.ମି.

ଫମ୍ପା ଧାତବ ଗୋଲକର ଆୟତନ = $\dfrac{4}{3}\pi(R^3 - r^3)$

$= \dfrac{4}{3} \times \dfrac{22}{7}(6^3 - 3^3)$

$= \dfrac{4}{3} \times \dfrac{22}{7}(216 - 27) = \dfrac{4}{3} \times \dfrac{22}{7} \times 189$

$= 4 \times 22 \times 9 = 792$ ଘ.ସେ.ମି.

ପ୍ରତି ଘନ ସେ.ମି. ଧାତୁର ବସ୍ତୁତ୍ୱ $792 \times 8 = 6336$ ଗ୍ରାମ୍ ବା 6.336 କି.ଗ୍ରାମ୍।



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେହି ଲୋକ ତାକୁ ଆଦର କରନ୍ତି। - ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ବନ୍ଧୁକ ଲଗାଇ ୪. ୭୦ ଲକ୍ଷ ଟଙ୍କା ଲୁଟ୍

**ଗୋପ,୨୨।୧(ଡିଏନ୍ଏ):** ଗୋପ-ଚାରିଛକ ରାସ୍ତାର ତମ୍ପାଳ କାଦୁଆ ନଦୀ ପୋଲ ପାଖରେ ବୁଧବାର ରାତି ପ୍ରାୟ ୯ଟାବେଳେ ଏକ ଟ୍ରକ୍‌ରୁ ୫ଜଣ ଦୁର୍ବୃତ୍ତ ୪ଲକ୍ଷ ୭୦ହଜାର ଟଙ୍କା ଲୁଟିନେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, କୋଣାର୍କର ବଡ଼ ବ୍ୟବସାୟୀ କୈଳାସ ସାହୁଙ୍କ ଏକ ଟ୍ରକ (ଓଆର୍୦୨ବିଡ଼ି୧୨୬୮)ରେ ୬ଜଣ ଦୋକାନ କର୍ମଚାରୀ ମାଲିକଙ୍କ ବ୍ୟବସାୟରେ ସାମଗ୍ରୀ ଦେବା ଓ ଟଙ୍କା ଆଦାୟ ପାଇଁ କଟକର ନିଆଳି ଅଞ୍ଚଳକୁ ଯାଇଥିଲେ। ଟଙ୍କା ଆଦାୟ କରି ସେଠାରୁ ସନ୍ଧ୍ୟା ସମୟରେ କୋଣାର୍କ ଫେରୁଥିଲେ। କିନ୍ତୁ ଗୋପ-ଚାରିଛକ ରାସ୍ତାର ତମ୍ପାଳ ଛକ ନିକଟରେ ହଠାତ୍ ୩ଟି ବାଇକ୍‌ରେ ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ଟ୍ରକ୍‌କୁ ଅଟକାଇଥିଲେ। ବନ୍ଧୁକ, କଟୁରି କର୍ମଚାରୀଙ୍କ ମୁଣ୍ଡରେ ଲଗାଇ ଟଙ୍କା ବ୍ୟାଗ୍ ମାଗିଥିଲେ। ଭୟରେ ଟ୍ରକ ଆଗରେ ବସିଥିବା କର୍ମଚାରୀ ଜଣଙ୍କ ଗୋଟିଏ ଟଙ୍କା ବ୍ୟାଗ ବଢ଼ାଇ ଦେଇଥିଲେ। କିନ୍ତୁ ଦୁର୍ବୃତ୍ତମାନେ ଆଉ ଗୋଟିଏ ଟଙ୍କା ବ୍ୟାଗ ମାଗିଥିଲେ। କର୍ମଚାରୀ ଟଙ୍କା ନ ଦେବାରୁ ଜଣେ ଦୁର୍ବୃତ୍ତ କଟୁରିରେ କାହ୍ନୁଚରଣ ପାଢ଼ୀ ନାମକ ଜଣେ କର୍ମଚାରୀଙ୍କୁ ହାଣିଦେଇଥିଲେ। ପରେ ଦୁର୍ବୃତ୍ତମାନେ ୨ଟି ଟଙ୍କା ବ୍ୟାଗ ନେଇ ଖସିଯାଇଥିଲେ। ଏହି ଘଟଣା ବିଷୟରେ ମାଲିକ ଏବଂ ପୋଲିସକୁ ଜଣାଇବା ପରେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ କର୍ମଚାରୀମାନଙ୍କ କଥାରେ ତାଳ ମେଳ ରହୁ ନ ଥିବାବେଳେ ଦୁର୍ବୃତ୍ତମାନେ କିଭଳି ଗାଡ଼ିରେ ଦୁଇଟି ବ୍ୟାଗ ଥିବା ଜାଣିଲେ ସେନେଇ ପୋଲିସ ସମସ୍ତ କର୍ମଚାରୀମାନଙ୍କୁ ପଚରାଉଚୁରା କରୁଛି। ରିପୋର୍ଟ ଲେଖା ହେବା ସମୟରେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ଲକ୍ଷ୍ମୀପୁର ବିଧାନସଭା ମାମଲାର ହେବ ଶୁଣାଣି

**କଟକ ଅଫିସ, ୨୨।୧:** କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମାମଲାରେ ପ୍ରସଙ୍ଗ ଉପରେ ଶୁଣାଣି କରାଯିବ। ଅର୍ଥାତ୍ କେଉଁସବୁ ପ୍ରସଙ୍ଗକୁ ନେଇ ମାମଲା ଆଗକୁ ବଢ଼ିବ ତାହା ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଆସନ୍ତା ୨୯ ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ଲକ୍ଷ୍ମୀପୁର ବିଧାନସଭା ଆସନରୁ ପରାଜିତ ପ୍ରାର୍ଥୀ କୈଳାସ କୁଲେସିକା ଏହି ମାମଲା ରୁଜୁ କରିଥିଲେ। ପିଟିଶନରେ ସେ ଦର୍ଶାଇଥିଲେ ଯେ, ବିଜୟୀ ପ୍ରାର୍ଥୀ ପ୍ରଭୁ ଜାନି ସତ୍ୟପାଠ ଦାଖଲ ପୂର୍ବରୁ ରିଟର୍ନିଂ ଅଫିସରଙ୍କ ନିକଟରେ ସତ୍ୟପାଠ ଦାଖଲ କରିବା ନିମନ୍ତେ ଯେଉଁ ନିର୍ବାଚନୀ ନିୟମ ରହିଛି ତାହାକୁ ସେ ଉଲ୍ଲଂଘନ କରିଛନ୍ତି। ସେହିପରି ନିର୍ବାଚନୀ ସତ୍ୟପାଠରେ ସେ ଅନେକ ତଥ୍ୟ ଲୁଚାଇଛନ୍ତି। ତେଣୁ ତାଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ କୁଲେସିକା ପିଟିଶନରେ ନିବେଦନ କରିଥିଲେ।

### ରାଉରକେଲା ନିର୍ବାଚନ ମାମଲା: ଦସ୍ତାବିଜ ସହ ସାକ୍ଷୀ ତାଲିକା ପ୍ରଦାନ ନିମନ୍ତେ ଆଦେଶ

**କଟକ ଅଫିସ, ୨୨।୧:** ରାଉରକେଲା ବିଧାନସଭା ନିର୍ବାଚନ ମାମଲାରେ ଦସ୍ତାବିଜ ସହିତ ସାକ୍ଷୀଙ୍କ ତାଲିକା ପ୍ରଦାନ ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ଚାରି ସପ୍ତାହ ମଧ୍ୟରେ ଏହାକୁ ଦାଖଲ କରିବା ପାଇଁ ଆଦେଶରେ ଉଲ୍ଲେଖ ରହିଛି। ସୂଚନାଥାଉ କି, ଏହି ଆସନରୁ ପରାଜିତ ହୋଇଥିବା ଭାଜପା ପ୍ରାର୍ଥୀ ନିହାର ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଜୟୀ ପ୍ରାର୍ଥୀ ସାରଦା ନାୟକ ଲାଭଜନକ ସଂସ୍ଥାରେ ଥାଇ ମଧ୍ୟ ନିର୍ବାଚନ ଲଢ଼ିଥିବା ସେ ଅଭିଯୋଗ ଆଣିଥିଲେ। ଏହାବାଦ ନିର୍ବାଚନୀ ସତ୍ୟପାଠରେ ସେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ରାୟ ପିଟିଶନରେ ଉଲ୍ଲେଖ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'କୃଷି କ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ଅଧିକ ଋଣ ଯୋଗାନ୍ତୁ'




କୃଷି ଓଡ଼ିଶା-୨୦୨୦ରେ ବୁଧବାର ଆୟୋଜିତ ବ୍ୟାଙ୍କର୍ସମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଅଧିବେଶନରେ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଓଡ଼ିଶାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ ଚାଷକାର୍ଯ୍ୟ ନିମନ୍ତେ ଋଣର ଜରୁରୀ ଆବଶ୍ୟକତା ରହିଛି। ସମ୍ପ୍ରତି ଚାଷ କାର୍ଯ୍ୟରେ ନୂତନ ଜ୍ଞାନକୌଶଳ ଓ ପଦ୍ଧତି ଅନୁସରଣ କରାଯାଉଥିବା ବେଳେ ଏଥିନିମନ୍ତେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବ୍ୟାଙ୍କଗୁଡ଼ିକ

**କୃଷି ଓଡ଼ିଶା-୨୦୨୦**

ସହଜରେ ଓ ସୁବିଧାରେ ଚାଷୀମାନଙ୍କୁ ଅଧିକରୁ ଅଧିକ ଋଣ ଯୋଗାଇ ଦେଇ ଓଡ଼ିଶାର ପ୍ରଗତିରେ ଭାଗିଦାର ହେବା ପାଇଁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ବୁଧବାର କୃଷି ଓଡ଼ିଶା-୨୦୨୦ ଅବସରରେ ପୂର୍ବାହ୍ନରେ ଜନତା ମଇଦାନରେ ଆୟୋଜିତ ବ୍ୟାଙ୍କର୍ସମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଅଧିବେଶନରେ ମନ୍ତ୍ରୀ ଯୋଗଦେଇ ଏହା କହିଛନ୍ତି। ସମ୍ପ୍ରତି ଉଚ୍ଚଶିକ୍ଷିତ ଯୁବପିଢ଼ି କୃଷିକ୍ଷେତ୍ର ପ୍ରତି ଆଗ୍ରହ ଦେଖାଉଛନ୍ତି। ଏପରି କ୍ଷେତ୍ରରେ ସେମାନଙ୍କୁ ସହଜରେ ଋଣ ଯୋଗାଇ ଦେବା ନିମନ୍ତେ ତତ୍ପରତା ପ୍ରକାଶ ପାଇବା ଉଚିତ୍। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ତୁଳନାରେ ଓଡ଼ିଶାର ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର କୃଷି ଋଣ ହାର ବହୁତ କମ୍ ବୋଲି ସାହୁ କହିଥିଲେ। ଏହି ପରିପ୍ରେକ୍ଷୀରେ କୃଷି ଅଧିକାରୀମାନେ ନିୟମିତ ବ୍ୟାଙ୍କଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି କୃଷିଋଣ ପ୍ରଦାନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ମନ୍ତ୍ରୀ ସାହୁ କହିଛନ୍ତି।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁ ପ୍ରସାଦ କହିଲେ ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କୃଷିଜାତ ଦ୍ରବ୍ୟର ବହୁତ ଚାହିଦା ରହିଥିବାରୁ ଏ ଦିଗରେ ଅଧିକରୁ ଅଧିକ ପୁଞ୍ଜି ନିବେଶ କରାଯିବାର ସୁଯୋଗ ରହିଛି। ବିଭିନ୍ନ ସରକାରୀ ଯୋଜନା ଓ ବିଶେଷକରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ରାଜ୍ୟ ସରକାର ବହୁଳ ପରିମାଣ ସବ୍‌ସିଡି ଅର୍ଥ ପ୍ରଦାନ କରୁଛନ୍ତି। ଏପରି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଋଣ ପ୍ରଦାନ କଲେ ଚାଷୀମାନେ ସବ୍‌ସିଡିର ଲାଭ ପାଇପାରନ୍ତେ ବୋଲି ରଘୁ ପ୍ରସାଦ କହିଛନ୍ତି। ବୈଠକରେ ୟୁକୋ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ହେଡ୍‌ର ଜେନେରାଲ ମ୍ୟାନେଜର ଏସ୍.କୁମାର ଓଡ଼ିଶାର କୃଷକମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କଗୁଡ଼ିକ ନିଶ୍ଚିତ ରୂପେ ଆଗେଇ ଆସିବେ ବୋଲି କହିଥିଲେ। ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ସୋନାଲି ଦାଶଙ୍କ ସମେତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ମତ୍ସ୍ୟ ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ, ପ୍ରାଣୀ ସମ୍ପଦ ବିକାଶ ନିର୍ଦ୍ଦେଶକ ରତ୍ନାକର ରାଉତଙ୍କ ସମେତ କୃଷି ବିଭାଗର ବରିଷ୍ଠ ଅଧିକାରୀ ଏବଂ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ୍ ଅଧିକାରୀମାନେ ଯୋଗଦେଇ କୃଷିଋଣ କ୍ଷେତ୍ରର ବିଭିନ୍ନ ଦିଗ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ପଞ୍ଚାୟତସ୍ତରରେ ହେବ ସ୍ୱତନ୍ତ୍ର ବୈଠକ

ରାଜ୍ୟର ମୋଟ ଲୋକସଂଖ୍ୟାର ଏକ ବୃହତ ଭାଗ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରିଥାନ୍ତି। କୃଷକମାନେ ଗ୍ରାମ୍ୟ ଅର୍ଥନୀତିର ମେରୁଦଣ୍ଡ ହୋଇଥିବାରୁ ରାଜ୍ୟ ସରକାର କୃଷକମାନଙ୍କ ଉନ୍ନତି ନିମନ୍ତେ ଅନେକ ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ଓ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ସଚେତନ କରାଇବା ଦିଗରେ ପଞ୍ଚାୟତିରାଜ ଜନପ୍ରତିନିଧିମାନେ ବିଶେଷ ଭୂମିକା ଗ୍ରହଣ କରିପାରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। 'କୃଷି ଓଡ଼ିଶା-୨୦୨୦'ର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଥିଲେ, ପଞ୍ଚାୟତ ସମିତି ସ୍ତରରେ କୃଷିର ଉନ୍ନତି ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବୈଠକ କରାଯିବ। ଏହି ସ୍ୱତନ୍ତ୍ର ବୈଠକରେ କୃଷି ବିଭାଗର ଅଧିକାରୀଙ୍କ ସମେତ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ସମବାୟ, ବିଦ୍ୟୁତ୍ ଓ ଅନ୍ୟ କୃଷି ସମ୍ପୃକ୍ତ ବିଭାଗଗୁଡ଼ିକ ସାମିଲ ହେବେ।

ଅଧ୍ୟକ୍ଷତା କରି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ, ଫସଲ ଅମଳ ପରବର୍ତ୍ତୀ ପରିଚାଳନା ଓ ଏହାକୁ ଉପଯୁକ୍ତ ମୂଲ୍ୟରେ ବିକ୍ରିକରି କୃଷକମାନଙ୍କ ଆୟବୃଦ୍ଧି କରିବା ପାଇଁ ବିଭାଗ ପଦକ୍ଷେପ ନେଉଥିବାବେଳେ ପଞ୍ଚାୟତିରାଜ ଜନପ୍ରତିନିଧିମାନଙ୍କର ଏ ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ ରହିଛି। ଉତ୍ସବରେ ସମ୍ମାନିତ ଅତିଥିଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଆପିକଲର ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୩୦ ସଫଳ ଚାଷୀ ଓ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମଠରୁ ପୁଅବେଶଧାରୀ ନାବାଳିକା ଉଦ୍ଧାର

- ବ୍ରାହ୍ମଣ ବେଶରେ ଭିକ୍ଷା, ସେବା ପୂଜା କରୁଥିଲେ
- ଜାଣିବା ପରେ ବିସ୍ମିତ ହୋଇଗଲେ ମଠ ମହନ୍ତ
- ରାତିଅଧରେ ଘରକୁ ପଠାଇଦେଲା ଡିସିପିୟୁ

**ପୁରୀ ଅଫିସ, ୨୨।୧**

ଘରୁ ବିମୁଖ ହୋଇ ଭୁବନେଶ୍ୱରର ଉଚ୍ଚଶିକ୍ଷିତ ଯୁବକ ଗିରିଜା ଶଙ୍କର ମିଶ୍ର ଗତ କିଛି ବର୍ଷ ଧରି ଶ୍ରୀକ୍ଷେତ୍ରକୁ ଚାଲିଆସି ଭିକ୍ଷାବୃତ୍ତି କରିବା ଘଟଣାର ଚର୍ଚ୍ଚା ଥମି ନ ଥିବା ବେଳେ ପୁଣି ଏଭଳି ଏକ ଖବର ଆଲୋଡ଼ନ ସୃଷ୍ଟି କରିଛି। ଶ୍ରୀମନ୍ଦିର ନିକଟ ଏକ ମଠରେ ପୁଅ ବେଶରେ ସଜେଇ ହୋଇ ରହୁଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଉଦ୍ଧାର କରିଛି। ଏହି ପିଲା ଜଣକ ପୁଅ ନୁହେଁ ବରଂ ଝିଅ ବୋଲି ଜଣାପଡ଼ିବା ପରେ ମଠ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଯାଇଥିଲେ। କୌଣସି ସମସ୍ୟା ସୃଷ୍ଟି ହେବା ଆଶଙ୍କାରେ ସେ ନିଜସ୍ୱ ଖର୍ଚ୍ଚରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ କର୍ମକର୍ତ୍ତାଙ୍କ ଜରିଆରେ ସମ୍ପୃକ୍ତ ନାବାଳିକାଙ୍କୁ ରାତିଅଧିଆ ତାଙ୍କ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କିଛି ମାସ ତଳେ କଟକ ଅଞ୍ଚଳର ଏହି ନାବାଳିକା ଜଣକ କୌଣସି କାରଣରୁ ଘରୁ ଶ୍ରୀକ୍ଷେତ୍ରକୁ ଚାଲି ଆସିଥିଲେ। ପୁରୀରେ କାମଧନ୍ଦା ଖୋଜି ଥିଲେ। ମାତ୍ର ନ ପାଇବାରୁ ନିଜକୁ ବ୍ରାହ୍ମଣ ବେଶରେ ସଜାଇ ଭିକ୍ଷାବୃତ୍ତି କରି ଚଳୁଥିଲେ। ସେ ଦେଖିବାକୁ ସୁନ୍ଦର ହୋଇଥିବାବେଳେ କଥାରେ ମିଷ୍ଟତା ଯୋଗୁ ଅଳ୍ପ ଦିନରେ ସ୍ଥାନୀୟ ଲୋକଙ୍କ ହୃଦୟ ଜିଣିଥିଲେ। ଉକ୍ତ ମଠ ନିକଟରେ ଥିବା ଚା' ଦୋକାନୀ ସମ୍ପୃକ୍ତ ମଠର ମହନ୍ତଙ୍କୁ ଏହି ବ୍ରାହ୍ମଣ ବେଶଧାରୀ ପିଲାଙ୍କୁ ଦେଖାଇ କହିଥିଲେ ଯେ, ଭଲ ପିଲାଟିଏ, ମନ୍ତ୍ର ପାଠ ଜାଣିଛି। ମଠରେ ରହିବ, ଠାକୁର ଓ ଆପଣଙ୍କ ସେବା କାର୍ଯ୍ୟ କରିବ। ମଠ ମହନ୍ତ ତାଙ୍କ ଚାଲିଚଳଣ ଓ ବ୍ୟବହାରରେ ସନ୍ତୁଷ୍ଟ ହୋଇ ମଠରେ ରହିବାକୁ ଅନୁମତି ଦେଇଥିଲେ। ସମ୍ପୃକ୍ତ ବ୍ରାହ୍ମଣ ବେଶଧାରୀ ପିଲା ଦିନରେ ମଠରେ କାମ କରୁଥିଲେ। ରାତିରେ ଖାଇପିଇ ସେଠାରେ ଶୋଇଯାଉଥିଲେ। ତେବେ କୌଣସି ସୂତ୍ରରୁ ଉକ୍ତ ବ୍ରାହ୍ମଣ ବେଶଧାରୀ ପିଲା ଜଣଙ୍କ ସମ୍ପର୍କରେ ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଏକ ଟିମ୍ ସୋମବାର ରାତିରେ ଅଚାନକ ମଠରେ ପହଞ୍ଚି ମହନ୍ତଙ୍କ ସହ ଆଲୋଚନା କରିଥିଲେ। ସେହି ବେଶଧାରୀ ପିଲା ଜଣଙ୍କ ପୁଅ ନୁହେଁ ବରଂ ଝିଅ ଏବଂ ସେ ନାବାଳିକା ବୋଲି ଜଣାଇଥିଲେ। ଏକଥା ଶୁଣି ମଠ ମହନ୍ତ ଚମକି ପଡ଼ିଥିଲେ। ସମ୍ପୃକ୍ତ ବେଶଧାରୀ ପିଲାଙ୍କୁ ପଚରାଉଚୁରା କରିବାରୁ ସବୁ କଥା ଜଣାପଡ଼ିଥିଲା। ସେ ନିଜ ପରିଚୟ ଦେବା ସହ ଘର ଠିକଣା ବି କହିଥିଲେ। ଏହାପରେ କାଳେ କିଛି ସମସ୍ୟା ଉପୁଜିବ ଏବଂ ଗଣମାଧ୍ୟମ ନିକଟରେ ଖବର ପହଞ୍ଚିଯିବ ସେହି ଭୟରେ ମଠ ମହନ୍ତ ଗାଡ଼ି ଭଡ଼ା ଦେଇ ତାଙ୍କୁ ଗ୍ରାମକୁ ତୁରନ୍ତ ପଠାଇ ଦେବାକୁ ଚାହିଁଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ସଦସ୍ୟା ସଦସ୍ୟମାନେ ତାଙ୍କୁ ସେଠାରୁ ରାତିରେ ଉଦ୍ଧାର କରି ତାଙ୍କ ଘରକୁ ପଠାଇ ଦେଇଥିଲେ।


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |










### TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ

## ସଂକ୍ଷେପରେ

### ୧୪ମାସ ପରେ ବାଲିଅନ୍ତା ପଞ୍ଚାୟତ ସମିତି ବୈଠକ
### ଖର୍ଚ୍ଚ ନ ହୋଇ ପଡ଼ିରହିଛି ୨କୋଟି ଟଙ୍କା

**ବାଲିଅନ୍ତା,୨୨।୧(ଡି ଏନ ଏ):** କର୍ମଚାରୀ ଏବଂ ଅଧିକାରୀଙ୍କ ଅପରାଗତା ଯୋଗୁ ବାଲିଅନ୍ତା ବ୍ଲକରେ ଅନେକ ଉନ୍ନୟନମୂଳକ କାମ ଆଗେଇ ପାରୁନି। ଫଳରେ ପ୍ରାୟ ୨ କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇପାରୁ ନାହିଁ । ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ବିକାମୂଳକ ଯୋଜନାଗୁଡ଼ିକ ପହଞ୍ଚି ପାରୁନାହିଁ ବୋଲି ବୁଧବାର ବାଲିଅନ୍ତା ପଞ୍ଚାୟତ ସମିତିର ସପ୍ତମ ବୈଠକରେ ଆଲୋଚନା ହୋଇଥିଲା। ଦୀର୍ଘ ୧୪ମାସ ପରେ ସମିତିର ବୈଠକ ବସିଥିବା ବେଳେ ବିରୋଧୀମାନେ ଏହାକୁ ନେଇ କୌଣସି ପ୍ରଶ୍ନ ଉଠାଇ ନ ଥିଲେ। ସେହିଭଳି ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣୀ ସଭାପତିତ୍ୱ କରିଥିଲେ । ନିର୍ବାଚନ ପରେ ଏହା ପ୍ରଥମ ବୈଠକ ହୋଇଥିଲେ ମଧ୍ୟ ଜୟଦେବ ବିଧାୟକ କିମ୍ବା ଭୁବନେଶ୍ୱର ଏମ୍‌ପି ଯୋଗଦେଇ ନ ଥିଲେ । ବୈଠକ ପ୍ରାରମ୍ଭରେ ବିଡ଼ିଓ ଦାୟିତ୍ୱରେ ଥିବା ତହସିଲ୍‌ଦାର ରଶ୍ମିରେଖା ପ୍ରଧାନ ବ୍ଲକରେ ଅନେକ ଉନ୍ନୟନମୂଳକ କାମ ହୋଇପାରୁ ନ ଥିବା ଯୋଗୁ ଦୁଃଖ ପ୍ରକାଶ କରିତିଲେ । କର୍ମଚାରୀଙ୍କ କାମ କରିବାର ଇଚ୍ଛାଶକ୍ତିର ଅଭାବ ଯୋଗୁ ପ୍ରାୟ ୨ କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇପାରୁ ନାହିଁ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ଅମରେନ୍ଦ୍ର ପଟ୍ଟନାୟକ, ବେଣ୍ଟପୁର ସମିତି ସଭ୍ୟ ତ୍ରୈଲୋକ୍ୟ ମଙ୍ଗରାଜ, ସରପଞ୍ଚ ଲକ୍ଷ୍ମଣ ଆଚାର୍ଯ୍ୟ, ସରପଞ୍ଚ ପ୍ରଜ୍ଞା ପାରମିତା ଜେନାମଣୀ, ସରପଞ୍ଚ ରଶ୍ମିତା ସାହୁ ଏବଂ ସମିତି ସଭ୍ୟ ମହେଶ୍ୱର ଦାସ, ସରପଞ୍ଚ ବାମନ ଚରଣ ଭୋଇ ବିଭିନ୍ନ ଦାବି କରିଥିଲେ ।

### ଫରୱାର୍ଡ଼ ବ୍ଲକ୍‌ର ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୨୨।୧ (ବ୍ୟୁରୋ):** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ' ପକ୍ଷରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଦଳର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ ଯୋଗ ଦେଇ ସ୍ୱାଧିନତାର ୭୩ ବର୍ଷ ପରେ ମଧ ଦେଶରେ ଭୋକ, ଭୟ ଓ ଭ୍ରଷ୍ଟାଚାରର ରାଜନୀତି ବଳବତ୍ତର ରହିଛି। ଏହାର ପରିବର୍ତ୍ତନ ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରଦର୍ଶିତ ମାର୍ଗ ସମାଜବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତିଷ୍ଠା ହିଁ ଏକମାତ୍ର ରାସ୍ତା ବୋଲି କହିଛନ୍ତି।
ବୁଧବାର ୟୁନିଟ-୬ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦଳର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କନ୍‌ଭେନ୍‌ସନ୍‌ରେ ଅନ୍ୟମାନଙ୍କ ମଧରେ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ସମ୍ପାଦକ ମଣ୍ଡଳୀର ସଭ୍ୟ ସର୍ବେଶ୍ୱର ମିଶ୍ର, ଜିତେନ୍ଦ୍ରୀୟ ବେହେରା, ଅଗ୍ରଗାମୀ କିଶାନ ସଭାର ରାଜ୍ୟ ସମ୍ପାଦକ ଅନିରୁଦ୍ଧ ମଲ୍ଲିକ, ଯୁବନେତା ସମରଜିତ୍ ମହାନ୍ତି, ବିଭୂଧେନ୍ଦ୍ର ପାଢ଼ୀ, ଲକ୍ଷ୍ମୀଧର ଗିରି, ମିଟୁ ମହାପାତ୍ର, ଆଲୋକ ମହାପାତ୍ର, ଛାତ୍ରନେତା କ୍ଷୀରସିନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପାର୍ଟିର ବହୁ କର୍ମକର୍ତ୍ତା ଏହି ଅବସରରେ ଯୋଗ ଦେଇଥିଲେ।

### ଶାନ୍ତିସ୍ତୁପ ଧଉଳିରେ ବନ୍ଧୁମିଳନ

**ପୁରୁଣା ଭୁବନେଶ୍ୱର, ୨୨। ୧ (ଡି.ଏନ.ଏ.):** ଶାନ୍ତିସ୍ତୁପ ଧଉଳିରେ ପର୍ଯଟନ ଋତୁ ଲାଗି ଗହଳି ବଢ଼ିବାରେ ଲାଗିଛି। ଏଠାକୁ ଆସୁଥିବା ଲୋକେ ବଜଣଭୋଜି କରି ମଜା ଉଠାଉଛନ୍ତି। ଏହି ଅବସରରେ ୧ ନମ୍ବର ପରିବା ବ୍ୟବସାୟୀ ମହାସଂଘ ପକ୍ଷରୁ ଏକ ବନ୍ଧୁମିଳନ ଧଉଳିରେ ବୁଧବାର ଅନୁଷ୍ଠିତ ହୋଇଥିଲା। ମହାସଂଘର ଦୁଇଶହ ବ୍ୟବସାୟୀ ତଥା କର୍ମୀଚାରୀମାନେ ଏକତ୍ରିତ ହୋଇଥିଲେ। ମହାସଂଘର ସଭାପତି କବିରାଜ ସ୍ୱାଇଁଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ବରାଳ, କମିରାଜ ପ୍ରଧାନ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଦ୍ୱୈତନଗରୀରୁ ୫ ବ୍ରାଉନସୁଗାର ବେପାରୀ ଗିରଫ

**ପୋଲିସ ଓ କ୍ୟୁଏଟିର ମିଳିତ ଚଢ଼ାଉ**

- ୭୪.୮ ଗ୍ରାମ ବ୍ରାଉନସୁଗାର, ୩ ବାଇକ ଓ ଟଙ୍କା ଜବତ
- ୩ ମାମଲା ରୁଜୁ, ଚାଲିଛି ଅଧିକ ଖୋଳତାଡ଼

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରାଜ୍ୟରେ ବ୍ରାଉନସୁଗାର ର୍ୟାକେଟକୁ ଧରିବାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ସଫଳତା ମିଳିବା ପରେ କମିଶନରେଟ ପୋଲିସ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। କଟକ ଓ ଭୁବନେଶ୍ୱର ଦୈତନଗରୀର ୩ ଥାନାଞ୍ଚଳରେ ବୁଧବାର ପୋଲିସ ଓ କ୍ୟୁଏଟି ମିଳିତ ଚଢ଼ାଉ କରି ୭୪.୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ସଂପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ବାଇକ, ୫ ମୋବଇଲ ଫୋନ୍ ଓ ୨୧୬୦ ଟଙ୍କା ଜବତ କରାଯାଇଛି।

ସୂଚନା ମୁତାବକ, ତମାଣ୍ଡୋ ଥାନା ଅନ୍ତର୍ଗତ ବେହେରା ଢାବା ନିକଟରେ ବ୍ରାଉନସୁଗାର କାରବାର ଚାଲିଥିବାନେଇ ଖବର ମିଳିଥିଲା। କ୍ୟୁଏଟି ଓ ତମାଣ୍ଡୋ ଥାନା ପୋଲିସ ତୁରନ୍ତ ସେଠାରେ ଚଢାଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖଣ୍ଡଗିରି ଥାନାଞ୍ଚଳର ବିକ୍ରମ ମଲ୍ଲିକ ଓ ମଞ୍ଚେଶ୍ୱର ଥାନାଞ୍ଚଳର ଜୟଶଙ୍କର ପରିଡ଼ା। ସେମାନଙ୍କ ନିକଟରୁ ୨୧.୮୫୦ ଗ୍ରାମ ବ୍ରାଉନସୁଗାର, ୧୧୮୦ ଟଙ୍କା ଓ ୨ ମୋବାଇଲ ଜବତ କରିଥିଲା। ଏ ନେଇ ପୋଲିସ ୨୨/୨୦ରେ ମାମଲା ରୁଜୁ ହୋଇଛି। ସେହିପରି ଅନ୍ୟଏକ ଟିମ୍ ମଧ୍ୟାହ୍ନରେ ଇନଫୋସିଟି ଥାନା ଅଞ୍ଚଳରେ ଚଢାଉ କରି ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ପ୍ରଦୀପ୍ତ କୁମାର ବଳିଆରସିଂଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୭ ଗ୍ରାମ ବ୍ରାଉନସୁଗାର, ୫ଶହ ଟଙ୍କା, ଗୋଟିଏ ମୋବାଇଲ ଫୋନ ଓ ଏକ ବାଇକ୍ ଜବତ କରିଥିଲା। ଏ ନେଇ ୧୩/୨୦ରେ ମାମଲା ରୁଜୁ ହୋଇଛି। ତୃତୀୟ ଘଟଣାକ୍ରମରେ କଟକ ଲାଲବାଗ ଥାନା ଅନ୍ତର୍ଗତ ଶୈଳବାଳା କଲେଜ ଅଞ୍ଚଳରେ କ୍ୟୁଏଟି ଓ ପୋଲିସ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪୬ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ ଫୋନ୍ ଓ ୨ ବାଇକ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସିମୁଳିଆ ଅଞ୍ଚଳର ଯଦୁବକ୍ର ଶାହା ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଶେଖ ଜାମସେଦ। ଏ ନେଇ ପୋଲିସ ୨୨/୧୦ରେ ମାମଲା ରୁଜୁ ହୋଇଥିବାବେଳେ ସମସ୍ତ ୩ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ୫ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଇନ୍‌ସ୍ପେୟାର ଉଦ୍‌ଯାପିତ



ଜଣେ ଛାତ୍ରୀ ନିଜ ପ୍ରକଳ୍ପ ବିଷୟରେ ଅତିଥିଙ୍କୁ ବୁଝାଉଛନ୍ତି।

**ଭୁବନେଶ୍ୱର, ୨୨।୧ (ବ୍ୟୁରୋ)**

ୟୁନିଟ ୧ ସରକାରୀ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଇନ୍‌ସ୍ପେୟାର ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶନୀରେ ୩୦ ଜିଲାରୁ ୧୪୪ ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୭ଟି ପ୍ରକଳ୍ପକୁ ଶ୍ରେଷ୍ଠ ପ୍ରକଳ୍ପ ମାନ୍ୟତା ମିଳିଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ଯୋଗ ଦେଇ କହିଛନ୍ତି, ଅଧିକରୁ ଅଧିକ ପିଲା କିପରି ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ ତାହା ଆମର ଲକ୍ଷ୍ୟ। ପିଲାମାନଙ୍କ ମଧ୍ୟରେ ନୂତନ ବୈଜ୍ଞାନିକ ଚିନ୍ତାଧାରର ବିକାଶ ଘଟାଇବା ସହ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ପ୍ରଚାରପ୍ରସାର ଘଟାଇବା ପାଇଁ ହିଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଛନ୍ତି।

ଜାତୀୟ ସ୍ତରରେ କୃତୀତ୍ୱ ଅର୍ଜନ କରି ଜାତୀୟ କଳା ଉତ୍ସବର ବାଳକ ବର୍ଗରେ ୨ୟ ସ୍ଥାନ ଅଧିକାର କରିଥିବା ଚିନ୍ମୟକୁମାର ଦାସଙ୍କୁ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସୋନାମିକା ରାୟ, ଡ. ଗୌରହରି ମିଶ୍ର, ଅଦୈତ ବଳିଆରସିଂ, ନଳିନି ପଟ୍ଟନାୟକ, ଦିଲ୍ଲୀପକୁମାର ସ୍ୱାଇଁ, ପ୍ରଦୀପକୁମାର ମିଶ୍ର, ଅମୂଲ୍ୟ କୁମାର ମହାନ୍ତି, ସନ୍ଧ୍ୟା ମହାପାତ୍ର, ଶାନ୍ତା ଦାସ, ତୋଫାନକୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଦୀପକ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ୟୁନିଟ ୧ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜାତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ସାଧାରଣତନ୍ତ୍ର ଦିବସ ପାଇଁ ବୁଧବାର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଅଭ୍ୟାସ ପରେଡ।

## ରାତି ୯ଟା ଯାଏ ଖୋଲା ରହିଲା ରାଜାରାଣୀ ମନ୍ଦିର

**ପୁରୁଣା ଭୁବନେଶ୍ୱର, ୨୨। ୧ (ଡି.ଏନ.ଏ.)**

ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ରାଜାରାଣୀ ମନ୍ଦିର ବୁଧବାରଠାରୁ ସକାଳୁ ରାତି ୯ଟା ଯାଏ ଖୋଲା ରହିଛି। ପୂର୍ବରୁ ଟିକେଟ ହେବା ପରଠାରୁ ସୂର୍ଯ୍ୟ ଉଦୟଠାରୁ ସ୍ୱର୍ଯ୍ୟାସ୍ତ ପର୍ଯ୍ୟନ୍ତ ମନ୍ଦିର ପରିସରକୁ ଯିବା ଲାଗି ଖୋଲା ରହୁଥିଲା। ଫଳରେ ବହୁ ପର୍ଯ୍ୟଟକ ମନ୍ଦିରର କଳାକୃତି ଦେଖି ନ ପାରି ଫେରି ଯାଉଥିଲେ। ତେଣୁ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧାକୁ ଉପଲବ୍ଧି କରି ଏଭଳି ପଦକ୍ଷେପ ନିଆଯାଇଥିବା ଏଏସ୍‌ଆଇ ସଂରକ୍ଷକ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର କହିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଇଁ ଟ୍ରାଫିକ କଟକଣା

**୨୩ , ୨୪ରେ ଗାନ୍ଧୀ ମାର୍ଗରେ ସାମୟିକ କଟକଣା**

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବୁଧବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ଼ ଅନୁଷ୍ଠିତ ହେବ। ତେଣୁ ଆସନ୍ତା ୨୬ ତାରିଖ ସକାଳ ୬ରୁ ପରେଡ଼ ଶେଷ ହେବା ପର୍ଯ୍ୟନ୍ତ କୌଣସି ଗାଡ଼ିକୁ ଗାନ୍ଧୀ ମାର୍ଗକୁ ଛଡ଼ାଯିବ ନାହିଁ। ଜନପଥରେ ଗାଡ଼ିମୋଟର ସ୍ୱାଭାବିକ ଭାବେ ଚଳାଚଳ କରିବ। କିନ୍ତୁ ମାଷ୍ଟରକ୍ୟାଣ୍ଟିନରୁ ମହାତ୍ମାଗାନ୍ଧୀ ମାର୍ଗ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ସଚିବାଳୟ ମାର୍ଗରେ ହାଉସିଂ ବୋର୍ଡରୁ ପିଏମ୍‌ଜି ଆସୁଥିବା ଗାଡ଼ିଗୁଡ଼ିକୁ ରବୀନ୍ଦ୍ର ମଣ୍ଡପ ପୂର୍ବରୁ ବାମ ପଟ ଦେଇ ଯିବାକୁ କୁହାଯାଇଛି। ଏଜି ଛକରୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ଗାଡିଗୁଡିକୁ ଆଇଜି ପାର୍କ ପୂର୍ବରୁ ଡାହାଣକୁ ମୋଡି ଯିବାକୁ ପରାମର୍ଶ ଦିଆଯାଇଛି। ଏମାନଙ୍କୁ ସଚିବାଳୟ ମାର୍ଗକୁ ଆସିବାକୁ ଦିଆଯିବ ନାହିଁ। ୧୨୦ ବାଟାଲିୟନରୁ ରବୀନ୍ଦ୍ର ମଣ୍ଡପ ଛକ ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ବିଧାୟକ କଲୋନୀ ମୋଡ଼ରେ ବାମକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରେଡ଼ ଦେଖିବାକୁ ଯାଉଥିବା ଲୋକଙ୍କ ପାଇଁ ପାର୍କିଂର ବ୍ୟବସ୍ଥା କରାଯାଇଛି। ମାଷ୍ଟର କ୍ୟାଣ୍ଟିନ ରେଳ ଷ୍ଟେଶନ ପାଖ ବସ୍‌ଷ୍ଟାଣ୍ଡ, କଂଗ୍ରେସ ଭବନ ପାଖ, ସୂଚନା ଭବନ ଭିତରେ, ଇଉ୍‌କଲ୍ ଅଡିଟୋରିୟମ ପାଖ ପଡିଆ, ରବୀନ୍ଦ୍ର ମଣ୍ଡପ ଭିତରେ, ୟୁନିଟ-୩ ଏସ୍‌ବିଆଇ ନିକଟରେ ଅଞ୍ଚଳରେ ଗାଡ଼ି ପାର୍କ କରିବାକୁ କୁହାଯାଇଛି। ପରେଡ ଅଭ୍ୟାସ ନେଇ କମିଶନରେଟ ପୋଲିସ ପକ୍ଷରୁ ପୂର୍ବରୁ ସୂଚନା ନ ଥିବାରୁ ଅନେକ ଚାଳକ ଅଭିଯୋଗ ଆଣିଥିଲେ।

## ମଣ୍ଡପ ଯାଞ୍ଚ କରିବ ସ୍ୱତନ୍ତ୍ର କମିଟି

**ଭୁବନେଶ୍ୱର, ୨୨।୧ (ବ୍ୟୁରୋ)**

ବିଏମ୍‌ସି ଦ୍ୱାରା ସହରରେ ଥିବା ୯୪ କଲ୍ୟାଣ ମଣ୍ଡପ/ବିବାହ ମଣ୍ଡପକୁ ତାଙ୍କ ସମସ୍ତ ପ୍ରମାଣପତ୍ର ସହ ପ୍ଲାନ ଆପ୍ରୁଭାଲ ଅଛି କି ନାହିଁ ତା ଯାଞ୍ଚ ହୋଇଛି। ସେଥିମଧ୍ୟରୁ ୧୪ଟିର ସମସ୍ତ କାଗଜପତ୍ର ଠିକ୍ ଥିବାବେଳେ ସେମାନେ ବିଏମ୍‌ସିର ନିୟମ କାନୁନ୍‌କୁ ନଜରରେ ରଖି ତାଙ୍କ ପ୍ରମାଣପତ୍ରର ମାନ ନିର୍ଦ୍ଧାରଣ କରିଛନ୍ତି। ହେଲେ ବାକିଥିବା ୮୦ଟି କଲ୍ୟାଣମଣ୍ଡପ ଓ ବିବାହ ମଣ୍ଡପ ଏଯାବତ୍ ତାର ପ୍ରମାଣ ପତ୍ର ସହ ବିଲ୍ଡିଂ ପ୍ଲାନ ଆପ୍ରୁଭାଲ ମଧ କରିନାହାଁନ୍ତି। ତେଣୁ ଏନିମିତ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଜରିମାନା କରିବା ପାଇଁ ନୂଆ କମିଟି ଗଠନ ହୋଇଛି। ଏନେଇ ବୁଧବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧକ୍ଷତାରେ ଆୟୋଜିତ ଏକ ବୈଠକରେ ଏହା ପ୍ରକାଶ ପାଇଛି। କମିଟି ପକ୍ଷରୁ ସମ୍ପୃକ୍ତ କଲ୍ୟାଣମଣ୍ଡପ ଓ ବିବାହ ମଣ୍ଡପ ଗସ୍ତ କରାଯିବା ସହ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିବ। ଆଗକୁ ସେମାନଙ୍କୁ କେମିତି ଗୁଗୁଲ ମ୍ୟାପରେ ପ୍ଲାନ୍ ଆପ୍ରୁଭାଲ ସହ ଯୋଡ଼ି ହେବ ସେନେଇ ରିପୋର୍ଟ ଦେବେ। ଯଦି ଉପରୋକ୍ତ କୌଣସି ନିୟମକୁ ମଣ୍ଡପ ମାଲିକ କିମ୍ବା କର୍ତ୍ତୃପକ୍ଷ ଅବହେଳା କରିବେ ତେବେ ଓଡ଼ିଏ କୋର୍ଟରେ ମାମଲା ରୁଜୁ କରାଯିବ ।

# ବିରଳ ଧମନୀ ଟ୍ୟୁମରର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ଜଣେ ୪୬ ବର୍ଷୀୟା ରୋଗୀଙ୍କଠାରେ ଦେଖାଦେଇଥିବା ଧମନୀରେ ସ୍ୟୁଡୋଆନ୍ୟୁରିଜିମ୍ ଭଳି ଏକ ବିରଳ ରୋଗକୁ ପ୍ରଥମଥର ପାଇଁ ସଫଳ ଅସ୍ତ୍ରୋପଚାର ମାଧମରେ କଢ଼ାଯାଇଛି। ଦୀର୍ଘ ୩ ଘଣ୍ଟାର ମାରାଥନ୍ ଅସ୍ତ୍ରୋପଚାର ପରେ ଏହି ରୋଗର ସଫଳ ଚିକିତ୍ସା ହୋଇଥିବା ଜଣାପଡ଼ିଛି। ଓସିପିଟାଲ ଧମନୀ ସ୍ୟୁଡୋଆନ୍ୟୁରିଜିମ୍ ଅତ୍ୟନ୍ତ ବିରଳ ରୋଗ ହୋଇଥିବାବେଳେ ଗତ ୩ ମାସ ତଳେ ମୁଳତା ବେକର ଡାହାଣ ପାର୍ଶ୍ୱରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ତେବେ ସିଟି ଆଞ୍ଜିଓଗ୍ରାମ ପରେ ତାଙ୍କର ଓସିପିଟାଲ ଧମନୀରେ ଏକ ବିରଳ ସ୍ୟୁଡୋଆନ୍ୟୁରିଜିମ୍ ବଢୁଥିବା ଦେଖାଯାଇଥିଲା। ରକ୍ତ ବାହିକାରେ ଆଘାତ ଲାଗିଥିବାରୁ ଅତ୍ୟଧିକ ରକ୍ତସ୍ରାବ ହୋଇ ରକ୍ତ ଗୋଟିଏ ସ୍ଥାନରେ ଠୁଳ ହୋଇ ଏକ ଟ୍ୟୁମରର ଆକାର ଧାରଣ କରିଥିଲା। ଧମନୀର ଦୁଇଟି ବାହ୍ୟ ଆବରଣ ମଧ୍ୟରେ ଏହା ସୃଷ୍ଟି ହୋଇଥିଲା। ଏହି ସ୍ୟୁଡୋଆନ୍ୟୁରିଜିମ୍‌ର ଆକାର ୧୦ରୁ ୧୪ ସେମି ଥିବାବେଳେ ଏହା ଏକ ପିଣ୍ଡୁଳା ଭଳି ବାହାରକୁ ବଢୁଥିଲା ଓ ଖପୁରି ହାଡ଼କୁ ଧୀରେ ଧୀରେ ନଷ୍ଟ କରୁଥିବା ଅସ୍ତ୍ରୋପଚାର କରିଥିବା ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲର ସିଟିଭିଏସ୍ ନିର୍ଦ୍ଦେଶକ ଡ. କରୁଣାକର ପାଢ଼ୀ କହିଛନ୍ତି। ତେବେ ଅସ୍ତ୍ରୋପଚାର କରି ବେକ ଆଡ଼କୁ ବଢୁଥିବା ଟ୍ୟୁମରକୁ କାଟି ଦିଆଯାଇଥିଲା। ବ୍ଲଡ୍ କ୍ଲଟ୍‌ଗୁଡ଼ିକୁ ସଫା କରାଯିବା ସହ ବାହାର ଅଂଶରେ ଥିବା ଗ୍ରନ୍ଥିକୁ ହଟାଯାଇ ସିଲେଇ କରାଯାଇଥିଲା। ରୋଗୀ ଜଣକ ଏବେ ସୁସ୍ଥ ହେଉଥିବାବେଳେ ଖୁବ୍‌ଶୀଘ୍ର ସାଧାରଣ ଜୀବନ ବିତାଇବାକୁ ସକ୍ଷମ ହେବେ ବୋଲି ଚିକିତ୍ସା କରିଥିବା ବିଶେଷଜ୍ଞ ଦଳ ବୁଧବାର ହସ୍ପିଟାଲ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟାଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟଗୁଡ଼ିକର ସ୍ଥିତି ସମୀକ୍ଷା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ବିଜୟ କୁମାର ସାହୁ ଦୁଇଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତ କରିଛନ୍ତି। ତାଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓନ କଲ୍ୟାଣ, ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ, ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ସମସ୍ତ ପ୍ରିନ୍ସପାଲ୍, ଗ୍ରାମୀଣ ବିକାଶ ବିଭାଗ, ନିର୍ମାଣ ବିଭାଗ ଓ ଡିଏମ୍‌ଏଫ୍ ଅଧିକାରୀମାନେ ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ କରିବା, ଛାତ୍ରୀଛାତ୍ରଙ୍କ ପାଇଁ ପରିବହନ ବ୍ୟବସ୍ଥା, ଛାତ୍ରାବାସର ନିର୍ମାଣ, ସ୍ମାର୍ଟ କ୍ଲାସ୍, ଲାଇବ୍ରେରି ଆଦିର ନିର୍ମାଣ ଓ ବିକାଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗସ୍ତ ଅବସରରେ ସାହୁ ବିଭିନ୍ନ ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବାସହ ୨୦୨୦ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳକୁ ଦୃଷ୍ଟିରେ ରଖି ପ୍ରିନ୍ସପାଲ୍‌ମାନଙ୍କୁ ଉଚିତ୍ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ଲେଫ୍ରିଆପଡ଼ା ବ୍ଲକ୍‌ର ଲେଫ୍ରିଆପଡ଼ା ବାଳିକା ବିଦ୍ୟାଳୟ, ସଦର ବ୍ଲକ୍‌ର ତାଳଶଙ୍କର ବିଦ୍ୟାଳୟ ଓ ସୁବ୍‌ଡେଗା ବ୍ଲକର ସିମ୍‌ଡେଗା ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ବୁଝିବା ସହ ମଧାହ୍ନ ଭୋଜନ ତଦାରଖ କରିଥିଲେ।



ରାଜଧାନୀ କଳା ସଂସଦରେ ଭାଷା, ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ କବିତା ପାଠୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## କପା ଉତ୍ପାଦନ ବୃଦ୍ଧି ପାଇଁ ମାନସମନ୍ଥନ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ 'ଆଗାମୀ ଶତାବ୍ଦୀରେ କପା ଫସଲ ଉତ୍ପାଦନରେ ଜ୍ଞାନକୌଶଳ: ସମସ୍ୟା ଓ ଏହାର ସମାଧାନ' ଶୀର୍ଷକ ଏକ ୩ଦିନିଆ ଜାତୀୟ କର୍ମଶାଳା ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଆନୁକୂଲ୍ୟରେ ହରିୟାଣାସ୍ଥିତ କପା ଗବେଷଣା ଓ ଉନ୍ନୟନ ସଂସ୍ଥା (ସିଆର୍‌ଡିଏ) ଏବଂ ଓୟୁଏଟିର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ଥାନ ଉଦୟପୁରସ୍ଥିତ ମହାରାଣା ପ୍ରତାପ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ. ଏନ୍.ଏସ୍. ରାଠୋଡ ଯୋଗଦେଇ ବିଗତ ଦଶନ୍ଧିରେ କପା ଫସଲର ଉତ୍ପାଦନ ହାରରେ ଉନ୍ନତି ପରିଲକ୍ଷିତ ହେଉ ନ ଥିବା କହିଥିଲେ। କପାର ଉତ୍ପାଦନ ବଢ଼ାଇବା ଲାଗି ନୂତନ ଜ୍ଞାନକୌଶଳ ଉଦ୍ଭାବନ କରି ଏହାର ସୁବିନିଯୋଗ କରିବା ପାଇଁ ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଯୋଗଦେଇ ଓୟୁଏଟି କୁଳପତି ଡ. ପଓନ କୁମାର ଅଗ୍ରୱାଲ କପାଚାଷରେ କମ୍ ଉତ୍ପାଦନ ହାରର କାରଣ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶାରେ କେବଳ ବର୍ଷା ଉପରେ ନିର୍ଭର କରି କପାଚାଷ କରାଯାଉଥିବାରୁ ଅନାବୃଷ୍ଟି ଓ ସ୍ୱଳ୍ପବୃଷ୍ଟି ଏହାର ଉତ୍ପାଦନରେ ମୁଖ୍ୟ ବାଧକ ସାଜୁଛି। ଚାଷୀଙ୍କ ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଗବେଷଣାରେ ଦିଗ ନିର୍ଣ୍ଣୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱରସ୍ଥିତ କୃଷି ମହାବିଦ୍ୟାଳୟ ଅଧକ୍ଷ ଡ. କୁମ୍ଭକର୍ଣ୍ଣ ରାଉତ, ସିଆର୍‌ଡିଏ ସଭାପତି ଡ. ଏସ୍.ଏସ୍. ସିୱାଚ୍ କର୍ମଶାଳା ଉପସ୍ଥିତ ଥିଲେ। ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟ ଅଧକ୍ଷ ଡ. ରବି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଆର୍‌ଡିଏ ସମ୍ପାଦକ ଡ. ଏମ୍.ଏସ୍. ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଓଡ଼ିଶା ଏବଂ ଭାରତର ବିଭିନ୍ନ ସ୍ଥାନରୁ କପା ଗବେଷଣାରେ ସମ୍ପୃକ୍ତ ବୈଜ୍ଞାନିକ, କୃଷି ବିଶ୍ୱବିଦ୍ୟାଳୟର ଅଧାପକ ଏବଂ ଛାତ୍ରୀଛାତ୍ର, ବିଭିନ୍ନ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଛନ୍ତି।

# ପଲିଥିନ କାରଖାନାରେ ଚଢ଼ାଉ

**ଭୁବନେଶ୍ୱର, ୨୨।୧ (ବ୍ୟୁରୋ)**





ଜବତ ହୋଇଥିବା ପଲିଥିନ ଓ ମେଶିନ।

- ବିପୁଳ ପଲିଥିନ, ମେଶିନ ଓ କଞ୍ଚାମାଲ୍ ଜବତ
- ଚାଲାଣବେଳେ ପଲିଥିନ ବୋଝେଇ ଟ୍ରକ୍ ଧରାପଡ଼ିଲା
- ଦୁଇ ଘଟଣାରେ ହୋଇଛି ୧.୫ ଟଙ୍କା ଜରିମାନା

କଟକଣା ଓ ନିଷେଧ ସତ୍ତ୍ୱେ ଖୁଲମ୍‌ଖୁଲା ତିଆରି ଓ ବ୍ୟବହାର ହେଉଛି ୫୦ ମାଇକ୍ରୋନ୍‌ରୁ କମ୍ ଓଜନର ପଲିଥିନ। ଏପଟେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପଲିଥିନମୁକ୍ତ ଭୁବନେଶ୍ୱର ଅଭିଯାନ ଜାରି ରଖିଛି। ଏହି ଅଭିଯାନର ଆଉ ଏକ ପଦକ୍ଷେପ ସ୍ୱରୂପ ବୁଧବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପଲିଥିନ ଜବତ କରାଯାଇଛି। ଏକ ବଡ଼ ଘଟଣାକ୍ରମରେ ବିଏମ୍‌ସିର ସେଣ୍ଟ୍ରାଲ ସ୍କ୍ୱାଡ୍ ଖଣ୍ଡଗିରି ଥାନା ଅନ୍ତର୍ଗତ ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ର ପ୍ଲଟ ନଂ.୨/ବିରେ ଥିବା ତାରାତାରିଣୀ ପ୍ୟାକେଜିଂ ଶିଳ୍ପ ସଂସ୍ଥା ଉପରେ ଚଢ଼ାଉ କରିଛି। ସେଠାରେ ବେଆଇନ ପଲିଥିନ ତିଆରି କାରଖାନା ଚାଲିଥିଲା। ଯାଞ୍ଚ ପରେ ସେଠାରୁ ବିପୁଳ ପଲିଥିନ, ବ୍ୟବହୃତ ମେଶିନ ଓ କଞ୍ଚାମାଲ ଜବତ କରାଯାଇଛି। ସେହିଭଳି ଚାଲାଣ ବେଳେ ଏକ ପଲିଥିନ ବୋଝେଇ ଟ୍ରକ୍ ଧରାପଡ଼ିଛି।

ବିଏମ୍‌ସିର ସୂଚନାନୁଯାୟୀ, ୫୦ ମାଇକ୍ରୋନ୍‌ରୁ ଅଧିକ ଓଜନର ପଲିଥିନ ତିଆରି ପାଇଁ ଉକ୍ତ ସଂସ୍ଥା ଲାଇସେନ୍ସ ନେଇଥିଲା। ମାତ୍ର ୨୦୧୮ରେ ଏହି ଲାଇସେନ୍ସର ଅବଧି ଶେଷ ହୋଇଯାଇଥିଲେ ମଧ ବେଆଇନଭାବେ ପଲିଥିନ ତିଆରି ଚାଲିଥିଲା। ଏଥିସହ ନିଷେଧ ପଲିଥିନ ମଧ ତିଆରି କରାଯାଉଥିଲା। ଆବଶ୍ୟକ ଯାଞ୍ଚରୁ ଏହା ଜଣାପଡିବା ପରେ ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ସଂସ୍ଥା ଉପରେ ବିଏମ୍‌ସି ପକ୍ଷରୁ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବିଏମ୍‌ସିର ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀଙ୍କ ନେତୃତ୍ୱରେ ଚଢ଼ାଉ କରିଥିବା ଉକ୍ତ ସ୍କ୍ୱାଡ୍‌ରେ ବିଏମସିର ଏନ୍‌ଫୋର୍ସମେଣ୍ଟ ଟିମ୍, ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ଏକ୍ସପର୍ଟ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯନ୍ତ୍ରୀ ସାମିଲ ଥିଲେ। ପୋଲିସ ଟିମ୍ ଉପସ୍ଥିତିରେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିଲା।

ଅନ୍ୟପକ୍ଷରେ ଖଣ୍ଡଗିରି ନିକଟ ଜାତୀୟ ରାଜପଥରୁ ଏକ ପଲିଥିନ ବୋଝେଇ ଟ୍ରକ୍‌କୁ ବିଏମ୍‌ସିର ଅଧିକାରୀମାନେ ଧରିଛନ୍ତି। ତଦନ୍ତବେଳେ ଉକ୍ତ ପଲିଥିନ ଟ୍ରକ୍ କଟକରୁ ଆସିଥିବାବେଳେ ତାହା ସୁନାଖଳା ଅଭିମୁଖେ ଯାଉଥିଲା। ଟ୍ରକରୁ ସମସ୍ତ ପଲିଥିନ ଜବତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ତେବେ ଉକ୍ତ ପଲିଥିନ କେଉଁଠି ତିଆରି ହୋଇଛି ଓ କିଏ, କାହା ନିକଟକୁ ପଠାଉଥିଲେ ତାହାର ଖୋଳତାଡ଼ ଚାଲିଛି। ଆଗକୁ ଏପରି ଚଢ଼ାଉ ଓ ଯାଞ୍ଚ ଜାରି ରହିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଅବନୀ କୁମାର ପଟ୍ଟନାୟକ କହିଛନ୍ତି।



ସପ୍ତାହକୁ ୪ ଦିନ ଜିମ୍ ଯିବା ଏବଂ ପ୍ରୋଟିନ ଓ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ମୋ ଫିଟ୍‌ନେସ୍‌ର ମୁଖ୍ୟ କାରଣ।

-ଦିଶା ପଟାନୀ,
ବଲିଉଡ୍ ଅଭିନେତ୍ରୀ



# ପରଦାକୁ ଫେରିପାରେ 'ପ୍ରେମ୍'

ସଲ୍‌ମାନ ଖାନ



**ମୁମ୍ବାଇ:** ବଲିଉଡ୍ ଦବଙ୍ଗ ଭାଇଜାନ ସଲ୍‌ମାନ ଖାନଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଖୁସି ଖବର। ପରଦାକୁ ପୁଣି ଫେରିପାରନ୍ତି ପ୍ରେମ୍। ଯଦି ଆପଣ ମଧ୍ୟ ସଲ୍‌ମାନଙ୍କ 'ପ୍ରେମ୍' ଅବତାରର ଫ୍ୟାନ୍, ତେବେ ନିଶ୍ଚୟ ପରଦାରେ ପ୍ରେମ୍‌ଙ୍କୁ ଦେଖିବାକୁ ଅପେକ୍ଷା କରି ରହିଥିବେ। ଆଉ ଏହି ଅପ୍‌ଡେଟ୍ ସହ ଆପଣଙ୍କ ଅପେକ୍ଷା ଆହୁରି ଉତ୍ସାହଜନକ ହେବାକୁଯାଉଛି।

ସୁପରଷ୍ଟାର ସଲ୍‌ମାନ ଏବଂ ନିର୍ଦ୍ଦେଶକ ସୂରଜ ବଡ଼ଜାତ୍ୟାଙ୍କ ଯୋଡ଼ି ବଲିଉଡ୍‌ରେ ଏକ ସଫଳ ଯୋଡ଼ି ଭାବେ ପରିଚିତ। ଇଏ ହେଉଛନ୍ତି ସେହି ନିର୍ଦ୍ଦେଶକ, ଯିଏ ସଲ୍‌ମାନଙ୍କୁ ଘରେ ଘରେ ପରିଚିତ କରାଇ ଷ୍ଟାରଡମ୍ ହାସଲ କରିବା ପଛରେ ଥିଲେ। ତାଙ୍କ ଫିଲ୍ମଗୁଡ଼ିକରେ 'ପ୍ରେମ୍' ଚରିତ୍ରରେ ଅଭିନୟ କରି ସଲ୍‌ମାନ ଖୁବ୍ ଲୋକପ୍ରିୟତା ହାସଲ କରିବା ସହ ସୁପରଷ୍ଟାର ହୋଇପାରିଲେ। ସୂରଜ ହିଁ ସଲ୍‌ମାନଙ୍କୁ 'ପ୍ରେମ୍' ନାମରେ ପପୁଲାର କରାଇଥିଲେ। ଦୁହେଁ ଏକାଠି 'ମୈନେ ପ୍ୟାର କିୟା', 'ହମ୍ ଆପ୍‌କେ ହେଁ କୌନ୍', 'ହମ୍ ସାଥ୍ ସାଥ୍ ହେଁ' ଏବଂ 'ପ୍ରେମ ରତନ୍ ଧନ ପାୟୋ' ଭଳି ସଫଳ ଚଳଚ୍ଚିତ୍ରମାନ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଏପଟେ ସୂରଜ ବାରମ୍ବାର ସଲ୍‌ମାନଙ୍କ ସହ ପୁଣି ଏକ ଫିଲ୍ମ କରିବାକୁ ଯୋଜନା ବନାଉଛନ୍ତି ବୋଲି ଇସାରା ବି ଦେଉଛନ୍ତି। ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ସୂରଜ ଖୁଲାସା କରି କହିଛନ୍ତି, ସେ ସଲ୍‌ମାନଙ୍କୁ ନୂଆ ଷ୍ଟୋରି ଶୁଣାଇଛନ୍ତି। ସଲ୍‌ମାନଙ୍କୁ କାହାଣୀ ପସନ୍ଦ ମଧ୍ୟ ଆସିଛି। ଏବେ ନୂଆ ଫିଲ୍ମ ପାଇଁ ସ୍କ୍ରିପ୍ଟ କାମ କରୁଛନ୍ତି ବୋଲି ସୂରଜ କହିଛନ୍ତି। ସୂରଜ ପୁଣି କହିଛନ୍ତି, ଏହି ସ୍କ୍ରିପ୍ଟ କାମ ଶେଷ ହେବାକୁ ୧-୨ ବର୍ଷ ସମୟ ଲାଗିଯିବ। ଡ୍ରାମା, ଇମୋଶନରେ ଭରପୂର ଏହା ଏକ ଫ୍ୟାମିଲି ଫିଲ୍ମ ହେବ ବୋଲି ସୂରଜ ସୂଚନା ଦେଇଛନ୍ତି। ଏହି ଅପ୍‌ଡେଟ୍ ସହ ପୁଣିଥରେ ପରଦାରେ ସଲ୍‌ମାନଙ୍କ 'ପ୍ରେମ୍' ଅବତାର ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଚଳିତବର୍ଷ ତାଙ୍କ ଅଭିନୀତ ଫିଲ୍ମ 'ରାଧେ: ଇଣ୍ଡିଆଜ୍ ମୋଷ୍ଟ ୱାଣ୍ଟେଡ୍' ରିଲିଜ୍ ହେବ। ସେହିଭଳି ୨୦୨୧ ଇଦ୍ ଅବସରରେ 'କଭି ଇଦ୍ କଭି ଦିୱାଲି' ଫିଲ୍ମ ରିଲିଜ୍ ହେବ ବୋଲି ନିକଟରେ ସଲ୍‌ମାନ ଘୋଷଣା କରିଛନ୍ତି।

## ଗାଈକୁ ନେଇ ଆଇଏଏସ୍- ଆଇପିଏସ୍ ଅଫିସରଙ୍କ ମଧ୍ୟରେ କଳି

**ଗାନ୍ଧୀନଗର:** ଗୁଜରାଟରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏଠାରେ ଦୁଇ ଉଚ୍ଚପଦସ୍ଥ ମହିଳା ଅଧିକାରୀଙ୍କ ମଧ୍ୟରେ ଝଗଡା ଲାଗିଛି। ଝଗଡ଼ା ପ୍ରଶମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଫିସକୁ ମାମଲାରେ ହସ୍ତକ୍ଷେପ କରିବାକୁ ପଡିଛି। ଏହି ଝଗଡ଼ା କୌଣସି ପ୍ରଶାସନିକ ନିଷ୍ପତ୍ତିକୁ ନେଇ ନୁହେଁ, ଏକ ଗାଈ ପାଇଁ ଜିଲା ଅଧିକାରୀ ଥିବା ଆଇଏଏସ ନେହା କୁମାରୀ ଏବଂ ପୋଲିସ ଅଧୀକ୍ଷକ ଉଷା ରାଡ଼ାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଛି। ନେହା ନିଜ ସରକାରୀ ନିବାସ ପରିସରରେ ଥିବା ଭଲିବଲ ଗ୍ରାଉଣ୍ଡରେ ଖେଳୁଥିଲେ। ଏହି ସମୟରେ ତାଙ୍କ ବଲ୍‌ଟି ଯାଇ ଉଷା ରାଡ଼ାଙ୍କ ଗାଈ ଶରୀରରେ ବାଜିଥିଲା। ଏହାକୁ ନେଇ ଦୁଇ ଅଫିସରଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଉଷା ଉତ୍‌କ୍ଷିପ୍ତ ହୋଇ ପୋଲିସକର୍ମୀଙ୍କୁ ଭଲିବଲ ନେଟ କାଟିବା ସହ ବିଦ୍ୟୁତ କାଟିଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ଏହି ଦୁଇ ଅଧିକାରୀଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲା। ଏପରିକି ଉଷା ପାଳିଥିବା ଗାଈର ଦୁଗ୍ଧ ନେହାଙ୍କ ପାଖକୁ ପଠାଉଥିଲେ। କିନ୍ତୁ ଉକ୍ତ ଘଟଣା ପରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଉଷା ଅଭିଯୋଗ କରିଛନ୍ତି ଯେ, ଗତ ଡିସେମ୍ବର ୨୬ରେ ୨୫ଜଣ ଲୋକ ମୋ ଘର ଭିତରେ ପଶି ଗାଈଙ୍କୁ ପଥର ଫୋପାଡି ଥିଲେ। ଏହାକୁ ରୋକିବାକୁ ପ୍ରୟାସ କରିବାକୁ ସେମାନେ ମୋତେ ଧମକ ଦେଇଥିଲେ ବୋଲି ସେ କହିଛନ୍ତି।



## ତାଜମହଲରେ ଗର୍ଲଫ୍ରେଣ୍ଡଙ୍କ ସହ ଆମାଜନ୍ ସିଇଓ

**ଆଗ୍ରା:** ବିଶ୍ୱର ଧନଶାଳୀ ବ୍ୟକ୍ତି ତଥା ଇ-କମର୍ସ କମ୍ପାନୀ ଆମାଜନ୍‌ର ସିଇଓ ଜେଫ୍ ବେଜୋସ୍ ଓ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ଏକ ଫଟୋ ଏବେ ସୋସିଆଲ ମିଡିଆରେ ସେନ୍‌ସେଶନ ପାଲଟିଛି। ପ୍ରେମର ପ୍ରତୀକ କୁହାଯାଉଥିବା ତଥା ବିଶ୍ୱ ପ୍ରସିଦ୍ଧ ତାଜ୍‌ମହଲ ସହ ବେଜୋସ୍ ଓ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ, ୫୬ ବର୍ଷୀୟ ବେଜୋସ୍ ତାଙ୍କ ଗର୍ଲଫେଣ୍ଡ ଲୋରେନ୍ ସାଞ୍ଚେଜଙ୍କ ସହ ଜାନୁୟାରୀ ୧୫ରେ ଭାରତ ଗସ୍ତରେ ଆସିଥିଲେ। ମଙ୍ଗଳବାର ବେଜୋସ୍ ଏକ ସ୍ୱତନ୍ତ୍ର ବିମାନରେ କାଶୀରୁ ଆଗ୍ରାକୁ ଯାଇଥିଲେ। ଆଗ୍ରାରେ ପହଞ୍ଚିବା ପରେ ସେମାନେ ତାଜମହଲ ପରିଦର୍ଶନ କରି ତା'ର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ଏହାର ମନୋରମ ଦୃଶ୍ୟକୁ ତୋଳି ଧରିବା ପାଇଁ ସେମାନେ ତାଜ୍‌ମହଲ ସାମ୍ନାରେ କେତେଗୁଡିଏ ଫଟୋ ଉଠାଇଥିଲେ। ଏହି ଫଟୋରେ ବେଜୋସ୍ ଓ ଲୋରେନ୍ ବେଶ୍ ଆକର୍ଷଣୀୟ ଦେଖାଯାଉଥିବା ବେଳେ ଏହା ଏବେ ଭାଇରାଲ ହେବାରେ ଲାଗିଛି।



## ୪୪୪ କିଲୋର ଯୁବକ ଖୋଜୁଛନ୍ତି କନିଆ

**ଇସଲାମାବାଦ:** ବିବାହ ନେଇ ପ୍ରତି ଯୁବତୀ ଯୁବକଙ୍କ ମଧ୍ୟରେ ବହୁ ସ୍ୱପ୍ନ ଥାଏ। ନିଜ ମନ ପସନ୍ଦର ଜୀବନ ସାଥୀ ପାଇବା ପାଇଁ ସଭିଙ୍କ ମନରେ ଇଚ୍ଛା ରହିଥାଏ। ପାକିସ୍ତାନର ଜଣେ ୪୪୪ କିଲୋ ଓଜନର ଯୁବକ ୧୦୦ କିଲୋ ଓଜନର କନିଆ ଖୋଜୁଛନ୍ତି। ଏହି ଯୁବକ ଜଣକ ହେଉଛନ୍ତି ୨୭ ବର୍ଷ ବୟସ୍କ ଅରବାବ୍ ଖିଜିର ହୟାତ୍। ସେ ଇତିମଧ୍ୟରେ ୩୦୦ କନିଆଙ୍କୁ ନାପସନ୍ଦ କରିସାରିଛନ୍ତି। ଅରବାବ୍ ପସ୍ତୁନଖ୍ୱା ଜିଲାର ମରଦାନର ବାସିନ୍ଦା। ଅରବାବ୍‌ଙ୍କ ଉଚ୍ଚତା ଏବଂ ଓଜନ ଅନୁସାରେ କନିଆ ଖୋଜା ଚାଲିଛି। ଯାହାଦ୍ୱାରା ଯୋଡ଼ି ସୁନ୍ଦର ଦେଖାଯିବ। କନିଆଙ୍କ ଉଚ୍ଚତା ୬ଫୁଟ ୪ ଇଞ୍ଚ ହୋଇଥିବା ଆବଶ୍ୟକ ବୋଲି ଅରବାବ୍‌ଙ୍କ ପରିବାର ପକ୍ଷରୁ ସର୍ତ୍ତ ରଖାଯାଇଛି। ପ୍ରତିଦିନ ଅରବାବ୍ ଏକ ହଜାର କିଲୋ କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି। ସକାଳ ଜଳଖିଆରେ ସେ ୩୬ଟି ଅଣ୍ଡା ଖାଆନ୍ତି। ଏହା ସହିତ ୪ଟି କୁକୁଡା, ୫ ଲିଟର କ୍ଷୀର ମଧ୍ୟ ତାଙ୍କ ଖାଦ୍ୟରେ ସାମିଲ୍ କରାଯାଇଥାଏ। ସେ ଏକ ଟ୍ରାକ୍ଟରକୁ ହାତରେ ଟାଣି ଚର୍ଚ୍ଚାକୁ ଆସିଥିଲେ।



## ମହାରାଷ୍ଟ୍ରରେ 'ତାନାଜୀ' ହେଲା ଟ୍ୟାକ୍ସ ଫ୍ରି

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅଜୟ ଦେବଗନ ଅଭିନୀତ ଫିଲ୍ମ 'ତାନାଜୀ-ଦ ଅନ୍‌ସଙ୍ଗ ୱାରିୟର' ବକ୍ସ ଅଫିସ୍‌ରେ ଏବେ ଧମାଲ୍ କରୁଛି। ଦର୍ଶକ ଏହାକୁ ବେଶ୍ ପସନ୍ଦ କରିଥିବା ବେଳେ ଫିଲ୍ମ ଭଲ ବ୍ୟବସାୟ କରୁଛି। ସୂଚନା ମୃତାବକ ଏହି ଫିଲ୍ମ ଖୁବ୍‌ଶୀଘ୍ର ୨ଶହ କୋଟି କ୍ଲବରେ ସାମିଲ ହେବାକୁ ଯାଉଛି। ଗୋଟିଏ ପଟେ ଏହି ଐତିହାସିକ ଫିଲ୍ମ ପ୍ରତି ଲୋକଙ୍କ ରୁଚି ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ଏହା ତାନାଜୀ ମାଲସୁରେଙ୍କ କାହାଣୀକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛି। ତେବେ ଏହି ଫିଲ୍ମ ପାଇଁ ଆଉ ଏକ ଖୁସି ଖବର ଆସିଛି। ଉତ୍ତରପ୍ରଦେଶରେ ଜିଏସ୍‌ଟି ଫ୍ରି ଓ ହରିୟାଣାରେ ଟ୍ୟାକ୍ସ ଫ୍ରି ହେବାପରେ ଏବେ ମହାରାଷ୍ଟ୍ରରେ ଏହି ଫିଲ୍ମକୁ ଟ୍ୟାକ୍ସ ଫ୍ରି କରାଯାଇଛି। ବୁଧବାର କ୍ୟାବିନେଟ ବୈଠକ ପରେ ମହାରାଷ୍ଟ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏହାକୁ ଟ୍ୟାକ୍ସ ଫ୍ରି କରିବାକୁ ନେଇ ମହାରାଷ୍ଟ୍ରରେ ଭାଜପା ଓ ଶିବସେନା ମଧ୍ୟରେ ମତଭେଦ ଦେଖାଦେଇଥିଲା। ରାଜ୍ୟରେ ଏହି ଫିଲ୍ମକୁ ଟ୍ୟାକ୍ସ ଫ୍ରି କରିବା ପାଇଁ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ବାଲାସାହେବ ଥୋରାଟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଦାବି କରିଥିଲେ।



## କୁକୁର ମୃତ୍ୟୁରେ ୧୩ ଦିନ କ୍ରିୟାକର୍ମ କଲେ ମାଲିକ

**ମୁଜାଫର୍‌ନଗର(ଉତ୍ତର ପ୍ରଦେଶ):** ସେ କେବଳ ଏକ ପାଳିତ କୁକୁର ନ ଥିଲା, ଆମ ପରିବାର ସଦସ୍ୟ ଥିଲା। ତେଣୁ ପରିବାରର ଜଣେ ସଦସ୍ୟଙ୍କ ପାଇଁ ଯାହା କରିଥାନ୍ତୁ, ତାହା କାଲୁ(ପାଳିତ କୁକୁର)ପାଇଁ କରିଛୁ। ଉତ୍ତର ପ୍ରଦେଶର ମୁଜାଫର୍‌ନଗର ଅଞ୍ଚଳର ଡା. ବ୍ରହ୍ମଦତ୍ତ ସାଇନି ନିଜ ପାଳିତ କୁକୁରର ମୃତ୍ୟୁପରେ ଏହା କହିଛନ୍ତି। ଏପରି କି ମଣିଷଙ୍କ ମୃତ୍ୟୁ ପରେ ଯେପରି ଅନ୍ତ୍ୟେଷ୍ଟିକ୍ରିୟା ଏବଂ କ୍ରିୟାକର୍ମ କରାଯାଇଥାଏ, ଡା. ସାଇନିଙ୍କ ପରିବାର କାଲୁ ପାଇଁ ସେପରି କରିଛନ୍ତି। ୧୪ ବର୍ଷ ତଳେ ଡା. ସାଇନି କାଲୁକୁ ରାସ୍ତାରେ ପାଇ ଘରକୁ ଆଣିଥିଲେ। ଧୀରେ ଧୀରେ ସେ ପରିବାରର ଏକ ସଦସ୍ୟ ପାଲଟିଯାଇଥିଲା। ହେଲେ କିଛି ସପ୍ତାହ ହେଲା ସେ ଅସୁସ୍ଥ ହୋଇ ପଶୁ ଚିକିତ୍ସାଳୟରେ ଚିକିତ୍ସିତ ଥିବାବେଳେ ଜାନୁୟାରୀ ୧୩ରେ ତା'ର ମୃତ୍ୟୁ ହୋଇଥିଲା। କାଲୁର ମୃତ୍ୟୁରେ ସାଇନିଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛି। କାଲୁ ଘରକୁ ଆସିବା ସମୟରେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସବୁ ସମସ୍ୟା ଦୂର ହୋଇଥିଲା। ସେ ପରିବାର ପାଇଁ ଶୁଭଙ୍କର ଥିଲା ବୋଲି ଡା. ସାଇନି କୁହନ୍ତି। ତେଣୁ ୧୩ ଦିନ ଧରି ସମସ୍ତ କର୍ମ ଚାଲିଥିବାବେଳେ ଏହା ପୂର୍ବରୁ ଏକ ହୋମ ଓ ଭୋଜି ଆୟୋଜନ କରିଛନ୍ତି। ଏଥିସହ କାଲୁର ମୃତ୍ୟୁ ନେଇ ୧୧୦୦ରୁ ଊର୍ଦ୍ଧ୍ୱ ସମ୍ପର୍କୀୟ ଏବଂ ବନ୍ଧୁବର୍ଗଙ୍କୁ ବାର୍ତ୍ତା ପଠାଯାଇଥିବାବେଳେ ୧୩ ଦିନର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରିତ କରାଯାଇଥିବା ଜଣାପଡ଼ିଛି।

## ୧୧କି.ମି. ଦୌଡ଼ି ବିବାହ କରିବାକୁ ପହଞ୍ଚିଲେ ବର



**ଇନ୍ଦୋର:** ବର୍ତ୍ତମାନର ଖାଦ୍ୟପେୟ ଓ ଦୂଷିତ ପରିବେଶକୁ ଆଖି ଆଗରେ ରଖି ଶରୀରକୁ ସୁସ୍ଥ ରଖିବା ପାଇଁ ଲୋକମାନେ ଏବେ ସଜାଗ ହେଲେଣି। ନିଜକୁ ଫିଟ୍ ରଖିବା ପାଇଁ ଲୋକେ ବିଭିନ୍ନ ପ୍ରକାରର ଯୋଗ ସହ ଜିମ୍ ଯାଉଥିବା ବେଳେ ଲଗାତାର କଠିନ ପରିଶ୍ରମ କରୁଛନ୍ତି। ଏହାରି ଭିତରେ ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ଯୁବକ ଫିଟ୍‌ନେସ୍‌କୁ ପ୍ରୋତ୍ସାହିତ କରିବା ପାଇଁ ନିଆରା ଢ଼ଙ୍ଗ ଆପଣାଇଛନ୍ତି। ସୂଚନାଯୋଗ୍ୟ, ସୋମବାର ଇନ୍ଦୋରର ଗଣେଶ ନଗରରେ ରହୁଥିବା ଫିଜିକାଲ ଟ୍ରେନର ନିରଜ୍ ମାଲବିୟଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ନିରଜ୍ ନିଜ ବିବାହକୁ ସ୍ମୃତିକରି ରଖିବାକୁ ଓ ଫିଟ୍‌ନେସ୍‌କୁ ପ୍ରୋତ୍ସାହିତ କରିବା ପାଇଁ ନିଆରା ଢ଼ଙ୍ଗ ଆପଣାଇଥିଲେ। ବିବାହକୁ ସ୍ୱତନ୍ତ୍ର କରିବା ଲାଗି ବରାଯାତ୍ରୀରେ ଲୋକେ ଦୌଡି ଦୌଡି ଯିବା ପାଇଁ ନିରଜ ଯୋଜନା କରିଥିଲେ। ଏହି ଯୋଜନା ପ୍ରଥମେ ଘରଲୋକଙ୍କୁ ଚକିତ କରିଦେଇଥିଲା। ହେଲେ ଏହା ପଛରେ ଥିବା ନିରଜ୍‌ଙ୍କ ମୂଳ ଉଦ୍ଦେଶ୍ୟକୁ ଜାଣିପାରି ତାଙ୍କ କଥାରେ ଘରଲୋକ ମଧ୍ୟ ସହମତି ପ୍ରକାଶ କରିଥିଲେ। ଏହାପରେ ତାଙ୍କ ବରଯାତ୍ରୀରେ ସମସ୍ତେ ଦୌଡିକି ଯାଇଥିଲେ। ଏପରିକି ନିଜେ ନିରଜ୍ ମଧ୍ୟ ଶେରୱାନି ପିନ୍ଧି ଦୀର୍ଘ ୧୧କିଲୋମିଟର ଦୌଡ଼ି ଦୌଡି ବିବାହ କରିବା ପାଇଁ ଝିଅ ଘରେ ପହଞ୍ଚିଥିଲେ। ତାଙ୍କ ବରଯାତ୍ରୀ ଦଶହରା ମୈଦାନରୁ ବାହାରି ସଙ୍ଗମ ନଗର ପର୍ଯ୍ୟନ୍ତ ପହଞ୍ଚିଥିବା ବେଳେ ଏଥିରେ ୫୦ଜଣ ସାମିଲ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ଏଥିରେ ୧୮ ବୟସରୁ ଆରମ୍ଭ କରି ୭୦ ବର୍ଷ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତି ସାମିଲ ହୋଇଥିଲେ। ତେବେ ରାସ୍ତାରେ ବର ଶେରୱାନି ପିନ୍ଧି ଦୌଡୁଥିବା ଦେଖି ସେଠାରେ ଉପସ୍ଥିତ ଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେହି ସମୟର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅପରପକ୍ଷେ ନିରଜ୍‌ଙ୍କ ଏଭଳି ପଦକ୍ଷେପକୁ କନ୍ୟାପକ୍ଷ ପ୍ରଶଂସା କରିଥିବା ବେଳେ କନ୍ୟା ନୀକିତା ବିଲୋରେ ମଧ୍ୟ ନୀରଜ୍‌ଙ୍କ କାର୍ଯ୍ୟ ପାଇଁ ଗର୍ବ ଅନୁଭବ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫିଟ୍ ଇଣ୍ଡିଆ ସ୍ଲୋଗାନରୁ ପ୍ରେରିତ ହୋଇ ଫିଟ୍‌ନେସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିରଜ୍‌ଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ସ୍ୱାଗତ ଜଣାଇଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ତ୍ରୀ ଛୁରାମାଡ଼ରେ ସ୍ୱାମୀ ମୃତ

**କୋରୁକୋଣ୍ଡା, ୨୨।୧(ଡି.ଏନ. ଏ):** ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ ଆପନମାଲା ଗ୍ରାମରେ ସ୍ତ୍ରୀର ଛୁରାମାଡରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରି ଦୁଃଖଦ ଘଟଣା ମଙ୍ଗଳବାର ରାତିରେ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି କୋରୁକୋଣ୍ଡା ବ୍ଲକ ପୁରୁଣା ଚିତାପରି ପଞ୍ଚାୟତର ଆପନମାଲା ଗ୍ରାମରେ ଆନ୍ତୁରୁ ମୁଦୁଲି(୪୦) ପରିବାର ସହ ରହନ୍ତି। ମଙ୍ଗଳବାର ରାତିରେ ସେ ଖାଇବସିଥିବା ବେଳେ ଖାଦ୍ୟ ତାଙ୍କ କହିବା ଅନୁସାରେ ହୋଇ ନ ଥିବାରୁ ସେ ସ୍ତ୍ରୀ ଚନ୍ଦ୍ରମା ମୁଦୁଲିଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏନେଇ ସ୍ତ୍ରୀ ସ୍ୱାମୀଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଆନ୍ତୁରୁ ଚନ୍ଦ୍ରମାଙ୍କ ଉପରକୁ ହାତ ଉଠାଇ ଦେଇଥିଲେ। ଚନ୍ଦ୍ରମା ମଧ ରାଗି ଯାଇ ନିକଟରେ ଥିବା ଏକ ଛୁରି ଆଣି ଆନ୍ତୁରୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଘଟଣା ସ୍ଥଳରେ ହିଁ ଆନ୍ତୁରୁଙ୍କ ମୃତ୍ୟୁ ହୋଇଥିଲା। ତେବେ ଆନ୍ତୁରୁଙ୍କ ପାଟିଶୁଣି ତାଙ୍କ ସାନଭାଇ ରାମଚନ୍ଦ୍ର ମୁଦୁଲି ତାଙ୍କ ଘରକୁ ଆସିଥିଲେ। ସେଠାରେ ଭାଇଙ୍କ ମୃତ୍ୟୁ ହୋଇଥିବା ଦେଖି ସେ ଓର୍କେଲ ଥାନାରେ ଏତଲା ଦେଇଥିଲେ। ପୋଲିସ ୧୫/୨୦ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ପରେ ଚନ୍ଦ୍ରମାଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ କହିଛନ୍ତି।

## ପୂର୍ବତନ ବିଧାୟକ ଗୌରହରି ନାୟକଙ୍କ ପରଲୋକ



**ପାଟଣା,୨୨।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୌରହରି ନାୟକଙ୍କ ବୁଧବାର ରାତି ୧୦ଟାରେ ସାହାରପଡା ବ୍ଲକ ହଳଦୀବଟା ଗ୍ରାମର ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ସ୍ନାୟବିକ ରୋଗରେ ପୀଡିତ ଥିଲେ। ୨000ରୁ ୨୦୦୯ ମସିହା ପର୍ଯ୍ୟନ୍ତ ସେ ୨ଥର ଭାଜପା ଟିକେଟରେ ପାଟଣା ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ବିଧାୟକ ପୂର୍ବରୁ ଗୌରହରି ସେନାବାହିନୀରୁ ଅବସର ନେଇଥିଲେ। ସେ ହଳଦୀବଟାସ୍ଥିତ ଘରେ ରହୁଥିଲେ। ଭାଜପା ଜିଲା ସଭାପତି ସବୁଜ ମହାନ୍ତ ବର୍ମା, କେନ୍ଦୁଝର ବିଧାୟକ ମୋହନଚରଣ ମାଝି, ପୂର୍ବତନ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ଗୌତମ ନାୟକ, ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ବରିଷ୍ଠ ଭାଜପା ନେତା ଦିଲୀପ କୁମାର ଦାଶ, ଦଶମତି ଚାତାର, ବିରଞ୍ଚି କୁମାର ମହାନ୍ତ, ଦୁର୍ଗାଚରଣ ନାଏକ, କମଳାକାନ୍ତ ଦାଶ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହେବ।




ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ପ୍ରଦର୍ଶିତ ହେବାକୁ ଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥର ପ୍ରତିକୃତି।

# 'ଧାନ ସଂଗ୍ରହ ବାବଦ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ଦିଅ'

## କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରାଜ୍ୟକୁ ଧାନ ସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ କରିବାକୁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ଚିଠି ଲେଖିଛନ୍ତି। ମନ୍ତ୍ରୀ ସ୍ୱାଇଁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନ ସଂଗ୍ରହର ସବ୍‌ସିଡି ଅର୍ଥ ବକେୟା ବାବଦରେ ରାଜ୍ୟର ପ୍ରମୁଖ ଧାନ ସଂଗ୍ରହକାରୀ ସଂସ୍ଥା ଓଡ଼ିଶା ଯୋଗାଣ ନିଗମ ୨୮୭୨.୨୭ କୋଟି ଟଙ୍କା ପାଇବାକୁ ଅଛି। ଡିସେମ୍ବର ୨୦୧୯ ତ୍ରୈମାସିକ ଶେଷ ସୁଦ୍ଧା ଏ ବାବଦ ସବ୍‌ସିଡି ଆକାରରେ ମୋଟ ୪୩୦୭.୧୭ କୋଟି ଟଙ୍କା ପ୍ରାପ୍ୟ ଥିବାବେଳେ କେନ୍ଦ୍ର ସରକାର ୧୪୩୪.୯୦ କୋଟି ଟଙ୍କା ଦେଇଛନ୍ତି। ଏହାସହ ମାର୍ଚ୍ଚ ୨୦୨୦ ତ୍ରୈମାସିକ ଶେଷ ବାବଦକୁ ଅଗ୍ରିମ ସବ୍‌ସିଡି ଅର୍ଥ ପ୍ରାୟ ୧୪୦୦ କୋଟି ଟଙ୍କା ଓଡ଼ିଶାର ପ୍ରାପ୍ୟ ହେଉଛି। କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ସହିତ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗର ହୋଇଥିବା ବୁଝାମଣାପତ୍ର ଅନୁଯାୟୀ ପ୍ରତି ୩ ମାସର ପ୍ରଥମ ମାସରେ ରାଜ୍ୟକୁ ଅଗ୍ରିମ ସବ୍‌ସିଡି ବାବଦକୁ ପ୍ରାପ୍ୟ ଅର୍ଥ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ମାତ୍ର ୨୦୧୯-୨୦ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ସବ୍‌ସିଡି ବାବଦକୁ ଏ ପର୍ଯ୍ୟନ୍ତ କୌଣସି ଅର୍ଥ ପ୍ରଦାନ କରାଯାଇନାହିଁ। ଏହା ଫଳରେ ଧାନ ସଂଗ୍ରହକାରୀ ସଂସ୍ଥା ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ଯୋଗାଣ ନିଗମରୁ ବ୍ୟାଙ୍କ ଅର୍ଥ ଲିମିଟ୍ ଶେଷ ହୋଇଯାଇଛି। ତୁରନ୍ତ ଯଦି ସବ୍‌ସିଡି ବାବଦକୁ ଅର୍ଥ ପ୍ରଦାନ କରା ନ ଯାଏ ତେବେ ଧାନ ସଂଗ୍ରହ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ବୋଲି ମନ୍ତ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ପାଶ୍ୱାନ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଓଡ଼ିଶାକୁ ସବ୍‌ସିଡି ବାବଦ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

# ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିୟମ ଅନୁଯାୟୀ ସମସ୍ତ ପୌରାଞ୍ଚଳଗୁଡ଼ିକରେ ନିର୍ଦ୍ଦିଷ୍ଟ ସମୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ଗଞ୍ଜାମ ଜିଲା ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଞ୍ଜାମ, କନ୍ଧମାଳ ଓ ନୟାଗଡ ଜିଲା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସେହିଭଳି ବୈଠକରେ ଜାଗା ମିଶନ, ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ରଗୁଡିକୁ କାର୍ଯ୍ୟକ୍ଷମ କରାଯିବା, ସାମଗ୍ରୀ ଅସୁଲି ସୁବିଧା ଉପଲବ୍ଧ କରାଯିବା, ସ୍ୱଚ୍ଛ ପାନୀୟଜଳ ଯୋଗାଣ, ସ୍ମାର୍ଟଷ୍ଟ୍ରିଟ୍ ଲାଇଟ ଏବଂ ଜୀବିକା ମିଶନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି। କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ, ସୁପରିଚାଳନା ଓ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ପୌରପରିଷଦ ଗୁଡିକ ନିଜର ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ ସାଙ୍ଗକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ସହିତ ପ୍ରଦାନ କରାଯାଇଥିବା ଅର୍ଥ ବିନିଯୋଗ ପୂର୍ବକ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିମଳ ବ୍ୟବସ୍ଥା ଓ ଜମି ମାଲିକାନା ପ୍ରମାଣପତ୍ର ନେଇ ମଧ୍ୟ ଆଲୋଚନା ହୋଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ବିଭାଗୀୟ ଯୁଗ୍ମ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଉପଶାସନ ସଚିବ ଶାରଦା ପ୍ରସାଦ ପଣ୍ଡା, ସମ୍ପୃକ୍ତ ଜିଲାର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମେତ ଜିଲା ପ୍ରଶାସନ ଓ ପୌରପରିଷଦଗୁଡିକର ପଦାଧିକାରୀମାନେ ଯୋଗ ଦେଇଥିଲେ।

## ମାଙ୍କଡ଼ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର,୨୨।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ କେଏନ୍‌ପୁର ଗ୍ରାମରେ ଏକ ପାଗଳ ହନୁ ମାଙ୍କଡ ଆକ୍ରମଣରେ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜମ୍ବୁ ଗୌଡ (୬୨)। ଜମ୍ବୁ ବାରିପଟେ ବାସନ ମାଜୁଥିବାବେଳେ ମାଙ୍କଡ଼ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ମାଙ୍କଡ଼ କବଳରୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରବଳ ରକ୍ତସ୍ରାବ କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଷୋତ୍ତମପୁର ଥାନା ଏସ୍‌ଆଇ ଚମ୍ପାବତୀ ମାରାଣ୍ଡି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ନଂ.୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ସହ ମାଙ୍କଡ଼କୁ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାଇକୁ ୨୦ବର୍ଷ କାରାଦଣ୍ଡ

### ନାବାଳିକା ଭଉଣୀକୁ ବଳାତ୍କାର ମାମଲା

**ମାଲକାନଗିରି, ୨୨।୧(ସ୍ୱ.ପ୍ର.)**

ବୁଧବାର ଅତିରିକ୍ତ ଜିଲା ଦୌରାଜଜ୍ ନାବାଳିକା ଭଉଣୀକୁ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ସମ୍ପୃକ୍ତ ଯୁବକଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି ମାଲକାନଗିରି ଥାନା ଅନ୍ତର୍ଗତ କରସ୍ତାଗୁଡା ଗ୍ରାମର ଜନୈକ ଯୁବକ ତାଙ୍କ ନିଜ ଭଉଣୀଙ୍କୁ ବଳାତ୍କାର କରିଥିଲେ। ଫଳରେ ସେ ଗର୍ଭବତୀ ହୋଇଥିଲେ। ଏନେଇ ପୀଡିତା ମାଲକାନଗିରି ଥାନାରେ ୧୩।୫।୧୯ରେ ଏତଲା ଦେଇଥିଲେ। ଏତଲା ମୁତାବକ ପୋଲିସ ସମ୍ପୃକ୍ତ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ନିଆଁରେ ପୋଡ଼ିହୋଇ ୫ ଶ୍ରମିକ ଗୁରୁତର

**ରାଉରକେଲା ଅଫିସ,୨୨।୧**

ଲହୁଣିପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ଅଞ୍ଚଳରେ ଏକ ଇଟାଭାଟିରେ କାମ କରୁଥିବା ୫ ଶ୍ରମିକ ପାଉଁଶ ନିଆଁରେ ପୋଡି ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତମାନଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ବର୍ନ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ୨ଜଣ ନାବାଳକ ଥିବା ସୂଚନା ମିଳିଛି। ଶ୍ରମିକମାନେ ଗରମ ପାଉଁଶ ଟ୍ରକ୍‌ରୁ ଅନ୍‌ଲୋଡ କରୁଥିବା ବେଳେ ଏଭଳି ଦୁଃଖଦ ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗରମ ପାଉଁଶରେ ଶ୍ରମିକମାନଙ୍କ ହାତ, ଗୋଡ ପୋଡିଯାଇଛି। ଖବର ପାଇ ଶିଶୁ ମଙ୍ଗଳ ସମିତି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



## ଜିଲା ଚିଠି
### କଳାହାଣ୍ଡି

## ଉଚ୍ଚଶିକ୍ଷା ହବ୍

ଏଇ କିଛିବର୍ଷ ହେବ କଳାହାଣ୍ଡି ଜିଲା ଉଚ୍ଚଶିକ୍ଷା ହବ୍ ପାଲଟିଛି। ୨୦୦୯ରେ ଜିଲାର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଓ କୃଷି ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ରାଜ୍ୟ ସରକାର ପକ୍ଷରୁ ଭଙ୍ଗାବାରିଠାରେ ମେଡିକାଲ କଲେଜ ଘୋଷଣା ପରେ ତାହା ନିର୍ମାଣାଧୀନ ରହିଛି। ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ମିଳିବା ପରେ ଆଗକୁ କୃଷି ବିଶ୍ୱବିଦ୍ୟାଳୟ କେବେ ଘୋଷଣା ହେବ ସେଥିପାଇଁ ଜିଲାବାସୀ ଅପେକ୍ଷା କରିଛନ୍ତି। ଗୋଟିଏ ପରେ ଗୋଟିଏ ଉଚ୍ଚଶିକ୍ଷାର ପ୍ରତିଷ୍ଠାନ ସ୍ଥାପନ ହେବାରେ ଲାଗିଥିବା ଯୋଗୁ କଳାହାଣ୍ଡି ଜିଲା ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିଛି। ୧୯୬୧ ନଭେମ୍ବର ୩୦ରେ ଭବାନୀପାଟଣା ମହାବିଦ୍ୟାଳୟ ସରକାରୀ କଲେଜ ଭାବେ ସ୍ୱୀକୃତି ଲାଭ କରିଥିଲା। ୧୯୬୧ ଡିସେମ୍ବର ୧ରେ ତାହା ସରକାରୀ ବିଜ୍ଞାନ କଲେଜର ମାନ୍ୟତା ଲାଭ କରିଥିଲା। ୨୦୦୦ରେ ସେହି କଲେଜକୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିବା ବେଳେ ୨୦୧୭ରେ ନାକ୍ କମିଟିର ସୁପାରିସ ମିଳିଥିଲା। ବର୍ତ୍ତମାନ ରାଜ୍ୟ ସରକାର ସେହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଛନ୍ତି। ଆଗାମୀ ବର୍ଷଠାରୁ ଉକ୍ତ କଲେଜ ବିଶ୍ୱବିଦ୍ୟାଳୟ ଭାବେ ନିଜର କାର୍ଯ୍ୟ ଆରମ୍ଭ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୯ରେ ଭବାନୀପାଣା ସଦର ବ୍ଲକ ଅନ୍ତର୍ଗତ ବାନ୍ଦୋପଲାଠାରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ସ୍ଥାପନ ହୋଇଛି। ଇଲେକ୍ଟ୍ରିକାଲ, ସିଭିଲ, ମେକାନିକାଲ ଓ କମ୍ପ୍ୟୁଟର ସାଇନ୍ସ ବିଭାଗରେ ପ୍ରାୟ ୧୧୮୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିପିୟୁଟି ଅଧୀନରେ ଥିବା ଏହି କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପାଇଁ ଭିତ୍ତିଭୂମି ଓ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରଖିଛି। ଭବିଷ୍ୟତରେ ଏଥିପାଇଁ ରାଜ୍ୟ ସରକାର ଦୃଷ୍ଟିଦେବେ ବୋଲି ଛାତ୍ରଛାତ୍ର ମହଲରେ ଦାବି ହୋଇଛି। କଳାହାଣ୍ଡି ଜିଲାର ଜାରିଙ୍ଗଠାରେ ସର୍ଦ୍ଦାର ରାଜା ମେଡିକାଲ କଲେଜ ୨୦୦୪ରେ ସ୍ଥାପନ ହୋଇଥିଲା। ଏହି କଲେଜ ବନ୍ଦ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭଙ୍ଗାବାରିଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କରାଯାଇଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ବର୍ତ୍ତମାନ ନିର୍ମାଣ ଚାଲିଛି। ୨୦୦୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭବାନୀପାଟଣାଠାରେ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିରେ ତିନିବର୍ଷିଆ ବିଏସ୍‌ସି ଏଜି ପାଠ୍ୟକ୍ରମ ଚାଲୁରହିଛି। ପ୍ରତିବର୍ଷ ୨୧୬ ଜଣ ଛାତ୍ରଛାତ୍ର ଏଠାରେ ନାମ ଲେଖାଇଥାନ୍ତି। ଆସନ୍ତା ବର୍ଷଠାରୁ ସିଟସଂଖ୍ୟା ବୃଦ୍ଧି ପାଇ ୨୪୦ରେ ପହଞ୍ଚିଛି। ୧୯୯୫ରେ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ ୨୦୦୦ରେ ଗ୍ରାମୀଣ କୃଷି ମୌସୁମୀ ସେବା କେନ୍ଦ୍ର ସ୍ଥାପନ ହୋଇଛି। ସେହିଭଳି ୧୯୮୩ରୁ ଆର୍‌ଆର୍‌ଟିଏସ୍ କେନ୍ଦ୍ର ସ୍ଥାପନ ହୋଇଛି। ଏହି ଗବେଷଣା କେନ୍ଦ୍ରରେ ରାଜ୍ୟର ଏକମାତ୍ର କେନ୍ଦ୍ର ଯେଉଁଠି କପା, ଜଡା ଓ ସୋୟାବିନ ପ୍ରକ୍ରିୟାକରଣ ଉପରେ ଗବେଷଣା ଚାଲିଛି। ଏହାବ୍ୟତୀତ ବାସ୍ନାଧାନ ଉପରେ ସ୍ୱତନ୍ତ୍ର ଭାବେ ଗବେଷଣା ଜାରି ରହିଛି। ସେହିଭଳି କୃଷିକ୍ଷେତ୍ରରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥିବା ଯୋଗୁ ରାଜ୍ୟ ସରକାର କଳାହାଣ୍ଡି ଜିଲାରେ ଦ୍ୱିତୀୟ କୃଷି ମହାବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି।

– ସଞ୍ଜୀବ କୁମାର ଯୋଷୀ

## ଠିକା କ୍ୟାମ୍ପ୍‌ରେ ମାଓବାଦୀଙ୍କ ହିଂସାକାଣ୍ଡ

**କଲ୍ୟାଣସିଂପୁର/ରାୟଗଡ଼ା ଅଫିସ,୨୨।୧:** କିଛି ଦିନର ନୀରବତା ପରେ ମାଓବାଦୀମାନେ ପୁଣି ରାୟଗଡ଼ା ଜିଲାରେ ଉପସ୍ଥିତି ଜାହିର୍ କରିଛନ୍ତି। ରାସ୍ତା କାମକୁ ବିରୋଧ କରି ୪ଟି ଗାଡ଼ି ଜାଳିବା ସହ ଶ୍ରମିକଙ୍କୁ ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି। ରାୟଗଡ଼ା ଜିଲା କଲ୍ୟାଣସିଂପୁର ବ୍ଲକ୍ ପାର୍ସାଲି ପଞ୍ଚାୟତ ଅନ୍ତର୍ଗତ ନିୟମଗିରି ପାହାଡ଼ ଉପରେ ଥିବା ନାରୀଙ୍ଗତୋଲାରୁ ଗୁମ୍ମା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ରାସ୍ତାକୁ ବିରୋଧ କରି ଲାଲ୍‌ବାହିନୀ ଗୁମ୍ମାସ୍ଥିତ ଠିକା କ୍ୟାମ୍ପ୍‌ରେ ପଶି ଏଭଳି କାଣ୍ଡ ଘଟାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲା। ହେଲେ ମଙ୍ଗଳବାର ବିଳମ୍ବିତ ରାତିରେ ୬୦ ରୁ ଉର୍ଦ୍ଧ୍ୱ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଗ୍ରାମରେ ରାସ୍ତା କାମ ପାଇଁ କରାଯାଇଥିବା ଠିକା କ୍ୟାମ୍ପରେ ପଶିଥିଲେ। ସେଠାରେ ୨ ଶ୍ରମିକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଦୁହିଁଙ୍କୁ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ରାସ୍ତା କାମରେ ବ୍ୟବହୃତ ୨ଜେସିବି, ୧ ରୋଲର୍ ଏବଂ ଗୋଟିଏ ମିକ୍ସର ମେଶିନ୍ ପୋଡ଼ି ଦେଇଥିଲେ। ମାଓବାଦୀମାନେ ଘଟଣାସ୍ଥଳରେ ୩ଟି ହାତ ଲେଖା ପୋଷ୍ଟର୍ ମଧ୍ୟ ଛାଡ଼ିଯାଇଛନ୍ତି।

# ଟ୍ରକ୍ ମାଲିକଙ୍କ ଉପରେ ଜୁଲମ

■ ବନ୍ଦ କରିବାକୁ ମୋଟର ପରିବହନ କଂଗ୍ରେସର ଦାବି

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ଅଖିଳ ଭାରତ ମୋଟର ପରିବହନ କଂଗ୍ରେସ ଓଡିଶା ଶାଖାର ଏକ ସାଧାରଣ ସଭା ବୁଧବାର ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବହନ କଂଗ୍ରେସର ସର୍ବଭାରତୀୟ ଉପସଭାପତି ରବିନାରାୟଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଶାଖାର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ସଭାପତି ଦିଲୀପ କୁମାର ପାଣି ଏବଂ ସାଧାରଣ ସମ୍ପାଦକ ପ୍ରଣବ ପରିଜା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗାଡି ମାଲିକଙ୍କ ଉପରେ ପୋଲିସର ଜୁଲମ, ପରିବହନ କର୍ମଚାରୀ, ଟୋଲ୍‌ଗେଟ କର୍ମଚାରୀ, ବଡ ବଡ କମ୍ପାନୀ ଓ ଅର୍ଥ ଲଗାଣକାରୀ ସଂସ୍ଥାଗୁଡିକ କରୁଥିବା ଜୁଲମର ପ୍ରତିବାଦ କରାଯାଇଥିଲା। ପରିବହନ କମ୍ପାନୀଗୁଡିକ ଟ୍ରକ୍‌ଗୁଡିକୁ ଉଚିତ ଭଡା ଦେଉ ନ ଥିବାରୁ ଟ୍ରକ୍‌ମାଲିକମାନେ ଋଣବୋଝରେ ବୁଡି ରହୁଛନ୍ତି। ଫଳରେ ଅର୍ଥ ଲଗାଣକାରୀ ସଂସ୍ଥାମାନେ ଗୁଣ୍ଡା ଲଗାଇ ରାସ୍ତାରେ ଟ୍ରକ୍‌ଗୁଡିକୁ ଜବତ କରୁଛନ୍ତି। ଏମାନଙ୍କ ସହ ଥାନା ଅଧିକାରୀ ମିଶି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ପରିବହନ କଂଗ୍ରେସ ଓଡିଶା ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଟ୍ରକ୍ ଭଡା ଧାର୍ଯ୍ୟ ପାଇଁ ଅନୁମୋଦନ କମିଟି ସତ୍ତ୍ୱେ ରାଜ୍ୟ ସରକାର ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ କରୁନାହାନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଟୋଲ୍‌ଗେଟ ଅଧିକାରୀ ଜାଣିଶୁଣି ଟ୍ରକ୍‌ଗୁଡିକରୁ ଅଧିକ ଟୋଲ୍ ଟିକସ ଆଦାୟ କରୁଥିବା ପରିବହନ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।


**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା**

**''ବିହନ ବିଶୋଧନ ଅଭିଯାନ'' ରବି-୨୦୧୯-୨୦ ରାଜ୍ୟ ଯୋଜନା**

ଗତ ଖରିଫ ଋତୁରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସଂଗଠିତ ହୋଇଥିବା ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମରେ ସାକ୍ଷୀଗୋପାଳ କୃଷି ଜିଲ୍ଲାର ସମସ୍ତ ପଞ୍ଚାୟତର ଚାଷୀ ଭାଇ ଓ ଭଉଣୀମାନେ ବହୁସଂଖ୍ୟାରେ ଯୋଗଦାନ ପୂର୍ବକ ନିଜ ବିହନକୁ ବିଶୋଧନ କରିବା ସହ ତତ୍‌ସମ୍ବନ୍ଧୀୟ କୌଶଳ ତାଲିମପ୍ରାପ୍ତ ହୋଇଥିଲେ।

ଚଳିତ ରବିଋତୁରେ ସେହି ଜ୍ଞାନ କୌଶଳକୁ ଉପଯୋଗ କରି ଯେ କୌଣସି ଫସଲ ବୁଣିବା ପୂର୍ବରୁ ବିହନ ବିଶୋଧନ ଉପଚାର କରି ସ୍ୱଳ୍ପ ଖର୍ଚ୍ଚରେ ଫସଲର ରୋଗପୋକ ସମସ୍ୟାକୁ ଲାଘବ କରିବାକୁ ଅନୁରୋଧ।

| ଫସଲ | ରୋଗ | ବିହନ ବିଶୋଧକ | ପରିମାଣ |
|---|---|---|---|
| ଚିନାବାଦାମ | କାଣ୍ଡସଢ଼ା<br>ବେକସଢ଼ା | ଟ୍ରାଇକୋଡର୍ମା ଭିରିଡେ ୧% WP<br>କିମ୍ବା ଟେବୁକୋନାଜୋଲ ୨% DS | ୪ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ସୂର୍ଯ୍ୟମୁଖୀ | ଝାଉଁଳା | ଟେବୁକୋନାଜୋଲ ୨% DS | ୨ ଗ୍ରାମ ପ୍ରତି କେଜି ବିହନରେ |
| ମୁଗ / ବିରି | ବିହନ ସଢ଼ା<br>ଝାଉଁଳା | ଥିରାମ ୭୫% WS<br>ଟେବୁକୋନାଜୋଲ ୨% DS | ୩ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ଧାନ | ପତ୍ରଚିତା,<br>ମହିଷା,<br>ପତ୍ରାଚ୍ଛାଦ ପୋଡ଼ା | କାର୍ବେଣ୍ଡାଜିମ୍ ୨୫% +<br>ମାଙ୍କୋଜେବ ୫୦% WP | ୩ ଗ୍ରାମ ପ୍ରତି କେଜି ବିହନରେ |

ସ୍ୱା./-
କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ

**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER
(ELECTRICAL) UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
CIN: U40101OR1995SGC003963

**TENDER CALL NOTICE No. UKHEP: 30 /2019-2020 Date: 21.01.2020**

No.CAD-856 :- Sealed Tenders are invited in sealed envelopes from manufacturer / authorized dealer / reputed suppliers for supply of the following materials as mentioned below.

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1. | Supply of Electrical Consumable to Upper Kolab Hydro Electric Project, Bariniput. | Rs.2360/- (Rs. 2000/- + GST Rs, 360/-) | 1% of quoted value |

Sale of tender paper: - from dtd. 31.01.2020 to 13:00 Hrs. of 15.02.2020
Last date of submission of tender – 16:00 Hrs. of 15.02.2020
Date & Time of opening of tender – 16:30 Hrs. of 15.02.2020
For details of the tender documents, terms and conditions please visit our website www.ohpcltd.com
04002/11/0062/1920 C & P Head, UKHEP, Bariniput

**OFFICE OF THE PRINCIPAL**
**S.C.S. AUTONOMOUS COLLEGE, PURI**
No. 366 / Date: 22.01.2020

**QUOTATION CALL NOTICE**

Sealed Quotations are invited from interested reputed registered Private Security Agency having valid up-to-date GST/PAN/IT Clearance / EPF / ESI Certificate etc. for engagement of unskilled Male Security Personnel for watch & ward in the college campus and Cycle stand, so as to reach the undersigned on or before 31.01.2020.

For details, visit the college website: www.scscollege.nic.in.

*Sd./- Principal*
*S.C.S. (A) College, Puri*

**ODISHA STATE CIVIL SUPPLIES CORPORATION LTD., BARGARH**

No.353 Dt.17.01.2020

**CORRIGENDUM**

The Tender Papers floated for appointment of Transport Contractor Level-II, Level-I and Handling Contractor for the year 2019-21 under OSCSC Ltd., Bargarh published on Dt. 09.01.2020 vide tender call notice No.127/07.01.20, 128/07.01.20 and 129/07.01.20 respectively are hereby cancelled due to changes brought in modality for payment of Tender document fees and EMD. The fees and EMD will be deposited by the tenderers through RTGS/NEFT/any other online mode of fund transfer in the Bank Account of District Manager, OSCSC Ltd., Bargarh bearing No.365301010014028, Union Bank of India, Bargarh. This modification of selecting offline mode of payment instead of online mode of payment in the e-tender process has been made as per direction of the Corporation Head Office vide letter No.738 Dt. 13.01.2020 and refloated for offline mode of payment.

Sd./-
CSO-Cum-District Manager
OSCSC Ltd., Bargarh

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା : ସୁନ୍ଦରଗଡ**
**DISTRICT RURAL DEVELOPMENT AGENCY, SUNDARGARH**
District Rural Development Agency, Sundargarh -770001
Email: ori-dsundargarh@nic.in, Tele / Fax No. 06622-273873

***NOTICE INVITING TENDERS FOR CONSTRUCTION OF DEDICATED FEEDER POWER SUPPLY TO KHANDADHAR ECO-TOURISM & SARAFGARH ECO-TOURISM WITHIN SUNDARGARH DISTRICT.***

No. 170 /DRDA Dated the 22nd January, 2020

Bid Identification No. Off Line /DRDA-SNG-02/RE/2019-2020

The Collector, Sundargarh on behalf of Government of Odisha inviting Tenders in **OFF-LINE** mode from the eligible ELBO registered Electrical HT Contractors/Firms/ Manufacturers/ Suppliers/ Proprietors/ Agencies for "Construction of Dedicated Feeder Power Supply from Bonai (33/11KV PSS) to Khandadhar Eco-Tourism" & "Construction of Dedicated Feeder Power Supply from Lephripara (33/11KV Grid Substation) to Sarafgarh Eco-Tourism" out of District Mineral Foundation Fund, Sundargarh on Turnkey basis. The approximate requirement of quantities along with specifications of Construction of Dedicated Feeder Works to be required along with scope of works have been given in the DTCN of this Tender. For details about the scope of works, eligibility criteria and documents to be required for submission along with tender documents please visit Sundargarh District Official Website "www.sundargarh.nic.in". The tender documents are to be available in the said website w.e.f. 24.01.2020 to 07.02.2020. The last date of submission of bids in Off Line mode by Registered/ Speed Post only is 07.02.2020 (up to 05.30 PM).

SD./- COLLECTOR : SUNDARGARH

**ODISHA MODEL TRIBAL EDUCATION SOCIETY (OMTES)**
**ADIVASI EXHIBITIONS GROUND, UNIT-I, BBSR-09**

Letter No.27 Dated: 22.01.2020

**CORRIGENDUM**

No.V-75:- In continuance to Letter No.02/OMTES, dtd.04.01.2020 of ODISHA MODEL TRIBAL EDUCATION SOCIETY (OMTES), Bhubaneswar, the sentence appearing in 1st para Seventh line of the Advertisment published in daily Odia Newspaper i.e "The Sambad" "The Samaj" and "The Dharitri" (All Odisha Edition) on 06.01.2020, the sentence i.e., "ନିର୍ଦ୍ଦିଷ୍ଟ ସ୍ଥାନ ସଂଖ୍ୟାର ୧୦ ପ୍ରତିଶତ ଅଧିକ ସ୍ଥାନ ଅଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦୟଦିଷ୍ଟ"

**ଉକ୍ତ ବାକ୍ୟ ପରିବର୍ତ୍ତେ ନିମ୍ନମତେ ପଢାଯିବ ।**
**"ସମୁଦାୟ ସିଟ ସଂଖ୍ୟା (୬୦)ର ୧୦ ପ୍ରତିଶତ ସ୍ଥାନ ଅଣଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ"**

ସ୍ୱା./-
26009/11/0002/1920 ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଜାନୁୟାରୀ, ୨୦୨୦



ଏମିତି ବି ହୋଇଥିଲା

# ପ୍ରଥମେ ଶାହରୁଖ ପରେ ଅନିଲ

‘ସ୍ଲମଡଗ୍ ମିଲିୟନେୟାର’ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ନିର୍ଦ୍ଦେଶକ ଡ୍ୟାନି ବୋୟଲେ ଯେତେବେଳେ ଏହାର କାଷ୍ଟିଂ ପାଇଁ ଚିନ୍ତା କଲେ ସେତେବେଳେ ତାଙ୍କ ମନକୁ ପ୍ରଥମେ ଶାହରୁଖ ଖାଁଙ୍କ ନାମ ଆସିଥିଲା। ହେଲେ କେତେକ କାରଣରୁ ଶାହରୁଖ ଏଥିରେ ଅଭିନୟ କରିବାକୁ ରାଜି ହୋଇ ନ ଥିଲେ। ଶେଷରେ ଅନିଲ କପୁରଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ସମ୍ମତି ପ୍ରଦାନ କରିଥିଲେ। ଫିଲ୍ମଟି ମଧ୍ୟ ଅନିଲଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଥିଲା।


ଅନିଲ

## ମନ୍ଥନ ପାଇଁ...


ଶ୍ୟାମ ବେନେଗଲ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଶ୍ୟାମ ବେନେଗଲ। ତାଙ୍କ ନିର୍ଦ୍ଦେଶିତ ପ୍ରତିଟି ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଥାଏ। ୧୯୭୬ରେ ସେ ନିର୍ମାଣ କରିଥିଲେ କଳାତ୍ମକ ଚଳଚ୍ଚିତ୍ର ‘ମନ୍ଥନ’। ହେଲେ ଏଥିପାଇଁ ଅର୍ଥ ବାଧକ ସାଜିଥିବା ବେଳେ ତାଙ୍କୁ ଗୁଜରାଟର ଚାଷୀମାନେ ସହଯୋଗର ହାତ ବଢ଼ାଇଥିଲେ। ପାଖାପାଖି ୫୦୦୦ ଚାଷୀ ଏକତ୍ର ହୋଇ ଏହି ଫିଲ୍ମ ପାଇଁ କିଛି କିଛି ଅର୍ଥ ଦାନ ସ୍ୱରୂପ ଦେଇଥିଲେ, ଯାହା ବଲିଉଡ୍‌ରେ ଏକ ରେକର୍ଡ ହୋଇ ରହିଛି। କେବଳ ସେତିକି ନୁହେଁ, ସେମାନଙ୍କ ନାମକୁ ଫିଲ୍ମର ଟେକ୍ନିକାଲ ପ୍ରଯୋଜକ ଭାବରେ ସ୍ଥାନୀତ କରାଯାଇଥିଲା।

## ୫୪ଟି କଷ୍ଟ୍ୟୁମ ପରେ...

ପ୍ରଯୋଜକ ଯଶ ଚୋପ୍ରା। ତାଙ୍କ ପ୍ରଯୋଜିତ ‘ଦିଲ୍ ତୋ ପାଗଲ ହେ’ ସୁପରହିଟ୍ ହୋଇଥିଲା। କେବଳ ଶାହରୁଖ, ଅକ୍ଷୟ କୁମାର, କରିସ୍ମା କପୁର ଏବଂ ମାଧୁରୀ ଦୀକ୍ଷିତଙ୍କ ବଳିଷ୍ଠ ଅଭିନୟ ନୁହେଁ, ଉତ୍ତମ ସିଂଙ୍କ ସ୍ୱର ସଂଯୋଜିତ ଗୀତଗୁଡ଼ିକ ମଧ୍ୟ ଦର୍ଶକାଦୃତ ହୋଇଥିଲା। ହେଲେ ଏକଦା ଏଥିରେ ମାଧୁରୀଙ୍କ କଷ୍ଟ୍ୟୁମ ପାଇଁ ଯଶ ଚୋପ୍ରାଙ୍କ ସହ କଷ୍ଟ୍ୟୁମ ଡିଜାଇନର ମନୀଷ ମାଲହୋତ୍ରାଙ୍କୁ ନାକେଦମ୍ ହେବାକୁ ପଡିଥିଲା। ମନୀଷଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ୫୪ଟି କଷ୍ଟ୍ୟୁମକୁ ଯଶ କ୍ୟାନ୍‌ସେଲ କରିବା ପରେ ଗୋଟିଏ କଷ୍ଟ୍ୟୁମ ସେ ଚଏସ କରିଥିଲେ।


ଯଶ ଚୋପ୍ରା



# ବୁଜି ହେଲେଣି ଆଲିୟା

ଆଲିୟା ଭଉଙ୍କ ଖୁସି ଏବେ କହିଲେ ନ ସରେ। କାରଣ ତାଙ୍କର ନୂଆ ସିନେମା ‘ଗାଙ୍ଗୁବାଇ କାଠିଆୱାଡି’ର ପ୍ରଥମ ଲୁକ୍ ରିଲିଜ ହେବା ପରେ ତାହା ଭାଇରାଲ ହୋଇଛି। ଏଥିରେ ତାଙ୍କର ଗେଟ୍ ଅପ୍‌କୁ ବେଶ୍ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ଆଲିୟା କହନ୍ତି, ‘ସଞ୍ଜୟ ଲୀଲା ଭଁସାଲୀଙ୍କ ପରି ନିର୍ଦ୍ଦେଶକଙ୍କ କ୍ୟାମ୍ପରେ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ମୁଁ ପ୍ରଥମ ଥର ପାଇଁ ତାଙ୍କ ନିର୍ଦ୍ଦେଶନାରେ ଅଭିନୟ କରିବି। ଗତବର୍ଷ ଦର୍ଶକ ମୋ ଅଭିନୀତ ‘ରାଜି’କୁ ଗ୍ରହଣ କରିଥିଲେ ଏହି ଫିଲ୍ମଟି ମୋତେ ବେଶ୍ ମାଇଲେଜ ଦେଇଛି। ତା’ପରେ ଏବେ ‘ଗାଙ୍ଗୁବାଇ କାଠିଆୱାଡି’ରେ ଅଭିନୟ କରିବି। ତେଣୁ ଏହି ଫିଲ୍ମଟି ମଧ୍ୟ ମୋ କ୍ୟାରିୟରରେ ସ୍ମରଣୀୟ ହୋଇ ରହିବ। ଏହାର ଫାଷ୍ଟ ଲୁକ୍ ଏବେ ଭାଇରାଲ୍ ହୋଇଛି। ଏଣିକି ମୋର କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସତର୍କ ହେବାକୁ ପଡିବ।’ ଏହି ଫିଲ୍ମଟି ଚଳିତବର୍ଷ ସେପ୍ଟେମ୍ବର ୧୧ରେ ରିଲିଜ ହେବାର ଯୋଜନା ରହିଛି।

# ସେତେବେଳେ ବାପା ଏବେ ଝିଅ

୨୦୦୯ରେ ନିର୍ଦ୍ଦେଶକ ଯିମତିୟାଜ ଅଲ୍ଲୀ ନିର୍ମାଣ କରିଥିଲେ ‘ଜୋ’। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସୈଫ ଅଲ୍ଲୀ ଖାଁ ଏବଂ ଦୀପିକା ପାଦୁକୋନ୍। ହେଲେ ଏବେ ଏହି ନିର୍ଦ୍ଦେଶକ ସେହି ଟାଇଟଲକୁ ନେଇ ଆଉ ଏକ ଫିଲ୍ମ ପ୍ରସ୍ତୁତ କରିଛନ୍ତି, ଯାହା ଆସନ୍ତା ମାସ ୧୪ରେ ରିଲିଜ ହେବ। ଖାସ୍ କଥା ହେଲା, ଏଥର ଏହାର କାଷ୍ଟିଂରେ ବାପା ସୈଫଙ୍କ ସ୍ଥାନରେ ତାଙ୍କର ଝିଅ ସାରା ଅଲ୍ଲୀ ଖାଁଙ୍କୁ ନିଆଯାଇଛି। କିନ୍ତୁ ଯା ଭିତରେ ଏହାର ଫିମେଲ ଲିଡ୍ ପାଇଁ ସାରା ଅଲ୍ଲୀ ଖାଁ ଫିଟ୍ ନୁହନ୍ତି ବୋଲି ଆଲୋଚନା ହେଉଥିଲା। ଶେଷରେ ଏହାକୁ ନେଇ ମୁହଁ ଖୋଲିଛନ୍ତି ଚିତ୍ରର ନିର୍ଦ୍ଦେଶକ ଯିମତିୟାଜ ଅଲ୍ଲୀ। ସେ କହିଛନ୍ତି ଯେ, ସାରାଙ୍କୁ କାଷ୍ଟିଂରେ ସାମିଲ କରିବାକୁ ଲବି କରାଯାଇଥିଲା ବୋଲି ଯାହା ଆଲୋଚନା ହେଉଛି ତାହା ମିଛ। ଏହି ରୋଲ୍ ପାଇଁ ସାରା ହିଁ ଫିଟ୍। ସେଥିପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ‘ଜୋ’ରେ ସାରାଙ୍କ ଅପୋଜିଟ୍‌ରେ ଅଛନ୍ତି କାର୍ତ୍ତିକ ଆର୍ଯ୍ୟନ। ତେବେ ଏହି ଯୋଡି କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ଅଡୁଆ କରୁଛି କିସ୍

ଦିଶା ପଟାନି ଏବେ ଟେନସନରେ। କାରଣ ଯେଉଁ କେତୋଟି ଅଫର ମିଳୁଛି ସେଥିରେ ଲିପ୍-ଲକ୍ ସିନ୍ ରହୁଛି। ଆଉ ଏକଥା ଶୁଣିବା ପରେ ଦିଶା ପ୍ରଥମେ କି ନିଷ୍ପତ୍ତି ନେବେ ଜାଣିପାରି ନ ଥିଲେ। କିଛି ଦିନ ଚିନ୍ତା କରିବା ପରେ ସେ ଏପରି ଅଫରକୁ ରେଡ୍ ସିଗନାଲ ଦେଖାଇଛନ୍ତି। ଏ ନେଇ ଦିଶା କହନ୍ତି, ‘ଅଯଥାରେ କିସ୍ ଶଟ୍ ଦେଇ ମୁଁ ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ଆସିନାହିଁ। ମୋ ଭୂମିକାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। କାହାଣୀ ଅନୁସାରେ ଯଦି କିଛି ଇଣ୍ଟିମେଣ୍ଟ ସିନ୍ ରହିଲା ତାକୁ ନେଇ ମୁଁ ଚିନ୍ତା କରିପାରେ। ହେଲେ କାହାଣୀ ସହ ଆଦୌ କିଛି ସଂଯୋଗ ନ ଥିବା ବୋଲ୍ଡ ଶଟ୍ ଦେବାକୁ ମୁଁ କେବେ ରାଜି ହେବି ନାହିଁ। ନିକଟରେ ଲିପ୍-ଲକ୍ ସିନ୍ ପାଇଁ ମୁଁ ଦୁଇଟି ଅଫର ହାତଛଡ଼ା କରିଛି। ଏ ନେଇ ମୋର ମନ ଦୁଃଖ ନାହିଁ। କାରଣ ସେପରି ଶଟ୍ ସହ କାହାଣୀର କିଛି ସମ୍ପର୍କ ଥିବା ମୋତେ ଜଣାପଡ଼ି ନ ଥିଲା। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ଶହେ ଥର ସେ ନେଇ ଚିନ୍ତା କରିବି। ଯଦି ତରତର ହେଲି ତେବେ ତାହାଦ୍ୱାରା ମୋ କ୍ୟାରିୟର ପ୍ରଭାବିତ ହେବ।’ ତେବେ ଦିଶା ନିଜର ଏପରି ମାନସିକତାକୁ କେତେ ଦିନ ବଜାୟ ରଖୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଦିଶା ପଟାନି

# ସୁପରବୟ

ନୂଆ ଓଡ଼ିଆ ସିନେମା ‘ସୁପରବୟ’ ରିଲିଜ ଅପେକ୍ଷାରେ ରହିଛି। ଏକ ସସ୍‌ପେନ୍ସ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଜଣେ ଯୁବକ କିପରି ସୁପର ପାୱାରର ଅଧିକାରୀ ହୋଇଛି ଏବଂ ତା’ ଦ୍ୱାରା ସେ କ’ଣ କରିପାରୁଛି ସେକଥା ସିନେମାରେ ଦେଖିବାକୁ ମିଳିବ। ଫିଲ୍ମର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଜ୍ୟୋତି ନାୟକ। ତାଙ୍କର ନାୟିକା ସାଜିଛନ୍ତି ଓଡ଼ିଆ ସିନେମାର ଗ୍ଲାମର କୁଇନ୍ ଭାବରେ ପରିଚିତା ତମନ୍ନା। ଅନ୍ୟପକ୍ଷରେ ତମନ୍ନା ଯା ଭିତରେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ‘ଭାଇନା କ’ଣ କଲା ସେ’ରେ ସଂଯୋଜିତ ‘ଚାଲ କରିବା ଠିଆପାଲା’ ଗୀତଟି ତାଙ୍କୁ ଦର୍ଶକଙ୍କ ନିକଟରେ ଆହୁରି ପରିଚିତ କରାଇପାରିଥିଲା। ‘ଏଥିରେ ମୋ ଭୂମିକାଟି ହେଲା ତାନିୟା। ସେ ଜଣେ ସୁଇଟ୍ ଆଉ ଇନୋସେଣ୍ଟ ଗର୍ଲ। ନିଜ ମନର ମଣିଷକୁ ଖୋଜୁ ଖୋଜୁ ସେ ପ୍ରେମ୍ ନାମକ ଜଣେ ଯୁବକ ସଂସ୍ପର୍ଶରେ ଆସିଛି, ଯିଏ ସୁପର ପାୱାରର ଅଧିକାରୀ। ହେଲେ ସେହି ପାୱାରଟି କ’ଣ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାରେ ଏପରି ମସଲା ରହିଛି ଯାହା ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିବ ବୋଲି କହନ୍ତି ତମନ୍ନା।’ ଖାସ୍ କଥା ହେଲା ଏହି ଫିଲ୍ମରେ ଶୁଭାଶିଷ ଶର୍ମା (ମଣ୍ଟୁ) ନେଗେଟିଭ ରୋଲ୍‌ରେ ଅଭିନୟ କରୁଛନ୍ତି। ସାଇ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦକ୍ଷିଣ ଭାରତୀୟ ପ୍ରଯୋଜକ କେ. ଆନୀଷ। ଅପରପକ୍ଷରେ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ସେ ଦେଉଛନ୍ତି। ଚଳଚ୍ଚିତ୍ରର ସଂଳାପ ଲେଖିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।


ତମନ୍ନା

# ନିର୍ଦ୍ଦେଶକ ମନମୋହନଙ୍କ ସ୍ମରଣେ



ଦିଲ୍ଲୀପ ହାଲି

‘ପ୍ରାଣୀର ଭଲମନ୍ଦ ବାଣୀ ମରଣକାଳେ ତାହା ଜାଣି।’ ଏ କଥାର ଯଥାର୍ଥତା ରହିଛି। ସେହିପରି ଏକ ନୀରବ ସାଧକ, ଚିତ୍ର ନିର୍ମାତା, ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ ଦେହାନ୍ତ। ଓଡ଼ିଆ ଚଳଚ୍ଚିତ୍ର ପରିବାର ପାଇଁ ତାଙ୍କ ବିୟୋଗ ବ୍ୟାପକ କ୍ଷତି ପହଞ୍ଚାଇଛି। ସେ ଦରଦୀ ବ୍ୟକ୍ତି କେବଳ ନ ଥିଲେ ଜଣେ ଭଲ ମଣିଷ ମଧ୍ୟ। ଆଠ ଥର ଜାତୀୟ ପୁରସ୍କାର ଲାଭ କରିଥିବା ବ୍ୟକ୍ତିତ୍ୱ ଭାବେ ନିର୍ଦ୍ଦେଶକ ମନମୋହନ ମହାପାତ୍ର ଭାରତୀୟ ସିନେମା ଜଗତ ପାଇଁ ସ୍ୱତନ୍ତ୍ର ଥିଲେ।

ଓଡ଼ିଆ ଚଳଚ୍ଚିତ୍ର ଜଗତ ଲାଗି ସେ ରାଜଧାନୀରେ ପ୍ରଥମେ ‘ସିନେଟାକ୍ସି’ ନାମରେ ଏକ ସଂଗଠନ ସିନେମା କରିଥିଲେ। ଭଲ ଦର୍ଶକମାନଙ୍କ ଲାଗି ଭଲ ସିନେମା ପ୍ରଦର୍ଶନ କରିବା ଦିଗରେ ସେ ଥିଲେ ଅଗ୍ରଗଣ୍ୟ। ଭୁବନେଶ୍ୱରସ୍ଥ ବିଜେବି କଲେଜରେ ପଢ଼ିବା ବେଳେ ନାଟକ ପ୍ରତି ତାଙ୍କର ଥିଲା ଅତ୍ୟନ୍ତ ଦୁର୍ବଳତା। ଭଲ ଅଭିନେତା ଭାବେ ତାଙ୍କର ଜଣେ ବନ୍ଧୁ ଅଭିନେତା ଅରୁଣ ନନ୍ଦ ଓ ସଂଳାପରେ ନନ୍ଦଲାଲ ମହାପାତ୍ରଙ୍କୁ ସେ ପ୍ରତିଟି ଚଳଚ୍ଚିତ୍ରରେ ସୁଯୋଗ ଦେଇ ଲୋକଲୋଚନକୁ ଆଣିବା ଦିଗରେ ବିଶେଷ ଭୂମିକା ଥିଲା। ମୁନାଭାଇ ନାମରେ ପରିଚିତ ଥିଲେ ମନମୋହନ। ସେ ଯେତେବେଳେ ପୁନା ଫିଲ୍ମ ପ୍ରଶିକ୍ଷଣରେ ପାଠ ପଢୁଥିଲେ ସେତେବେଳେ ଖ୍ୟାତିସମ୍ପନ୍ନ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଲାଗି ପାଠପଢାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ ନିଜେ ବହନ କରୁଥିଲେ। ମିଥୁନ ଭୁବନେଶ୍ୱର ଆସିବା ସମୟରେ ମନମୋହନ ମହାପାତ୍ରଙ୍କୁ ‘ଗୁରୁ’ ବୋଲି ସମ୍ବୋଧନ କରି ପ୍ରଣାମ ହେଉଥିଲେ। ଉଦାର ହୃଦୟ ମଣିଷ ପୁରୀ ସ୍ୱର୍ଗଦ୍ୱାରରେ ଲୀନ ହୋଇଗଲା। ରାଜ୍ୟ ସରକାର ମୁନା ଭାଇ ସମ୍ମାନାର୍ଥେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ। ଚଳଚ୍ଚିତ୍ର ଜଗତ ପାଇଁ ବଡ଼ ସମ୍ମାନ।

ମନମୋହନ ମହାପାତ୍ରଙ୍କ ‘ଇନ୍ତେଯାର’ ଟେଲିଫିଲ୍ମ ଶହୀଦ ନଗରର ଏକ ଘରେ ଶୁଟିଂ ହେଉଥାଏ। ହିନ୍ଦୀ ଅଭିନେତ୍ରୀ ସୁଧାଚନ୍ଦ୍ରନ, ଅଭିନେତା ବିନାୟକ ମିଶ୍ର ଓ ଅଭିନେତା ଉଦ୍‌ଘୋଷକ କମଲ କିରନ୍ ଅଭିନୟ କରୁଥିଲେ। କମଲ କିରନ ଶୁଟିଂ ପାଇଁ ବର୍ଷା ଯୋଗୁ ଗାଡ଼ି ଆସିବା ପାଇଁ ପ୍ରତୀକ୍ଷାରେ ଘରେ ବସିଥାନ୍ତି। ମୁନାଭାଇ ହଠାତ୍ ତାଙ୍କ ଘର ଆଗରେ ତାଙ୍କର ସ୍କୁଟରରେ ଆସି ଡ଼ାକିଲେ। କମଲ କିରନ ହଠାତ୍ ଭାବି ନ ଥିଲେ ଯେ, ଏତେବଡ଼ ନିର୍ଦ୍ଦେଶକ ନିଜ କର୍ତ୍ତବ୍ୟ ପରାୟଣ ପାଇଁ ଶୁଟିଂରେ ବିଳମ୍ବ ନ ହେବ, ସେଥିପାଇଁ ସିଧା ସ୍କୁଟର ଆସି ତାଙ୍କୁ ଶୁଟିଂସ୍ଥଳରେ ପହଞ୍ଚାଇ ଦେଇ ନିଜ କାର୍ଯ୍ୟ ଆରମ୍ଭ କଲେ। ଏଥିରୁ ଆଜିର ଚଳଚ୍ଚିତ୍ର ନିର୍ଦ୍ଦେଶକମାନେ ଶିକ୍ଷା ଲାଭ କରିବା କଥା। ଚଳଚ୍ଚିତ୍ର ସମ୍ପର୍କରେ ପ୍ରଯୋଜକ ସଂଘମାନଙ୍କର ଏକ ଆଲୋଚନାଚକ୍ର ସୂଚନା ଭବନରେ ଗତବର୍ଷ ହୋଇଥିଲା। ସେଠାରେ ମଞ୍ଚାସୀନ ହୋଇ ନିର୍ଦ୍ଦେଶକ ମନମୋହନ ମହାପାତ୍ର ଓଡ଼ିଆ ଚଳଚ୍ଚିତ୍ରର ନୀତି ସମ୍ପର୍କରେ ଗୁରୁତ୍ୱ ଦେଇ ଅଭିଭାଷଣ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ରକୁ ଦେଶ ବିଦେଶରେ ଜାତୀୟ ପୁରସ୍କାର ଲାଭ କରି ସେ ହାଟ୍ରିକ ଅର୍ଜନ କରିଥିଲେ। ଜାତୀୟ ଜୁରୀ ସଦସ୍ୟ ମଧ୍ୟ ଥିଲେ। ପୁଣେରେ ଛାତ୍ର ସମୟରେ ସଂଗଠନ ମାଧ୍ୟମରେ ଚଳଚ୍ଚିତ୍ର ପଢୁଥିବା ଅନେକ ଗରିବ ଛାତ୍ରଙ୍କୁ ସହାୟତା ଦେଉଥିଲେ। ଏହା ଥିଲା ତାଙ୍କର ପ୍ରକୃତ ମାନବ ସେବା।

ମନମୋହନ ମହାପାତ୍ର ଅନେକ ବନ୍ଧୁ ତାଙ୍କୁ ଚଳଚ୍ଚିତ୍ର ନିର୍ମାଣ ବେଳେ ସହାୟତା ଦେଇଥାନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଆଞ୍ଚଳିକ ଭାଷାରେ କୌଣସି ଏକ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ହେଲେ ମୁନାଭାଇଙ୍କ ନାମ ନିଶ୍ଚିତ ଥିବ। ଏହା ଚିତ୍ର ନିର୍ମାତାମାନଙ୍କ ମନକୁ ନିଶ୍ଚିତ ପ୍ରଭାବିତ କରିଥିଲା। ଭଲ ସିନେମାର ପ୍ରୋତ୍ସାହନ ପାଇଁ ମନମୋହନ ମହାପାତ୍ର ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ନିଜର ସ୍ୱତନ୍ତ୍ରତା ରହିଛି, ରହିବ ମଧ୍ୟ। ମରଶରୀର ଲୀନ ହେଲେ ମଧ୍ୟ ଚଳଚ୍ଚିତ୍ର ସମୂହ ତାଙ୍କୁ କାଳ କାଳ ପାଇଁ ମନେରଖିବ। ଓଡ଼ିଶାରେ ଅନେକ ପୁରୁଖା ପ୍ରଯୋଜକ ଇହଧାମରୁ ବିଦାୟ ନେଲେଣି ସତ, କିନ୍ତୁ ତାଙ୍କୁ ତାଙ୍କର ସ୍ମରଣୀୟ ଚଳଚ୍ଚିତ୍ର ସମୂହ ଚିତ୍ରପ୍ରେମୀଙ୍କ ମନରେ ସଦାସର୍ବଦା ରହିବ। ଭଲମନ୍ଦର ବିଚାର ଦର୍ଶକମାନଙ୍କ ମନକୁ ବେଶ୍ ଛୁଇଁଥାଏ। ମନକୁ ମନ ‘ବାଦଶାହା’ ଯେତେ ପ୍ରଯୋଜିତ କରି ପ୍ରଚାର କଲେ କିଛି ଫଳ ଶୂନ୍ୟ ହୁଏ। ପ୍ରଯୋଜକ ବାବୁଲାଲ ଦୋଷୀ, ଗୌରପ୍ରସାଦ ଘୋଷ, ଧୀର ବିଶ୍ୱାଳ, ଶ୍ରୀନିବାସ ପାଲଟାସିଂ ଆଦି ପୁରୁଖା ପ୍ରଯୋଜକମାନଙ୍କୁ ମନେ କିଏ ପକାଉଛି। ସେମାନଙ୍କ ଅବଦାନ ଓଡ଼ିଆ ସିନେମା ଜଗତ କେବେ ଭୁଲିପାରିବେନି। ଆଗ ଥାଉ ଥାଉ ପଛରେ ରାଜା ମହାରାଜା କହି ନିଜର ଦୁର୍ବଳତାକୁ ଆପେ ଲୋକଲୋଚନକୁ ଆଣି ହାସ୍ୟାସ୍ପଦ ହେଉଛେ। ମନମୋହନ ନିଜେ ପ୍ରଚାରଠାରୁ ଦୂରେଇ ରହି କେବଳ ଭଲ ଓଡ଼ିଆ ସିନେମା କରି ଆଜି ଅମର ହୋଇ ରହିବେ।

*–ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର –୧୮, ମୋ : ୯୮୬୧୦୦୯୨୫୨*

# ଶୋଷରେ ପ୍ରିୟାମଣି



ଆମ ଦେଶର ଅନ୍ୟତମ ଲୋକପ୍ରିୟ ଖେଳ ହେଲା ଫୁଟବଲ୍। ଏହାର ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ନିର୍ମିତ ହେଉଛି ହିନ୍ଦୀ ସିନେମା ‘ମୈଦାନ’। ଏଥିରେ ଅଜୟ ଦେବଗନ ଫୁଟବଲ ଖେଳାଳି ତଥା ଭାରତୀୟ ଫୁଟବଲ ଦଳର ମ୍ୟାନେଜର ଭାବରେ ଦାୟିତ୍ୱ (୧୯୫୦–୧୯୬୩) ତୁଲାଇଥିବା ସୟଦ ଅବଦୁଲ ରହିମ ଭୂମିକାରେ ଅଭିନୟ କରିବେ। ହେଲେ ଏଥିରେ ତାଙ୍କ ମା’ ରୋଲ୍‌ରେ କାହାକୁ ସାଇନ୍ କରାଯିବ ସେ ନେଇ ବେଶ୍ ବିଚାର ବିମର୍ଶ କରିବା ପରେ ୨୭ବର୍ଷ ବୟସ୍କା କୀର୍ତ୍ତି ସୁରେଶଙ୍କୁ ସାଇନ୍ କରାଯାଇଥିଲା। ହେଲେ ମେକଅପ ନେବା ପରେ ସେ ଏତେ ୟଙ୍ଗ ଦେଖାଗଲେ ଯେ ନିର୍ଦ୍ଦେଶକ ଅମିତ ରବୀନ୍ଦ୍ରନାଥ ଶର୍ମା ତାଙ୍କୁ କାଷ୍ଟିଂରୁ ବାଦ୍ ଦେବାକୁ ବାଧ ହୋଇଥିଲେ। ଏବେ ଅନ୍ୟତମ ଲୋକପ୍ରିୟ ତାମିଲ ଅଭିନେତ୍ରୀ ପ୍ରିୟାମଣିଙ୍କୁ ସାଇନ୍ କରାଯାଇଛି। ୩୫ବର୍ଷ ବୟସ୍କ ପ୍ରିୟାମଣି ଅଫରଟି ପାଇବା ପରେ ମଧ୍ୟ ରାଜି ହୋଇଯାଇଥିଲେ। ଜି ଷ୍ଟୁଡିଓ, ବୋନି କପୁର, ଆକାଶ ଚାୱଲା, ଅରୁନଭା ରୟ ସେନଗୁପ୍ତା, ସ୍ୱାୟନ କ୍ୱାଡ୍ରସ ଏବଂ ରିତେଶ ଶାହା ‘ମୈଦାନ’ର ପ୍ରଯୋଜନା କରୁଛନ୍ତି। ଫୁଟବଲ ଉପରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମଟି ଚଳିତ ମାସ ୨୭ରେ ରିଲିଜ ହେଉଛି।



“ ମୁଁ ବର୍ତ୍ତମାନ ବ୍ୟାଟ୍ ଚାଳନା ସ୍ପିଡ୍ ଉପରେ ଗୁରୁତ୍ୱ ଦେଉଛି। ଏହା ଟି୨୦ ବିଶ୍ୱକପ୍‌ରେ ମୋତେ ବଡ଼ ଶଟ୍ ଖେଳିବାରେ ସହାୟକ ହେବ ବୋଲି ଆଶା ।

–ଜେମିମା ରୋଡ୍ରିଗୁଏଜ, ଭାରତୀୟ ମହିଳା କ୍ରିକେଟର୍



“ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ ଟି୨୦ ବିଶ୍ୱକପ୍ ପାଇଁ ଭାରତର ପ୍ରସ୍ତୁତି ସଦୃଶ ହେବା

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ୍ ମୁଖ୍ୟ କୋଚ୍

## ସଂକ୍ଷେପରେ

### ପୁଣି ଚମକିଲେ ପୃଥ୍ୱୀ, ଭାରତ ଏ’ ବିଜୟୀ

ଲିଙ୍କନ(ନ୍ୟୁଜିଲାଣ୍ଡ),୨୨।୧- ଯୁବ ଓପନର ପୃଥ୍ୱୀ ଶ’ଙ୍କ ଦ୍ରୁତ ଇନିଂସ ବଳରେ ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ଭାରତ ଏ’ ୫ ଉଇକେଟରେ ଜିତିନେଇଛି। ୨୦ ବର୍ଷୀୟ ପୃଥ୍ୱୀ ୩୫ ବଲରେ ୪୮ ରନ୍‌ର ଇନିଂସ ଖେଳିଛନ୍ତି। ସେହିଭଳି ଜାତୀୟ ଟି୨୦ ଦଳକୁ ଫେରିବା ପରେ ସଞ୍ଜୁ ସାମସନ ୩୯ ଓ ସୂର୍ଯ୍ୟକୁମାର ଯାଦବ ୩୫ ରନ୍‌ର ଇନିଂସ ଖେଳିଥିଲେ। ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ଏ’ ୨୯.୩ ଓଭରରେ ୫ ଉଇକେଟ୍ ହରାଇ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ନ୍ୟୁଜିଲାଣ୍ଡ ଏ’ ୪୮.୩ ଓଭରରେ ୨୩୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ରଚିନ ରବୀନ୍ଦ୍ର ୪୯, ଅଧିନାୟକ ଟମ ବ୍ରୁସ ୪୭ ଓ କୋଲେ ମ୍ୟାକ୍‌କୋନଚି ୩୪ ରନ୍ କରିଥିଲେ। ଭାରତ ଏ’ ପକ୍ଷରୁ ମହମ୍ମଦ ସିରାଜ ୩ ଉଇକେଟ ନେଇଥିଲେ। ସିରିଜ୍‌ର ଦ୍ୱିତୀୟ ଅନ୍‌ଅଫିସିଆଲ ମ୍ୟାଚ୍ ୨୪ରେ ଖ୍ରୀଷ୍ଟଚର୍ଚ୍ଚଠାରେ ଖେଳାଯିବ।

### ପ୍ରଥମ ରାଉଣ୍ଡରୁ ସାଇନା, ଶ୍ରୀକାନ୍ତ ଆଉଟ୍

ବ୍ୟାଙ୍କକ୍,୨୨।୧- ସାଇନା ନେହ୍ୱାଲ, କିଦାମ୍ବି ଶ୍ରୀକାନ୍ତ, ସମୀର ବର୍ମା ଓ ଏଚ୍.ଏସ୍. ପ୍ରଣୟ ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସାଇନା ୧୩-୨୧, ୨୧-୧୭, ୧୫-୨୧ ଗେମ୍‌ରେ ଡେନମାର୍କର ହୋଜମାର୍କ ଜାଏର୍ସଫେଲ୍ଟଙ୍କ ନିକଟରୁ ହାରିଯାଇଛନ୍ତି। ସାଇନାଙ୍କ ଏହା ଲଗାତର ୨ୟ ପ୍ରଥମ ରାଉଣ୍ଡ ପରାଜୟ। ସେହିଭଳି ପୁରୁଷ ବିଭାଗରେ ଶ୍ରୀକାନ୍ତଙ୍କୁ ଇଣ୍ଡୋନେସିଆର ହିରେନ ରୁଷ୍ଟାଭିଟୋ, ସମୀରଙ୍କୁ ମାଲେସିଆର ଲି ଜି ଜିଆ ଓ ପ୍ରଣୟଙ୍କୁ ମାଲେସିଆର ଲିଉ ଡାରେନ ପରାସ୍ତ କରିଛନ୍ତି।

# ତୃତୀୟ ରାଉଣ୍ଡରେ ଫେଡରର, ଜୋକୋଭିଚ୍

ମେଲବୋର୍ନ,୨୨।୧(ଏଏଫ୍‌ପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ସର୍ବିୟାର ନୋଭାକ ଜୋକୋଭିଚ୍ ଜାପାନ କ୍ୱାଲିଫାୟର ତାତ୍‌ସୁମା ଇଟୋଙ୍କୁ ୬–୧, ୬–୪, ୬–୨ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ଜୋକୋଭିଚ୍ କ୍ୟାରିୟରର ଅଷ୍ଟମ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିବେ। ତୃତୀୟ ରାଉଣ୍ଡରେ ସେ ଅନ୍ୟତମ ଜାପାନ ଖେଳାଳି ୟୋସିହିଟୋ ନିଶିଓକାଙ୍କୁ ଭେଟିବେ। ତୃତୀୟ ସିଡ ଅଭିଜ୍ଞ ସୁଇଜରଲାଣ୍ଡର ରୋଜର ଫେଡରର ସର୍ବିୟାର ଫିଲିପ୍ କ୍ରାଜିନୋଭିକଙ୍କୁ ୬–୧, ୬–୪,୬–୧ ସେଟରେ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେ ଏଥିସହିତ ଏହି ଟୁର୍ଣ୍ଣାମେଣ୍ଟରେ ୯୯ତମ ବିଜୟ ହାସଲ କରିଛନ୍ତି। ଏବେ ସେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ଭେଟିବେ। ସେହିପରି କ୍ରୋଏସିଆର ମାରିନ୍ ସିଲିକ୍ ତୃତୀୟ ରାଉଣ୍ଡରେ ନବମ ସିଡ ରୋବେର୍ଟୋ ବଟିସ୍ତା ଅଗୁଟଙ୍କୁ ଭେଟିବା ସ୍ପଷ୍ଟ ହୋଇଛି। ସିଲିକ୍ ୬–୨, ୬–୭, ୩–୬, ୬–୧, ୭–୬ ସେଟ୍‌ରେ ୨୧ତମ ସିଡ ଫ୍ରାନ୍ସର ବୋନୋଇଟ ପାଇରେଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଅଗୁଟ ଆମେରିକା କ୍ୱାଲିଫାୟର ମାଇକେଟ ମୋଙ୍କୁ ୫–୭, ୬–୨, ୬–୪, ୬–୧ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ୩୨ତମ ସିଡ କାନାଡ଼ାର ମିଲୋସ ରାଓନିକ ୬–୩, ୬–୪, ୬–୨ ସେଟରେ ଚିଲିର କ୍ରିଷ୍ଟିଆନ ଗାରିନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ଗ୍ରୀସ୍‌ର ଷଷ୍ଠ ସିଡ୍ ଖେଳାଳି ଷ୍ଟିଫାନୋସ ସିଟିସପାସଙ୍କୁ ଭେଟିବେ। ସିଟିସପାସ ଫିଲିପ କୋହେଲସ୍କ୍ରେଇବରଙ୍କ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୱାକ୍ ଓଭର ପାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଦୁଇ ଆମେରିକୀୟ ଖେଳାଳି ସାମ କ୍ୟୁରେ ଓ ଟେନିସ ସାଣ୍ଡଗ୍ରୀନ ପରସ୍ପରକୁ ଭେଟିବେ। କ୍ୟୁରେ ଓ ସାଣ୍ଡଗ୍ରୀନ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଜିତି ଅଗ୍ରଗତି କରିଛନ୍ତି।



ବିଜୟ ହାସଲ ପରେ ନୋଭାକ ଜୋକୋଭିଚ୍।

## ସେରେନା, ଓଜନିଆକିଙ୍କ ବିଜୟ ଜାରି



ସେରେନା ୱିଲିୟମ୍ସ

ଅଷ୍ଟ୍ରେଲିଆ ଓପନ୍ ମହିଳା ସିଙ୍ଗଲ୍ସରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ମଧ୍ୟ ବିଜୟୀ ହୋଇ ସିଡେଡ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆଲେକ୍ସ ବାର୍ଟି, ସେରେନା ୱିଲିୟମ୍ସ, କାରୋଲିନ୍ ଓଜନିଆକି, ନାଓମି ଓସାକା, ପେଟ୍ରା କ୍ୟୁଟୋଭା ଓ ଅନ୍ୟମାନେ। ଅଷ୍ଟମ ସିଡ ଅଭିଜ୍ଞ ସେରେନା ୬–୨, ୬–୩ ସେଟରେ ସ୍ଲୋଭେନିଆର ତାମାରା ଜିଡାନସେକଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ୨୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସେରେନା ଏବେ ଚାଇନାର କିୟାନ ୱାଙ୍ଗଙ୍କୁ ଭେଟିବେ। ସେହିପରି ଡେନ୍‌ମାର୍କର ଓଜନିଆକି ୭–୫, ୭–୫ ସେଟ୍‌ରେ ୟୁକ୍ରେନ୍‌ର ଡାୟାନା ୟାଷ୍ଟ୍ରେମ୍‌ସ୍କାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଓଜନିଆକି ଏବେ ଓନ୍ସ ଜାବେଉରଙ୍କୁ ଭେଟିବେ। ଆମେରିକାର ତୃତୀୟ ସିଡ ମହିଳା ଖେଳାଳି ନାଓମି ଓସାକା ତୃତୀୟ ରାଉଣ୍ଡରେ ନିଜ ଦେଶର କୋରି ଗଉଫ୍‌ଙ୍କୁ ଭେଟିବେ। ଓସାକା ଦ୍ୱିତୀୟ ରାଉଣ୍ଡରେ ୬–୨, ୬–୪ ସେଟରେ ଚାଇନାର ସାଇସାଇ ଝେଙ୍ଗ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଗଉଫ୍ ୪–୬, ୬–୩, ୭–୫ ସେଟରେ ରୋମାନିଆର ସେରାନା ସିର୍ଷ୍ଟିଆଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସପ୍ତମ ସିଡ ଚେକ୍ ଗଣରାଜ୍ୟର ପେଟ୍ରା କ୍ୟୁଟୋଭା ୭–୫, ୭–୫ ସେଟ୍‌ରେ ସ୍ପେନର ପଉଲା ବାଡୋସାଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। କ୍ୟୁଟୋଭା ତୃତୀୟ ରାଉଣ୍ଡରେ ୨୫ତମ ସିଡ୍ ରୁଷିଆର ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ଭେଟିବେ। ସେହିପରି ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଟପ୍ ସିଡ ଆସଲେ ବାର୍ଟି ୨୯ତମ ସିଡ୍ ଏଲିନା ରିବାକିନାଙ୍କୁ ଭେଟିବେ। ବାର୍ଟି ୬–୧, ୬–୪ ସେଟରେ ପୋଲୋନା ହେରକୋଗଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ରିବାକିନା ୬–୩, ୬–୪ ସେଟରେ ବେଲଜିୟମ କ୍ୱାଲିଫାୟର ଗ୍ରୀଟ୍ ମିନେନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଜର୍ମାନୀର ଜୁଲିଆ ଜର୍ଜେସ ୬–୧, ୬–୨ ସେଟ୍‌ରେ ସ୍ଲୋଭାକିଆର ଭିକ୍ଟୋରିଆ କୁଜ୍‌ମାଭୋଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଭାରତୀୟ ରୋଇଂ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର

ନୂଆଦିଲ୍ଲୀ, ୨୨।୧ (ପି.ଟି.)- କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବୁଧବାର ଭାରତୀୟ ରୋଇଂ ମହାସଂଘ (ଆର୍‌ଏଫ୍‌ଆଇ)ର ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ଗତ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ଆର୍‌ଏଫ୍‌ଆଇର ନିର୍ବାଚନରେ ୨୦୧୧ କ୍ରୀଡ଼ା ନୀତି ଉଲ୍ଲଙ୍ଘନ ହୋଇଥିବାରୁ ଏହାକୁ ଅବୈଧ ଦର୍ଶାଇ କ୍ରୀଡ଼ା ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଥିବା ଏହି ନିର୍ବାଚନରେ ରାଜଲକ୍ଷ୍ମୀ ସିଂ ଦେଓ ଓ ଏମ୍.ଭି. ଶ୍ରୀରାମ ଯଥାକ୍ରମେ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରୁ ଆର୍‌ଏଫ୍‌ଆଇ ସଭାପତିଙ୍କ ନିକଟକୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି କି, ୬ ଡିସେମ୍ବରରେ ହୋଇଥିବା ନିର୍ବାଚନ ପ୍ରକ୍ରିୟା ୨୦୧୧ କ୍ରୀଡ଼ା ନୀତି ଅନୁଯାୟୀ ହୋଇନାହିଁ। ତେଣୁ ଜାତୀୟ ରୋଇଂ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର କରିନିଆଯାଇଛି। ୨୦୧୧ କ୍ରୀଡ଼ାନୀତି ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାରେ ଅତିକମ୍‌ରେ ୨୫ ରାଜ୍ୟ ୟୁନିଟ୍ ଅଂଶଗ୍ରହଣ କରିବା ଆବଶ୍ୟକ। କିନ୍ତୁ ଏଥିରେ ୧୮ ରାଜ୍ୟ ୟୁନିଟ୍ ଭାଗ ନେଇଥିଲେ। ସେହିଭଳି ନିର୍ବାଚନ ଗାଇଡ୍ ଲାଇନ ଅନୁଯାୟୀ ପ୍ରକ୍ସି (ଅନ୍ୟ କାହାପାଇଁ ମତଦାନ କରିବାର ଅନୁମତି ପତ୍ର) ଭୋଟିଂର କୌଣସି ସୁବିଧା ଉପଲବ୍ଧ ନ ଥିଲେ ମଧ୍ୟ ଏଥିରେ ଏହାର ଉଲ୍ଲଂଘନ କରାଯାଇଥିଲା। ଏଥିସହ ଏକ ଆଡ୍‌ହକ କମିଟି ଗଠନ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ଆସୋସିଏଶନକୁ ଚିଠି ଲେଖିଛି।

## ପୁରୁଷଙ୍କ ସମକକ୍ଷ ପାଉଣା ଦାବି ଉଚିତ୍ ନୁହଁ: ମାନ୍ଧନା

ମୁମ୍ବାଇ,୨୨।୧(ପି.ଟି.)

ପୁରୁଷ ଓ ମହିଳା କ୍ରିକେଟରଙ୍କୁ ସମାନ ପାଉଣା ଦିଆଯିବା ଉପରେ ମତ ରଖିଛନ୍ତି ତାରକା ମହିଳା କ୍ରିକେଟର ସ୍ମୃତି ମାନ୍ଧନା। ପୁରୁଷ ଓ ମହିଳା କ୍ରିକେଟରଙ୍କୁ ସମାନ ପାଉଣା ଦିଆଯିବା ଉଚିତ୍ ନୁହଁ। ପୁରୁଷ କ୍ରିକେଟରୁ ଅଧିକ ରାଜସ୍ୱ ଆଦାୟ ହୋଇଥାଏ। ଏହାକୁ ଆମେ ବୁଝିବା ଆବଶ୍ୟକ। ତେଣୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପାଉଣା ଦିଆଯିବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଚଳିତ ବର୍ଷ ମାନ୍ଧନା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ।

ଯେଉଁଦିନ ମହିଳା କ୍ରିକେଟରୁ ରାଜସ୍ୱ ମିଳିବା ଆରମ୍ଭ ହେବ ସେଦିନ ମହିଳା କ୍ରିକେଟରଙ୍କୁ ଅଧିକ ପାଉଣା ଦିଆଯିବାକୁ ଆଗ କହିବି। କିନ୍ତୁ ବର୍ତ୍ତମାନ ଏଭଳି ଦାବି କରାଯିବାର ମାନେ କିଛି ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରେ ସ୍ଥାନ ପାଇଥିବା ଜଣେ ଆଗଧାଡିର ପୁରୁଷ କ୍ରିକେଟର ବାର୍ଷିକ ୭ କୋଟି ଟଙ୍କା ପାଉଣା ପାଇଥାଏ। ତେବେ ଜଣେ ଆଗଧାଡିର ମହିଳା କ୍ରିକେଟରଙ୍କୁ ମାତ୍ର ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ପାଉଣା ନେଇ ତୁଳନା ହେବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅଷ୍ଟ୍ରେଲିଆରେ ବିଶ୍ୱକପ୍ ଖେଳିବା ପୂର୍ବରୁ ଭାରତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱକପ୍ ପ୍ରସ୍ତୁତିରେ ଏହି ସିରିଜ ବେଶ୍ ସହାୟ ହେବ ବୋଲି ମାନ୍ଧନା କହିଛନ୍ତି। ଗତ ଗୋଟିଏ ବର୍ଷ ହେବ ଆମେ ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ଆରମ୍ଭ କରିଛୁ। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ତେଣୁ ବିଶ୍ୱକପ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଶ୍ରୀଲଙ୍କାର କୁମାରା ସାଙ୍ଗକାରା ଓ ଭାରତୀୟ ଅଧିନାୟକ ବିରାଟ କୋହଲି ମୋର ଆଦର୍ଶ ବୋଲି ମାନ୍ଧନା କହିଛନ୍ତି।



ସ୍ମୃତି ମାନ୍ଧନା

## ଶରନଙ୍କ ଅଗ୍ରଗତି, ବୋପାନ୍ନା ଆଉଟ୍

ମେଲବୋର୍ନ,୨୨।୧(ପିଟି)

ଅଷ୍ଟ୍ରେଲିଆନ ଓପନରେ ଭାରତୀୟ ଖେଳାଳିମାନେ ପୁରୁଷ ଡବଲ୍ସରେ ମିଶ୍ର ପ୍ରଦର୍ଶନ କରିଛନ୍ତି। ଦିଭିଜ ଶରନ ତାଙ୍କ ନ୍ୟୁଜିଲାଣ୍ଡ ପାର୍ଟନର ଆର୍ଟିମ ସିଟାକଙ୍କ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଯୋଡି ପ୍ରତିପକ୍ଷ ପର୍ତ୍ତୁଗାଲ ଓ ସ୍ପେନ୍ ଯୋଡି ପାବ୍ଲୋ କାରୋନୋ ବୁଷ୍ଟା ଓ ଜୋଆଓ ସୋଉସାଙ୍କୁ ୬–୪, ୭–୫ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଶରନ– ସିଟାକ ମାଟେ ପାଭିକ– ବ୍ରୁନୋ ସୋଆରେସ କିମ୍ବା ବେନ୍ ମୋଲାଚ୍ ଇଆନ– ଲ୍ୟୁକ ବାମ୍ବ୍ରିଜଙ୍କୁ ଭେଟିବେ।

ଅପରପକ୍ଷରେ ଅନ୍ୟତମ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋପାନ୍ନା ଓ ତାଙ୍କ ଜାପାନ ପାର୍ଟନର ୟୁସୁଟାକା ଉଚିୟାମା ପ୍ରତିପକ୍ଷ ଆମେରିକାର ଦୁଇ ଭାଇ ବବ୍ ଓ ମାଇକ ବ୍ରାଏନ ଯୋଡିଙ୍କଠାରୁ ୧–୬, ୬–୩, ୩–୬ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋପାନ୍ନା ଓ ତାଙ୍କ ସାଥୀ ମାତ୍ର ଏକ ଘଣ୍ଟା ୧୭ ମିନିଟ୍‌ରେ ପରାସ୍ତ ହୋଇଥିଲେ। ଏବେ ବୋପାନ୍ନା ନିଜ ଦେଶର ସାନିଆ ମିର୍ଜାଙ୍କ ସହିତ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଅଭିଯାନ ଆରମ୍ଭ କରିବେ। ପୂର୍ବରୁ ମଙ୍ଗଳବାର ଅନ୍ୟତମ ଭାରତୀୟ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ।

## ମାଥ୍ୟୁସ୍‌ଙ୍କ ଦ୍ୱିଶତକ



ହରାରେ,୨୨।୧

ମିଡଲ ଅର୍ଡରର ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିଛନ୍ତି। ମାଥ୍ୟୁସଙ୍କ ଦ୍ୱିଶତକୀୟ ପାଳି ବଳରେ ଶ୍ରୀଲଙ୍କା ଏଠାରେ ଚାଲିଥିବା ଘରୋଇ ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଜିମ୍ବାୱେ ପ୍ରଥମ ଇନିଂସରେ ୧୪୮ ଓଭରରେ ୩୫୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସ ଆରମ୍ଭ କରି ୧୭୬.୨ ଓଭରରେ ୯ ଉଇକେଟ ହରାଇ ୫୧୫ ରନ କରି ଇନିଂସ ଘୋଷଣା କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଜିମ୍ବାୱେ ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ୧୬ ଓଭରରେ କୌଣସି ଉଇକେଟ ନ ହରାଇ ୨୮ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ଜିମ୍ବାୱେ ଏବେ ୧୨୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ପ୍ରିନ୍ସ ମାସଭାଉରେ ୧୫ ଓ ବ୍ରାଏନ ମାଜିଙ୍ଗାନ୍ୟାମା ୧୨ ରନ କରି ଅପରାଜିତ ରହିଛନ୍ତି।

ଶ୍ରୀଲଙ୍କା ତରଫରୁ ପ୍ରଥମ ଇନିଂସରେ ମାଥ୍ୟୁସ୍ ୨୦୦ ରନର ପାଳି ଖେଳି ଅପରାଜିତ ରହିଥିଲେ। ୪୬୮ଟି ବଲ୍ ଖେଳି ସେ ୧୬ ଚୌକା ଓ ୩ ଛକା ମାରିଥିଲେ। ଜିମ୍ବାୱେ ତରଫରୁ ସିକନ୍ଦର ରାଜା ଓ ଭିକ୍ଟର ଏନ୍‌ୱାଉଚି ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ।

## କ୍ରିକେଟର୍‌ଙ୍କ କଲପାଟି ହାଡ଼ ବାହାରିଗଲା

ଲଣ୍ଡନ, ୨୨।୧

କ୍ରିକେଟ୍ ଖେଳରେ ବୋଲିଂ ସମୟରେ କିମ୍ବା ଉଇକେଟ୍ ହାସଲ ପରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ଲେଜିଂ କରିବାକୁ ଯାଇ ବୋଲର ଜୋରରେ ଚିତ୍କାର କରିବାର ବହୁ ସମୟରେ ଦେଖାଯାଇଥାଏ। କିନ୍ତୁ ଏହିଭଳି ସେଲିବ୍ରେଶନ ପାଳନ ସମୟରେ କୌଣସି ଖେଳାଳିଙ୍କୁ କଲପାଟି ହାଡ଼ ବାହାରକୁ ବାହାରି ପଡ଼ିବା ଭଳି ଘଟଣା ପୂର୍ବରୁ କେବେ ଶୁଣିବାକୁ ମିଳିନାହିଁ। କିନ୍ତୁ ଇଂଲଣ୍ଡରେ ଭିକ୍ଟୋରିଆର ହାଷ୍ଟିଙ୍ଗ କ୍ରିକେଟ୍ କ୍ଲବ ଓ ଡର୍‌ହାମ ମଧ୍ୟରେ ଅନୁଷ୍ଠିତ କାଉଣ୍ଟି କ୍ରିକେଟ୍ ମ୍ୟାଚରେ ଏହିଭଳି ଏକ ଅଘଟଣ ଦେଖିବାକୁ ମିଳିଛି। ଡର୍‌ହାମ ବ୍ୟାଟ୍ସମ୍ୟାନ ଜେଫ୍ ବ୍ଲୋହାମଙ୍କୁ ୯୯ ରନରେ ଆଉଟ୍ କରି ହାଷ୍ଟିଙ୍ଗ କ୍ରିକେଟ୍ କ୍ଲବ ବୋଲର ଜୟଡେନ ରେଗେନ ସେଲିବ୍ରେଶନ ଆରମ୍ଭ କରିଦେଇଥିଲେ। ସାଥୀ ଖେଳାଳିଙ୍କ ସହ ମିଶି ସେ ବହୁତ ଯୋରେ ଚିତ୍କାର କରିଥିଲେ। ତେବେ ଏହି ସମୟରେ ତାଙ୍କ କଲପାଟି ହାଡ଼ ଖସି ଯାଇଥିଲା। ଆବଶ୍ୟକତାଠାରୁ ଅଧିକ ଜୋର୍‌ରେ ପାଟିଖୋଲି ଚିତ୍କାର କରିବାରୁ ଏହିଭଳି ଘଟିଥିଲା ବୋଲି ଜଣାପଡ଼ିଛି। ଏହାପରେ ପଡ଼ିଆ ମଧ୍ୟରେ ରେଗେନ ଯନ୍ତ୍ରଣାରେ ଗୁରୁତର ହୋଇପଡ଼ିବାରୁ ସାଥୀ ଖେଳାଳି ତାଙ୍କୁ ନିକଟସ୍ଥ ହସ୍ପିଟାଲ ନେଇଯାଇଥିଲେ। ରେଗେନ ଦଳର ଅଧିନାୟକ ମଧ୍ୟ ରହିଥିଲେ। ଏହାପରେ ଖେଳ ପୁନଃ ଆରମ୍ଭ କରାଯାଇଥିଲା।

### ଗିବସନ ବାଂଲାଦେଶର ନୂଆ ବୋଲିଂ କୋଚ୍

ଢାକା,୨୨।୧(ଏଏଫ୍‌ପି)- ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଓଟିସ ଗିବସନଙ୍କୁ ଜାତୀୟ ଦଳର ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ଚାର୍ଲ ଲାଙ୍ଗଭେଲ୍ଟଙ୍କ ସ୍ଥାନ ନେବେ। ଲାଙ୍ଗଭେଲ୍ଟ ଗତ ଡିସେମ୍ବରରେ ପଦରୁ ଇସ୍ତଫା ଦେଇଥିଲେ। ୫୦ ବର୍ଷୀୟ ପୂର୍ବତନ ୱେଷ୍ଟଇଣ୍ଡିଜ ପେସର ଗିବସନଙ୍କ ସହ ଦୁଇ ବର୍ଷ ପାଇଁ ଚୁକ୍ତି କରାଯାଇଛି ବୋଲି ବିସିବି ପକ୍ଷରୁ କୁହାଯାଇଛି। ଗିବସନ ପୂର୍ବରୁ ଇଂଲଣ୍ଡର ବୋଲିଂ କୋଚ୍ ରହିବା ସହ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକାର ମୁଖ୍ୟ କୋଚ୍ ପଦରେ ରହିସାରିଛନ୍ତି।

### କରୋନା ଭାଇରସ
## ଅଲିମ୍ପିକ ବକ୍ସିଂ ଯୋଗ୍ୟତା ପର୍ଯ୍ୟାୟ ବାତିଲ୍

ଟୋକିଓ, ୨୨।୧ (ଏଏଫ୍‌ପି)

ଚାଇନାରେ ଦେଖାଦେଇଥିବା କରୋନା ଭାଇରସ୍ ଲାଗି ଏବେ ସାରା ବିଶ୍ୱ ଆତଙ୍କିତ। ଏହି କାରଣରୁ ଆସନ୍ତା ମାସରେ ଉହାନାରେ ଖେଳାଯିବାକୁ ଥିବା ଟୋକିଓ ଅଲିମ୍ପିକ ବକ୍ସିଂ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାକୁ ବାତିଲ୍ କରିଦିଆଯାଇଛି। ଜାପାନର କ୍ୟୋଡୋ ନ୍ୟୁଜ ଏଜେନ୍ସି ପକ୍ଷରୁ ବୁଧବାର ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ଭାଇରସ୍ ଏବେ ଆତଙ୍କ ଖେଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଅଲିମ୍ପିକ ଆୟୋଜକଙ୍କ ପକ୍ଷରୁ ଏହାକୁ ଉହାନାରୁ ବାତିଲ କରାଯାଇଛି। ଏହି ପ୍ରତିଯୋଗିତାର ପୁନଃ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ଏହି ନ୍ୟୁଜ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଥିବା ଚାଇନା ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ।

## ଓଡ଼ିଶାରେ ହେବ ଇଷ୍ଟଜୋନ୍ କରାଟେ

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)

ଇଷ୍ଟଜୋନ୍ କରାଟେ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଓଡ଼ିଶାରେ ହେବାକୁ ଯାଉଛି। ଓଡ଼ିଶା ରାଜ୍ୟ କରାଟେ ଡୋ ଆସୋସିଏଶନ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ଏହା ଚଳିତମାସ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେବ। ଇଷ୍ଟଜୋନ୍ କରାଟେରେ ୯୦ରୁ ଅଧିକ ବର୍ଗର ପ୍ରତିଯୋଗିତା ହେବ। ୪ ରାଜ୍ୟ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ୪୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ନିଜ ନିଜର ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଇଷ୍ଟଜୋନ୍ ଚାମ୍ପିୟନଶିପ୍‌ରେ ସଫଳ ପ୍ରତିଯୋଗୀମାନେ ଦିଲ୍ଲୀଠାରେ ଆଗାମୀ ମାର୍ଚ୍ଚରେ ହେବାକୁଥିବା ଇଣ୍ଟରଜୋନାଲ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସମ୍ପାଦକ ଡ.ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଅବସରରେ ଜାତୀୟ କରାଟେ ଆସୋସିଏଶନ(କେଏଆଇ) ସଭାପତି ସେନ୍‌ସେଇ ଲିଖା ତାରା, ସମ୍ପାଦକ ସେନ୍‌ସେଇ ଆମ୍ବେଦକର ଗୁପ୍ତା, କୋଷାଧ୍ୟକ୍ଷ ତଥା ରେଫରି କମିଶନ ଚେୟାରମ୍ୟାନ ସେନ୍‌ସେଇ ପ୍ରେମ୍‌ଜିତ ସେନ୍ , ଅନେକ ଅନ୍ତର୍ଜାତୀୟ ରେଫରି ଓ କରାଟେକା ପ୍ରମୁଖ ଉପସ୍ଥିତ ରହିବେ। ଜାତୀୟ କରାଟେ ଆସୋସିଏଶନ ନିୟମ ଅନୁସାରେ ପ୍ରତିଯୋଗିତା ହେବ। ଏଥିରେ ଓଡ଼ିଶାରୁ ୧୫୦ ପ୍ରତିଯୋଗୀ ଭାଗନେବେ। ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ କଷ୍ଟସାଧ୍ୟ ହେବ। ସିନିୟର ଏବଂ ୨୧ ବର୍ଷରୁ କମ୍ ବର୍ଗରେ ଆମେ ସବୁବେଳେ ଭଲ ପ୍ରଦର୍ଶନ କରିଥାଉ। ସବ୍‌ଜୁନିୟର ଏବଂ ଜୁନିୟରରେ ପଶ୍ଚିମବଙ୍ଗ କଡ଼ା ଟକ୍କର ଦେବ। ତେବେ ଓଡ଼ିଶା ଦଳର ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ବୋଲି ହରିପ୍ରସାଦ କହିଛନ୍ତି।



ଆସୋସିଏଶନର କର୍ମକର୍ତ୍ତାମାନେ ଇଷ୍ଟ ଜୋନ୍ କରାଟେ ସମ୍ପର୍କରେ ସୂଚନା ଦେଉଛନ୍ତି।



୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ର କ୍ୱାର୍ଟରରେ ପ୍ରବେଶ କରିଥିବା ଭାରତୀୟ ଦଳକୁ ଅଭିନନ୍ଦନ। ସେମାନେ ଟାଇଟଲ୍ ବଜାୟ ରଖିବେ ବୋଲି ମୋର ଆଶା।

–ରୋହିତ୍ ଶର୍ମା, ଭାରତୀୟ ଷ୍ଟାର୍ ବ୍ୟାଟ୍ସମ୍ୟାନ



ଚଳିତ ବର୍ଷ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ପରେ ଯଦି ଶରୀର ଅନୁମତି ଦିଏ ତେବେ ଖେଳ ଜାରି ରଖିବି।

–ସୋଏବ ମଲିକ, ପାକିସ୍ତାନ ଅଲ୍‌ରାଉଣ୍ଡର

## ସଂକ୍ଷେପରେ

### ଆଉ ଏକ ରେକର୍ଡ ଅପେକ୍ଷାରେ କୋହଲି

ଅକ୍‌ଲାଣ୍ଡ,୨୨।୧- ବହୁ ରେକର୍ଡର ଅଧିକାରୀ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଆଉ ଏକ ରେକର୍ଡ ଅପେକ୍ଷା କରିଛି। ଅନ୍ତର୍ଜାତୀୟ ଟି୨୦ ଇତିହାସରେ ସର୍ବାଧିକ ଥର ମ୍ୟାନ ଅଫ୍ ଦି ମ୍ୟାଚ୍ ଜିତିବାରେ କୋହଲି ମିଳିତ ଶୀର୍ଷରେ ଅଛନ୍ତି। କୋହଲି ୧୨ ଥର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି ଆଫଗାନିସ୍ତାନର ଅଲରାଉଣ୍ଡର ମହମ୍ମଦ ନବି। ୨୪ ତାରିଖଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ଟି୨୦ ବିଶିଷ୍ଟ ସିରିଜ୍‌ରେ କୋହଲି ଏହି ରେକର୍ଡର ଅଧିକାରୀ ହୋଇପାରନ୍ତି। ସର୍ବାଧିକ ଥର ଟି୨୦ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ନବି ଓ କୋହଲିଙ୍କ ପଛକୁ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ୧୧ (୯୯ ମ୍ୟାଚ୍) ରହିଛନ୍ତି। ତାଲିକାରେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍, ଅଷ୍ଟ୍ରେଲିଆର ଶେନ ୱାଟଶନ, ଭାରତର ରୋହିତ ଶର୍ମା, ପାକିସ୍ତାନର ମହମ୍ମଦ ହାଫିଜ ଓ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ରହିଛନ୍ତି। ଏମାନେ ୯ ଥର ଲେଖାଏ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇସାରିଛନ୍ତି।

### ଅଷ୍ଟ୍ରେଲିଆରେ ଇନ୍‌ଡୋର କ୍ରିକେଟ ବିଶ୍ୱକପ୍

ମେଲବୋର୍ନ,୨୨।୧(ପି.ଟି.)- ଇନ୍‌ଡୋର କ୍ରିକେଟ ବିଶ୍ୱକପ୍‌ର ୧୧ତମ ସଂସ୍କରଣ ଅକ୍ଟୋବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବ। ପୂରା ଟୁର୍ନାମେଣ୍ଟ ମେଲବୋର୍ନର କାଶି ଷ୍ଟାଡିୟମ ଓ ସିଟି ପାୱାର ସେଣ୍ଟରଠାରେ ଖେଳାଯିବ ବୋଲି ବିଶ୍ୱ ଇନ୍‌ଡୋର କ୍ରିକେଟ ଫେଡେରେଶନ ଘୋଷଣା କରିଛି। ଏହି ଟୁର୍ନାମେଣ୍ଟର ଅନ୍ତିମ ସଂସ୍କରଣ ୨୦୧୭ରେ ଦୁବାଇଠାରେ ଖେଳାଯାଇଥିଲା। ଏହି ଇଭେଣ୍ଟ ପାଇଁ ନିକଟ ଭବିଷ୍ୟତରେ ଅଷ୍ଟ୍ରେଲିଆ ଇନ୍‌ଡୋର କ୍ରିକେଟ ଦଳ ଘୋଷଣା ହେବ।

### ସିରିଏଲୋ ହକି ଏକାଡେମୀ ଖେଳାଳି ଭୁବନେଶ୍ୱର ଗସ୍ତରେ

ଭୁବନେଶ୍ୱର,୨୨।୧(ସ୍ପୋର୍ଟ୍ସ ବ୍ୟୁରୋ)– ଅଷ୍ଟ୍ରେଲିଆର ସିରିଏଲୋ କୋଚିଂ ଏକାଡେମୀର ୧୯ ବର୍ଷରୁ କମ୍ ବର୍ଗର ହକି ଖେଳାଳି ଗୋଟିଏ ସପ୍ତାହ ଭୁବନେଶ୍ୱର ଗସ୍ତରେ ଆସି ଏକ ଭିନ୍ନ ପ୍ରକାର ଅଭିଜ୍ଞତା ହାସଲ କରିଛନ୍ତି। ଗତ ୧୬ ତାରିଖରୁ ୨୧ ତାରିଖ ମଧ୍ୟରେ ଏହି ଖେଳାଳିମାନେ ଏଠାରେ ରହି ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍ ଦେଖିଥିଲେ। ଭାରତୀୟ ହକି ଦଳର ଆନାଲିଟିକାଲ କୋଚ୍ କ୍ରିସ ସିରିଏଲୋଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଓଡ଼ିଶାର ନାଭାଲ ଟାଟା ହକି ଏକାଡେମୀର କ୍ୟାଡେଟମାନଙ୍କ ସହ ସ୍ୱତନ୍ତ୍ର ସ୍କିଲ ସେସନରେ ସାମିଲ ହୋଇଥିଲେ। ଏହି ଅବସରରେ ଖେଳାଳିମାନେ କେତୋଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଖେଳିଥିଲେ। ଭାରତରେ ଏବେ ମହିଳା ହକିରେ ଦୃଷ୍ଟାନ୍ତମୂଳକ ଉନ୍ନତି ହୋଇଛି। ଫଳରେ ଏକାଡେମୀର ଖେଳାଳିମାନେ ଏହି ଗସ୍ତରୁ ବେଶ୍ ଲାଭ ଉଠାଇଛନ୍ତି ବୋଲି ନାଭାଲ ଟାଟା ହକି ଏକାଡେମୀ ପ୍ରୋଜେକ୍ଟ ଡାଇରେକ୍ଟର ରାଜୀବ ସେଠ କହିଛନ୍ତି।

# ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୨୧ ପଦକ

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଉଦ୍‌ଯାପିତ

**ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୮ ବ୍ରୋଞ୍ଜ ସମେତ ମୋଟ ୨୧ଟି ପଦକ ହାସଲ କରି ଟେବୁଲର ୧୭ତମ ସ୍ଥାନରେ ରହିଛି। ମହାରାଷ୍ଟ୍ର କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଟାଇଟଲ ହାସଲ କରିଛି। ଏହି ରାଜ୍ୟ ୭୮ ସ୍ୱର୍ଣ୍ଣ, ୭୭ ରୌପ୍ୟ, ୧୦୧ ବ୍ରୋଞ୍ଜ ସମେତ ୨୫୬ଟି ପଦକ ହାସଲ କରି ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ହରିୟାଣା ୨୦୦(୬୮ ସ୍ୱର୍ଣ୍ଣ, ୬୦ ରୌପ୍ୟ, ୭୨ ବ୍ରୋଞ୍ଜ) ପଦକ ସହ ଦ୍ୱିତୀୟ ଏବଂ ଦିଲ୍ଲୀ ୧୨୨(୩୯ ସ୍ୱର୍ଣ୍ଣ, ୩୬ ରୌପ୍ୟ, ୪୭ ବ୍ରୋଞ୍ଜ) ପଦକ ସହିତ ତୃତୀୟ ସ୍ଥାନ ଅଧିକାର କରିଛି।

**ପ୍ରତ୍ୟାଶାଙ୍କୁ ତୃତୀୟ ରୌପ୍ୟ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବ୍ୟକ୍ତିଗତଭାବେ ତୃତୀୟ ରୌପ୍ୟ ପଦକ ଲାଭ କରିଛନ୍ତି। ବୁଧବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ସେ ୩୨.୧୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ସୌବ୍ରିତି ମଣ୍ଡଳ ୩୧.୫୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଉତ୍ତର ପ୍ରଦେଶର ଆଲିଆ ସିଂ ୩୩.୭୬ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ରତ୍ୟାଶା ଏହା ପୂର୍ବରୁ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨:୩୦.୮୫ ସେକେଣ୍ଡ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୦୯.୩୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।



ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳିକା ଫୁଟ୍‌ବଲ ଦଳ।



ପଦକ ସହ ପ୍ରତ୍ୟାଶା ରାୟ।

**ବାଳିକା ଫୁଟବଲରେ ରୌପ୍ୟ, ବ୍ରୋଞ୍ଜ**

ପ୍ରତିଯୋଗିତାରେ ମମତା ସାମନ୍ତଙ୍କ ପ୍ରଶିକ୍ଷଣପ୍ରାପ୍ତ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ଦଳ ମଧ୍ୟ କମାଲ ଦେଖାଇଛି। ଅନ୍ତର୍ଜାତୀୟ ଖେଳାଳିଙ୍କୁ ନେଇ ସମୃଦ୍ଧ ହରିୟାଣାଠାରୁ ବୁଧବାର ଫାଇନାଲରେ ୧–୩ ଗୋଲରେ ହାରି ଦଳ ରୌପ୍ୟ ପଦକ ପାଇଥିଲେ ହେଁ ପିଲାମାନେ ଭଲ ଅଭିଜ୍ଞତା ପାଇଛନ୍ତି। ପ୍ରତିଯୋଗିତା ବହୁତ ଟପ୍ ଥିଲା। ସେମିଫାଇନାଲରେ ଆମେ ଘରୋଇ ଆସାମକୁ ୩–୧ ଗୋଲରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲୁ। ଫାଇନାଲରେ ଏକାଧିକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ନେଇ ଖେଳିଥିବା ହରିୟାଣା ବିପକ୍ଷରେ ଦଳ ଭଲ ଖେଳିଥିଲେ ହେଁ ହାରି ଯାଇଥିଲା। ତେବେ ଦଳର ପ୍ରଦର୍ଶନରେ ମୁଁ ସନ୍ତୁଷ୍ଟ। ପିଲାମାନେ ଏଥିରୁ ଅନେକ କିଛି ଜାଣିବାକୁ ପାଇଛନ୍ତି'' ବୋଲି ଦଳର ମୁଖ୍ୟ କୋଚ୍ ମମତା ପ୍ରକାଶ କରିଛନ୍ତି। ଫାଇନାଲରେ ଓଡ଼ିଶା ପକ୍ଷରୁ ସରିତା ସୋରେଙ୍ଗ ୫୫ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ହରିୟାଣା ପକ୍ଷରୁ ତନୁ, ରଜନୀ ବାଲା ଓ ପିଙ୍କି ଗୋଲ ଦେଇଥିଲେ। ସେହିପରି ଅନ୍ତିମ ଦିବସରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ଫୁଟବଲର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩–୦ ଗୋଲରେ ଘରୋଇ ଆସାମକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପକ୍ଷରୁ ଦୀପା ନାୟକ ୯ମ, ସୁମନ ମହାପାତ୍ର ୪୪ତମ ଏବଂ ଯଶୋଦା ମୁଣ୍ଡା ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

**ବନିତାଙ୍କୁ ବ୍ରୋଞ୍ଜ**

୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନର ୮୭ କେଜି ବର୍ଗରେ ଓଡ଼ିଶାର ବନିତା ଘଡ଼େଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ମୋଟ ୧୫୮(୭୨+୮୬) କେଜି ଭାର ଉଠାଇ ଏହି ସଫଳତା ପାଇଛନ୍ତି। କର୍ଣ୍ଣାଟକର ଏସ.ଆର.ଉଷା ୧୭୦ ଓ ଉତ୍ତର ପ୍ରଦେଶର ଶିଭାଙ୍ଗି ସିଂ ୧୬୯ କେଜି ଭାରୋତ୍ତୋଳନ କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି।

## ୩ ବର୍ଷ ପରେ ବିଦର୍ଭର ପ୍ରଥମ ପରାଜୟ

**ନୂଆଦିଲ୍ଲୀ, ୨୨।୧ (ପି.ଟି.)**

ନୀତୀଶ ରାଣାଙ୍କ କ୍ୟାରିୟର ଶ୍ରେଷ୍ଠ ଶତକୀୟ ଇନିଂସ ବଳରେ ଏଠାରେ ଖେଳାଯାଇଥିବା ରଣଜୀ ଟ୍ରଫିର ଏକ ମ୍ୟାଚ୍‌ରେ ଦିଲ୍ଲୀ ୬ ଉଇକେଟ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭକୁ ପରାସ୍ତ କରିଛି। ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୩୪୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଘରୋଇ ଦିଲ୍ଲୀ ଅନ୍ତିମ ଦିବସ ବୁଧବାର ୪ ଉଇକେଟ୍ ହରାଇ ହାସଲ କରିନେଇଛି। ଆଇପିଏଲ୍‌ରେ ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ପରିଚିତ ବାମହାତୀ ବ୍ୟାଟ୍ସମ୍ୟାନ ରାଣା ୬୮ ବଲରୁ ୧୦୫ ରନ (୮ ଚୌକା, ୭ ଛକା) ଓ ଉଇକେଟ୍‌କିପର ଅନୁଜ ରାୱତ ୧୮ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଧ୍ରୁବ ସୋରୀ ୪୪, ହିତେନ ଦଲାଲ ୮୨, କୁନାଲ ଚାଣ୍ଡେଲା ୭୫ ରନ କରିଥିଲେ। ମ୍ୟାଚ୍ ବିଜୟୀ ଇନିଂସ ଲାଗି ନୀତୀଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦିଲ୍ଲୀର ଏହି ସ୍ମରଣୀୟ ରନ୍ ଚେଜ୍ ଯୋଗୁ ବିଦର୍ଭ ୩ ବର୍ଷ ପରେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପ୍ରଥମ ପରାଜୟର ସାମ୍ନା କରିଛି।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ– ୧୭୯/୧୦
ଦିଲ୍ଲୀ ପ୍ରଥମ ଇନିଂସ– ୧୬୩/୧୦
ବିଦର୍ଭ ୨ୟ ଇନିଂସ– ୩୩୦/୩ (ଘୋଷଣା)
ଦିଲ୍ଲୀ ୨ୟ ଇନିଂସ– ୩୪୮/୪

# ବେଙ୍ଗାଲୁରୁଠାରୁ ହାରିଲା ଓଡ଼ିଶା

## ଇଣ୍ଡିଆନ ସୁପର ଲିଗ୍



ଗୋଲ ସ୍କୋର ପରେ ଖୁସି ମନାଉଛନ୍ତି ବେଙ୍ଗାଲୁରୁର ଖେଳାଳିମାନେ।

**ବେଙ୍ଗାଲୁରୁ, ୨୨।୧**

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ମ୍ୟାଚରେ ଓଡ଼ିଶା ଏଫସି ୦–୩ ଗୋଲରେ ବେଙ୍ଗାଲୁରୁ ଏଫସି ନିକଟରୁ ହାରିଯାଇଛି। ଏଥିସହ ପୂର୍ବ ମ୍ୟାଚରେ ମୁମ୍ବାଇ ସିଟି ନିକଟରୁ ହାରିଥିବା ବେଙ୍ଗାଲୁରୁ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ବିଜୟୀ ଦଳ ପକ୍ଷରୁ ଡେଶୋର୍ନ ବ୍ରାଉନ୍ ୨୩, ରାହୁଲ ଭେକେ ୨୫ ଓ ଅଧିନାୟକ ସୁନୀଲ ଛେତ୍ରୀ ୬୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ପରେ ବେଙ୍ଗାଲୁରୁ ପଏଣ୍ଟ ସଂଖ୍ୟା ୧୪ ମ୍ୟାଚରୁ ୨୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫସି ୨୧ ପଏଣ୍ଟ ସହିତ ୪ର୍ଥ ସ୍ଥାନ ବଜାୟ ରଖିଛି। ମ୍ୟାଚ ଆରମ୍ଭରୁ ଉଭୟ ଦଳ ନିଜ ଷ୍ଟାଇଲ୍‌ରେ ଖେଳି ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ୩ୟ ମିନିଟରେ ଓଡ଼ିଶା ଏଫସି ପାଇଁ ପ୍ରଥମ ସୁଯୋଗ ଆସିଥିଲା। ମାତ୍ର ଗୌରବ ବୋରା ହେଡ୍ କରିବା ପରେ ବଲ୍‌ଟି ଗୋଲପୋଷ୍ଟ ଉପରେ ଚାଲି ଯାଇଥିଲା। ପରେ ବେଙ୍ଗାଲୁରୁ କ୍ରମଶଃ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଏବଂ ସଫଳ ହୋଇଥିଲା। ପ୍ରକାଶଯୋଗ୍ୟ ଯେ, ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ମଧ୍ୟ ବେଙ୍ଗାଲୁରୁ ବିଜୟୀ ହୋଇଥିଲା।

# ଗ୍ରେଟର ନୋଏଡା କାର୍ନିଭାଲରେ ୩ x ୩ ବାସ୍କେଟବଲ

ନୂଆଦିଲ୍ଲୀ,୨୨।୧– ଗ୍ରେଟର ନୋଏଡା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି (ଜିଏନ୍‌ଆଇଡିଏ) ଓ ଏଏସ୍‌ଏସ୍‌ଆଇଏସ୍‌ଟି ମିଳିତ ଆନୁକୂଲ୍ୟରେ ଗ୍ରେଟର ନୋଏଡା କାର୍ନିଭାଲ ଅଂଶସ୍ୱରୂପ ଏକ ୩ x ୩ ବାସ୍କେଟବଲ୍ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ସ୍ଥାନୀୟ ସହିଦ ବିଜୟ ସିଂ ପାଠିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ଟୁର୍ନାମେଣ୍ଟ ୨୫ ତାରିଖରେ ଆୟୋଜନ ହେବ। ଟୁର୍ନାମେଣ୍ଟ ମଝିରେ ବେଳକୁବେଳ ଜୋନାଲ ବାସ୍କେଟବଲ୍ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜନ କରାଯିବ। ଏଥିରେ ମାନସିକ ଓ ଶାରୀରିକ ଭାବେ ଅକ୍ଷମ ଥିବା ଛାତ୍ରମାନେ ଅଂଶଗ୍ରହଣ କରିବେ। ଏଏସ୍‌ଏସ୍‌ଆଇଏସ୍‌ଟି ବାସ୍କେଟବଲର ପ୍ରମୋଶନ କରିଥାଏ। ଅବହେଳିତ ଛାତ୍ରୀଛାତ୍ରଙ୍କ ପାଇଁ ବାସ୍କେଟବଲ୍ ପ୍ରଶିକ୍ଷଣର କ୍ଷେତ୍ର ପ୍ରସ୍ତୁତ୍ କରିଥାଏ। ଏହାଦ୍ୱାରା ଛାତ୍ରମାନଙ୍କ ମଧ୍ୟରେ ନେତୃତ୍ୱର କଳା, ଲିଙ୍ଗଗତ ସମସ୍ୟା, ଚରିତ୍ର, ଟିମ୍ ୱାର୍କ, କମ୍ୟୁନିକେଶନର ବିକାଶ ହୋଇଥାଏ ବୋଲି ଏଏସ୍‌ଏସ୍‌ଆଇଏସ୍‌ଟି ପ୍ରତିଷ୍ଠା କରିଥିବା ଜଣେ ସ୍କୁଲ ଛାତ୍ର କାର୍ତ୍ତିକେୟ କହିଛନ୍ତି। ଉଲ୍ଲେଖଥାଉ କି, ଗ୍ରେଟର ନୋଏଡ଼ା କାର୍ନିଭାଲ ଜାନୁୟାରୀ ୨୪ରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୯ ତାରିଖରେ ଜିଏନ୍‌ଆଇଡିଏର ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯିବ।

## ଆଜିଠାରୁ ଶାଗୁଆ କପ୍ କ୍ରିକେଟ

**ବାଲକାଟୀ, ୨୨।୧(ଡି.ଏନ.ଏ.)**

ବାଲକାଟୀ ନିକଟସ୍ଥ ଶାଗୁଆ ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହେବ ୪ର୍ଥ ଶାଗୁଆ କପ୍ କ୍ରିକେଟ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟରେ ପ୍ରତିଷ୍ଠିତ ୧୬ଟି ଦଳ ଭାଗ ନେବେ। ରକ୍‌ଷ୍ଟାର ଓ ଡାଇନାମିକ୍ ଇଲେଭେନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଟ୍ରଫି ସହ ଚାମ୍ପିୟନ ଦଳକୁ ୧ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୫୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ଦର୍ଶକଙ୍କ ପାଇଁ ମଧ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରହିଛି ବୋଲି ଶାଗୁଆ ଗ୍ରାଉଣ୍ଡରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କ୍ଲାରିୟନ ୟୁଥ୍ କ୍ଲବର ମୁଖ୍ୟ ଅନୁପ ଶୁଭଙ୍କର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧୁଭୂଷଣ ପଟ୍ଟନାୟକ, ଦେବାଶିଷ ନାୟକ, ମନୋଜ ନାୟକ, ଚକ୍ରଧର ନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ରେକର୍ଡ ରଚିଲା ରାଇଜିଂ ଷ୍ଟୁଡେଣ୍ଟ

**କଟକ ଅଫିସ,୨୨।୧**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଭିଜନ–୨୦୨୪ ଆଧାରରେ ବୁଧବାରଠାରୁ କଟକରେ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସନ୍‌ସାଇନ, ବୋଷ, ନିମପୁର ଓ ବିଡ଼ାନାସୀ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବା ବେଳେ ଆସନ୍ତା ୩୧ରେ ଫାଇନାଲ ମ୍ୟାଚ୍ ହେବ। ତେବେ ପ୍ରଥମ ଦିବସରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛି କଟକର ରାଇଜିଂ ଷ୍ଟୁଡେଣ୍ଟ। କ୍ଲବ କ୍ରିକେଟ ଇତିହାସରେ ବୃହତ୍ ରନ ବ୍ୟବଧାନରେ ବିଜୟୀ ହୋଇ ଏହି ସଫଳତା ପାଇଛି। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ୩୯୯ ରନରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଶଶାଙ୍କ ରୁଙ୍ଗଟା(୧୧୩ରନ) ଓ ଆରୋନ କୁମାର ରାଉତରାୟ(୧୩୫ରନ)ଙ୍କ ଶତକୀୟ ଇନିଂସ ବଳରେ ୭ ଉଇକେଟ ହରାଇ ୪୬୧ରନ କରିଥିଲା। ଜବାବରେ ୬୨ରନରେ ଅଲଆଉଟ ହୋଇଛି ରୋଭର୍ସ କ୍ଲବ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଆଦିତ୍ୟ ନାଟିଆ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଛନ୍ତି। ଲିଷ୍ଟ–ଏ ଫର୍ମାଟରେ ବିଶ୍ୱ କ୍ରିକେଟ ଇତିହାସକୁ ନଜର ପକାଇଲେ ସମରସେଟ୍ କ୍ଲବ ୩୪୬ ରନରେ ଡେଭନ କ୍ଲବକୁ ହରାଇ ଶୀର୍ଷରେ ରହିଛି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ବ୍ୟବଧାନର ରେକର୍ଡ ରହିଛି ନ୍ୟୁଜିଲାଣ୍ଡ ଦଳ ନିକଟରେ। ନ୍ୟୁଜିଲାଣ୍ଡ ୨୯୦ ରନରେ ଆୟର୍ଲାଣ୍ଡକୁ ହରାଇଛି। ସେହିପରି ଇଣ୍ଡିଆ–ଏ ୨୮୧ ରନରେ ଲିସେଷ୍ଟରଶାୟାରକୁ ହରାଇଥିବା ବେଳେ ତାମିଲନାଡୁ ଦଳ ୨୬୨ରନରେ ତ୍ରିପୁରାକୁ ହରାଇ ରେକର୍ଡ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ରାଇଜିଂ ଷ୍ଟୁଡେଣ୍ଟର ଏହି ବିଜୟ ରାଜ୍ୟ କ୍ରିକେଟ ନିମନ୍ତେ ଏକ ରେକର୍ଡ ବୋଲି କୁହାଯାଉଛି।

ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସୋଲାର କ୍ଲବ ୭ ଉଇକେଟରେ ପ୍ରଶାନ୍ତ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଶାନ୍ତ କ୍ରିକେଟ ଏକାଡେମୀ ୧୩୬ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ୨୨.୧ ଓଭରରେ ୩ ଉଇକେଟ ହରାଇ ସୋଲାର ଲକ୍ଷ୍ୟ ହାସଲ କରିଥିଲା। ନିମପୁର ଗ୍ରାଉଣ୍ଡରେ ଜୁଭେନାଇଲ କ୍ଲବ ୨୪୦ରନରେ ଶହୀଦ ସ୍ପୋର୍ଟିଂକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଜୁଭେନାଇଲ ୬ ଉଇକେଟ ବିନିମୟରେ ୩୪୦ରନ କରିଥିଲା। ଜବାବରେ ଶହୀଦ ସ୍ପୋର୍ଟିଂ ୧୦୦ରନରେ ଅଲଆଉଟ ହୋଇଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ସୟଦ ତୌସିଫ ଅହମ୍ମଦଙ୍କ ୧୨୪ରନର ଇନିଂସ ବଳରେ ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ ୩ ଉଇକେଟରେ ସନ୍‌ରାଇଜକୁ ପରାସ୍ତ କରିଥିଲା।

# ଭୁବନେଶ୍ୱର–ହାଇକୋର୍ଟ ବାର୍ ଫାଇନାଲ

## ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

**ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)**

ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର ଓ ହାଇକୋର୍ଟ ବାର୍ ଆସୋସିଏଶନ ପରସ୍ପରର ସମ୍ମୁଖୀନ ହେବେ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ହାଇକୋର୍ଟ ବାର୍ ଟିମ୍ ୩୬ ରନରେ ବୋର୍ଡ ଅଫ୍ ରେଭିନ୍ୟୁ ଦଳକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ହାଇକୋର୍ଟ ବାର୍ ନିର୍ଦ୍ଧାରିତ ୧୮ ଓଭରରେ ୧୮୦ ରନ କରିଥିଲା। ଦଳ ପକ୍ଷରୁ ପ୍ରିନ୍ସ ପଟ୍ଟନାୟକ ୧୬ ବଲ୍‌ରୁ ୪୫ ଓ ବିଶ୍ୱନାଥ ୧୬ ବଲ୍‌ରୁ ୪୦ ରନ କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟବ୍ରତ ମହାପାତ୍ର ଓ ସୁମନ୍ତ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୧ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା କଟକ ବୋର୍ଡ ଅଫ୍ ରେଭିନ୍ୟୁ ୧୪୪ ରନରେ ସୀମିତ ରହିଥିଲା।



ଅତିଥିଙ୍କଠାରୁ ଜୟନ୍ତ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ସଂଗ୍ରାମ ସାହୁ ୪୭ ଓ ଏସ.ଦୀପକ ୪୬ ରନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ଦଳର ସଞ୍ଜୀବ ଓ ଶୁଭମ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬ ବଲ୍‌ରୁ ୨୮ ରନ କରିବା ସହ ୨ଟି ଉଇକେଟ ନେଇଥିବା ଶୁଭଙ୍କର ବୋଷ ବରିଷ୍ଠ ସଦସ୍ୟ ଅଜିତ ଦାସଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାର୍ ୨୧ ରନରେ କଟକ କ୍ରିମିନାଲ ବାର୍‌କୁ ହରାଇ ଦେଇଛି। ଭୁବନେଶ୍ୱର ବାର୍ ୧୮ ଓଭରରେ ୨୦୪ ରନ କରିଥିଲା। ଦଳ ପକ୍ଷରୁ ଜୟନ୍ତ ଜେନା ୩୪ ବଲ୍‌ରୁ ସର୍ବାଧିକ ୫୯ ଓ ପ୍ରିୟମ ମଲିକ ୩୯ ବଲ୍‌ରୁ ୫୮ ରନ କରିଥିଲେ। ବିପକ୍ଷ ଦଳର ଅମିତାଭ ୩ଟି ଓ ଜ୍ଞାନ ପରିଡ଼ା ୨ଟି ଉଇକେଟ ନେଇଥିଲେ। ୨୦୫ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା କ୍ରିମିନାଲ ବାର୍ ପୂରା ୧୮ ଓଭର ଖେଳିଥିଲେ ହେଁ ୧୮୩ ରନ କରିପାରିଥିଲା। ଦଳ ପକ୍ଷରୁ ଏ. ପଟ୍ଟନାୟକ ୨୫ ବଲ୍‌ରୁ ୬୦ ଓ ଜ୍ଞାନ ପରିଡ଼ା ୧୯ ବଲ୍‌ରୁ ୩୫ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳର ଜୟନ୍ତ ଜେନା ଓ ସରୋଜ ନାଏକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜୟନ୍ତ ଜେନା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଭୁବନେଶ୍ୱର ବାର୍ ସଭାପତି ବୀରେନ୍ଦ୍ର କୁମାର ପୁରସ୍କାର ପ୍ରଦାନ କରିଥିଲେ।

## ହିରୋ ସବ୍‌ଜୁନିୟର ଲିଗ୍
## ଓଡ଼ିଶା ଏଫ୍‌ସିର ବୃହତ୍ ବିଜୟ

**ଭୁବନେଶ୍ୱର, ୨୨।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ ଓଡ଼ିଶା ଏଫ୍‌ସିର ୧୩ ବର୍ଷରୁ କମ୍ ଦଳ ହିରୋ ସବ୍‌ଜୁନିୟର ଲିଗ୍‌ରେ ବୃହତ୍ ବିଜୟ ହାସଲ କରିଛି। ବୁଧବାର ଦିଲ୍ଲୀର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସବ୍‌ଜୁନିୟର ଓଡ଼ିଶା ଏଫ୍‌ସି ଦଳ ୧୨–୦ ଗୋଲରେ ଏକପାଖିଆ ଭାବେ ପଞ୍ଜାବ ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରଣୟ ଟୋପୱାଲ ହ୍ୟାଟ୍ରିକ ଗୋଲ କରିଥିଲେ। ପୁରା ମ୍ୟାଚ୍‌ରେ ଓଡ଼ିଶା ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ମ୍ୟାଚ୍‌ର ୨୩, ୨୪ ଓ ୨୫ତମ ମିନିଟ୍‌ରେ ଯଥାକ୍ରମେ ସିଦ୍ଧାର୍ଥ ଅତ୍ରି, ଆଦିତ୍ୟ ଅଧିକାରୀ ଓ ଅକ୍ଷତ ମେହେରଙ୍କ ଗୋଲ ବଳରେ ଓଡ଼ିଶା ୩–୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୩୪, ୩୮, ୪୨ ଓ ୪୪ତମ ମିନିଟ୍‌ରେ ଗୋଲସ୍କୋର କରି ଓଡ଼ିଶା ପ୍ରଥମାର୍ଦ୍ଧ ସୁଦ୍ଧା ୮–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ୫୨ ଓ ୫୬ତମ ମିନିଟ୍‌ରେ ଯଥାକ୍ରମେ ସୌରଭ ଯାଦବ ଓ ସମୀର ନକୁଲଙ୍କ ଗୋଲ ବଳରେ ଓଡ଼ିଶାର ଅଗ୍ରଣୀ ୧୦–୦କୁ ବୃଦ୍ଧି ପାଇଥିଲା। ପୂର୍ବରୁ ପ୍ରଥମାର୍ଦ୍ଧରେ ୨ଟି ଗୋଲ କରିଥିବା ପ୍ରଣୟ ୫୫ତମ ମିନିଟ୍‌ରେ ପ୍ରତିପକ୍ଷ ନେଟ୍ ମଧ୍ୟକୁ ସଫଳତାର ସହ ବଲ ପଠାଇ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ବ୍ରଜ କିଶୋର ମହାପାତ୍ର
ଭି.ଆଇ.ପି. ରୋଡ୍, ପୋଲିସ୍ ଲାଇନ୍, ପୁରୀ
(ପ୍ରାକ୍ତନ ମୁଖ୍ୟ ଜନ୍ତ୍ରୀ)
ଆବିର୍ଭାବ: ତା. ୧୦।୦୮।୧୯୪୮
ତିରୋଧାନ: ତା. ୧୪।୦୧।୨୦୨୦

ଚାହୁଁ ଚାହୁଁ ଦଶଦିନ ବିତିଗଲା। ବିନା ମେଘରେ ବଜ୍ରପାତ ପରି ଆମମାନଙ୍କ ଜୀବନରୁ ଭଗବାନ୍ ତୁମକୁ ନେଇଗଲେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ଆଦର୍ଶ, ଧୈର୍ଯ୍ୟ, ପରୋପକାର ଓ ବିଷମ ପରିସ୍ଥିତିକୁ ସାମ୍ନା କରିବାର ସାହସ ଆମ ଜୀବନରେ ସଦା ସର୍ବଦା ପାଥେୟ ହେଉ। ତୁମେ ତୁମ ବନ୍ଧୁମାନଙ୍କ ନିକଟରେ ଅବିସ୍ମରଣୀୟ। ତୁମ ସ୍ମୃତି ଆମ ହୃଦୟରେ ଚିରକାଳ ଅମଳିନ ରହିବ। ତୁମ ଆତ୍ମା ଚିରଶାନ୍ତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ସହଧର୍ମିଣୀ
ପୁତ୍ର–ପୁତ୍ରବଧୂ: ଦେବାଶିଷ, ରଶ୍ମିକୁଲ୍ୟା, ଝିଅ–ଜ୍ୱାଇଁ: ମୌସୁମୀ, ସନ୍ଦୀପ, ଶିଶିର, ନାତି–ନାତୁଣୀ: ସନ୍ମୟ, ସାୟନ, କ୍ରିତିକା, ତନିସା, ପରିବାର, ବନ୍ଧୁବର୍ଗ।

ଧ–୧୬୩୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦେବେନ୍ଦ୍ରନାଥ ଦୀକ୍ଷିତ୍
ଜୟଦେବ ନିବାସ, ରସୁଲଗଡ, ଭୁବନେଶ୍ୱର
ଆବିର୍ଭାବ: ୨୫।୦୬।୧୯୪୨
ତିରୋଧାନ: ୦୪।୦୨।୨୦୧୯

ବାବା, ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ। ଆପଣଙ୍କ ନିଷ୍ଠା, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ସ୍ତ୍ରୀ: ଜୟନ୍ତୀ ଦୀକ୍ଷିତ୍, ପୁଅ: ଚିତ୍ତରଞ୍ଜନ ଦୀକ୍ଷିତ୍, ମନୋରଞ୍ଜନ ଦୀକ୍ଷିତ୍ ଏବଂ ପରିବାରବର୍ଗ।

ଧ–୧୬୧୭୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୩/୨୦୨୦ Bhubaneswar, Thursday, January 23/2020

# ୬ରୁ ଭଙ୍ଗାହେବ ବେଆଇନ ଘର, ନିର୍ମାଣ

ଭୁବନେଶ୍ୱର, ୨୨।୧ (ବ୍ୟୁରୋ)



ବେଆଇନ ନିର୍ମାଣକୁ ନିୟମିତ ତଥା ସ୍ୱୀକୃତ କରିବାକୁ ସୁଯୋଗ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ୨୦୧୮ରୁ କାର୍ଯ୍ୟକାରୀ ହୋଇଛି 'ସର୍ବକ୍ଷମା' ଯୋଜନା। ଇତିମଧ୍ୟରେ ୨ଥର ସଂଶୋଧନ କରାଯାଇ ଲୋକଙ୍କୁ ୬ ମାସ ଲେଖାଏ ମହଲତ ଦିଆଯାଇଛି। ଏହାସତ୍ତ୍ୱେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବେଆଇନ ଘର ବା ନିର୍ମାଣର ପ୍ଲାନ୍ ଆପ୍ରୁଭାଲ୍ ପାଇଁ ଅନେକେ ଆବେଦନ କରିନାହାନ୍ତି। ଆସନ୍ତା ମାସ ୫ ତାରିଖରେ ମହଲତ ଅବଧି ସରୁଛି। ଏହାପରଠାରୁ ଅର୍ଥାତ୍ ଫେବୃୟାରୀ ୬ରୁ ପ୍ଲାନ୍ ଆପ୍ରୁଭାଲ ନ ଥିବା ବେଆଇନ ଘର ବା ନିର୍ମାଣ ଭଙ୍ଗା ଆରମ୍ଭ ହେବ। ଏଥିପାଇଁ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ), ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ), ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ଓ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ବିଡିଏ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛି ଯେ, ସୁଯୋଗ ଦିଆଯିବା ସତ୍ତ୍ୱେ ଜନସାଧାରଣ ବିନା ପ୍ଲାନ୍ ଆପ୍ରୁଭାଲରେ ବେଆଇନ ନିର୍ମାଣ ଜାରି ରଖିଛନ୍ତି। ଆଉ ଏହାର ଅବଧି ବଢାଯିବ ନାହିଁ କି ସୁଯୋଗ ବି ଦିଆଯିବନି। ଫେବୃୟାରୀ ୬ରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯିବ। ବିଡିଏ ପ୍ଲାନିଂ ମେମ୍ବର ଗୌରୀଶଙ୍କର ଭୂୟାଁ କହିଛନ୍ତି, ଓଡ଼ିଶା ଡେଭଲପ୍‌ମେଣ୍ଟ ଆକ୍ଟ-୧୯୮୨ ଅନୁସାରେ ବିଲ୍ଡିଂଗୁଡ଼ିକୁ ଯାଞ୍ଚ କରାଯିବ। ଯେକେହି ବି ପ୍ଲାନ୍ ଆପ୍ରୁଭାଲ ନ କରି ବେଆଇନ ଭାବେ ନିର୍ମାଣ କରିଥିବ, ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ସୁଦ୍ଧା ୩୯୦୦ ଆବେଦନପତ୍ର ବିଡିଏର ହସ୍ତଗତ ହୋଇଥିବାବେଳେ ଆଉମାତ୍ର ୨ ସପ୍ତାହର ସମୟ ରହିଲା। ଏବେ ବାକିଥିବା ଲୋକେ ଆବେଦନ କରିବା ଜରୁରୀ ବୋଲି ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମେ ବେଆଇନ ନିର୍ମାଣକୁ ନିୟମିତ କରିବା ଯୋଜନା (ସର୍ବକ୍ଷମା) -୨୦୧୮' ପ୍ରଣୟନ କରାଯାଇଥିଲା। ଜରିମାନା ପରିମାଣ ଅତ୍ୟଧିକ ହେବାରୁ ଲୋକେ ଏହି ଯୋଜନାରେ ଆବେଦନ କରିବାକୁ ପଛଘୁଞ୍ଚା ଦେଲେ। ଏହାକୁ ଅନୁଭବ କରିବା ପରେ ନଗର ଉନ୍ନୟନ ବିଭାଗ ଜରିମାନା ପରିମାଣକୁ ଅଧା ହ୍ରାସ କଲେ। ଏଥିପାଇଁ ପୂର୍ବ ନିୟମରେ କେତେକ ସଂଶୋଧନ ଆଣି ୨୦୧୯ ଅଗଷ୍ଟ ୫ରେ ନୂଆ ବିଜ୍ଞପ୍ତି ପ୍ରକାଶ କଲେ। ଅଧିକରୁ ଅଧିକ ଲୋକ ଯେପରି ସର୍ବକ୍ଷମା ଯୋଜନାରେ ସାମିଲ୍ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାସଗୃହ, ବ୍ୟବସାୟିକ ଘରର ସେଟ୍‌ବ୍ୟାକ୍, ପାର୍କିଂ, କମ୍ପାଉଣ୍ଡିଂ ଚାର୍ଜ ଆଦିରେ କୋହଳ କରାଯାଇଥିଲା। ଏହାସତ୍ତ୍ୱେ ବି ଭୁବନେଶ୍ୱରରେ ମାତ୍ର ୩୯୦୦ ଆବେଦନ ଆସିଥିବା ଓ ଅନ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଖୁବ୍‌କମ୍ ଆବେଦନ ହୋଇଥିବାରୁ ସରକାର ଆଉ ସମୟ ଓ ସୁଯୋଗ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

### ଆଉ ଦୁଇସପ୍ତାହ ରହିଲା ସର୍ବକ୍ଷମା

- ୯ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ
- ଫେବୃୟାରୀ ୫ ଭିତରେ ପ୍ଲାନ୍ ଆପ୍ରୁଭାଲ ପାଇଁ ଆବେଦନ କରିବାକୁ ପରାମର୍ଶ
- ଭୁବନେଶ୍ୱରରେ ବର୍ତ୍ତମାନ ସୁଦ୍ଧା ହୋଇଛି ୩,୯୦୦ ଆବେଦନ



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକା କଳା।

**ସଂକ୍ଷେପରେ**

## ତୋଷାଳି ଛକରେ ଫାଙ୍କା ଗୁଳିଚାଳନା

**ପୁରୀ ଅଫିସ,୨୨।୧:** ପୁରୀରେ ପୁଣି ଫୁଟିଛି ଗୁଳି। ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରୋଡର ହୋଟେଲ ତୋଷାଳି ଛକ ନିକଟରେ ବୁଧବାର ଦୁର୍ବୃତ୍ତମାନେ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଛନ୍ତି। ଏ ନେଇ ପୋଲିସ ନିଜଆଡୁ ଏକ ମାମଲା ନଂ.୨/୨୦ ରୁଜୁ କରିଛି। ଏହାସହ ପୋଲିସ ଘଟଣାସ୍ଥଳରୁ ୨ ଗୁଳି ଓ ୩ ଖୋଳା ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟା ସମୟରେ କେତେଜଣ ଯୁବକ ବାଇକରେ ଆସି ତୋଷାଳି ଛକଠାରେ ଅଟକିଥିଲେ। କେହି କିଛି ବୁଝିବା ପୂର୍ବରୁ ଯୁବକମାନେ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ପ୍ରଚଣ୍ଡ ଗୁଳି ଶବ୍ଦରେ ଥରି ଉଠିଥିଲା ଛକ ଆଖପାଖ। ଅଚାନକ ଏଭଳି ଗୁଳି ଶବ୍ଦ ଶୁଣି ଛକରେ ଉପସ୍ଥିତ ଥିବା ଲୋକେ ସବୁ ଛତ୍ରଭଙ୍ଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଭୟରେ କେହି ବାହରକୁ ବାହାରି ନ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳି ଓ ଖୋଳା ଜବତ କରିବା ସହ ତନାଘନା ଆରମ୍ଭ କରିଛି। ତେବେ ଦୁର୍ବୃତ୍ତମାନେ କାହା ଉପରେ ଗୁଳିଚାଳନା କରି ନ ଥିବାବେଳେ ସେମାନେ ମଇନପୁର ଗ୍ରାମର ବୋଲି ଜଣାପଡ଼ିଛି। ଅନ୍ୟପଟେ ଉକ୍ତ ଅଞ୍ଚଳରେ ଦୁର୍ବୃତ୍ତମାନେ ଲୋକଙ୍କୁ ଭୟଭୀତ କରିବା ସହ ନିଜ ନିଜ ପତିଆରା ଜମାଇବା ଉଦ୍ଦେଶ୍ୟରେ ଗୁଳି ଚାଳନା କରିଥିବା ଚର୍ଚ୍ଚା ହେଉଛି। ତେବେ ଦୁର୍ବୃତ୍ତମାନେ କାହାକୁ ହତ୍ୟା କରିବା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ନେଇ ଗୁଳି ଚାଳନା କରିଛନ୍ତି ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ନକଲି ତେଲ କାରଖାନାରେ ଚଢ଼ାଉ ଘଟଣା, ମାଲିକ ଗିରଫ



**ଟାଙ୍ଗୀ (କଟକ) ୨୨।୧ (ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଅଞ୍ଚଳରେ ଗତ ନଭେମ୍ବର ୨୩ ତାରିଖରେ ପୋଲିସ ପକ୍ଷରୁ ଏକ ଖାଇବା ତେଲ କାରଖାନାରେ ଚଢ଼ାଉ କରାଯାଇଥିଲା। ଖାଇବା ତେଲ ଅପମିଶ୍ରଣ ସମ୍ପର୍କରେ ପ୍ରମାଣ ମିଳିବା ପରେ ବୁଧବାର ଟାଙ୍ଗୀ ପୋଲିସ ସମ୍ପୃକ୍ତ କାରଖାନାର ମାଲିକ ଗୋପାଳ ଗୁପ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମଙ୍ଗୁଳି ଅଞ୍ଚଳରେ ଦୀର୍ଘବର୍ଷ ହେବ ଗଜାନନ୍ଦ ନାମକ ଅପମିଶ୍ରିତ ଖାଇବା ତେଲ କାରଖାନା ପରିଚାଳିତ ହେଉଥିଲା। ବିଭିନ୍ନ କମ୍ପାନୀ ନାମରେ ତେଲ ପ୍ୟାକିଂ କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଆଇନଜୀବୀ ଚିତ୍ତରଞ୍ଜନ ସାମଲଙ୍କ ସମେତ କେତେଜଣ ବ୍ୟକ୍ତି ଗତ ନଭେମ୍ବର ମାସରେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଭେମ୍ବର ୨୩ ତାରିଖରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ପି.କେ.ଜେନା, ଉପଖଣ୍ଡ ପୋଲିସ ଅଧିକାରୀ ପି.କେ.ମଲ୍ଲ ଓ ଆଇଆଇସି ପଦାରବିନ୍ଦ ତ୍ରିପାଠୀ ଉକ୍ତ କାରଖାନା ଉପରେ ଚଢ଼ାଉ କରିଥିଲେ। ତେବେ ମାଲିକ ଗୁପ୍ତା ସବୁ ଠିକ୍ ଥିବା କାଗଜପତ୍ରରେ ଦର୍ଶାଇଥିଲେ। କିନ୍ତୁ ପୋଲିସ ଗୋଦାମକୁ ସିଲ କରି ଗଚ୍ଛିତ ଖାଇବା ତେଲ ନମୁନା ସଂଗ୍ରହ କରି ଯାଞ୍ଚ ନିମନ୍ତେ କେନ୍ଦ୍ରୀୟ ଲାବୋରେଟୋରିକୁ ପଠାଇଥିଲା। ଯାଞ୍ଚରୁ ତେଲ ଅପମିଶ୍ରଣ ସମ୍ପର୍କରେ ପ୍ରମାଣ ମିଳିବା ଓ କାଗଜପତ୍ର ଜାଲିଆତିକରି ବେଆଇନ ଭାବେ କାରଖାନା ପରିଚାଳନା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ଏକ ମାମଲା(ନଂ.୧୧/୨୦)ରୁଜୁକରି ସମ୍ପୃକ୍ତ କାରଖାନାର ମାଲିକ ଗୁପ୍ତାଙ୍କୁ ଗିରଫ କରିଥିଲା।




## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ, ୨୨।୧:** ଯୋବ୍ରା ଶିଖରପୁର ରେଳଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବିଦ୍ୟାଧରପୁର ଗଳିସାହିର ଅସିତ ଆନନ୍ଦ ସାହୁ(୩୨)। କଟକ ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ଶିଖରପୁର କମଳାକାନ୍ତ ବିଦ୍ୟାପୀଠ ନିକଟ ରେଳ ଧାରଣା କଡ଼ରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିଲା। ଏ ନେଇ ସ୍ଥାନୀୟ ଲୋକେ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ନିକଟରୁ ମିଳିଥିବା ପରିଚୟପତ୍ର ଆଧାରରେ ତାଙ୍କୁ ଚିହ୍ନଟ କରାଯିବା ସହ ଏ ବିଷୟରେ ତାଙ୍କର ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜିଆରପି ସୂଚନା ଦେଇଛି। ଅନ୍ୟପକ୍ଷରେ ମଙ୍ଗଳବାର ରାତିରେ ଆନନ୍ଦ ନିଶାଶକ୍ତ ଅବସ୍ଥାରେ ରେଳଧାରଣାରେ ବୁଲୁଥିବା କେତେଜଣ ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବାଂଲା ସେକ୍ସ ର୍ୟାକେଟ: ଜେଲ ଗଲେ ଅଞ୍ଜଳି, ଇବ୍ରାହିମ

**ଭୁବନେଶ୍ୱର,୨୨।୧(ବ୍ୟୁରୋ):** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିବା ବାଂଲାଦେଶୀ ସେକ୍ସ ର୍ୟାକେଟର କିଙ୍ଗ୍‌ପିନ୍ ଦମ୍ପତି ଅଞ୍ଜଳି ଦିଦି ଓରଫ ରୁକ୍‌ସାର ବେଗମ ଏବଂ ତାଙ୍କ ସ୍ୱାମୀ ଇବ୍ରାହିମ ଖାନ୍‌ଙ୍କ ଜାମିନ ଖାରଜ ପରେ ସେମାନଙ୍କୁ ବୁଧବାର ଜେଲ ପଠାଇ ଦିଆଯାଇଛି। ଉଭୟଙ୍କୁ ପଚରାଉଚରା ପରେ ଏସ୍‌ଟିଏଫ୍‌କୁ ଅନ୍ତଃରାଷ୍ଟ୍ରୀୟ ଯୁବତୀ ଚାଲାଣ ର୍ୟାକେଟର ସୁରାକ ମିଳିଛି। ଏହାକୁ ଠାବ କରିବା ସହ ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବାକୁ ଏସ୍‌ଟିଏଫ ଓ କମିଶନରେଟ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଅନ୍ୟପକ୍ଷରେ ବୁଧବାର ଇବ୍ରାହିମ୍‌ଙ୍କ ୩ଜଣ ସହଯୋଗୀଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିବା ପରେ ତଦନ୍ତ ଆଗକୁ ବଢ଼ାଇଛି। ସେମାନେ ହେଲେ ଝାରପଡାର ପ୍ରଶାନ୍ତ ପରିଡା, ଉତ୍ତମ ଜେନା ଓ ପୁରୁଣା ଭୁବନେଶ୍ୱରର ରାଜୁ ଦାସ। ମଙ୍ଗଳବାର ପିପିଲି ଅଞ୍ଚଳରୁ କିଙ୍ଗ୍‌ପିନ୍ ଦମ୍ପତି ଗିରଫ ହୋଇଥିବାବେଳେ ଲିଙ୍ଗରାଜ ଥାନା ଅନ୍ତର୍ଗତ ରଥଗଡା ସାହିର ଏକ ଭଡ଼ାଘରୁ ୬ଜଣ ବାଂଲାଦେଶୀ ରୂପଜୀବୀଙ୍କୁ ଉଦ୍ଧାର କରିଥିଲା ଏସ୍‌ଟିଏଫ୍। ତେବେ ଗିରଫ ଅଞ୍ଜଳି ଦିଦି ଓ ଇବ୍ରାହିମଙ୍କ ନିକଟରୁ ୪୦ ହଜାର ଟଙ୍କା, ୫ ଜାଲ୍ ଆଧାର କାର୍ଡ ଓ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଉଭୟଙ୍କୁ କେସ୍ ନଂ.୭/୨୦ରେ କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷରେ ଉଦ୍ଧାର ରୂପଜୀବୀଙ୍କ ମଧ୍ୟରେ ନାବାଳିକା ଥିବାବେଳେ ୪ଜଣ ବାଂଲାଦେଶୀ ବୋଲି ଜଣାପଡ଼ିଛି।

- ଇବ୍ରାହିମଙ୍କ ସହଯୋଗୀ ପ୍ରଶାନ୍ତ ସମେତ ୨ ଗିରଫ
- ଉଦ୍ଧାର ରୂପଜୀବୀଙ୍କ ମଧ୍ୟରେ ରହିଛନ୍ତି ନାବାଳିକା
- ଅନ୍ତଃରାଷ୍ଟ୍ରୀୟ ଯୁବତୀ ଚାଲାଣ ର୍ୟାକେଟର ସୁରାକ ମିଳିଲା

### ବହୁ କୋଟି ସମ୍ପତ୍ତି ଠାବ

ଅପରପକ୍ଷରେ ଇବ୍ରାହିମଙ୍କ ନାମରେ ଚୋରା ଅସ୍ତ୍ରଶସ୍ତ୍ର କାରବାର ନେଇ ମାମଲା ରହିଥିବାବେଳେ ସ୍ତ୍ରୀ ଅଞ୍ଜଳି ଦିଦିଙ୍କ ନାଁରେ କଲିକତାରେ ଏକ ହତ୍ୟା ମାମଲା ରହିଛି। ଉଭୟଙ୍କ ନାମରେ ବହୁ କୋଟିର ସମ୍ପତ୍ତି ରହିଥିବା ଏସ୍‌ଟିଏଫ୍ ଜାଣିବା ପରେ ଖୋଳତାଡ଼ ଆରମ୍ଭ କରିଛି। ପିପିଲିରେ ଇବ୍ରାହିମ୍‌ଙ୍କର ରହିଛି ଦେଢ଼କୋଟି ଟଙ୍କାର ବିଳାସପୂର୍ଣ୍ଣ ଘର, ଗୋଟିଏ ଫାର୍ମ ହାଉସ୍, ୫ ପ୍ଲଟ, ବ୍ୟାଙ୍କ୍ ଆକାଉଣ୍ଟରେ ବିପୁଳ ଟଙ୍କା ରହିଥିବାରୁ ତାହାକୁ ଜବତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଜେଲ ଭିତରେ ପ୍ରଦୀପଙ୍କ ପୁଣି ଆତ୍ମହତ୍ୟା ଉଦ୍ୟମ

କଟକ ରୋଡ୍, ୨୨।୧ (ଡି.ଏନ୍.ଏ.)



ଚିଟ୍‌ଫଣ୍ଡ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଥିବା ଅର୍ଥତତ୍ତ୍ୱ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ ପୁଣି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମଙ୍ଗଳବାର ଏହି ଘଟଣା ଘଟିଛି। ସେ ଶୌଚାଳୟ ଭିତରେ ଇନଭର୍ଟର ତାର ବେକରେ ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ଏହାକୁ ମିଶାଇ ପ୍ରଦୀପ ୩ଥର ଆତ୍ମହତ୍ୟା ଉଦ୍ୟମ କଲେଣି। ତେବେ ବାରମ୍ବାର ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବା ଯୋଗୁ ବୁଧବାର ତାଙ୍କୁ କଟକ ଏସ୍‌ସିବି ମେଡିକାଲର ମାନସିକ ରୋଗ ବିଭାଗରେ ଚିକିତ୍ସା କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସେ ନିଜ ୱାର୍ଡ ଛାଡି ଜେଲ ଉପର ମହଲାରେ ଥିବା ୱେଲ୍‌ଫେୟାର ସେକ୍ସନକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପ୍ରଥମେ ପିଅନ ଓ ପରେ ଅନ୍ୟ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଦୀପ ଏକ ଇନଭର୍ଟର ତାର ଛିଣ୍ଡାଇବା ସହ ତାହାକୁ ନେଇ ଶୌଚାଳୟ ଆଡ଼କୁ ଚାଲିଯାଇଥିଲେ। ଏପରି କି ଶୌଚାଳୟ ଯିବା ବାଟରେ ରହିଥିବା ୩ କବାଟକୁ ଭିତର ପଟୁ ବନ୍ଦ କରିଦେବା ପରେ ଶୌଚାଳୟର ଏକ ରେଲିଂରେ ଝୁଲିପଡ଼ିଥିଲେ। ଏପଟେ ବଚସା କରି ଚାଲିଯିବା ପରେ ୱେଲ୍‌ଫେୟାର ସେକ୍ସନ କର୍ମଚାରୀଙ୍କର ଆଉ ତାଙ୍କ ପ୍ରତି ନଜର ନ ଥିଲା। ସେପଟେ ପ୍ରଦୀପ ସେଲ୍‌ରେ ନ ଥିବା ଜଣାପଡିବା ପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ଶୌଚାଳୟ କବାଟ ବନ୍ଦ ଥିବା ଦେଖି ସନ୍ଦେହ ହୋଇଥିଲା। ସମସ୍ତ କବାଟକୁ ଭଙ୍ଗାଯିବା ପରେ ପ୍ରଦୀପ ଶୌଚାଳୟ ଚଟାଣରେ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ତାଙ୍କୁ ଉଦ୍ଧାରକରି ଜେଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରଦୀପଙ୍କ ପ୍ରାଥମିକ ଚିକିତ୍ସା ପରେ ବୁଧବାର ସକାଳୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲର ମାନସିକ ରୋଗ ୱାର୍ଡରେ ଭର୍ତ୍ତି କରାଯାଇଥିଲା।

ଅନ୍ୟପକ୍ଷରେ ୱେଲ୍‌ଫେୟାର ସେକ୍ସନରେ କାର୍ଯ୍ୟରତ ପିଅନ ଓ ଅନ୍ୟ କର୍ମଚାରୀଙ୍କ ସହ ପ୍ରଦୀପଙ୍କର କେଉଁ କାରଣରୁ ଝଗଡା ହୋଇଥିଲା ସ୍ପଷ୍ଟ ହୋଇନାହିଁ। ତେବେ ପ୍ରଦୀପଙ୍କ ଆତ୍ମହତ୍ୟା ଉଦ୍ୟମ ସମ୍ପର୍କରେ କୋର୍ଟ, ଖୋର୍ଦ୍ଧା ଜିଲାପାଳ, ଭୁବନେଶ୍ୱର ଡିସିପିଙ୍କୁ ଅବଗତ କରାଯାଇଥିବା ଅଧୀକ୍ଷକ ମିଶ୍ର କହିଛନ୍ତି। ଶେଷ ରିପୋର୍ଟ ଅନୁସାରେ, ଏସ୍‌ସିବି ମାନସିକ ରୋଗ ବିଭାଗରେ ଚିକିତ୍ସା ପରେ ତାଙ୍କୁ ପୁନର୍ବାର ଝାରପଡ଼ା ଜେଲକୁ ନିଆଯାଇଥିବା ଜଣାପଡିଛି।

- ୱେଲ୍‌ଫେୟାର ସେକ୍ସନ ପିଅନଙ୍କ ସହ ବଚସା
- ଶୌଚାଳୟରେ ଇନଭର୍ଟର ତାର ବେକରେ ବାନ୍ଧି ଝୁଲିପଡ଼ିଲେ
- ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗରେ ହେଲା ଚିକିତ୍ସା

### ପୂର୍ବରୁ ୨ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ

୨୦୧୩ରେ ଚିଟ୍‌ଫଣ୍ଡ ମାମଲାରେ ପ୍ରଦୀପ ଗିରଫ ହୋଇ ଝାରପଡ଼ା ଜେଲକୁ ଆସିଥିଲେ। ୨୦୧୬ ଜୁଲାଇ ୩୧ରେ ପ୍ରଦୀପ ଜେଲରେ ଥିବା ତାଙ୍କ ସେଲ୍‌ରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପ୍ରଦୀପ ଫିଜିଓଥେରାପି ଚିକିତ୍ସା ଆବଶ୍ୟକ କରୁଥିବା ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ୧୦ଦିନ କ୍ୟାପିଟାଲ ହସ୍ପିଟାଲକୁ ପଠାଇବାକୁ ନିବେଦନ କରିଥିଲେ। ତତ୍‌କାଳୀନ ଜେଲ ଅଧୀକ୍ଷକ ଏ ସଂକ୍ରାନ୍ତରେ ଜେଲ ବିଭାଗକୁ ଜଣାଇଥିଲେ। କିନ୍ତୁ ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ପ୍ରଦୀପ ସେଲ୍‌ରେ ଥିବା ଗ୍ରୀଲ୍‌ରେ ମୁଣ୍ଡ ପିଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାପରେ ଅତ୍ୟଧିକ ଟାବ୍‌ଲେଟ୍ (ଔଷଧ) ଖାଇଦେବା ସହ ଏକ ଲୁହା ପାତିଆରେ ନିଜ ହାତର ବିଭିନ୍ନ ଅଂଶକୁ କାଟି ପକାଇଥିଲେ। ପ୍ରଦୀପଙ୍କ ଏଭଳି ଆଚରଣ ଜେଲ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ଚିଟ୍‌ଫଣ୍ଡ ଠକେଇ: ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୨।୧**, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ଲୋନ୍ କରାଇଦେବାକୁ କହି ସେମାନଙ୍କ ପାଖରୁ ୨କୋଟି ଟଙ୍କା ଠକିଥିବା ଘଟଣାରେ ବୁଧବାର ମର୍କତନଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀଘାଟ ଥାନା ଅଧୀନ ପୁରୁଣା ରାଉସପାଟଣାର ଜଗନ୍ନାଥ ଦାସ (୪୫)। ଜଗନ୍ନାଥ ସିଡିଏସ୍ଥିତ ନାବାର୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ନିଦାନ) ନାମକ ସଂସ୍ଥାରେ ମୁଖ୍ୟ ଭାବେ କାମ କରୁଥିଲେ। ପୋଲିସ ତାଙ୍କ ବିରୋଧରେ ୨୨୦/୧୯ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ପୋଲିସ ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିଲା। ମନୋଜଙ୍କ ନାଁରେ ମର୍କତନଗର ଥାନାରେ ୧୦ରୁ ଉର୍ଦ୍ଧ୍ୱ ମାମଲା ଥିବା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ଡିସେମ୍ବର ୧୬ତାରିଖରେ କେନ୍ଦ୍ରାପଡ଼ା ଜିଲାର ଜ୍ୟୋର୍ତିମୟୀ ବେହେରା ଏବଂ ତାଙ୍କ ସାଙ୍ଗରେ ଅନ୍ୟ ୩୦ ରୁ ୪୦ ଜଣ ମହିଳା ଓ ପୁରୁଷ ମର୍କତନଗର ଥାନାରେ ପହଞ୍ଚିଥିଲେ। ସିଡିଏ ଅଞ୍ଚଳରେ ଥିବା ନାବାର୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ନିଦାନ) ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ସେମାନଙ୍କୁ ଲୋନ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକିନେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥାର ମୁଖ୍ୟ ଜଗନ୍ନାଥ ସେମାନଙ୍କୁ ଲୋନ୍ କରାଇଦେବାକୁ କହିଥିଲେ। ତେବେ ଏଥିପାଇଁ ପ୍ରଥମେ କିଛି ଟଙ୍କା ସଂସ୍ଥା ନିକଟରେ ଜମା ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଏଭଳି କରି ଜଗନ୍ନାଥ ଓ ତାଙ୍କ ସହଯୋଗୀମାନେ ପ୍ରାୟ ୨୦୦ଜଣ ଏସ୍‌ଏଚ୍‌ଜି କର୍ମୀଙ୍କ ବିଶ୍ୱାସଭାଜନ ହେବା ସହିତ ସେମାନଙ୍କ ନିକଟରୁ ୨କୋଟି ଟଙ୍କା ଲୋନ ପୂର୍ବରୁ ଜମା ଆକାରରେ ନେଇଯାଇଥିଲେ। ମହିଳାମାନଙ୍କ ମନରେ ଅଧିକ ବିଶ୍ୱାସ ଜନ୍ମାଇବା ପାଇଁ ଜଗନ୍ନାଥ ଲୋନ୍‌ର ପ୍ରଥମ କିସ୍ତି ଆକାରରେ ୧ଲକ୍ଷ ଲେଖାଏଁ ଟଙ୍କା ୫୭ ଜଣଙ୍କ ବ୍ୟାଙ୍କ ଖାତାକୁ ପଠାଇଥିଲେ। ମାତ୍ର ଏହାପରେ ସେ ଆଉ କାହାକୁ ଟଙ୍କା ଦେଇ ନ ଥିଲେ। ତେବେ ସମ୍ପୃକ୍ତ ମହିଳାମାନେ ତାଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ଜଗନ୍ନାଥ ସେମାନଙ୍କୁ ୬ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଉକ୍ତ ଚେକକୁ ନେଇ ସେମାନେ ବ୍ୟାଙ୍କ ଯିବା ପରେ ଚେକ୍‌ଟି ବାଉନ୍ସ ହୋଇଯାଇଥିବା ଜଣାପଡ଼ିଥିଲା।

### କୋଇଲା ବୋଝେଇ ଟ୍ରକ୍, ସ୍କୁଟି ମୁହାଁମୁହିଁ ଧକ୍କା: ୨ ଗୁରୁତର

**ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର.)** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରରେ ବୁଧବାର ଏକ ଟ୍ରକ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ ଓ ତାଙ୍କ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ଅନ୍ତର୍ଗତ ବ୍ରଜରାଜପାଟଣା ଗ୍ରାମର ଦୋଳଗୋବିନ୍ଦ ସାହୁଙ୍କ ପୁଅ ଅଂଶୁମାନ(୧୮) ଓ ତାଙ୍କ ଭାଇ ଅମ୍ରି(୧୫)। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଉଭୟ ଭାଇ ସକାଳେ କଟିକଟା ବଜାରକୁ ଔଷଧ ନେବାକୁ ଆସିଥିବା ବେଳେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ସହ ଚାଳକଙ୍କୁ ଗିରଫ କରିଛନ୍ତି। ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ସ୍କୁଟିକୁ ଜବତ କରାଯାଇଛି।

### ଥାନାରେ ଅଭିଯୋଗ ପରେ ଭାଇବୋହୂଙ୍କୁ ଧମକ

**ମାହାଙ୍ଗା,୨୨।୧(ସ୍ୱ.ପ୍ର.)-** ମାହାଙ୍ଗା ଥାନା ଅନ୍ତର୍ଗତ ନନ୍ଦକିଶୋରପୁର ଗ୍ରାମର ଡମ୍ବରୁଧର ନାୟକଙ୍କ ଦିବ୍ୟାଙ୍ଗ ସ୍ତ୍ରୀ ସ୍ୱାଗତିକାଙ୍କୁ ଦେଢ଼ଶୁର ଆକ୍ରମଣ କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ଦେଢ଼ଶୁର ଦୁଃଖିଶ୍ୟାମ ନାୟକ ତାଙ୍କୁ ପୁନର୍ବାର ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ସ୍ୱାଗତିକା ବୁଧବାର ସ୍ଥାନୀୟ ଫାଣ୍ଡିରେ ପୁନର୍ବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ଏସ୍‌ପିଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ଦେଢ଼ଶୁରଙ୍କ ଆକ୍ରମଣ ଯୋଗୁ ତାଙ୍କ ଗୋଡ଼ ଆଙ୍ଗୁଠି ଭାଙ୍ଗିଯାଇଛି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନାରେ ମାମଲା(ନଂ ୧୫/୨୦) ରୁଜୁ ହୋଇଛି। ପ୍ରତିପକ୍ଷଙ୍କ ପକ୍ଷରୁ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି।

# ଆଜି ନେତାଜୀ ଜୟନ୍ତୀ: ଚମକୁଛି ଅନ୍ତୁଡ଼ିଶାଳ

**କଟକ ଅଫିସ, ୨୨।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ନେତାଜୀଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଓଡ଼ିଆବଜାରସ୍ଥିତ ତାଙ୍କ ବାସଭବନକୁ ସୁସଜ୍ଜିତ କରାଯାଇଛି। ଆଲୋକମାଳାରେ ଏହି କୋଠା ଝଲସୁଛି। ଏଥିସହ ସେଠାକାର ପାର୍କକୁ ବିଶେଷ ଭାବେ ସଜାଯାଇଛି। ଏହା ଏବେ ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି। ଗୁରୁବାର ଭୋର ୪.୩୦ରେ ରାମଧୂନ ଗାନ ପରେ ଲୋକାରଣ୍ୟ ହୋଇପଡ଼ିବ ଏହି ସ୍ଥାନ। ଦିନତମାମ ନେତାଜୀ ଜନ୍ମସ୍ଥାନରେ ରାଜ୍ୟ ତଥା ରାଜ୍ୟ ବାହାରର ନେତାଜୀପ୍ରେମୀଙ୍କ ପାଦ ପଡ଼ିବ। ନେତାଜୀ ଜନ୍ମଗ୍ରହଣ କରିଥିବା ପ୍ରକୋଷ୍ଠରେ ମଧ୍ୟାହ୍ନ ୧୨ଟାରେ ହୋମଯଜ୍ଞ କରାଯିବ ବୋଲି ଜଣାପଡ଼ିଛି।

### ମୁଖ୍ୟ ଆକର୍ଷଣ ୧୨ନମ୍ବର ପ୍ରକୋଷ୍ଠ

ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଦେଖିବାକୁ ମିଳିବ ନେତାଜୀଙ୍କର ଓଡ଼ିଶା ଏବଂ ଓଡ଼ିଶାର ମାନ୍ୟଗଣ୍ୟ ଲୋକଙ୍କ ସହିତ ସମ୍ପର୍କର ଫଟୋ। ଏହି ସମସ୍ତ ଫଟୋକୁ କୋଠାର ୧୨ନମ୍ବର ପ୍ରକୋଷ୍ଠରେ ଟଙ୍ଗାଯାଇଛି। ନେତାଜୀଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କିତ ଫଟୋ ଓ ସାମଗ୍ରୀ ସହ ପ୍ରଥମଥର ଓଡ଼ିଶା ସହିତ ସମ୍ପର୍କର ଝଲକ ଦେଖିବାକୁ ମିଳିବ। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ



ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ଉଦ୍ୟାନ ।



ଆଧ୍ୟାତ୍ମିକ ପ୍ରକୋଷ୍ଠ ।

ଦାସ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ବିଭୁଧେନ୍ଦ୍ର ଦାସଙ୍କ ସହ ନେତାଜୀଙ୍କର ସମ୍ପର୍କକୁ ନେଇ ଫଟୋ ଟଙ୍ଗାଯାଇଛି। ଏହାଛଡ଼ା ଛାତ୍ର ଜୀବନରେ ନେତାଜୀଙ୍କ ଆଧ୍ୟାତ୍ମିକ ଗୁରୁ କଟକ ନିତାଇ ଗୌରାଙ୍ଗ ମଠର ସ୍ୱର୍ଗତଃ ରାମଦାସ ବାବାଜୀ ମହାରାଜଙ୍କ ସମ୍ପର୍କିତ ଏକ ଫଟୋ ମଧ୍ୟ ଏଠାରେ ରହିଛି। ତତ୍କାଳୀନ ପୁରୀ ଶଙ୍କରାଚାର୍ଯ୍ୟ ଏବଂ ଏକ ବୈଠକରେ ହରେକୃଷ୍ଣ ମହତାବଙ୍କ ସହ ଭେଟ ସମୟର ଫଟୋ, ରେଭେନ୍‌ଶା କଲିଜିଏଟ ସ୍କୁଲରେ ଏକ ବୈଠକ ସମୟର ଫଟୋ ମଧ୍ୟ ସ୍ଥାନ ପାଇଛି। ନେତାଜୀଙ୍କ ଦ୍ୱାରା ଗଠିତ ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନଏ)ରେ କଟକ ମଙ୍ଗଳାବାଗର ଡ. ଏସ୍ ଅସଦ୍ଦୁଲ୍ଲା ସୁବେଦାର ଭାବେ ନିୟୋଜିତ ହୋଇଥିଲେ। ଅସଦ୍ଦୁଲାଙ୍କ ଫଟୋ ଏଠାରେ ରଖାଯାଇଛି। ଢେଙ୍କାନାଳ ପୋଇପାଳର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ସହ ସମ୍ପର୍କକୁ ମଧ୍ୟ ଫଟୋରେ ସ୍ଥାନ ମିଳିଛି।

### ୱାଲ୍ ପେଣ୍ଟିଂରେ ନେତାଜୀଙ୍କ ସ୍ମୃତି

ନେତାଜୀଙ୍କ ଜୀବନୀକୁ ନେଇ ୱାଲ୍ ପେଣ୍ଟିଂ କରାଯାଇଛି। ୧୮୯୭ ରୁ ୧୯୧୩ ମସିହା ପର୍ଯ୍ୟନ୍ତ କଟକରେ ନେତାଜୀଙ୍କ ରହଣି ସମୟ ଏହି ଚିତ୍ର ଗୁଡ଼ିକରେ ପ୍ରତିଫଳିତ ହୋଇଛି।




ବାଲୁକା ଶିଳ୍ପୀ ପ୍ରମୋଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କୃତି।

# କର୍କଟ ରୋଗ କେନ୍ଦ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଭିଜିଲାନ୍ସ ମାମଲା ହେବ

**କଟକ ଅଫିସ, ୨୨।୧**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହେବ। ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ନିର୍ଦ୍ଦେଶକ ଷଡଙ୍ଗୀ ବେଆଇନ ଉପାୟରେ ଅଧିକ ଦରମା ନେଇଥିବା ନେଇ ସାମାଜିକ କର୍ମୀ ରୋହନ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାନ୍ତିଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍କଟ

**ହାଇକୋର୍ଟଙ୍କ ନିର୍ଦ୍ଦେଶ**

ରୋଗ କେନ୍ଦ୍ରର ନିର୍ଦ୍ଦେଶକ ନିଯୁକ୍ତି ନିମନ୍ତେ ୨୦୧୪ ମସିହାରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ମନୋନୀତ ପ୍ରାର୍ଥୀ ଯଦି ଚାକିରିରେ ଥା'ନ୍ତି (ଇନ୍‌ସର୍ଭିସ) ତେବେ ତାଙ୍କ ଦରମା ୬୯ ହଜାର ଟଙ୍କା ସହିତ ୧୦ହଜାର ଗ୍ରେଡ୍ ପେ ଏବଂ ଅନ୍ୟ ଭତ୍ତା ସୁବିଧା ପାଇବେ। କିନ୍ତୁ ଯଦି ପ୍ରାର୍ଥୀ ଅବସର ଗ୍ରହଣ ପରେ ଏହି ପଦବୀ ପାଇଥିବେ ତେବେ ୮୦ହଜାର ଟଙ୍କା ସହିତ କନସୋଲିଡେଟେଡ୍ ପେ' ପାଇବେ। ନିର୍ଦ୍ଦେଶକ ଷଡଙ୍ଗୀ ଏହାର ଉଲ୍ଲଂଘନ କରିଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

# ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ, ୨୨।୧**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣା ଜିଲା ବାରାକପୁର ଅଞ୍ଚଳର ଦୀପ ରଏ(୨୨) ଏବଂ ପ୍ରଶାନ୍ତ ରଏ(୩୫)। ପୋଲିସ ସେମାନଙ୍କ ନିକଟରୁ ୨୦ କେଜି ଗଞ୍ଜେଇ ଜବତ କରିଛି। ଉଭୟଙ୍କ ବିରୋଧରେ ୨୫/୨୦ରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଚାଉଳିଆଗଞ୍ଜ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଚୋରା ଗଞ୍ଜେଇ କାରବାର ବିଷୟରେ ସୂଚନା ପାଇଥିଲା। ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ କାଳିଆବୁଦା ନିକଟ କାଳୀମନ୍ଦିର ଅଞ୍ଚଳକୁ ଯାଇଥିଲେ। ସେଠାରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ ଓ ଦୀପ୍‌ଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ଠାବ କରିଥିଲା। ଉଭୟଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଗଞ୍ଜେଇ ମିଳିଥିଲା। ଦୁହେଁ ନିୟମିତ ଟ୍ରେନରେ ପଶ୍ଚିମବଙ୍ଗରୁ ଆସି କଟକର ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ପୋଲିସ ଆଗରେ ପ୍ରକାଶ କରିଥିଲେ।



ବାଙ୍କୀ ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସର ପ୍ରସ୍ତୁତି ପାଇଁ ବୁଧବାର କଚେରି ପଡିଆରେ ଏନ୍‌ସିସି ଛାତ୍ରୀଛାତ୍ର ପରେଡ ଅଭ୍ୟାସ କରୁଛନ୍ତି।

# ରୋଗୀ କଲ୍ୟାଣ ସମିତି ବୈଠକ

**ନରସିଂହପୁର ୨୨।୧ (ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ସଦର ମହକୁମାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଳିତ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନରସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ର, ଜୁଡୁମ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ବୈଠକରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପୌରୋହିତ କରିଥିଲେ। କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ସତ୍ୟବ୍ରତ ଛୋଟରାୟ, ଡିପିଏମ୍ ଦୀପକ କୁମାର ସାହୁ, କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦେବାଶିଷ ଜେଠୀ, ନରସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ.ମାର୍କଣ୍ଡେୟ ଆଚାର୍ଯ୍ୟ, ଜୁଡୁମ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ପାର୍ଥସାରଥି ଦାସ, ଡ. ତାନିଆ ଦାଶ, ଡ. ବିଜୟ କୁମାର ଦାସ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଓ ବିଡିଓ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନରସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଓପିଡି, ଲେବର ରୁମ୍, ଓଟି ଏବଂ ରୋଗୀ କକ୍ଷ ନିମନ୍ତେ ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ଏହାପରେ ବିଧାୟକ ମିଶ୍ର ନରସିଂହପୁର, ଜୁଡୁମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ପ୍ରିୟଦର୍ଶିନୀ ପଣ୍ଡା, ଦିଲୀପ କୁମାର ବେହେରା ଓ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣ: ପରିବାରର ୩ ଗୁରୁତର

**ମାହାଙ୍ଗା, ୨୨।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ରାମକାପୁର ଗ୍ରାମରେ ବୁଧବାର ଜମିରେ ମାଟି ପକାଇବାକୁ କେନ୍ଦ୍ରକରି ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଗୁରତରମାନେ ହେଲେ ସେକ ମୁସଲିମ, ଜିନାତୁନ ବିବି ଓ ମୁସରତନ ବିବି। ସେହିପରି ରସିଦା ବିବି, ହସରତୁନ ନିଶା ବିବି, ସେକ ମୋଇଉଦ୍ଦିନ ଓ ସବିନା ବିବି ପ୍ରମୁଖ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସେକ ସମସୁରଙ୍କ ଝିଅ ହସରତୁନ ନିଶା ବିବି ଜଣେ ଦିବ୍ୟାଙ୍ଗ । ଝିଅର ଭବିଷ୍ୟତ ପାଇଁ ରାମକାପୁର ଗ୍ରାମରେ ଥିବା କେନାଲ

**ଜମିରେ ମାଟି ପକାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ**

ବନ୍ଧ କଡ଼ରେ ବାପା ସେକ ସମସୁର ଏକ ଜାଗା କିଣି ଘର କରିବା ପାଇଁ ମାଟି ପକାଉଥିଲେ। ମାତ୍ର ଜାଗା ସମ୍ମୁଖରେ ଥିବା କେନାଲ ବନ୍ଧ ଉପରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଏକ କ୍ୟାବିନ ପକାଇ ରାସ୍ତା ଅବରୋଧ କରିଥିଲେ। ଏନେଇ ମାଟି ପକାଇବା ବେଳେ ସମସ୍ୟା ହେବାରୁ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ସମ୍ପୃକ୍ତ ବ୍ୟକ୍ତି ଏଥିରେ ରାଗିଯାଇ ସମସୁରଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ସମସୁର ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ରାମକାପୁର ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ହୋଇ ସମସୁରଙ୍କ ପରିବାରକୁ ଆକ୍ରମଣ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ନୂତନ ଉପଜିଲାପାଳଙ୍କ ଯୋଗଦାନ

**ବାଙ୍କୀ,୨୨।୧(ସ୍ୱ.ପ୍ର.)**

ବାଙ୍କୀର ନୂତନ ଉପଜିଲାପାଳ ଭାବେ ରଞ୍ଜନ କୁମାର ଜେନା ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ନିଆଳିର ତହସିଲଦାର ଭାବେ କାର୍ଯ୍ୟକରୁଥିଲେ। ବାଙ୍କୀର ତତ୍କାଳୀନ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ ପଦୋନ୍ନତି ପାଇବା ପରେ ଏହି ପଦବୀ ଖାଲି ପଡିଥିଲା। ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁଙ୍କୁ ଏନେଇ ବାଙ୍କୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଜେନା ଦାୟିତ୍ୱ ଗ୍ରହଣ କରିବା ପରେ ପଦ୍ମଚରଣ ସାହୁ, କ୍ଷିତୀଶ ବେହେରା, ଶାରଦା ପ୍ରସାଦ ମହାନ୍ତି , ଦେବଦତ୍ତ ଦାଶ, ବାଙ୍କୀ ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଖବରଦାତା ଗୌତମ ମିଶ୍ର ଓ ବିଭୁପ୍ରସାଦ ସାମଲ ପ୍ରମୁଖ ସ୍ୱାଗତ ଜଣାଇଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

**ଟିଗିରିଆ,୨୨।୧(ଡି.ଏନ୍.ଏ.)**

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ବୁଧବାର ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିରଗଡ଼ିରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା କ୍ଷୁଦ୍ର ଜଳସେଚନ ପାଣି ପଞ୍ଚାୟତ ମହାସଂଘ ଓ ତେନ୍ତୁଳିରଗଡ଼ି ଜୟ ମହାବୀର ପାଣି ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ କ୍ଷୁଦ୍ର ଜଳସେଚନର ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ନିରାକାର ଲେଙ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରୂପମା ଦାଶ, ସମିତିସଭ୍ୟା ଅନୁପମା ସ୍ୱାଇଁ, ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇଙ୍କ ସମେତ ରଘୁନାଥ ଦାଶ, ବୈକୁଣ୍ଠନାଥ ରଣା, ସର୍ବେଶ୍ୱର ସ୍ୱାଇଁ, ସୁରେଶ ଚନ୍ଦ୍ର ସାହୁ ଓ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପାଣି ପଞ୍ଚାୟତର ସୁଚାରୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ହୃଦୟ କୁମାର ପାତ୍ର ଓ ପ୍ରିୟଙ୍କା କୁମାରୀ ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ୨୦ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ।

# ୧୯୭୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ବାଙ୍କୀ, ୨୨।୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଡମପଡ଼ାଗଡ଼ ଅନ୍ତର୍ଗତ ପ୍ରୀତମ କୁମାରୀ ବିଦ୍ୟାମନ୍ଦିରର ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ କାଳିକା ପ୍ରସାଦଠାରେ ଅନୁଷ୍ଠିତ ହୋଇଛି। ବ୍ୟାଚ୍‌ର ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ। ଉତ୍ସବରେ ୭ ଜଣ ପୁରାତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ 'ପିକେବିଏମ୍-୧୯୭୫' ନାମରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ନିବାସ ବାରିକ ସଭାପତି, ବାମଦେବ ଲେଙ୍କା ସମ୍ପାଦକ, ଦିଲୀପ କୁମାର ଦାସ କୋଷାଧ୍ୟକ୍ଷ, ରତ୍ନାକର ମହାନ୍ତି ଓ ଅପର୍ତ୍ତି ସାମଲ ଉପସଭାପତି, ପ୍ରଫୁଲ୍ଲ କୁମାର ଦାଶ ଓ ଉପେନ୍ଦ୍ର ସ୍ୱାଇଁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।



ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

# ୨ ସେତୁ ରାସ୍ତାରେ ଜମିଛି ବାଲି: ଘଟୁଛି ଦୁର୍ଘଟଣା

**ନରାଜ, ୨୨।୧ (ଡି.ଏନ୍.ଏ.)**

- ରକ୍ଷଣାବେକ୍ଷଣ କରୁନାହାନ୍ତି ବିଭାଗୀୟ ଅଧିକାରୀ
- ଆହତ ହୋଇଥିଲେ ଅଟୋ ଚାଳକ

ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ କରାଯାଇ ଅଧିକ ଓସାର କରାଯାଉଛି। ଭିଡ ଓ ଦୂରତ୍ୱ କମାଇବା ପାଇଁ ନୂଆ ରାସ୍ତା ଓ ସେତୁ ନିର୍ମାଣ କରାଯାଉଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରେ ବାଲି ଜମି ରହୁଥିଲେ ମଧ୍ୟ ଏହାର ସଫେଇ ଉପରେ ଧ୍ୟାନ ଦିଆଯାଉନାହିଁ। ବାରଙ୍ଗ ରାସ୍ତା ଦେଇ କଟକ-ଭୁବନେଶ୍ୱର (ଟୁଇନ ସିଟି)କୁ ସଂଯୋଗ କରିବା ପାଇଁ କୁଆଖାଇ ନଦୀର ନରଣପୁରଠାରେ ସେତୁ ଓ କାଠଯୋଡି ନଦୀ ଉପରେ ସୁଭାଷ ସେତୁ ନିର୍ମାଣ କରାଯାଇଛି। ମାତ୍ର ଉଭୟ ସେତୁର ୨ ପାର୍ଶ୍ୱରେ ବାଲି ଜମି ଥିବା ଯୋଗୁ ଅନେକ ସମୟରେ ଦୁର୍ଘଟଣା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନୂତନ ଭାବେ ନିର୍ମିତ ସୁଭାଷ ସେତୁ ୩ ଲାଇନ ବିଶିଷ୍ଟ ହୋଇଥିଲେ ମଧ୍ୟ ବାଲି ଜମିଥିବା ଯୋଗୁ ଅନେକ ସମୟରେ ଦୁର୍ଘଟଣା ହେଉଛି। କିଛିଦିନ ପୂର୍ବେ ଏହି ସେତୁ ପାର୍ଶ୍ୱରେ ପଡିଥିବା ବାଲିରେ ଅଟୋ ଫସିଯିବା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅଟୋ ଚାଳକ ଆହତ ହୋଇଥିଲେ। ସେହିପରି କୁଆଖାଇ ଉପରେ ଥିବା ସେତୁରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ବାଲିର ମୋଟା ଆସ୍ତରଣ ଜମି ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଡିଭିଜନ-୧ର କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଦାସ କହିଛନ୍ତି, ସୁଭାଷ ସେତୁର ଉଭୟ ପାର୍ଶ୍ୱରୁ ଖୁବ୍‌ଶୀଘ୍ର ବାଲି ସଫା ହୋଇଯିବ। ସେହିପରି ଡିଭିଜନ-୨ର ସହକାରୀ ଯନ୍ତ୍ରୀ ଆଶିଷ କୁମାର ନାୟକ କହିଛନ୍ତି, ବାଲିଗାଡି ଯିବାରୁ ରାସ୍ତାରେ ବାଲି ପଡୁଛି। ବାଲିଘାଟ ତରଫରୁ ରାସ୍ତାରୁ ବାଲି ସଫା କରାଯାଉଛି। ଅନ୍ୟ ଯେଉଁ ରାସ୍ତାରେ ବାଲି ଜମିଛି ସେନେଇ ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।



ସୁଭାଷ ସେତୁ ପାର୍ଶ୍ୱରେ ବାଲି ଜମି ରହିଛି।

## ୪୬ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**କଟକ ଅଫିସ:** କଟକ ଲାଲବାଗ ଥାନା ଅନ୍ତର୍ଗତ ଶୈଳବାଳା କଲେଜ ଅଞ୍ଚଳରେ କ୍ୟୁଏଟି ଓ ପୋଲିସ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪୬ ଗ୍ରାମ ବ୍ରାଉନସୁଗାର , ୨ ମୋବାଇଲ ଫୋନ୍ ଓ ୨ ବାଇକ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସିମୁଳିଆ ଅଞ୍ଚଳର ଯଦୁବକ୍ର ଶାହା ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଶେଖ ଜାମସେଦ। ଏ ନେଇ ପୋଲିସ ଏକ ମାମଲା ନଂ.୨୨/୧୦ ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଜି ନେତାଜୀ ଜୟନ୍ତୀ: ଚମକୁଛି ଅନ୍ତୁଡ଼ିଶାଳ

*କଟକ ଅଫିସ, ୨୨।୧:ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ନେତାଜୀଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଓଡ଼ିଆବଜାରସ୍ଥିତ ତାଙ୍କ ବାସଭବନକୁ ସୁସଜ୍ଜିତ କରାଯାଇଛି। ଆଲୋକମାଳାରେ ଏହି କୋଠା ଝଲସୁଛି। ଏଥିସହ ସେଠାକାର ପାର୍କକୁ ବିଶେଷ ଭାବେ ସଜାଯାଇଛି। ଏହା ଏବେ ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି। ଗୁରୁବାର ଭୋର ୪.୩୦ରେ ରାମଧୂନ ଗାନ ପରେ ଲୋକାରଣ୍ୟ ହୋଇପଡ଼ିବ ଏହି ସ୍ଥାନ। ଦିନତମାମ ନେତାଜୀ ଜନ୍ମସ୍ଥାନରେ ରାଜ୍ୟ ତଥା ରାଜ୍ୟ ବାହାରର ନେତାଜୀପ୍ରେମୀଙ୍କ ପାଦ ପଡ଼ିବ। ନେତାଜୀ ଜନ୍ମଗ୍ରହଣ କରିଥିବା ପ୍ରକୋଷ୍ଠରେ ମଧାହ୍ନ ୧୨ଟାରେ ହୋମଯଜ୍ଞ କରାଯିବ ବୋଲି ଜଣାପଡ଼ିଛି।*


ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ଉଦ୍ୟାନ।


ଆଧ୍ୟାତ୍ମିକ ପ୍ରକୋଷ୍ଠ।

### ମୁଖ୍ୟ ଆକର୍ଷଣ ୧୨ନମ୍ବର ପ୍ରକୋଷ୍ଠ

ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଦେଖିବାକୁ ମିଳିବ ନେତାଜୀଙ୍କର ଓଡ଼ିଶା ଏବଂ ଓଡ଼ିଶାର ମାନ୍ୟଗଣ୍ୟ ଲୋକଙ୍କ ସହିତ ସମ୍ପର୍କର ଫଟୋ। ଏହି ସମସ୍ତ ଫଟୋକୁ କୋଠାର ୧୨ନମ୍ବର ପ୍ରକୋଷ୍ଠରେ ଟଙ୍ଗାଯାଇଛି। ନେତାଜୀଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କିତ ଫଟୋ ଓ ସାମଗ୍ରୀ ସହ ପ୍ରଥମଥର ଓଡ଼ିଶା ସହିତ ସମ୍ପର୍କର ଝଲକ ଦେଖିବାକୁ ମିଳିବ। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ବିଭୁଧେନ୍ଦ୍ର ଦାସଙ୍କ ସହ ନେତାଜୀଙ୍କର ସମ୍ପର୍କକୁ ନେଇ ଫଟୋ ଟଙ୍ଗାଯାଇଛି। ଏହାଛଡ଼ା ଛାତ୍ର ଜୀବନରେ ନେତାଜୀଙ୍କ ଆଧ୍ୟାତ୍ମିକ ଗୁରୁ କଟକ ନିତାଇ ଗୌରାଙ୍ଗ ମଠର ସ୍ୱର୍ଗତଃ ରାମଦାସ ବାବାଜୀ ମହାରାଜଙ୍କ ସମ୍ପର୍କିତ ଏକ ଫଟୋ ମଧ୍ୟ ଏଠାରେ ରହିଛି। ତତ୍କାଳୀନ ପୁରୀ ଶଙ୍କରାଚାର୍ଯ୍ୟ ଏବଂ ଏକ ବୈଠକରେ ହରେକୃଷ୍ଣ ମହତାବଙ୍କ ସହ ଭେଟ ସମୟର ଫଟୋ, ରେଭେନ୍‌ଶା କଲିଜିଏଟ ସ୍କୁଲରେ ଏକ ବୈଠକ ସମୟର ଫଟୋ ମଧ୍ୟ ସ୍ଥାନ ପାଇଛି। ନେତାଜୀଙ୍କ ଦ୍ୱାରା ଗଠିତ ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନଏ)ରେ କଟକ ମଙ୍ଗଳାବାଗର ଡ. ଏସ୍ ଅସଦୁଲ୍ଲା ସୁବେଦାର ଭାବେ ନିୟୋଜିତ ହୋଇଥିଲେ। ଅସଦୁଲାଙ୍କ ଫଟୋ ଏଠାରେ ରଖାଯାଇଛି। ଢେଙ୍କାନାଳ ପୋଇପାଳର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ସହ ସମ୍ପର୍କକୁ ମଧ୍ୟ ଫଟୋରେ ସ୍ଥାନ ମିଳିଛି।

### ୱାଲ୍ ପେଣ୍ଟିଂରେ ନେତାଜୀଙ୍କ ସ୍ମୃତି

ନେତାଜୀଙ୍କ ଜୀବନୀକୁ ନେଇ ୱାଲ୍ ପେଣ୍ଟିଂ କରାଯାଇଛି। ୧୮୯୭ ରୁ ୧୯୧୩ ମସିହା ପର୍ଯ୍ୟନ୍ତ କଟକରେ ନେତାଜୀଙ୍କ ରହଣି ସମୟ ଏହି ଚିତ୍ର ଗୁଡ଼ିକରେ ପ୍ରତିଫଳିତ ହୋଇଛି।



ବାଲୁକାଶିଳ୍ପୀ ପ୍ରମୋଦ ପଟ୍ଟନାୟକଙ୍କ ଦ୍ୱାରା ତିଆରି ହୋଇଥିବା ବାଲୁକାକଳା।

**ସଂକ୍ଷେପରେ**

## ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ,୨୨।୧:** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣା ଜିଲା ବାରାକପୁର ଅଞ୍ଚଳର ଦୀପ ରଏ ଏବଂ ପ୍ରଶାନ୍ତ ରଏ। ପୋଲିସ ସେମାନଙ୍କ ନିକଟରୁ ୨୦ କେଜି ଗଞ୍ଜେଇ ଜବତ କରିଛି। ଉଭୟଙ୍କ ବିରୋଧରେ ୨୫/୨୦ରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଚାଉଳିଆଗଞ୍ଜ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଚୋରା ଗଞ୍ଜେଇ କାରବାର ବିଷୟରେ ସୂଚନା ପାଇଥିଲା। ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ କାଳିଆବୁଦା ନିକଟ କାଳୀମନ୍ଦିର ଅଞ୍ଚଳକୁ ଯାଇଥିଲେ। ସେଠାରେ ପୋଲିସ ଅଭିଯୁକ୍ତ ପ୍ରଶାନ୍ତ ଓ ଦୀପଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ଠାବ କରିଥିଲା। ଉଭୟଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଗଞ୍ଜେଇ ମିଳିଥିଲା। ଦୁହେଁ ନିୟମିତ ଟ୍ରେନରେ ପଶ୍ଚିମବଙ୍ଗରୁ ଆସି କଟକର ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ପୋଲିସ ଆଗରେ ପ୍ରକାଶ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ,୨୨।୧(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ନୂତନ କୁସପଙ୍ଗି ପଞ୍ଚାୟତର କାଜୁ ବଗିଚାରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ କୁସପଙ୍ଗି ଗ୍ରାମର ଦୀନବନ୍ଧୁ ରାଉତ। ସୂଚନା ଅନୁଯାୟୀ, ଦୀନବନ୍ଧୁ ମଙ୍ଗଳବାର ସନ୍ଧ୍ୟାରୁ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳୁ ଦୀନବନ୍ଧୁଙ୍କ ମୃତଦେହ କାଜୁ ବଗିଚାରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ଘରକୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦)ରୁଜୁକରି ତଦନ୍ତ ଚଳାଇଛି।

## ଗାଡ଼ି ଧକ୍କାରେ ଟ୍ରକ ଚାଳକ ମୃତ

**ଖୁଣ୍ଟୁଣୀ,୨୨।୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ନିକଟ ଘଣ୍ଟିଖାଲ-ଖୁଣ୍ଟୁଣୀ ରାସ୍ତାର ଦୁର୍ଗା ଠାକୁରାଣୀ ମନ୍ଦିର ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ରତାପାଟ ଗ୍ରାମର ମଙ୍ଗୁଳି ନାୟକ(୪୬)। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ମଙ୍ଗୁଳି ଖୁଣ୍ଟୁଣୀର ଏକ ହୋଟେଲରୁ ଖାଇବା ପରେ ବାଇକ୍‌ରେ ଆରତୀ ଷ୍ଟିଲ କାରଖାନାରେ ଥିବା ଟ୍ରକ ନିକଟକୁ ଯାଉଥିଲେ। ମନ୍ଦିର ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।



ଜାତୀୟ କନ୍ୟା ସନ୍ତାନ ସପ୍ତାହ ଉପଲକ୍ଷେ ଜିଲା ସଦ୍‌ଭାବନା ଗୃହରେ 'ବେଟି ବଚାଓ ଓ ବେଟି ପଢାଓ'ର ଲୋଗୋ ଥିବା ଷ୍ଟିକରକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

## କର୍କଟ ରୋଗ କେନ୍ଦ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଭିଜିଲାନ୍ସ ମାମଲା ହେବ

**କଟକ ଅଫିସ, ୨୨।୧**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହେବ। ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ନିର୍ଦ୍ଦେଶକ ଷଡଙ୍ଗୀ ବେଆଇନ ଉପାୟରେ ଅଧିକ ଦରମା ନେଇଥିବା ନେଇ ସାମାଜିକ କର୍ମୀ ରୋହନ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାନ୍ତିଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍କଟ ରୋଗ କେନ୍ଦ୍ରର ନିର୍ଦ୍ଦେଶକ ନିଯୁକ୍ତି ନିମନ୍ତେ ୨୦୧୪ ମସିହାରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ମନୋନୀତ ପ୍ରାର୍ଥୀ ଯଦି ଚାକିରିରେ ଥା'ନ୍ତି (ଇନ୍‌ସର୍ଭିସ) ତେବେ ତାଙ୍କ ଦରମା ୬୯ ହଜାର ଟଙ୍କା ସହିତ ୧୦ହଜାର ଗ୍ରେଡ୍ ପେ ଏବଂ ଅନ୍ୟ ଭତ୍ତା ସୁବିଧା ପାଇବେ। କିନ୍ତୁ ଯଦି ପ୍ରାର୍ଥୀ ଅବସର ଗ୍ରହଣ ପରେ ଏହି ପଦବୀ ପାଇଥିବେ ତେବେ ୮୦ହଜାର ଟଙ୍କା ସହିତ କନସୋଲିଡେଟେଡ୍ ପେ' ପାଇବେ। ନିର୍ଦ୍ଦେଶକ ଷଡଙ୍ଗୀ ଏହାର ଉଲ୍ଲଂଘନ କରିଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

## ପାରାଦୀପରୁ ନିଖୋଜ ଯୁବକଙ୍କ ମୃତଦେହ ଚୌଦ୍ୱାରରୁ ଉଦ୍ଧାର

**ଚୌଦ୍ୱାର,୨୨।୧(ଡି.ଏନ୍.ଏ.)**

ପାରାଦୀପରୁ ନିଖୋଜ ହୋଇଥିବା ଜଣେ ଯୁବକଙ୍କ ମୃତଦେହ ବୁଧବାର ଚୌଦ୍ୱାର ପୋଲିସ କୟଳପଡା ପଞ୍ଚାୟତ ଶିମିଳିହାଣ୍ଡ ଗ୍ରାମ ହାଟବାଡିଆ ପୋଖରୀରୁ ଉଦ୍ଧାର କରିଛି। ସେ ହେଲେ ପାରାଦୀପ ନୂଆବଜାର ଅଞ୍ଚଳରେ ରହୁଥିବା ଶରତ ଜେନା(୨୨)। ତାଙ୍କ ମୁଣ୍ଡ ଓ ଶରୀରରେ କ୍ଷତ ଚିହ୍ନ ଥିବା ବେଳେ ତାଙ୍କୁ କେହି ହତ୍ୟା କରି ଏଠାରେ ଫୋପାଡି ଦେଇଥିବା ମୃତ ଶରତଙ୍କ ସମ୍ପର୍କୀୟା ପ୍ରତିଭା ବିଶ୍ୱାଳ କହିଛନ୍ତି।

ସୂଚନା ଅନୁଯାୟୀ, ପାରାଦୀପ ଅଞ୍ଚଳର ଜଣେ ଟାଭେରା ମାଲିକଙ୍କ ଗାଡି ଶରତ ଗତ କିଛିଦିନ ହେବ ଚଳାଉଥିଲେ। ଗତ ୧୮ତାରିଖ ରାତି ପ୍ରାୟ ୩ଟାରୁ ସେ ଘରୁ ଯାଇଥିଲେ ମଧ୍ୟ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ମୋବାଇଲ ଫୋନକୁ ବାରମ୍ବାର କଲ କରିଥିଲେ ମଧ୍ୟ ତାହା ସୁଇଚଅଫ ଥିବା ଜାଣିବାକୁ ପାଇଥିଲେ। ଶରତ ନିଖୋଜ ଥିବା ନେଇ ତାଙ୍କ ମା' ରଞ୍ଜିତା ଜେନା ପାରାଦୀପ ମଡେଲ ଥାନାରେ ୧୯ତାରିଖରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ପାରାଦୀପ ଅଞ୍ଚଳର ଜିତେନ୍ଦ୍ର ମହାନ୍ତିଙ୍କୁ ପାରାଦୀପ ପୋଲିସ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରିବା ପରେ ସେ ସମସ୍ତ କଥା ସ୍ୱୀକାର କରିଥିଲା। ବୁଧବାର ପାରାଦୀପ ପୋଲିସ, ଫରେନ୍‌ସିକ୍ ଟିମ୍, ଚୌଦ୍ୱାର ପୋଲିସ ଓ ଜଗତ୍‌ପୁର ଅତିରିକ୍ତ ତହସିଲଦାର ପ୍ରମୁଖ ମିଳିତଭାବେ ଜିତେନ୍ଦ୍ରଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିବାରେ ଶରତଙ୍କୁ ପୋଖରୀରେ ପୋତିଦେଇଥିବା ସ୍ଥାନ ଚିହ୍ନଟ କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପାରାଦୀପ ଆଇଆଇସି ରଜନୀକାନ୍ତ ସାମଲ କହିଛନ୍ତି।

## ଚିଟ୍‌ଫଣ୍ଡ ଠକେଇ: ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୨।୧**

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ଲୋନ୍ କରାଇଦେବାକୁ କହି ସେମାନଙ୍କ ପାଖରୁ ୨କୋଟି ଟଙ୍କା ଠକିଥିବା ଘଟଣାରେ ବୁଧବାର ମର୍କତନଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀଘାଟ ଥାନା ଅଧୀନ ପୁରୁଣା ରାଉସପାଟଣାର ଜଗନ୍ନାଥ ଦାସ (୪୫)। ଜଗନ୍ନାଥ ସିଡିଏସ୍ଥିତ ନାବାର୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ନିଦାନ) ନାମକ ସଂସ୍ଥାରେ ମୁଖ୍ୟ ଭାବେ କାମ କରୁଥିଲେ। ପୋଲିସ ତାଙ୍କ ବିରୋଧରେ ୨୨୦/୧୯ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ପୋଲିସ ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିଲା। ମନୋଜଙ୍କ ନାଁରେ ମର୍କତନଗର ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ଥିବା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୯ ଡିସେମ୍ବର ୧୬ତାରିଖରେ କେନ୍ଦ୍ରାପଡ଼ା ଜିଲାର ଜ୍ୟୋତିର୍ମୟୀ ବେହେରା ଏବଂ ତାଙ୍କ ସାଙ୍ଗରେ ଅନ୍ୟ ୩୦ ରୁ ୪୦ ଜଣ ମହିଳା ଓ ପୁରୁଷ ମର୍କତନଗର ଥାନାରେ ପହଞ୍ଚିଥିଲେ। ସିଡିଏ ଅଞ୍ଚଳରେ ଥିବା ନାବାର୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ନିଦାନ) ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ସେମାନଙ୍କୁ ଲୋନ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକିନେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥାର ମୁଖ୍ୟ ଜଗନ୍ନାଥ ସେମାନଙ୍କୁ ଲୋନ୍ କରାଇଦେବାକୁ କହିଥିଲେ। ତେବେ ଏଥିପାଇଁ ପ୍ରଥମେ କିଛି ଟଙ୍କା ସଂସ୍ଥା ନିକଟରେ ଜମା ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଏଭଳି କରି ଜଗନ୍ନାଥ ଓ ତାଙ୍କ ସହଯୋଗୀମାନେ ପ୍ରାୟ ୨୦୦ଜଣ ଏସ୍‌ଏଚ୍‌ଜି କର୍ମୀଙ୍କ ବିଶ୍ୱାସଭାଜନ ହେବା ସହିତ ସେମାନଙ୍କ ନିକଟରୁ ୨କୋଟି ଟଙ୍କା ଲୋନ ପୂର୍ବରୁ ଜମା ଆକାରରେ ନେଇଯାଇଥିଲେ। ମହିଳାମାନଙ୍କ ମନରେ ଅଧିକ ବିଶ୍ୱାସ ଜନ୍ମାଇବା ପାଇଁ ଜଗନ୍ନାଥ ଲୋନ୍‌ର ପ୍ରଥମ କିସ୍ତି ଆକାରରେ ୧ଲକ୍ଷ ଲେଖାଏଁ ଟଙ୍କା ୫୭ ଜଣଙ୍କ ବ୍ୟାଙ୍କ ଖାତାକୁ ପଠାଇଥିଲେ। ମାତ୍ର ଏହାପରେ ସେ ଆଉ କାହାକୁ ଟଙ୍କା ଦେଇ ନ ଥିଲେ। ତେବେ ସମ୍ପୃକ୍ତ ମହିଳାମାନେ ତାଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ଜଗନ୍ନାଥ ସେମାନଙ୍କୁ ୬ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଉକ୍ତ ଚେକକୁ ନେଇ ସେମାନେ ବ୍ୟାଙ୍କ ଯିବା ପରେ ଚେକ୍‌ଟି ବାଉନ୍ସ ହୋଇଯାଇଥିବା ଜଣାପଡ଼ିଥିଲା।

## କନ୍ଦରପୁର କଲେଜ: ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାତ୍ରୀନିବାସ

**କଟକସଦର, ୨୨।୧(ଡି.ଏନ୍.ଏ.)**

କଟକସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ପରିସରରେ ୨୦୦୬ ମସିହାରେ ଏକ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୩ବର୍ଷ ପରେ ବି ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଏହା ଛାତ୍ରୀମାନଙ୍କ ବ୍ୟବହାରରେ ଲାଗିପାରୁନାହିଁ। ୟୁଜିସି ଅନୁଦାନରେ ଅର୍ଦ୍ଧନିର୍ମିତ କୋଠାର କାମ କିପରି ସରିବ, ଏ ନେଇ କଲେଜ ପ୍ରଶାସନର ଚିନ୍ତା ବଢାଇଛି। ଏ ନେଇ ସୋମବାର କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁଜିସିର ବିନା ଅନୁମତିରେ ଛାତ୍ରୀ ନିବାସ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅନ୍ୟ ପାଣ୍ଠି ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ଆଲୋଚନା ହୋଇଥିଲା। ୟୁଜିସି କର୍ତ୍ତୃପକ୍ଷ ୬୦ଲକ୍ଷ ଟଙ୍କା ବ୍ୟୟରେ ଛାତ୍ରୀନିବାସ ନିର୍ମାଣ ପାଇଁ ଅନୁମତି ଦେଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୨ଲକ୍ଷ ୫୦ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତି ୯ବର୍ଷ ପରେ ତଥା ୨୦୧୫ ମସିହାରେ ଆସିଥିଲା। ଏହାର ନିର୍ମାଣରେ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟ କାର୍ଯ୍ୟ ୧୫ଲକ୍ଷ ଟଙ୍କାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ନାହିଁ। ତେଣୁ ଜାନୁୟାରୀ ୨୭ରେ ୟୁଜିସିର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ହେବାକୁ ଥିବା ସ୍ୱତନ୍ତ୍ର ବୈଠକରେ ଅଧିକ ଅନୁଦାନ ପାଇଁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।



ଏଥିରେ ୟୁଜିସି ରାଜି ନ ହେଲେ ରାଜ୍ୟ ସରକାରଙ୍କ ପାଣ୍ଠି ଟଙ୍କା ଖର୍ଚ୍ଚ କରାଯାଇ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପରିଚାଳନା କମିଟି ସଭାପତି ବେହେରା କହିଛନ୍ତି।

## ଟ୍ରାକ୍ଟର ମାଲିକଙ୍କ ଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ

**କଟକସଦର,୨୨।୧(ଡି.ଏନ୍.ଏ.)**

କାଠଯୋଡି ନଦୀରୁ ବେଆଇନ ଭାବେ ବାଲି ପରିବହନ ଅଭିଯୋଗରେ ବୁଧବାର କଟକସଦର ତହସିଲଦାର ସସ୍ମିତ ଗଡ଼ନାୟକ ଓ ଅତିରିକ୍ତ ତହସିଲଦାର ଧନଞ୍ଜୟ ମହାନ୍ତି ଏକ ଟ୍ରାକ୍ଟର ମାଲିକଙ୍କ ଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ସୂଚନାଥାଉ କି, ଏହି ନଦୀର କଳପଡ଼ା, ଗୋବିନ୍ଦପୁର ଅଞ୍ଚଳରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ଅଭିଯୋଗ ହେଉଥିଲା। ବୁଧବାର ଉକ୍ତ ଟ୍ରାକ୍ଟର ବାଲି ପରିବହନ କରୁଥିବା ବେଳେ ଶ୍ରୀରାମ ଠାରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ଟ୍ରାକ୍ଟରକୁ ଅଟକାଇ ଜରିମାନା କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଖୁଣ୍ଟୁଣୀ,୨୨।୧(ଡି.ଏନ୍.ଏ.)**




ରାଧାଦାମୋଦରପୁର ଶିଳ୍ପ ତାଲିମ୍ କେନ୍ଦ୍ର ଓ ପଲିଟେକ୍‌ନିକ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମ୍ୟାନେଜିଂଟ୍ରଷ୍ଟ ଅଧ୍ୟକ୍ଷ ଇଂ. ସୁବ୍ରତ କୁମାର ଦାସ ମଙ୍ଗଳବାର ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଶାସନିକ ଅଧିକାରୀ ରମଣିରଞ୍ଜନ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ମହାନ୍ତି ଓ ରଘୁନାଥ ସେନାପତି ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦ୍ୱାଦଶ ବାଟାଲିୟନ୍ ଓଡ଼ିଶା ଏନ୍‌ସିସି ଢେଙ୍କାନାଳର ମୁଖ୍ୟ କାର୍ଯ୍ୟ ନିର୍ବାହୀ ବି.ଜେ.ହଜାରିକା, ଇଂ. ଶୁଭେନ୍ଦୁ ଦାସ, ଡିଆଇପି ଅଧ୍ୟକ୍ଷ ଦେବକୀନନ୍ଦନ ମହାନ୍ତି, ଅବସରପ୍ରାପ୍ତ ଡିଏସ୍‌ଡବ୍ଲୁ ସନୀଲ ମହାନ୍ତି ଯୋଗଦେଇ କୃତୀ ଖେଳାଳି ଚିକନୀ ସଏ, ଚୁମିନି ମିଞ୍ଜି, ସଙ୍କେତ ରାଉତ ଏବଂ ଶଶୀ ପୂର୍ତ୍ତିଙ୍କୁ ପୁରସ୍କୃତ କରିଥିଲେ। ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ଏବଂ ଛଅଗାଁ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଭାଗ୍ୟଧର ପ୍ରଧାନ ଓ ସଞ୍ଜୀବ ଦାସ ପରିଚାଳନା କରିଥିଲେ। ଡିଆଇପି ଏବଂ ଡିଆଇସିଟି କ୍ରୀଡ଼ା କମିଟି ପକ୍ଷରୁ ରଶ୍ମିରଞ୍ଜନ ଦାସ, ଅଜୟ ପ୍ରଧାନ, ଆଶିଷ ପଣ୍ଡା, ପ୍ରଦୀପ ରାଉତ, ରସମନ୍ କୁମାର ଶାନ୍ତି, ପ୍ରବୋଧ ସ୍ୱାଇଁ, ଗୀତାଞ୍ଜଳି ଭୟାଁ, ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ଦୀର୍ଘଦିନ ପଡ଼ିରହିଥିବା ମାମଲାର ଶୀଘ୍ର ତଦନ୍ତ କର'

**କଟକ ଅଫିସ,୨୨।୧**

ପୋଲିସ ଡିଜି ଅଭୟ ବୁଧବାର ବିଭିନ୍ନ ଜିଲାର ଏସ୍‌ପି, ସିପି, ଡିସିପିଙ୍କ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ମୋ' ସରକାର ଏବଂ ୫ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଥାନାରେ ୫-ଟି ଯୋଜନାରେ ଆସୁଥିବା ଇନ୍‌ସ୍ୟୁରାନ୍ସ ମ୍ୟାନେଜମେଣ୍ଟ ବ୍ୟବସ୍ଥା, ମେଡିକୋ ଲିଗାଲ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ।


ବୈଠକରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଡିଜିପି ଅଭୟ ଆଲୋଚନା କରୁଛନ୍ତି।

ଥାନାରେ ଦୀର୍ଘଦିନ ଧରି ପଡ଼ିରହିଥିବା ମାମଲାର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ବିହୀନ ଗିରଫ ପରୱାନାଗୁଡ଼ିକୁ କାର୍ଯ୍ୟକାରୀ କରିବା, ଜିଲାସ୍ତରରେ ଏଏସ୍‌ଆଇ, ଲାନ୍ସ ନାୟକ, ହାବିଲଦାରଙ୍କୁ ଠିକ ସମୟରେ ପଦୋନ୍ନତି ଦେବା ପାଇଁ ଡିପିସି ବସାଇବା, ପୋଲିସ ପଦକ ପାଇଁ

**ଭିଡିଓ କନ୍‌ଫରେନ୍ସରେ ଡିଜିପିଙ୍କ ବୈଠକ**

ନାମ ତାଲିକା ପଠାଇବା, ଖାଲି ପଡ଼ିଥିବା ପଦ ପୂରଣ, ଥାନା ଗୃହ ନିର୍ମାଣ, ଅର୍ଥ ବିନିଯୋଗ, ରାଜ୍ୟ ସରକାର ଦେଉଥିବା ଅର୍ଥର ଖର୍ଚ୍ଚ ହିସାବ ଦାଖଲ କରିବାକୁ ଡିଜିପି ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଭିଡିଓ କନଫରେନ୍ସ ସମୟରେ ଅତିରିକ୍ତ ପୋଲିସ ଡିଜି ଭି.ଟି. ମିଶ୍ରଙ୍କ ସମେତ ସୌମେନ୍ଦ୍ର ପ୍ରିୟଦର୍ଶୀ, ରେଖା ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ

## ସଂକ୍ଷେପରେ

### ହାତୀ ଭାଙ୍ଗିଲା ଘର, ନଷ୍ଟ କଲା ପନିପରିବା

**ଖୋର୍ଦ୍ଧା ଅଫିସ, ୨୨।୧:** ଖୋର୍ଦ୍ଧା ରେଞ୍ଜ ପଲ୍ଲାତୋଟାପଡା ପଞ୍ଚାୟତ ହଳଦୀପଦା ଗାଁରେ ବୁଧବାର ରାତିରେ ହାତୀ ଉତ୍ପାତ ଦେଖାଦେଇଛି। ଏକ ଦନ୍ତାହାତୀ ଗାଁରେ ପଶି ସୁରଥ ନାୟକଙ୍କ ଘର ଭାଙ୍ଗି ଦେଇଛି। କେତେଜଣ ଲୋକଙ୍କ ବାରିରେ ହୋଇଥିବା ପନିପରିବା ଓ ବଗିଚାକୁ ହାତୀ ନଷ୍ଟ କରି ଦେଇଛି। ପୁଣି ଖଳାରେ ଥିବା ଧାନ ବି ଖାଇ ଦେଇଛି। ହାତୀ ଘଉଡାଇବା କାର୍ଯ୍ୟରେ ଗାଁ ଲୋକ ଓ ବନବିଭାଗର ୨ଟି ଟମ୍ ଲାଗି ପଡିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ହାତୀ ଗାଁ ଛାଡି ବାହାରକୁ ଯାଇ ନ ଥିଲା।

### ମକରମେଳାରେ ବୁକ୍ ଷ୍ଟଲ୍

**ଖୋର୍ଦ୍ଧା ଅଫିସ, ୨୨।୧:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ଜମାତ ପକ୍ଷରୁ ଅତ୍ରି ମକର ମେଳାଠାରେ ଏକ ବୁକ୍ ଷ୍ଟଲ ହୋଇଛି। ଏହି ବୁକ୍ ଷ୍ଟଲରେ ଧାର୍ମିକ, ନୈତିକ, ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଭିନ୍ନ ଜ୍ଞାନାତ୍ମକ ଶିକ୍ଷଣୀୟ ଇଂରାଜି, ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆ ଭାଷାର ପବିତ୍ର କୋରାନର ଓଡ଼ିଆ ଅନୁବାଦ ଗ୍ରନ୍ଥ ସ୍ଥାନ ପାଇଛି। ଖୋର୍ଦ୍ଧା ଓ ନୟାଗଡ଼ର ହ୍ୟୁମାନିଟି ଫାଷ୍ଟ ସଂସ୍ଥାର ସଭାପତି ତଥା କେରଙ୍ଗ ମହିମୁଦାବାଦ ଯୁବ ସଙ୍ଗଠନର ସଭାପତି ସେଫୁର ଅହମ୍ମଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଷ୍ଟଲର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ମୌଲାନା କରାମତ ଅହମ୍ମଦ ଖାଁ, ମୌଲାନା ଖେଜର ହୟାତ, ମୌଲାନା ସାହାଦତ ଖାଁ ଏବଂ ସେକ ସୁଲେମାନ ଯୋଗ ଦେଇଥିଲେ।

### ରେନ୍‌ବୋ କପ୍ କ୍ରିକେଟ: ଫାଇନାଲରେ କୁମାରବସ୍ତ, କେସିସି

**ଖୋର୍ଦ୍ଧା ଅଫିସ, ୨୨।୧:** ସାରୁଅ ପଞ୍ଚାୟତର ପତନୀବର ଖେଳପଡିଆରେ ରେନ୍‌ବୋ କପ କ୍ରିକେଟ ଚାଲିଛି। ଏହାର ୫ମ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୧୯ ରନରେ ଦିଶା ବୈଦେଶ୍ୱରକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ୨ୟ ସେମି ଫାଇନାଲ ମ୍ୟାଚରେ କଳିଙ୍ଗ କ୍ରିକେଟ କ୍ଲବ ଖୋର୍ଦ୍ଧା ୧ ଉଇକେଟରେ ନଁପୁଟ କ୍ରିକେଟ କ୍ଲବକୁ ପରାସ୍ତ କରି କୁମାରବସ୍ତ ସହ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଥମ ସେମି ଫାଇନାଲରେ ବିଜୟୀ କୁମାରବସ୍ତ ଦଳର ସୁଶାନ୍ତ ପଣ୍ଡା ୩୪ ବଲରେ ୧୦୭ ରନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ୨ୟ ସେମି ଫାଇନାଲରେ କଳିଙ୍ଗ ଦଳର ସୁରେନ୍ଦ୍ର ଚମ୍ପତି ୨୯ ବଲରେ ୬୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ଭାଗୀରଥି ବେହେରା, ମନୋଜ ପାଇକେରା, ହେମନ୍ତ ବଳିଆରସିଂ ଓ ସୁଶାନ୍ତ ପାଇକେରା ଖେଳ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଟାଙ୍ଗୀ (ଖୋର୍ଦ୍ଧା), ୨୨।୧ (ଡି.ଏନ.ଏ.) :** ଟାଙ୍ଗୀ ଥାନା ଅନ୍ତର୍ଗତ ହାଟବରଡିସ୍ଥିତ ଚିଲିକା ଉଚ୍ଚ ବିଦ୍ୟାପୀଠର ୧୯୯୫ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନ ସମାରୋହ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚର ସଭାପତି ଅଖିଳ ବିଶ୍ୱାଳ, ସମ୍ପାଦକ ଦଣ୍ଡପାଣି ବେହେରା ଓ କୋଷାଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳଙ୍କ ସକ୍ରିୟ ଉଦ୍ୟମରେ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାପୀଠର ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକମାନଙ୍କ ସହ ଦୀର୍ଘ ବ୍ୟବଧାନ ପରେ ପୁରାତନ ଛାତ୍ରୀଛାତ୍ରମାନେ ଏକତ୍ର ମିଶିବାର ସୁଯୋଗ ପାଇଥିଲେ। ଦୀର୍ଘବର୍ଷ ପରେ ଏକତ୍ରିତ ହୋଇଥିବାରୁ ପରସ୍ପର ମଧ୍ୟରେ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ବିଦ୍ୟାପୀଠର ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ୩୦୦୧ ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଥିଲେ। ପ୍ରତ୍ୟେକ ବର୍ଷ ଏହି ପରମ୍ପରାକୁ ବଜାୟ ରଖି ବନ୍ଧୁମିଳନ ଉତ୍ସବ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ସମସ୍ତଙ୍କ ସହ ଯୋଗାଯୋଗ ରଖିବାକୁ ରୀନା ହରିଚନ୍ଦନ ଓ ହରପ୍ରିୟା ଶ୍ରୀଚନ୍ଦନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।

# ୪ ବିଡିଓ, ଦଲାଲଙ୍କୁ କ୍ଲିନ୍‌ଚିଟ୍, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

## ଫସିପାରନ୍ତି ତଦନ୍ତକାରୀ ଅଧିକାରୀ, ପିଡି ଡିଆର୍‌ଡିଏ

### ପୋଡ଼ାଡ଼ିହ ପଞ୍ଚାୟତ ଆବାସ ଦୁର୍ନୀତି

**ଖୋର୍ଦ୍ଧା ଅଫିସ, ୨୨।୧:**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ହୋଇଥିଲା। ଏହି ଘଟଣାରେ ୪ ବିଡିଓ, ଦଲାଲ ଓ ଜଣେ ସରପଞ୍ଚଙ୍କୁ କ୍ଲିନଚିଟ୍ ଦିଆଯିବା ପରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିଭଳି ସେ ସମୟର ବେଗୁନିଆ ବ୍ଲକର ବଡବାବୁ, ସହକାରୀ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ସମ୍ପୃକ୍ତିର ଅଭିଯୋଗ ଥିଲେ ସେମାନଙ୍କୁ ବି ମାଫ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଅଭିଯୋଗକାରୀ ବେଗୁନିଆ ବ୍ଲକ ପୋଡାଡିହ ଗାଁର ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବା ସହ ଭୁବନେଶ୍ୱର ଲୋଏର ପିଏମ୍‌ଜିରେ ଆମରଣ ଅନଶନ କରିଥିଲେ। ବିଭୂତିଙ୍କ ଧାରଣା ପରେ ତଦନ୍ତକାରୀ ଅଧିକାରୀ ଏପିଡି, ପିଡି ଡିଆରଡିଏ ଫସି ପାରନ୍ତି। କାରଣ ଆବାସ ଦୁର୍ନୀତିରେ ଯଦିଓ କାର୍ଯ୍ୟାନୁଷ୍ଠାନ ହୋଇଛି, ତେବେ ଅନେକ କ୍ଲିନଚିଟ୍ ପାଇବା ଘଟଣା ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ, ୨୦୧୬-୧୭ ରୁ ୨୦୧୯-୨୦ ଆର୍ଥିକବର୍ଷ ମଧ୍ୟରେ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିଲା। ଏହି ପଞ୍ଚାୟତରେ ଏକାଧିକ ଦମ୍ପତି ଆବାସ ଯୋଜନାରେ ଘର ହାତେଇଥିଲେ। ଛାତ ଘର ଥିବା ଲୋକ କାର୍ଯ୍ୟାଦେଶ ପାଇଥିବାବେଳେ ପୁରୁଣା ଘରକୁ ନୂଆ ଦେଖାଇ ବିଲ୍ କରି ନେଇଥିଲେ। ଅନ୍ୟପକ୍ଷେ ଦୁର୍ନୀତିର ଗୁମର ଖୋଲିବାକୁ ବିଭୂତ ଏକାଧିକ ଥର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଶେଷରେ ୨୦୧୯ ଡିସେମ୍ବର ୨୧ରେ ଜିଲା ପ୍ରଶାସନ ପକ୍ଷରୁ ନାରାୟଣ ଜେନା, କେଦାର ବେହେରା ଓ ଜୟଦେବ ସୁବୁଦ୍ଧି ପ୍ରମୁଖ ୩ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଖୋର୍ଦ୍ଧା ଜିଲାପାଳ ନିଲମ୍ବନ କରିଥିଲେ। ସେହିଭଳି ବିଡିଓ ରବି ନାରାୟଣ ମାଝି ଓ ଏବିଡିଓ ମହେନ୍ଦ୍ର ଜେନାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନଷ୍ଠାନ ନେବାକୁ ସରକାରଙ୍କୁ ସୁପାରିସ କରିଥିଲେ। ଏ ଯାବତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟପକ୍ଷେ ୭୯ ଜଣ ହିତାଧିକାରୀଙ୍କଠାରୁ କାର୍ଯ୍ୟାଦେଶରେ ଦିଆଯାଇଥିବା ଅନୁଦାନ ଫେରାଇ ଅଣାଯିବ ବୋଲି ଜିଲାପାଳ ସିତାଂଶୁ କୁମାର ରାଉତ ଓ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ସୂଚନା ଦେଇଥିଲେ। ପରେ କାର୍ଯ୍ୟାନୁଷ୍ଠାନ ଶୀତଳଭଣ୍ଡାରରେ ରହିଯାଇଛି। ସେହିଭଳି ତଦନ୍ତକାରୀ ଅଧିକାରୀ ଏପିଡି ଦଲାଲଙ୍କୁ ସାଙ୍ଗରେ ନେଇ ଆବାସ ଦୁର୍ନୀତିର ତଦନ୍ତ କରିଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ୨୦୧୬-୧୭ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ୫ ଜଣ ବିଡିଓ ଓ ଜଣେ ତହସିଲଦାର ବିଡିଓଙ୍କ ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ଆବାସ ଦୁର୍ନୀତି ହୋଇଛି। ତେବେ ୨ ଜଣ ବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ପ୍ରଶାସନ ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟ ୪ ଜଣଙ୍କୁ କ୍ଲିନଚିଟ୍ ଦିଆଯିବାର କାରଣ କ'ଣ ହୋଇପାରେ ବୋଲି ପ୍ରଶବାଚୀ ସୃଷ୍ଟି କରିଛି। ପୁଣି ଦଲାଲି ପ୍ରୀତି ମଧ୍ୟ ଅବଗତ କରାଯାଇଛି। ଏ ସମ୍ପର୍କରେ ଖୋର୍ଦ୍ଧା ପିଡି ଡିଆରଡିଏ ଦିଗନ୍ତ ରାଉତାରାୟଙ୍କ ଗଣମାଧ୍ୟମକୁ ଦେଇଥିବା ସୂଚନା ମଧ୍ୟ ଆବାସ ଯୋଜନାକୁ ସ୍ୱଚ୍ଛତା କରିପାରିନାହିଁ। ଦଲାଲଙ୍କ ବିରୋଧରେ କୌଣସି ହିତାଧିକାରୀ ତଥ୍ୟ ଉପସ୍ଥାପନ ନ କରିବାରୁ କାର୍ଯ୍ୟାନୁଷ୍ଠାନ ହେଲାନାହିଁ ବୋଲି ସେ କହିଥିଲେ। ପୁଣି ମିଥ୍ୟା ସତ୍ୟପାଠ ଦେଇ ଆବାସ ଯୋଜନାରେ ଘର ହାତେଇଥିବା ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ କହିଥିଲେ ମଧ୍ୟ ଫାଇଲ ଶୀତଳଭଣ୍ଡାରରେ ପଡି ରହିଛି।

### ଗାଈ ନ ଥାଇ ଗୁହାଳ ନାଁରେ ବିଲ୍

ପୋଡାଡିହ ପଞ୍ଚାୟତରେ ଗାଈ ନ ରଖି ଗୁହାଳ ନାଁରେ ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବାର ଅଭିଯୋଗ ହୋଇଛି। ଗୁହାଳ ପାଇଁ ୩୫ ହଜାର ଅନୁଦାନ ଦିଆଯାଇଥିଲା। ତେବେ ଗୁହାଳ ନ କରି ବିଲ୍ ହୋଇଥିବାରୁ ଜଣେ ହିତାଧିକାରୀ ୧୦ରୁ ୨୦ ହଜାର ଟଙ୍କା ଦେଇ ସରକାରୀ ଅନୁଦାନ ହାତେଇ ଥିବା ଅଭିଯୋଗ ରହିଛି। ଗୁହାଳ ଦୁର୍ନୀତିରେ ରାଜନେତା, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଦଲାଲଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି।

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

### ବାଲୁଗାଁ ଚିଲିକା କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲୁଗାଁ,୨୨।୧ (ଡ଼ି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ଚିଲିକା କୂଳରୁ ବୁଧବାର ପ୍ରତ୍ୟୁଷରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ସ୍ଥାନୀୟ ବିଷ୍ଣୁଡ଼ିହ ଗ୍ରାମର ନକୁଳ ସାହୁଙ୍କ ପୁଅ ମୁକେଶ (୨୨)।

ଖବର ନେବାରୁ ଜଣାଯାଇଛି ଯେ, ଗତ ସୋମବାର ଅପରାହ୍ନରେ ମୁକେଶ ତାଙ୍କ ବନ୍ଧୁଙ୍କ ସହ ବାଇକ୍ ଯୋଗେ ବାଲୁଗାଁ ଆସିଥିଲେ। ହେଲେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଫୋନ୍ ମଧ୍ୟ ବନ୍ଦ ଥିଲା । ମଙ୍ଗଳବାର ସକାଳୁ ଏକ ବାଇକ୍ ବାଲୁଗାଁ ଚିଲିକା କୂଳରେ ପଡ଼ିଥିବା ଖବରପାଇ ପରିବାର ଲୋକେ ପହଞ୍ଚି ତାହା ତାଙ୍କ ପୁଅର ବୋଲି ଚିହ୍ନଟ କରିଥିଲେ । ତେବେ ମୁକେଶ ଗାଡ଼ି ଛାଡ଼ି କୁଆଡ଼େ ଗଲେ ସେ ନେଇ ସନ୍ଦେହ ଉପୁଜିଥିଲା । ପରିବାର ପକ୍ଷରୁ ଏ ସମ୍ପର୍କରେ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଅନୁସନ୍ଧାନ ଜାରି ରଖିଥିବା ବେଳେ ବୁଧବାର ଭୋରୁ ବାଲୁଗାଁ ଚିଲିକା କୂଳ ଜେଟିପାର୍ଶ୍ୱ ପାଣିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ପହଞ୍ଚି ମୁକେଶକୁ ଚିହ୍ନଟ କରିଥିଲେ। ପରେ ଥାନା ଅଧିକାରୀ ରମାକାନ୍ତ ମହାଲିକ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ଜବତ କରିଥିଲେ। ପରିବାର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ୍ ପ୍ରାଥମିକ ପର୍ଯ୍ୟାୟରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି । ରିପୋର୍ଟକୁ ଭିତ୍ତିକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମହାଲିକ୍ କହିଛନ୍ତି।

# ଭାଇଚାରା ସମ୍ପର୍କକୁ ସୁଦୃଢ଼ କରେ ମହୋତ୍ସବ



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

### ୯ମ ପାଞ୍ଚଗଡ଼ ମହୋତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୨୨।୧(ଡି.ଏନ୍.ଏ.)-** ବୋଲଗଡ଼ ବ୍ଲକ ବଡକୁମାରୀ ଗ୍ରାମ ଉପକଣ୍ଠରେ ବିଜେ କରିଥିବା ପ୍ରଭୁ ନୀଳକଣ୍ଠେଶ୍ୱର ଦେବ ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ୯ମ ବାର୍ଷିକ ପାଞ୍ଚଗଡ଼ ମହୋତ୍ସବ। ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତଃନିର୍ହିତ ପ୍ରତିଭା ଅନ୍ୱେଷଣରେ ପ୍ରତିବର୍ଷ ଭଳି ମହୋତ୍ସବ ପାଞ୍ଚଗଡ଼ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହୋଇଛି। ସନ୍ଧ୍ୟାର ଅନୁଷ୍ଠିତ ସାଧାରଣସଭାରେ ମହୋତ୍ସବ କମିଟିର ଅଧକ୍ଷ ଡ. ପ୍ରକାଶ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ଅନ୍ନବ୍ରହ୍ମ ସଂସ୍ଥାନର ସମ୍ପାଦକ ସାମାଜିକ କର୍ମୀ ସଞ୍ଜୀବ କୁମାର ପାଇକରାୟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ଶିକ୍ଷାନୁଷ୍ଠାନ ସମୂହର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ କାଳୀ ଚରଣ ଜୟସିଂହ ଯୋଗଦେଇ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ପ୍ରଧାନ, ମଞ୍ଚ ନାଟ୍ୟ ନିର୍ଦ୍ଦେଶକ ବସନ୍ତ କୁମାର ଉତ୍ତରକବାଟ ପ୍ରମୁଖଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ମଞ୍ଚାସୀନ ଥିଲେ। ସାଂସ୍କୃତିକ ଜୀବନରେ ଏଭଳି ମହୋତ୍ସବ ଦ୍ୱାରା ଭାଇଚାରର ସମ୍ପର୍କକୁ ସୁଦୃଢ଼ କରିପାରୁଛି ମୁଖ୍ୟ ଅତିଥି ପାଇକରାୟ କହିଥିଲେ। ମହୋତ୍ସବ କମିଟିରେ କାର୍ଯ୍ୟକାରୀ ସଭାପତି ବସନ୍ତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ସୁନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ବଡକୁମାରୀ ଗ୍ରାମର ରାଧା ନାୟକ ଓ ସାଥୀଙ୍କ ସଙ୍କୀର୍ତ୍ତନ, ପ୍ରେମାନନ୍ଦ ଦଳେଇ ଓ ସାଥୀଙ୍କ ଦ୍ୱାରା ଖଞ୍ଜଣୀ ଭଜନ, ବାଙ୍କୋଇ ଗ୍ରାମର ପ୍ରଫୁଲ୍ଲ ସାମନ୍ତରାୟ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ସେହିପରି ଖୋର୍ଦ୍ଧାର କଳାଶ୍ରୀ ନୃତ୍ୟାଳୟ କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ, ଖଉରୁଣୀ ଗ୍ରାମର ପାଇକ ସାମରିକ କଳା ପ୍ରଦର୍ଶନ ଅକର୍ଷଣୀୟ ଥିଲା। ଟେଲିଭିଜନ କଳାକାର ରାହୁଲ ଏବଂ ଭୂମି ଅଭିନୟ କରୁଥିବା କଳାକାରଙ୍କ ମଞ୍ଚ ଉପରେ ସଂଳାପ ସହ ଅଭିନୟ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲା।

# ଭିନ୍ନକ୍ଷମ ସାମାଜିକ କର୍ମୀଙ୍କୁ ହତ୍ୟା ଉଦ୍ୟମ

## ଦୁର୍ନୀତିର ପର୍ଦ୍ଦାଫାଶ ମହଙ୍ଗା ପଡ଼ିଲା

**ଖୋର୍ଦ୍ଧା ଅଫିସ, ୨୨।୧:**

ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାରେ ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ପୋଡାଡିହର ଭିନ୍ନକ୍ଷମ ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶଙ୍କୁ ମାରପିଟ୍ କରି ଜୀବନରେ ମାରିଦେବାକୁ ମଙ୍ଗଳବାର ଉଦ୍ୟମ ହୋଇଛି। ଜଣେ ସରପଞ୍ଚ, ତାଙ୍କ ସମ୍ପର୍କୀୟ ଭାଇଙ୍କ ପ୍ରରୋଚନାରେ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମିଳିତ ଭାବେ ଗାଳିଗୁଲଜ କରି ଉପରେ ବାଇକ୍ ମଡାଇ ଦେଇଥିଲେ। ଥାନାରେ ଅଭିଯୋଗ କଲେ ହତ୍ୟା କରିବାର ଧମକ ଦେଇଛନ୍ତି। ଏପରି କି କିଛି ଲୋକ ଠେଙ୍ଗାବାଡି ଧରି ଘର ସମ୍ମୁଖରେ ଜଗି ରହିଥିଲେ। ତେବେ ବିଭୂତି ଭାଙ୍ଗି ନ ପଡି ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବିଭୂତିଙ୍କୁ ସୁରକ୍ଷା ଦେଇଛି। ଏ ନେଇ ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ କୁହନ୍ତି ଆକ୍ରମଣକାରୀ ତାଙ୍କୁ ଯେତେ ଭୟଭୀତ କରାଇଲେ ସେ ପଛକୁ ହଟିବେ ନାହିଁ। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ନୀତିର ପର୍ଦ୍ଦାଫାଶ ହେବା, ବେଆଇନ ଭାବେ ନେଇଥିବା ଟଙ୍କା ରାଜକୋଷକୁ ଫେରିବା ଓ ଦୁର୍ନୀତିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୋ ଉପରେ ହୋଇଥିବା ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲା ଯାଏ ମୁଁ ଚୁପ ହୋଇ ବସିବି ନାହିଁ।

# ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ



ପଲ୍ଲୀ ମହୋତ୍ସବକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

**ଖୋର୍ଦ୍ଧା ଅଫିସ, ୨୨।୧**

ଖୋର୍ଦ୍ଧା ବ୍ଲକ ଜଟଣୀ ନିର୍ବାଚନମଣ୍ଡଳୀର ମଲ୍ଲୀପୁର ପଞ୍ଚାୟତ ବିକୁଡିଆ ସ୍କୁଲ ଖେଳପଡିଆରେ ପ୍ରଥମ ଥର ପାଇଁ ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ହୃଷୀକେଶ ଲେଙ୍କା ଉଦ୍‌ଘାଟନ କରିଥିଲେ। ରଘୁନାଥ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ବିଜୟିନୀ ବେହେରା, ମଲ୍ଲୀପୁର ସରପଞ୍ଚ ବିଜୟ ଦାସ, ସମିତି ସଭ୍ୟ ଦୁଷ୍ମନ୍ତ ମହାନ୍ତି, ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ, ହଳଦିଆ ସରପଞ୍ଚ ଶୋଭନ କୁମାର, ସମିତିସଭ୍ୟ ସୁକାନ୍ତ ଭଞ୍ଜ, ପୁରୁସାହି ସରପଞ୍ଚ ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଧୀରେନ୍ଦ୍ର ନନ୍ଦ ବିବରଣୀ ପାଠ ସହ ମହୋତ୍ସବ ସମ୍ପର୍କରେ ଟିପ୍ପଣୀ ରଖିଥିଲେ।

# ନିର୍ଯାତନା ସହି ନ ପାରି ବୋହୂଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ, ୨୨।୧:**

ଶାଶୁଶ୍ୱଶୁରଙ୍କ ନିର୍ଯାତନା ଅସହ୍ୟ ହେବା ପରେ ଖୋର୍ଦ୍ଧା ଆଦର୍ଶ ଥାନା ଦ୍ୱାରିକାନଗରର ସୌଦାମିନୀ ପ୍ରଧାନ(୩୦) ନାମ୍ନୀ ବୋହୂ ନିଜ ଦେହରେ କିରୋସିନ ଢ଼ାଳି ହୋଇ ଆତ୍ମହତ୍ୟା କରିଛନ୍ତି। ସୌଦାମିନୀଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ଅଂଶ ଜଳି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବୁଧବାର ସନ୍ଧ୍ୟାରେ ସୌଦାମିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କଟକ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଦର୍ଶ ଥାନା ଆଇଆଇସି ଉମା ପ୍ରସାଦ ସିଂ ସୂଚନା ଦେଇଛନ୍ତି। ଅଭିଯୋଗ ପାଇ ଆଦର୍ଶ ଥାନା ପୋଲିସ ସୌଦାମିନୀଙ୍କର ଜମାନ ବନ୍ଦୀ ଲିପିବଦ୍ଧ କରି ତଦନ୍ତ ଆରମ୍ଭ କରଥିଲା। ପ୍ରାୟ ୩ ମାସ ତଳେ ତାଙ୍କ ସ୍ୱାମୀ ଲଳିତ ଆତ୍ମହତ୍ୟା କରିଥିଲେ। ଲଳିତଙ୍କ ମୃତ୍ୟୁ ପରେ ସୌଦାମିନୀଙ୍କ ଉପରେ ଶାରୀରିକ ନିର୍ଯାତନା ଆରମ୍ଭ ହୋଇ ଯାଇଥିଲା। ନିର୍ଯାତନା ବଢ଼ିବାରୁ ବାଧ ହୋଇ ଘରେ ଥିବା କିରୋସିନ ଢ଼ାଳି ହୋଇ ମରିବାକୁ ଉଦ୍ୟମ କରିଥିଲେ ବୋଲି ସୌଦାମିନୀ ମୃତ୍ୟୁ ପୂର୍ବରୁ ଗଣମାଧ୍ୟମକୁ କହିଥିଲେ।

# ୩୦ ଗ୍ରାମ ବ୍ରାଉନସୁଗାର ଜବତ: ଯୁବକ ଗିରଫ

**ପୁରୀ ଅଫିସ, ୨୨।୧:**

ପୁରୀ ଅବକାରୀ ପୋଲିସ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରୁ ଜଣେ ଯୁବକଙ୍କୁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଗିରଫ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଞ୍ଚଳର ସେବକ ସାହୁପଡ଼ାର ଗଗନ ସାହୁ (୨୭)। ତାଙ୍କଠାରୁ ୩୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗଗନ ଭୁବନେଶ୍ୱର ପଟୁ ବସ୍‌ରେ ଆସି ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ କିଛି ଦୂରରେ ରାସ୍ତାକଡରେ ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଏହି ଖବର ପାଇ ପୂର୍ବରୁ ଛକିଥିବା ପୁରୀ ଅବକାରୀ ପୋଲିସ ଗ୍ରାହକ ସାଜି ତାଙ୍କ ନିକଟରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ସାହୁ, ସଦର ଥାନା ଭାରପ୍ରାପ୍ତ ଅଧିକାରୀ ମୁରଲୀଧର ସାହୁ, ଏଏସ୍‌ଆଇ ମହେଶ୍ୱର ମହାନ୍ତି, କନଷ୍ଟେବଳ ଲକ୍ଷ୍ମୀଧର ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ଇପିଏଫ୍ ପେନ୍‌ସନଭୋଗୀଙ୍କ ବୈଠକ

## ୩ ଦଫା ଦାବି ପୂରଣ ନେଇ ଆଲୋଚନା

**ଖୋର୍ଦ୍ଧା ଅଫିସ, ୨୨।୧:**

ଇପିଏଫ୍ ପେନ୍‌ସନଭୋଗୀଙ୍କର ବୈଠକ ଖୋର୍ଦ୍ଧା ଜିଲା ସଦର ମହକୁମାର ମଙ୍ଗଳା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଇପିଏଫ୍ ପେନ୍‌ସନଭୋଗୀ ଯୋଗଦେଇଥିଲେ। ମାସିକ ପେନସନ୍ ୧ ହଜାର ବଦଳରେ ୭,୫୦୦ ଟଙ୍କାକୁ ବୃଦ୍ଧି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ୍ ଲାଗୁ, ଇପିଏଫ୍ ପେନସନର୍ସଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା କରିବାକୁ ଦାବି କରାଯାଇଛି। ଏ ନେଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଶ୍ରମମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଶ୍ରମ ସଚିବ, ସେଣ୍ଟ୍ରାଲ ପ୍ରୋଭିଡ୍ରେଣ୍ଟ ଫଣ୍ଡ କମିଶନର, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏଥିରେ ରାଜ୍ୟ ସଭାପତି ରଞ୍ଜନ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ପ୍ରମୁଖ ଯୋଗଦେଇ ଆଲୋଚନାରେ ସାମିଲ ହୋଇଥିଲେ।



ବୈଠକରେ ଯୋଗ ଦେଇଥିବା ଇପିଏଫ ସଦସ୍ୟମାନେ ।

# ଗୋଟିଏ କୋଠରିରେ ୪ ଅଙ୍ଗନୱାଡ଼ି କେନ୍ଦ୍ର

### ଭଲ ପରିବେଶ ନ ଥାଇ ରନ୍ଧା ହେଉଛି ଖାଦ୍ୟ

**ନିରାକାରପୁର,୨୨।୧(ଡି.ଏନ.ଏ.):**

ଶିଶୁଙ୍କ ଯତ୍ନ ପାଇଁ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ସେମାନଙ୍କୁ ନିଜସ୍ୱ ଗୃହ ଓ ଆନୁଷଙ୍ଗିକ ଖାଦ୍ୟପେୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷ ଯୋଗେଇ ଦିଆଯାଉଛି। ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ଡିଆ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ନିଜସ୍ୱ ଗୃହ ନ ଥିବାରୁ ୪ ଅଙ୍ଗନୱାଡି କେନ୍ଦ୍ର ଡିଆ ସ୍କୁଲର ଗୋଟିଏ କୋଠରିରେ ଚାଲିଛି। କେନ୍ଦ୍ରଗୁଡିକ ହେଲା ଭୋଇସାହି-କୋଲସାହି, ଭଦ୍ରସାହି-ଦଳିତସାହି, ଡିଆ ଓ ଡିଆ ବ୍ରାହ୍ମଣସାହି। ଅନ୍ୟପକ୍ଷେ ଶ୍ରେଣୀଗୃହ ଅଭାବରୁ ସ୍କୁଲ ପାଇଁ ମଧ୍ୟ ସମସ୍ୟା ଉପୁଜୁଛି। ଏହା ସାଙ୍ଗକୁ ରୋଷେଇ ପାଇଁ ଘର ନାହିଁ। ତେଣୁ ଶିଶୁଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଭଙ୍ଗା ଘର ଓ ଖୋଲା ଆକାଶ ତଳେ ଚାଲିଛି। କେତେବେଳେ ଯେ ପ୍ରସ୍ତୁତ ଖାଦ୍ୟ ପିଲାଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ବୁଝିବାକୁ ସେଠାକୁ ଗଲାବେଳକୁ ୪ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଅନୁପସ୍ଥିତ ଥିଲେ। କେବଳ ହେଲପରମାନେ ରୋଷେଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ଏଭଳି ଅବ୍ୟବସ୍ଥା ସମ୍ପର୍କରେ ପଚାରିବାରୁ କେହି ମୁହଁ ଖୋଲି ନ ଥିଲେ। ଏ ନେଇ ଟାଙ୍ଗୀ ବ୍ଲକ ସିଡିପିଓ ସ୍ନେହଲତା ନାୟକଙ୍କୁ ପଚାରିବାରେ ଘର ପାଇଁ ଟଙ୍କା ଆସିସାରିଛି। କିନ୍ତୁ ଗୃହ ପାଇଁ ଯେଉଁ ଜାଗା ଦେଖାଯାଇଛି ତାହା ପୋଖରୀ କୂଳରେ ଅବସ୍ଥିତ। ଏହି କାରଣରୁ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କରାଯାଇ ପାରୁନାହିଁ। ତେଣୁ ଆସିଥିବା ଟଙ୍କା ଫେରିବା ଉପରେ ହେଲାଣି। ଯେତେ ଶୀଘ୍ର ଜାଗା ଚିହ୍ନଟ ହେବ, ଗୃହ ନିର୍ମାଣ କରାଯିବ। ଏଥିସହ ଅନ୍ୟାନ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।





ଗୋଟିଏ କୋଠରିରେ ୪ ଅଙ୍ଗନୱାଡିର ପିଲାମାନେ ଥିଲାବେଳେ ଖୋଲା ଆକାଶ ତଳେ ରୋଷେଇ ଚାଲିଛି ।



“ ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ମହାପ୍ରଭୁଙ୍କ ହେଲା ବନକଲାଗି

**ପୁରୀ ଅଫିସ,୨୨।୧:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି । ଏଥିପାଇଁ ଅପରାହ୍ନ ୫ଟା ୧୦ରୁ ରାତି ପ୍ରାୟ ସାଢେ ୯ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ । ବନକଲାଗି ନୀତି ପରେ ଠାକୁରଙ୍କ ମହାସ୍ନାନ କରାଯାଇଥିଲା। ରାତି ପ୍ରାୟ ସାଢେ ୯ଟାରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

### ଦୁର୍ଘଟଣା: ୨ ବାଇକ୍ ଆରୋହୀ ଗୁରୁତର

**ସାକ୍ଷୀଗୋପାଳ,୨୨।୧(ଡି.ଏନ୍.ଏ.):** ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ସିରିଆପୁର ଛକ ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ସ୍ଥାନୀୟ ବରାଳ ଗ୍ରାମର ନାରାୟଣ ମହାପାତ୍ର ଓ ଜଗନ ମହାପାତ୍ର ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଇକ୍ ଆରୋହୀ ଦ୍ୱୟ ସାତଶଙ୍ଖ ବଜାରରୁ ଘରକୁ ଫେରୁଥିବା ବେଳେ ପଛରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟ ରାସ୍ତାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ସାତଶଙ୍ଖ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଦଳିତଙ୍କୁ ନିର୍ଯାତନା ପ୍ରତିବାଦରେ ଧାରଣା

**ନିମାପଡ଼ା,୨୨।୧(ଡିଏନ୍ଏ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ଦଳିତଙ୍କ ଉପରେ ବାରମ୍ବାର ଆକ୍ରମଣ ଏବଂ ନିର୍ଯ୍ୟାତନା ଦିଆଯାଉଥିବା ପ୍ରତିବାଦରେ ବୁଧବାର ଆମ୍ବେଡକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଏସ୍‌ଡିପିଓଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଗ୍ରାମରେ ତୁରନ୍ତ ଶାନ୍ତି କମିଟି ଗଠନ କରିବା, ଗଣ୍ଡଗୋଳକାରୀଙ୍କୁ ଗିରଫ, ଦଳିତଙ୍କ ଏତଲାକୁ ରୁଜୁ କରିବା, କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୫ଦଫା ଦାବିରେ ଏହି ଧାରଣା ଦିଆଯାଇଥିଲା। ଆସନ୍ତା ୨୭ ତାରିଖରେ ଗ୍ରାମରେ ଶାନ୍ତି କମିଟି ଗଠନ କରାଯିବା ସହ ଦଳିତଙ୍କ ସୁରକ୍ଷା, ଅଧିକାର ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଥିଲେ। ଯଦି ପ୍ରଶାସନ ପ୍ରତିଶ୍ରୁତି ପାଳନରେ ବିଫଳ ହୁଏ, ତେବେ ବଡ଼ ଧରଣର ଆନ୍ଦୋଳନ ଡାକରା ଦିଆଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚର ରାଜ୍ୟ ସଭାପତି ସଂଗ୍ରାମ ମଲ୍ଲିକ, ରାଜ୍ୟ ସମ୍ପାଦକ କିଶାନ୍ ପଟ୍ଟନାୟକ, ଜିଲା ସଭାପତି ସଞ୍ଜୟ ମଲ୍ଲିକ, ସମ୍ପାଦକ ଅଶୋକ ରାଉତ, ସୁଶିଲ ବେହେରା, ସୁମନ୍ତ ଭୋଇ, ବାନାମ୍ବର ରାଉତ, ନରହରି ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ସେମିରେ କ୍ଲବ ୭୩ ଭୁବନେଶ୍ୱର

**ବଲାଙ୍ଗୀର,୨୨।୧(ଡି.ଏନ୍.ଏ.):** ବଲାଙ୍ଗୀର ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଲଙ୍କେଶ୍ୱର ଫୁଟବଲ୍ ଟୁର୍ନାମେଣ୍ଟରେ ବୁଧବାର କ୍ଲବ ୭୩ଭୁବନେଶ୍ୱର ଏବଂ ଲଙ୍କେଶ୍ୱର କ୍ଲବ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କ୍ଲବ ୭୨ଭୁବନେଶ୍ୱର ୩-୨ ଗୋଲ୍‌ରେ ଲଙ୍କେଶ୍ୱର କ୍ଲବକୁ ପରାସ୍ତ କରିଛି। ଅତିଥି ଭାବେ ବଳଭଦ୍ର ମେଳା, ପ୍ରଫୁଲ୍ଲ ପ୍ରଧାନ, ଭାଗୀରଥି ରାଉତ ଏବଂ ରଶ୍ମି ରଞ୍ଜନ ସାହୁ ଯୋଗଦେଇଥିଲେ।

# ‘ଦୀର୍ଘଦିନ ପଡ଼ିରହିଥିବା ମାମଲାର ଶୀଘ୍ର ତଦନ୍ତ କର’

## ଭିଡିଓ କନ୍‌ଫରେନ୍ସିଂରେ ଡିଜିପିଙ୍କ ବୈଠକ

**କଟକ ଅଫିସ,୨୨।୧**



ବୈଠକରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଡିଜିପି ଅଭୟ ଆଲୋଚନା କରୁଛନ୍ତି।

ପୋଲିସ ଡିଜି ଅଭୟ ବୁଧବାର ବିଭିନ୍ନ ଜିଲାର ଏସ୍‌ପି, ସିପି, ଡିସିପିଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ମୋ’ ସରକାର ଏବଂ ୫ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଥାନାରେ ୫-ଟି ଯୋଜନାରେ ଆସୁଥିବା ଇନ୍ସ୍ୟୁରାନ୍ସ ମ୍ୟାନେଜମେଣ୍ଟ ବ୍ୟବସ୍ଥା, ମେଡିକୋ ଲିଗାଲ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଥାନାରେ ଦୀର୍ଘଦିନ ଧରି ପଡ଼ିରହିଥିବା ମାମଲାର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ବିହୀନ ଗିରଫ ପରୱାନାଗୁଡ଼ିକୁ କାର୍ଯ୍ୟକାରୀ କରିବା, ଜିଲାସ୍ତରରେ ଏଏସ୍‌ଆଇ, ଲାନ୍ସ ନାୟକ, ହାବିଲଦାରଙ୍କୁ ଠିକ ସମୟରେ ପଦୋନ୍ନତି ଦେବା ପାଇଁ ଡିପିସି ବସାଇବା, ପୋଲିସ ପଦକ ପାଇଁ ନାମ ତାଲିକା ପଠାଇବା, ଖାଲି ପଡ଼ିଥିବା ପଦ ପୂରଣ, ଥାନା ଗୃହ ନିର୍ମାଣ, ଅର୍ଥ ବିନିଯୋଗ, ରାଜ୍ୟ ସରକାର ଦେଉଥିବା ଅର୍ଥର ଖର୍ଚ୍ଚ ହିସାବ ଦାଖଲ କରିବାକୁ ଡିଜିପି ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଭିଡିଓ କନଫରେନ୍ସିଂ ସମୟରେ ଅତିରିକ୍ତ ପୋଲିସ ଡିଜି ଭି.ଟି. ମିଶ୍ରଙ୍କ ସମେତ ସୌମେନ୍ଦ୍ର ପ୍ରିୟଦର୍ଶୀ, ରେଖା ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ।

■ ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

# ଗିରଫ ଦାବିରେ ମହିଳାଙ୍କ ଥାନା ଘେରାଉ

**ପୁରୀ ଅଫିସ,୨୨।୧**

ପୁରୀ ସଦର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମରେ ଏକ ଫାଇନାନ୍ସ କମ୍ପାନୀ ଋଣ ଦେବାର ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରି ଫେରାର ହୋଇଯାଇଥିବା ନେଇ ବୁଧବାର ଥାନାରେ ଶତାଧିକ ମହିଳା ଅଭିଯୋଗ କରିଛନ୍ତି। ଏହାସହ ମହିଳାମାନେ ଉକ୍ତ କମ୍ପାନୀର କର୍ମଚାରୀମାନଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଘେରାଉ କରିଥିଲେ। ପରେ ଥାନା ଅଫିସର ସୁମତି କୁମାରୀ ମହାନ୍ତି ଆସି ଉକ୍ତ ଘଟଣାର ତର୍ଜମା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ହଟିଥିଲେ। ସୂଚନା ଅନୁଯାୟୀ, ଗତ କିଛି ମାସ ହେଲା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ନିଜକୁ ଏକ ଫାଇନାନ୍ସ କମ୍ପାନୀର ମାର୍କେଟିଂ ଅଫିସର କହି ଉକ୍ତ ଗ୍ରାମର ବୁଲୁଥିଲେ। ଏହାସହ ପୁରୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଥିବାର କହି ଗ୍ରାମର ଅଧିକାଂଶ ମହିଳା ଓ ପୁରୁଷଙ୍କୁ କମ ସୁଧରେ ୫୦ହଜାର ଟଙ୍କାର ଋଣ କରାଇ ଦେବାକୁ କହି ଭୋଟର ପରିଚୟ ପତ୍ର, ପାସ୍ ଫୋଟ, ବ୍ୟାଙ୍କ ପାସବୁକ କପି ନେଇଥିଲେ। ଏଥିପାଇଁ ଅଗ୍ରୀମ ଭାବେ ୫୦୦ରୁ ହଜାର ଟଙ୍କା ଦେବାକୁ ପଡିବ ବୋଲି କହି ପ୍ରାୟ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। କିନ୍ତୁ ଗତ କିଛିଦିନ ହେବ ଟଙ୍କା ଦେଇଥିବା ବ୍ୟକ୍ତିମାନେ ଉକ୍ତ କର୍ମଚାରୀମାନଙ୍କୁ ବାରମ୍ବାର ଫୋନ କରିଥିଲେ ସୁଦ୍ଧା ନ ଉଠାଇବାରୁ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ତେବେ ବୁଧବାର ରାତିରେ ଏ ନେଇ କେତେକ ମହିଳାମାନେ ସଦର ଥାନାରେ ଅଭିଯୋଗ କରିବା ସହ ଉକ୍ତ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ କରିଥିଲେ।

# ପ୍ରଶାସନକୁ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ଦଳିତ ପରିବାରଙ୍କୁ ଆକ୍ରମଣ ଘଟଣା

**ପୁରୀ ଅଫିସ, ୨୨।୧**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଧୀନ ନୂଆଗାଁ ଏବଂ କଣାସ ବ୍ଲକ ଅନ୍ତର୍ଗତ ବୀରକେଶରପୁର ଗ୍ରାମର ୬ଟି ଦଳିତ ପରିବାରଙ୍କୁଆକ୍ରମଣ, ବାସଗୃହ ଭାଙ୍ଗିଦେବା ଘଟଣାରେ ଓଡ଼ିଶା ଗୋଟିମୁକ୍ତ ଅଭିଯାନ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ ଦାୟର କରାଯାଇଥିଲା। ହାଇକୋର୍ଟ ଏହି ମାମଲାରେ ମଧ୍ୟବର୍ତ୍ତିକାଳୀନ ରାୟ ପ୍ରକାଶ କରି ପୁରୀ ଜିଲା ପ୍ରଶାସନ ଓ ପୋଲିସକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୭ ତାରିଖରେ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ୨୦୧୮ ଜୁଲାଇ ୩ତାରିଖରେ ନୂଆଗାଁରେ ରହୁଥିବା ୩ଟି ଦଳିତ ପରିବାରଙ୍କୁ କେତେଜଣ ସବର୍ଣ୍ଣ ଯୁବକ ଆକ୍ରମଣ କରିବା ସହ ସେମାନଙ୍କ ବାସଗୃହ ଭାଙ୍ଗି ଦେଇଥିଲେ। ଏଥିସହିତ ସେମାନଙ୍କ ଧାନଚାଉଳ, ସୁନା ଅଳଙ୍କାର ସମେତ ଆସବାବପତ୍ର ଲୁଟି ନେଇଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଦଳିତ ପରିବାର ନ୍ୟାୟ ପାଇଁ ଏସ୍‌ପି ଏବଂ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ନିର୍ଯାତିତ ପରିବାର ଏବେ ବି ବାତ୍ୟା ଆଶ୍ରୟ ସ୍ଥଳରେ ଆଶ୍ରୟ ନେଇଛନ୍ତି। ସେମାନଙ୍କ ପିଲାମାନେ ପାଠପଢାରୁ ବଞ୍ଚିତ ହୋଇଛନ୍ତି। ପିଲାଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି ବୋଲି ସେମାନେ ଗଣମାଧ୍ୟମ ଆଗରେ କହିଛନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ଏହି ପରିବାର ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ସହଯୋଗ ପାଇ ନ ଥିଲେ। ଫଳରେ ଏ ନେଇ ଓଡ଼ିଶା ଗୋଟିମୁକ୍ତ ଅଭିଯାନର ଜିଲା ସଭାପତି ଶେଷଦେବ ସୁବୁଦ୍ଧି ଓଡ଼ିଶା ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ।

# ଆଜି କୋର କମିଟି ବୈଠକ

## ଯାଞ୍ଚ ହେବ ନାଟମଣ୍ଡପ

**ପୁରୀ ଅଫିସ,୨୨।୧**

ଯାଞ୍ଚ ହେବ ଶ୍ରୀମନ୍ଦିର ନାଟମଣ୍ଡପ। ଏଏସ୍‌ଆଇର ବରିଷ୍ଠ ପଦାଧିକାରୀ, ବିଶେଷଜ୍ଞ, ଯନ୍ତ୍ରୀ ପ୍ରମୁଖ ଗୁରୁବାର ପୂର୍ବାହ୍ନରେ ପ୍ରଥମେ ନାଟମଣ୍ଡପକୁ ଯାଇ ଯାଞ୍ଚ କରିବେ। ଏହାପରେ ପାନ୍ଥନିବାସରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର କୋର କମିଟି ବୈଠକ। ନାଟମଣ୍ଡପ ଯାଞ୍ଚ ପରେ କ’ଣ ମରାମତି ଦରକାର, ସ୍ଥିତି କିଭଳି ରହିଛି ସେ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନାଟମଣ୍ଡପର ପ୍ରମୁଖ ବିମ୍‌ରେ ଫାଟ ସୃଷ୍ଟି ହୋଇଛି । ଏହି ଫାଟ ମେଳୁଛି କି ନାହିଁ ତାହା ଜାଣିବା ପାଇଁ ସେଠାରେ କ୍ରାକ ମିଟର ଲଗାଯାଇଛି । ଏହାର ରିଡିଂ ଦେଖିବେ ବିଶେଷଜ୍ଞ । ସେହିପରି ନାଟମଣ୍ଡପର ବିଭିନ୍ନ ସ୍ଥାନରେ ପାଣି ଗଳୁଥିବା ପୂର୍ବରୁ ଅଭିଯୋଗ ରହିଥିଲା। ତେଣୁ ଛାତ ମରାମତି ପାଇଁ ପୂର୍ବ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ତେଣୁ ନାଟମଣ୍ଡପ ଛାତ ଯାଞ୍ଚ କରାଯିବ। ଏଥିସହ ଆଉ କ’ଣ ମରାମତି ଆବଶ୍ୟକ ବିଶେଷଜ୍ଞମାନେ ଯାଞ୍ଚ କରିବା ପରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ୩୦ ଗ୍ରାମ୍ ବ୍ରାଉନସୁଗାର ଜବତ: ଯୁବକ ଗିରଫ

**ପୁରୀ ଅଫିସ, ୨୨।୧**



ପୁରୀ ଅବକାରୀ ପୋଲିସ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରୁ ଜଣେ ଯୁବକଙ୍କୁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଗିରଫ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଞ୍ଚଳର ସେବକ ସାହୁପଡ଼ାର ଗଗନ ସାହୁ (୨୭)। ତାଙ୍କଠାରୁ ୩୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଗନ ଭୁବନେଶ୍ୱର ପଟୁ ବସ୍‌ରେ ଆସି ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ କିଛି ଦୂରରେ ରାସ୍ତାକଡରେ ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଏହି ଖବର ପାଇ ପୂର୍ବରୁ ଛକିଥିବା ପୁରୀ ଅବକାରୀ ପୋଲିସ ଗ୍ରାହକ ସାଜି ତାଙ୍କ ନିକଟରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ସାହୁ, ସଦର ଥାନା ଭାରପ୍ରାପ୍ତ ଅଧିକାରୀ ମୁରଲୀଧର ସାହୁ, ଏଏସ୍‌ଆଇ ମହେଶ୍ୱର ମହାନ୍ତି, କନଷ୍ଟେବଳ ଲକ୍ଷ୍ମୀଧର ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ଯୁବ ଶକ୍ତି ହେଉଛି ରାଷ୍ଟ୍ର ଶକ୍ତି

ପୁରୀ ଅଫିସ,୨୨।୧



କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ସିନର୍ଜି ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସଠାରୁ ଆରମ୍ଭ ହୋଇଥିବା ଶ୍ରୀ କ୍ଷେତ୍ର ଯୁବ ମହୋତ୍ସବ ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ପରମହଂସ ପ୍ରଜ୍ଞାନନ୍ଦ ଜୀ ମହାରାଜ ଉଦଘାଟନୀ ଭାବେ ଯୋଗଦେଇ କହିଲେ ଯେ ଯୁବ ଶକ୍ତି ହେଉଛି ରାଷ୍ଟ୍ର ଶକ୍ତି। ସେବା ଓ ସମର୍ପିତ ଭାବ ରଖ। ଦେଶ ମାତୃକା ଲାଗି ସେବା କରିବାକୁ ଆହ୍ୱାନ କରିଥିଲେ । ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ସମାଜସେବାରେ ବ୍ରତୀ ହେବାକୁ କହିଥିଲେ। ଜୟଶ୍ରୀ ମହାପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟ ସଭାପତି କୃଷ୍ଣ ଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ସଚ୍ଚିଦାନନ୍ଦ ଦାସ ପରିଚାଳନା କରିଥିଲେ । ପୂର୍ବତନ ଡିଜି ସାରଙ୍ଗଧର ରାୟଗୁରୁଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ, ଅଭିଜିତ ଦାସଙ୍କୁ ଶ୍ରୀପତି ଯୁବ ସମ୍ମାନ, ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଭଏସ୍ ଅଫ ଶ୍ରୀକ୍ଷେତ୍ର ସିଜ ୮ର ଜୁନିୟର ବିଜେତା ସତ୍ୟବ୍ରତ ଭୋଳ ଏବଂ ଭଏସ୍ ଅଫ ଶ୍ରୀକ୍ଷେତ୍ର ସିଜ ୮ର ସିନିୟର ହିମାଂଶୁ ଶେଖର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସପନ ତରାଇ, ଶୁଭ ମହାପାତ୍ର, ଜଗନ୍ନାଥ ଷଡଙ୍ଗୀ, ହିମାଂଶୁ ମିଶ୍ର, ଅଭିଷେକ ଦାସ ପରିଚାଳନା କରିଥିଲେ।

# ମିନି ମାରାଥନ ଆଜି

**ପୁରୀ ଅଫିସ, ୨୨।୧**

ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ସେ ନେଇ ଜାତୀୟ ଦୁର୍ବିପାକ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଆସନ୍ତା ଫେବୃୟାରୀ ୧୧ରୁ ତିନିଦିନିଆ ମକ୍‌ଡ୍ରିଲ ରାମଚଣ୍ଡୀରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ସଚେତନତା ସୃଷ୍ଟି ନିମନ୍ତେ ଗୁରୁବାର ପୁରୀରେ ଅନୁଷ୍ଠିତ ହେବ ମିନି ମାରାଥନ। ସକାଳ ୭ଟାରେ ତାଳବଣିଆସ୍ଥିତ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଏହା ଆରମ୍ଭ ହୋଇ ବଳିଆପଣ୍ଡାସ୍ଥିତ ଆସିଆନା ଲାଗୁନଠାରେ ସରିବ। ୮ କି.ମି. ବ୍ୟାପି ଏହି ଗଣଦୌଡ଼ରେ ମୋଟ ୨,୭୦୦୦ ପ୍ରତିଯୋଗୀ ଭାଗନେବେ। ପ୍ରଥମ ସ୍ଥାନ ହାସଲକାରୀଙ୍କୁ ୩୦ ହଜାର, ଦ୍ୱିତୀୟଙ୍କୁ ୨୦ ହଜାର ଏବଂ ତୃତୀୟ ସ୍ଥାନ ହାସଲକାରୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଚତୁର୍ଥରୁ ଦଶମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଲିମ୍ପିଆନ ଦୂତୀ ଚାନ୍ଦ, ଏନ୍‌ଡିଆରଏଫ୍ ଡିଜି ଏସ୍.ଏନ. ପ୍ରଧାନ ଏବଂ ଇଷ୍ଟର୍ନ ମିଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୁଖ ଅତିଥି ଭାବେ ଯୋଗଦେବେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ବାପଘର

**ସାକ୍ଷୀଗୋପାଳ, ୨୨।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଉତନସାହି ଗ୍ରାମରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ରେଖା ପ୍ରଧାନ(୩୫)। ଅନ୍ୟପକ୍ଷରେ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ବାପା ସୁଦେଇ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୮/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉତନସାହି ଗ୍ରାମର ବାବୁଲି ପ୍ରଧାନଙ୍କ ଗତ ୧୫ବର୍ଷ ପୂର୍ବେ ବୁଢ଼ିମରା ଗ୍ରାମର ରେଖାଙ୍କ ସହ ବିବାହ ହୋଇଥିଲା। କୌଣସି କାରଣକୁ ନେଇ ବୁଧବାର ଘରେ କେହି ନ ଥିବା ବେଳେ ରେଖା ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଶାଶୁଘର ଲୋକେ କହିଛନ୍ତି। ଖବରପାଇ ପୋଲସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରେଖାଙ୍କ ଗୋଟିଏ ପୁଅ ଓ ଝିଅ ଥିବା ଜଣାପଡିଛି।

# ଭୂମିହୀନଙ୍କୁ ଜମିପଟ୍ଟା ଦାବିରେ ସମାବେଶ

**ବ୍ରହ୍ମଗିରି,୨୨।୧(ଡି.ଏନ.ଏ)**

ଚିଲିକା ହ୍ରଦର ପୂର୍ବ ଉପକୂଳରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଭୂମିହୀନ ବସବାସ କରି ଆସୁଛନ୍ତି। କିନ୍ତୁ ଏହି ଭୂମିହୀନମାନେ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ବସବାସ କରୁଥିଲେ ମଧ୍ୟ ଏମାନଙ୍କ ପଟ୍ଟା ହୋଇ ନାହିଁ । ଏ ନେଇ ସେମାନଙ୍କୁ ଭୂମି ଯୋଗାଇଦେବା ନିମନ୍ତେ ବୁଧବାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାୟପୁରରେ ଭୂମିହୀନମାନଙ୍କ ଜମିପଟ୍ଟା ଦାବି ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦିଗାମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦିଲୀପ ବାନାର୍ଜି ଯୋଗଦେଇ ଭୂମିହୀନଙ୍କ ବିଭିନ୍ନ ଅଧିକାର ଉପରେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଚିଲିକା ଉପକୂଳ ଅଞ୍ଚଳରେ ଏହି ଭୂମିହୀନମାନେ ସେମାନଙ୍କ ପୂର୍ବପୁରୁଷ ସମୟରୁ ବସବାସ କରନ୍ତି। ଏପରିକି ସେମାନଙ୍କ ଭୋଟରକାର୍ଡ ମଧ୍ୟ ହୋଇସାରିଛି। କିନ୍ତୁ ସରକାରୀ ଭାବେ ସେମାନଙ୍କ ଜାଗାର ପଟ୍ଟା ନ ଥିବାରୁ ଏହି ଲୋକମାନେ କୌଣସି ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଯାହାଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ପ୍ରତି ଭୂମିହୀନଙ୍କୁ ସର୍ବନିମ୍ନ ୪ ଡିସିମିଲ ଜାଗା ଯୋଗାଇଦେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏମାନେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି। ଏମାନଙ୍କୁ ୩ ମାସ ମଧ୍ୟରେ ଭୂମି ଯୋଗାଇ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟ ଅତିଥିଭାବେ ବିଷ୍ଣୁପ୍ରିୟା ସ୍ୱାଇଁ, କୃଷ୍ଣଚନ୍ଦ୍ର ଜେନା, ପରେଶ ଜାଲି, ଯଶୋବନ୍ତୀ ଜେନା, ମନୋଜ ଦଳାଇ, ଉମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ପୁରୀ ଅଫିସ,୨୨।୧**

ଓଡ଼ିଶୀ ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ସଙ୍ଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ବୁଧବାର ପରିଷଦ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଦ୍ରି ମିଶ୍ର, ଦେବୀପ୍ରସନ୍ନ ନନ୍ଦ, ବିଜୟ କୁମାର ପଣ୍ଡା, ଚକ୍ରଧର ମହାପାତ୍ର ଏବଂ ଡ. ସୁରେନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସମ୍ପାଦକ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ଗୁରୁ ଭାଗୀରଥି ପ୍ରତିହାରୀ, ଗୁରୁ ନଳିନୀକାନ୍ତ ନାୟକଙ୍କ ପରିଚାଳନାରେ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କରାଯାଇଥିଲା। ଯମେଶ୍ୱର ପୂଜାପଣ୍ଡା, ସତ୍ୟନାରାୟଣ ଗୁରୁ, ସୁନନ୍ଦାଙ୍କ ନାତୁଣୀ ଶିବାନୀଙ୍କ ସମେତ ପରିବାର ସଦସ୍ୟ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ସୁନନ୍ଦାଙ୍କ ନାମରେ ଗୋଟିଏ ରାସ୍ତାର ନାମକରଣ, ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା କରାଯିବା ଲାଗି ଆଲୋଚନା କରାଯାଇଛି । ସେହିପରି ସୁନନ୍ଦାଙ୍କର ଯେଉଁ ଜାଗା ଏବଂ ଘର ରହିଛି ତାହାର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯିବା ଲାଗି ସ୍ଥିର ହୋଇଥିବା ସମ୍ପାଦକ କହିଛନ୍ତି।

# ‘ଗାନ୍ଧୀ ଏବଂ ମୌଳିକ ଶିକ୍ଷା’ ଆଲୋଚନାଚକ୍ର

**ଡେଲାଙ୍ଗ,୨୨।୧(ଡି.ଏନ.ଏ)**

ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷା ବିଭାଗ ପକ୍ଷରୁ ‘ଗାନ୍ଧୀ ଏବଂ ମୌଳିକ ଶିକ୍ଷା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସରୋଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀଧର ପାଇକରାୟ, ଶିକ୍ଷା ବିଭାଗର ଅଧ୍ୟାପକ ତ୍ରିନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନି, ସମାଜରେ ସଧାରଣ ବ୍ୟକ୍ତିଙ୍କ ମୌଳିକ ଶିକ୍ଷା, ଗାନ୍ଧୀ ଚେତନା ଓ ନୈତିକତା, ମାତୃଭାଷା ମାଧ୍ୟମରେ ଶିକ୍ଷା, ସ୍ୱାବଲମ୍ବୀଶିଳ, ଅହିଂସା, ନିର୍ଭିକତା, ସତ୍ୟ, ଗାନ୍ଧୀନୀତି, ସତ୍ୟାଗ୍ରହ ଏବଂ ୧୯୬୪ରୁ ୧୯୬୬ ମସିହାରେ କୋଠାରୀ କମିଶନ୍ ମାଧ୍ୟମରେ ବିଦ୍ୟାଳୟରେ ମୌଳିକ ଶିକ୍ଷା ସ୍ଥାନ ପାଇବା ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରମୋଦିନୀ ମହାପାତ୍ର, କବିତା ମିଶ୍ର, ଭବାନୀ ପ୍ରିୟଦର୍ଶିନୀ ମହାନ୍ତି, ଦିପ୍ତୀ ନାୟକ,ଜ୍ୟୋତିର୍ମୟୀ ନାୟକ, ଅଧ୍ୟାପକ ଯୁଧିଷ୍ଠିର ଘଡୁଆରୀ, ପ୍ରଶାନ୍ତ ହୋତା, ସୁବାସ ଚନ୍ଦ୍ର ସେଠୀ, ଦାଶରଥି ବଳବନ୍ତରାୟ, ରମାକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବେଙ୍ଗ ପାଣିଆଙ୍କ ଭଳି ଦେଶପ୍ରେମୀ ବିରଳ

**ପୁରୀ ଅଫିସ,୨୨।୧**



ସ୍ମୃତିସଭାରେ ବେଙ୍ଗ ପାଣିଆଙ୍କ ଭଉଣୀ ହାରାମଣୀ ଦିବ୍ୟାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ଶହୀଦ ବେଙ୍ଗ ପାଣିଆ ଓରଫ୍ ହରିହର ପଣ୍ଡାଙ୍କ ୬୪ତମ ସ୍ମୃତି ଦିବସ ଗୁଡ଼ିଆ ସାହିସ୍ଥିତ ତାଙ୍କ ବାସଭବନରେ ବୁଧବାର ପାଳିତ ହୋଇଯାଇଛି । ଶହୀଦ ବେଙ୍ଗ ପାଣିଆ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସ୍ମୃତି ଦିବସ ସଭାରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଗବେଷକ ଡ. ଦାଶ କହିଥିଲେ, ବେଙ୍ଗ ପାଣିଆଙ୍କ ପିଲାଦିନର ନାମ ଥିଲା ହରିହର ପଣ୍ଡା । କିନ୍ତୁ ତାଙ୍କୁ ବେଙ୍ଗ ପାଣିଆ ନାମରେ ସମ୍ବୋଧିତ କରାଯାଉଥିଲା। ଯେତେବେଳେ ଷଢେଇକଳା, ଖରସୁଆଁ ଓଡ଼ିଶାରୁ ଯାଇ ବିହାରରେ ମିଶିବାକୁ ନିଷ୍ପତ୍ତି ହେଲା ସେତେବେଳେ ପୁରୀରେ ମହାନ ବିପ୍ଳବ ସୃଷ୍ଟି ହୋଇଥିଲା। ସେହି ସମୟରେ ବାଳକ ହରିହର ବିପଦକୁ ଭ୍ରୁକ୍ଷେପ ନ କରି ଏହାକୁ ଦୃଢ଼ ବିରୋଧ କରିଥିଲେ, ଯାହାଫଳରେ ତାଙ୍କୁ ଶହୀଦ ହେବାକୁ ପଡିଲା। ତାଙ୍କ ଭଳି ଦେଶପ୍ରେମୀ ବାସ୍ତବିକ ବିରଳ। ତେଣୁ ତାଙ୍କରି ସ୍ମୃତିକୁ କେବଳ ପୁରୀ ପ୍ରଶାସନ ନୁହେଁ, ରାଜ୍ୟ ସରକାର ମଧ୍ୟ ମନେ ପକାଇବା ଦରକାର ବୋଲି ଗବେଷକ ଡ. ଦାଶ କହିଛନ୍ତି । ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ଶିକ୍ଷାବିତ୍ କବି ପଦ୍ମଚରଣ ଖୁଣ୍ଟିଆ ମୁଖ୍ୟବକ୍ତା, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ଆଇନଜୀବୀ ଶ୍ୟାମସୁନ୍ଦର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦ ସଭାପତି ଦାମୋଦର ଦାଶ, କୋଷାଧ୍ୟକ୍ଷ ମୀରାରାଣୀ ଦେବୀ, ସମ୍ପାଦିକା ମଧୁମତି ପତି, ଉପସଭାପତି ସ୍ମୃତିରଞ୍ଜନ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବେଙ୍ଗଙ୍କ ଭଉଣୀ ହାରାମଣୀ ଦିବ୍ୟାଙ୍କୁ ବିଧାୟକ ସମ୍ମାନିତ କରିଥିଲେ । ଆଇନଜୀବୀ ରାଜେନ୍ଦ୍ର ସାହୁଙ୍କ ପରିଚାଳନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା।